# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୧/୨୦୧୮ (୨୦ ପୃଷ୍ଠା) | Bhubaneswar, Friday, December 21/ 2018 | ★★★★

୪୫ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରମଣ ଭାରତୀୟ ମହିଳା କ୍ରିକେଟ କୋଚ୍**

ଟିମ୍ ଇଣ୍ଡିଆର ପୂର୍ବତନ ଓପନର ଡବଲ୍ୟୁ.ଭି.ରମଣ ଭାରତୀୟ ମହିଳା କ୍ରିକେଟ କୋଚ୍ ନିଯୁକ୍ତ ହୋଇଛନ୍ତି।

୧୯

୧୪

**'ଟୁଇଟର ମାଧ୍ୟମରେ ବାନ୍ତି କରୁଛନ୍ତି ସୋନା'**

ଗାୟିକା ସୋନା ମହାପାତ୍ର ଟୁଇଟର ମାଧ୍ୟମରେ ବାନ୍ତି କରୁଛନ୍ତି ବୋଲି ବିଶିଷ୍ଟ ଗାୟକ ସୋନୁ ନିଗମ ପ୍ରକାଶ କରିଛନ୍ତି।



**ଆଜିର ସମ୍ପାଦକୀୟ**

**ସତର୍କ ଘଣ୍ଟି**

**ଆଜିର ମନ୍ତବ୍ୟ**

"ଆମ ସମ୍ବିଧାନ ସେମାନଙ୍କୁ ମଧ୍ୟ ରକ୍ଷାକରେ ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି ନାହିଁ।
**-ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି**

**କିଛି ତଥ୍ୟ**

୨୦୧୮ ଅକ୍ଟୋବରରେ ଦେଶରୁ ୨୬.୯୮ ବିଲିୟନ ଡଲାରର ମର୍ଚ୍ଚାଣ୍ଡାଇଜ ରପ୍ତାନି ହୋଇଥିବା ବେଳେ ଏହା ଏଥିରେ ୧୭.୮୮% ବୃଦ୍ଧି ଘଟିଛି। **– ବାଣିଜ୍ୟ ମନ୍ତ୍ରଣାଳୟ**

**CBSE Exam Mate**
ପୃଷ୍ଠା -୧୫

## ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ: ସେସୁକୁ ଏନ୍‌ଜିଟି ଛାଟ୍

# ଜରିମାନା ୪ କୋଟିକୁ ବୃଦ୍ଧି

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗରେ ବିଦ୍ୟୁତ୍ ଆଘାତରେ ଏକକାଳୀନ ୭ ହାତୀଙ୍କ ମୃତ୍ୟୁ ଘଟଣାରେ କଡ଼ା ଅଭିମୁଖ୍ୟ ପୋଷଣ କରିଛନ୍ତି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)। ହାତୀ ମୃତ୍ୟୁ ପାଇଁ ଗୁରୁବାର ଏନ୍‌ଜିଟି ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଉପରେ ଜରିମାନା ରାଶିକୁ ୪ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଉକ୍ତ ଅର୍ଥ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗରେ ଜମା ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜରିମାନା ଅର୍ଥ ହାତୀ ସୁରକ୍ଷା ଦିଗରେ ଖର୍ଚ୍ଚ କରିବାକୁ ଟ୍ରିବ୍ୟୁନାଲ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।



- **ଜଙ୍ଗଲ ଓ ପରିବେଶ ବିଭାଗରେ ଜମା କରିବାକୁ ନିର୍ଦ୍ଦେଶ**
- **ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ଲାଗି ପରାମର୍ଶ**

ହାତୀମୃତ୍ୟୁରେ ଓଡ଼ିଶା ଜାତୀୟସ୍ତରରେ ବଦନାମ ମୁଣ୍ଡାଇଛି। ରାଜ୍ୟରେ ଥିବା ବିଭିନ୍ନ ହସ୍ତୀ ପ୍ରକଳ୍ପଗୁଡ଼ିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି ଏନ୍‌ଜିଟି। ଆକ୍ସନ ପ୍ଲାନ୍ କାର୍ଯ୍ୟକାରିତା ସମ୍ପର୍କରେ ପ୍ରତି ୩ ମାସରେ ପରିବେଶ ମନ୍ତ୍ରଣାଳୟକୁ ସବିଶେଷ ତଥ୍ୟ ଦେବାକୁ ଟ୍ରିବ୍ୟୁନାଲ ପକ୍ଷରୁ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ଘଟଣା ପରେ ଏନ୍‌ଜିଟି ଗତ ଅକ୍ଟୋବର ☞ପୃଷ୍ଠା–୪

## ସିଭିଲ୍ ସର୍ଭିସ୍ ପାଇଁ ବୟସ ସୀମା ୨୭କୁ ଖସିବ

ନୂଆଦିଲ୍ଲୀ,୨୦।୧୨(ପି.ଟି.)

ସାଧାରଣବର୍ଗଙ୍କ ପାଇଁ ସିଭିଲ୍ ସର୍ଭିସ୍ ଏଣ୍ଟ୍ରି ସର୍ବାଧିକ ବୟସ ସୀମା ବର୍ତ୍ତମାନ ୩୦ ରହିଥିବାବେଳେ ଏହାକୁ ୨୭ କରାଯିବାକୁ ନୀତି ଆୟୋଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ୨୦୨୨-୨୩ ସୁଦ୍ଧା ପର୍ଯ୍ୟାୟ କ୍ରମେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ଯୋଜନା କରାଯାଇଛି। ଏପରି କି ନୂଆ ଭାରତର ରୂପରେଖ ଅନୁଯାୟୀ, ସମସ୍ତ ସିଭିଲ୍ ସର୍ଭିସ୍ ପରୀକ୍ଷା ସମନ୍ୱିତ ଭାବେ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କିତ ବୁଧବାର ପ୍ରକାଶ ପାଇଥିବା ଦଲିଲରେ ରାଜ୍ୟ ଏବଂ କେନ୍ଦ୍ରସ୍ତରରେ ରହିଥିବା ୬୦ ପୃଥକ ସିଭିଲ୍ ସର୍ଭିସ୍‌କୁ ଶୃଙ୍ଖଳିତ ବ୍ୟବସ୍ଥା କ୍ରମେ ହ୍ରାସ କରାଯିବାକୁ ପ୍ରସ୍ତାବ ରହିଛି। ଯୋଗ୍ୟ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରସ୍ତାବିତ କେନ୍ଦ୍ର ଟାଲେଣ୍ଟ ପୁଲ୍‌ରେ ରଖାଯିବାକୁ ସ୍ଥିର କରାଯାଇଛି। ପରେ ସେମାନଙ୍କୁ ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତ କରାଯିବ ବୋଲି ଦଲିଲ୍‌ରେ ଦର୍ଶାଯାଇଛି।

### ୫ ଦିନ ବନ୍ଦ ରହିବ ବ୍ୟାଙ୍କ

## ଆଜି ବ୍ୟାଙ୍କ ୟୁନିୟନ ଧର୍ମଘଟ

**ନୂଆଦିଲ୍ଲୀ,୨୦।୧୨**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫିସର୍ସ ୟୁନିୟନ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ୩ଟି ବ୍ୟାଙ୍କ ମିଶ୍ରଣକୁ ବିରୋଧ ତଥା ଦରମା ବୃଦ୍ଧି ଦାବିରେ ସେମାନେ ଏହି ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପକ୍ଷରେ ସୋମବାରକୁ ଛାଡ଼ିଦେଲେ ଶୁକ୍ରବାରଠାରୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ(ଏଆଇବିଓସି) ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ତେବେ ସମସ୍ତ ଘରୋଇ ବ୍ୟାଙ୍କ ଶୁକ୍ରବାର ଖୋଲାରହିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ବ୍ୟାଙ୍କ କର୍ମଚାରୀ ସଂଗଠନ ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ଆସନ୍ତା ୨୬ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଶୁକ୍ରବାର ଧର୍ମଘଟ ପରେ ମାସର ଚତୁର୍ଥ ଶନିବାର ଓ ରବିବାର କାରଣରୁ ବ୍ୟାଙ୍କ ବନ୍ଦ ରହିବ। ତେବେ ୨୪ରେ ବ୍ୟାଙ୍କ ଗୋଟିଏ ଦିନ ଖୋଲିବା ପରେ ଡିସେମ୍ବର ୨୫ ଅର୍ଥାତ୍ ବଡ଼ଦିନ ବା କ୍ରିସମାସ ଡେ ପାଇଁ ବନ୍ଦ ରହିବ। ପରେ ୨୬ରେ ପୁନର୍ବାର ବ୍ୟାଙ୍କ ବନ୍ଦ ରହିବ। ଏଭଳି ଭାବେ ଦେଖିଲେ ୫ ଦିନ ବ୍ୟାଙ୍କ ଖୋଲିବ ନାହିଁ। ଏ କ୍ଷେତ୍ରରେ ସପ୍ତାହ ମଧ୍ୟରେ ୨୪ ତାରିଖ ପରେ ୨୭ରେ ବ୍ୟାଙ୍କ ସେବା ଉପଲବ୍ଧ ହେବ।

## ବି.ଟେକ୍‌ରେ ନାମଲେଖା ପାଇଁ ଜେଇଇ ର୍‍ୟାଙ୍କ୍ ବାଧ୍ୟତାମୂଳକ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଓଡ଼ିଶାରେ ଥିବା ସରକାରୀ ଏବଂ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ଓ ବି.ଆର୍କ ପାଠ୍ୟକ୍ରମରେ ନାମଲେଖା ପାଇଁ ଜେଇଇ ମେନ୍ ର୍‍ୟାଙ୍କ୍ ବାଧ୍ୟତାମୂଳକ କରାଯାଇଛି। ବିଗତ ବର୍ଷଗୁଡ଼ିକ ପରି ଏଥର ବି ଜେଇଇ ର୍‍ୟାଙ୍କ ବିନା କୌଣସି ଛାତ୍ରୀଛାତ୍ରଙ୍କୁ ଉକ୍ତ ଦୁଇ ପାଠ୍ୟକ୍ରମରେ ନାମଲେଖା ଲାଗି ସୁଯୋଗ ଦିଆଯିବ ନାହିଁ। ☞ପୃଷ୍ଠା–୪

## ୧୪ହଜାର କୋଟି ଟଙ୍କା ପ୍ରକଳ୍ପର ହେବ ଲୋକାର୍ପଣ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ୧୪ ହଜାର ୫୨୩ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଏବଂ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଖୋର୍ଦ୍ଧାଠାରେ ଆୟୋଜିତ ଏକ ଜନସଭାରେ ଉଦ୍‌ବୋଧନ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



**୨୪ରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ**

- **ଉପକୂଳରେ ପଡ଼ିବନି ପ୍ରଭାବ: ବିଜେଡି, କଂଗ୍ରେସ**

ସୂଚନା ଦେଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ଶାସ୍ତ୍ରୀଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡ଼ିଶା ରହିଛି। ☞ପୃଷ୍ଠା–୪


NECC NATIONAL EGG CO-ORDINATION COMMITTEE | 20.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 77 | 128 | 138 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers





## ସଂକ୍ଷେପରେ

### ୭ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** ଓଡିଶା କ୍ୟାଡରର ୭ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି। ୨ ଜଣଙ୍କୁ ଆଇଜି ର୍ୟାଙ୍କ୍‌କୁ ଯାଇଥିବାବେଳେ ୫ ଜଣଙ୍କୁ ସିଲେକ୍ସନ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ଗୁରୁବାର ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨ଟି ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୦୧ ବ୍ୟାଚ୍‌ର ଆଇପିଏସ ଅଫିସର ଏସ. ସାଇନି ଏବଂ ଡ. ସୂର୍ଯ୍ୟ ଥାଙ୍ଗପାନଙ୍କୁ ଡିଆଇଜି ପଦବୀରୁ ଆଇଜି ର୍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ସେହିପରି ୧୩ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ୫ ଆଇପିଏସ ଅଧିକାରୀଙ୍କୁ ସିଲେକ୍ସନ ଗ୍ରେଡ୍‌କୁ ପଦୋନ୍ନତି କରାଯାଇଛି। ସେମାନେ ହେଲେ ଆଇପିଏସ୍ ଅଧିକାରୀ ଅନୁପ ସାହୁ, ଅନିରୁଦ୍ଧ ସିଂ, ସୁଦ୍ଧା ସିଂ ଏବଂ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଅମ୍ରିତା ଦାସ ଏବଂ ଅନୁପ କ୍ରିଷ୍ଣା।


ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ (ଲୋକ ସଭା) ଏବଂ ପ୍ରସନ୍ନ ଆଚାର୍ଯ୍ୟ (ରାଜ୍ୟ ସଭା)ଙ୍କ ନେତୃତ୍ୱରେ ବିଜେଡି ଏମ୍‌ପି ମାନେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କୁ ସାକ୍ଷାତ କରି ମହିଳା ସଂରକ୍ଷଣ ପ୍ରସଙ୍ଗରେ ସମର୍ଥନ ଲୋଡୁଛନ୍ତି।

■ ମହିଳା ସଂରକ୍ଷଣ ପ୍ରସଙ୍ଗ

# ଉପରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ଏମ୍‌ପି

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ବିଜୁ ଜନତା ଦଳର ରାଜ୍ୟ ସଭା ଓ ଲୋକ ସଭା ସଦସ୍ୟମାନେ ଗୁରୁବାର ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କୁ ଭେଟିଛନ୍ତି। ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡ଼ିକରେ ୩୩% ସ୍ଥାନ ସଂରକ୍ଷଣ ଲାଗି ଉପରାଷ୍ଟ୍ରପତିଙ୍କ ସମର୍ଥନ ଦଳ ପକ୍ଷରୁ ଲୋଡ଼ାଯାଇଛି। ବିଜେଡିର ସଂସଦୀୟ ଦଳର ନେତା (ଲୋକ ସଭା)ଭର୍ତ୍ତୃହରି ମହତାବ ଏବଂ ପ୍ରସନ୍ନ ଆଚାର୍ଯ୍ୟ(ରାଜ୍ୟ ସଭା)ଙ୍କ ନେତୃତ୍ୱରେ ଏ ସମ୍ପର୍କିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପତ୍ର ଉପରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି।

ଉପରାଷ୍ଟ୍ରପତି ବିଜେଡି ଏମ୍‌ପିଙ୍କୁ ଭେଟିବା ପରେ ମହିଳା ସଂରକ୍ଷଣ ପ୍ରସ୍ତାବ ପ୍ରତି ସମର୍ଥନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏପରି ପଦକ୍ଷେପ ନେଇଥିବାରୁ ସେ ତାଙ୍କର ଭୂୟସୀ ପ୍ରଶଂସା କରିଛନ୍ତି। ଠିକ୍ ସମୟରେ ବିଲ୍‌ଟିକୁ ନିଶ୍ଚିତ ସମର୍ଥନ ଜଣାଇବେ ବୋଲି ଉପରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଛନ୍ତି। ଉପରାଷ୍ଟ୍ରପତିଙ୍କୁ ବିଜେଡି ଏମ୍‌ପି ପ୍ରତାପ କେଶରୀ ଦେବ, ତଥାଗତ ସତପଥୀ, ଅର୍ଜୁନ ଚରଣ ସେଠୀ, ପ୍ରଭାସ କୁମାର ସିଂହ, କଳିକେଶ ନାରାୟଣ ସିଂହଦେଓ, ରବୀନ୍ଦ୍ର କୁମାର ଜେନା ଏବଂ ନରେନ୍ଦ୍ର କୁମାର ସ୍ୱାଇଁ ଭେଟିଥିଲେ। ସେହିପରି ଅଚ୍ୟୁତାନନ୍ଦ ସାମନ୍ତ, ଏନ୍. ଭାସ୍କର ରାଓ, ବଳଭଦ୍ର ମାଝି, ସିଦ୍ଧାନ୍ତ ମହାପାତ୍ର, ଡ. କୁଳମଣି ସାମଲ, ଅନୁଭବ ମହାନ୍ତି, ଝିନ୍ନ ହିକ୍କା, ପ୍ରସନ୍ନ ପାଟଶାଣୀ, ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ରୀତା ତରାଇ, ଶକୁନ୍ତଳା ଲାଗୁରୀ ଏବଂ ସରୋଜିନୀ ହେମ୍ବ୍ରମ୍ ମଧ୍ୟ ଏହି ସମୟରେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ପାର୍ଲାମେଣ୍ଟ ଏବଂ ବିଧାନସଭା ଗୁଡ଼ିକରେ ୩୩% ସ୍ଥାନ ସଂରକ୍ଷଣ ନେଇ ଓଡ଼ିଶା ବିଧାନସଭାରେ ଏକ ସଂକଳ୍ପ ପ୍ରସ୍ତାବ ଗୃହୀତ ହୋଇଯାଇଛି। ବିଜେଡି ପକ୍ଷରୁ ଭାରତ ବର୍ଷର ସମସ୍ତ ପ୍ରମୁଖ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳର ସହଯୋଗ ଲୋଡା ଯାଉଛି।

# ପ୍ରେମିକାଙ୍କ ମୁଣ୍ଡଗଣ୍ଡି ଅଲଗା କଲେ ପ୍ରେମିକ

**ସାକ୍ଷୀଗୋପାଳ, ୨୦।୧୨(ଡି.ଏନ୍.ଏ.)**

**ରାଜଧାନୀରେ ବୀଭତ୍ସ ହତ୍ୟା**
- ■ ମଳିପଡ଼ା ଜଙ୍ଗଲରୁ ଗଣ୍ଡି, ଖଣ୍ଡଗିରିରୁ ମୁଣ୍ଡ ଜବତ
- ■ ମୁଖ୍ୟ ଅଭିଯୁକ୍ତ ଗିରଫ

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମିକ ବୁଲାଇନେବା ବାହାନାରେ ରାଜଧାନୀକୁ ଆଣି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ପ୍ରେମିକାଙ୍କ ଗଳାକାଟି ମୁଣ୍ଡ ଓ ଗଣ୍ଡି ଅଲଗା କରି ଭିନ୍ନ ଭିନ୍ନ ସ୍ଥାନରେ ଫିଙ୍ଗିଛନ୍ତି। ସତ୍ୟବାଦୀ ପୋଲିସ ଗୁରୁବାର ଖୋର୍ଦ୍ଧା ମଳିପଡ଼ା ଜଙ୍ଗଲରୁ ଯୁବତୀଙ୍କ ଗଣ୍ଡି ଜବତ କରିଥିବାବେଳେ ଖଣ୍ଡଗିରି ଅଞ୍ଚଳରୁ ମୁଣ୍ଡକୁ ଜବତ କରିଛି। ଏଭଳି ଏକ ଲୋମହର୍ଷଣକାରୀ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ହତ୍ୟାର ଶିକାର ହୋଇଛନ୍ତି ସତ୍ୟବାଦୀ ଥାନା ଅନ୍ତର୍ଗତ ଗୋଲବିଞ୍ଝେଇପଡା ଗ୍ରାମର ସସ୍ମିତା ବିଶ୍ୱାଳ(୨୫)। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଯୁବତୀଙ୍କ ପ୍ରେମିକ ଡେଲାଙ୍ଗ ଥାନା କୁଞ୍ଜର ଗ୍ରାମର ଯୁଧିଷ୍ଠିର ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିବାବେଳେ ଅଭିଯୁକ୍ତ ଏ ନେଇ ମୁହଁ ଖୋଲୁ ନାହାନ୍ତି।

ସୂଚନା ମୁତାବକ, ଗତ ୧୩ ତାରିଖରେ ସସ୍ମିତା ପ୍ରେମିକ ଯୁଧିଷ୍ଠିରଙ୍କ ସହ ଘରଛାଡି ପଳାଇଥିଲେ। ୧୫ ତାରିଖରେ ସସ୍ମିତାଙ୍କ ବାପା ଏ ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଝିଅକୁ ଯୁଧିଷ୍ଠିର ଅପହରଣ କରିନେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଏହି ଆଧାରରେ ସତ୍ୟବାଦୀ ପୋଲିସ ଏକ ମାମଲା(୩୬/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଯୁଧିଷ୍ଠିରଙ୍କୁ ନ ପାଇବାରୁ ବୁଧବାର ତାଙ୍କ ମା'ଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏହାପରେ ବିଳମ୍ବିତ ରାତିରେ ଯୁଧିଷ୍ଠିର ଥାନାରେ ପହଞ୍ଚି ପୋଲିସ ନିକଟରେ ଘଟଣାର ପର୍ଦ୍ଦାଫାଶ କରିଥିଲେ। ସେ ସସ୍ମିତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଯୁଧିଷ୍ଠିରଙ୍କ ବୟାନଙ୍କୁ ଭିତ୍ତିକରି ଗୁରୁବାର ପୋଲିସ ତାଙ୍କୁ ଧରି ରାଜଧାନୀରେ ପହଞ୍ଚିଥିଲା। ପୁରୀ ଏସ୍‌ପି ଡ. ସାର୍ଥକ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଏସ୍‌ଡିପିଓ ଦିଲୀପ କୁମାର ତ୍ରିପାଠୀ, ଚନ୍ଦନପୁର ଥାନା ଆଇଆଇସି ଗିରିଜା ପଟ୍ଟନାୟକ, ସତ୍ୟବାଦୀ ଥାନା ସେକେଣ୍ଡ ଅଫିସର ରବୀନ୍ଦ୍ର ନାଥ ନନ୍ଦ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ଏବଂ ଖଣ୍ଡଗିରି ପୋଲିସ ସହାୟତାରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ମୃତଦେହକୁ ଜବତ କରିଥିଲେ। ଯୁଧିଷ୍ଠିରଙ୍କୁ ଘଟଣାସ୍ଥଳ ମଳିପଡ଼ା ଜଙ୍ଗଲକୁ ନିଆଯାଇଥିଲା। ଯେଉଁଠାରେ ଯୁଧିଷ୍ଠିର ସସ୍ମିତାଙ୍କୁ ହତ୍ୟା କରିଥିଲେ। ସେ ତାଙ୍କୁ କିପରି ହତ୍ୟା କରିଥିଲେ ଏବଂ ପରେ ଗଣ୍ଡିରୁ ମୁଣ୍ଡକୁ ଅଲଗା କରି କିଭଳି ଖଣ୍ଡଗିରି ଅଞ୍ଚଳରେ ଫିଙ୍ଗିଥିଲେ ତାହାର ଡେମୋ ଦେଖାଇଥିଲେ। ମଳିପଡ଼ା ଜଙ୍ଗଲରୁ ଗଣ୍ଡିକୁ ଜବତ କରାଯିବା ପରେ ପୋଲିସ ଯୁଧିଷ୍ଠିରଙ୍କୁ ଖଣ୍ଡଗିରିର ଆଇଆଇଆଇଟି ନିକଟ ଜଙ୍ଗଲକୁ ଆଣି ସେଠାରେ ଅଖାରେ ବନ୍ଧାଯାଇ ପକାଯାଇଥିବା କଟାମୁଣ୍ଡକୁ ଜବତ କରିଥିଲା। ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଯୁଧିଷ୍ଠିର ସସ୍ମିତାଙ୍କ ମୁଣ୍ଡକୁ ପଥରରେ ଛେଚି ବିକୃତ କରିଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଯୁଧିଷ୍ଠିର ଏବଂ ସସ୍ମିତା ୫ବର୍ଷ ଧରି ପରସ୍ପରଙ୍କୁ ଭଲ ପାଉଥିଲେ। ଏପରି କି କୋର୍ଟରେ ବିବାହ କରିବା ଲାଗି ସେମାନେ ଆବେଦନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିବାହରେ ବିଳମ୍ବ ହେବାରୁ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ପରେ ଯୁଧିଷ୍ଠିର ତାଙ୍କୁ ବୁଝାଇ ଶୁଝାଇ ବୁଲାଇନେବା ବାହାନାରେ ଭୁବନେଶ୍ୱର ଆଣି ହତ୍ୟା କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ନିକଟରୁ ପୋଲିସ ରକ୍ତଭିଜା ଛୁରି ଏବଂ ଜ୍ୟାକେଟ୍ ଜବତ କରିଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ପୋଲିସ ତଦନ୍ତ ଚଳାଇଛି। ପୂର୍ବ ମାମଲାକୁ ପରିବର୍ତ୍ତନ କରି ଏକ ହତ୍ୟା ମାମଲା(୨୭୫/୧୮) ରୁଜୁ ହୋଇଛି।

# ପ୍ରବଳ ଥଣ୍ଡାରେ ୫୭ ଗୋରୁ ମୃତ

**ଆସିକା,୨୦।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ବ୍ଲକ ବାଲିସିରା ପଞ୍ଚାୟତ ଲଣ୍ଡାଜୁଆଳି ଗ୍ରାମରେ ଏକ କୁଆଁରିରେ ଥିବା ୫୭ ଗୋରୁଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରେ ୫୩ଟି ବାଛୁରୀ ଓ ୪ଟି ଗାଈ ଅଛନ୍ତି। ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଟାଙ୍ଗିରିଆ ପାହାଡ ତଳେ ଏକ ଖୋଲା ପଡିଆରେ ପଡିଥିବା ଗାଈ କୁଆଁରିରେ ଏହି ଗାଈ ବାଛୁରୀ ଥିଲେ। ବର୍ତ୍ତମାନ ମଧ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଗାଈ ଏହି କୁଆଁରିରେ ଅଛନ୍ତି। ବହୁ ଗାଈବାଛୁରି ମଧ ଗୁରୁତର ଅସୁସ୍ଥ ଅଛନ୍ତି। ଖବର ପାଇ ଆସିକା ପ୍ରାଣୀଧନ ଚିକିତ୍ସାଳୟର ଡାକ୍ତର ପ୍ରଭାତ କୁମାର ପରିଡା, ଡା. କୃପାସିନ୍ଧୁ ସ୍ୱାଇଁ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଜାରି ରଖିଛନ୍ତି। ପେଥାଇଜନିତ ବର୍ଷା ଓ ପ୍ରବଳ ଥଣ୍ଡାପବନରେ ଖୋଲା ଆକାଶତଳେ ୨ଦିନ ଧରି ପଡିରହିବା ପରେ ଏଭଳି ପରିସ୍ଥିତି ଦେଖାଦେଇଛି। ଅତ୍ୟଧିକ ଥଣ୍ଡାଯୋଗୁ ନିମୋନିଆରେ ଆକ୍ରାନ୍ତ ହୋଇ ଗାଈବାଛୁରୀଙ୍କ ମୃତ୍ୟୁ ଘଟିଥିବା ପ୍ରାଣୀ ଚିକିତ୍ସକ ଡ. ପରିଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ଆସିକା ବ୍ଲକର ଗୁଣ୍ଡପଡା ପଞ୍ଚାୟତ ଖଣ୍ଡବନ୍ଧ ଗ୍ରାମରେ ମଧ ଏକ ଗାଈ କୁଆଁରିରେ ପ୍ରବଳ ଥଣ୍ଡା ଯୋଗୁ ୬ଟି ବାଛୁରୀଙ୍କ ମୃତ୍ୟୁ ଘଟିଥିଲା। ମୃତ ଗାଈବାଛୁରୀଙ୍କ ଘଟଣାସ୍ଥଳରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିବା ବିଡିଓ ଗାୟତ୍ରୀଦତ୍ତ ନାୟକ ସୂଚନା ଦେଇଛନ୍ତି। ଘଟଣାସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ପ୍ରକାଶ କରିଛନ୍ତି।

**ପେଥାଇ ପ୍ରଭାବ**


ପଡ଼ିଆରେ ପଡ଼ିଥିବା ଗୋରୁଙ୍କ ମୃତଦେହ।

VANIK VANIK-IAS
Exclusive Coaching for UPSC/OPSC

CONGRATULATIONS OCS-2017 SELECTED CANDIDATES




ADMISSIONS OPEN For IAS-2019
(Regular Batch for Prelim & Main )
Starts from 02nd January 2019
Morning Batch : 6.30am-9.30am | Evening Batch : 6pm-9pm
Expert Faculties From New Delhi & Hyderabad

OPTIONAL BATCH FOR IAS/OAS
POLITICAL SCIENCE Time : 10am-1pm Starts from 21st Dec' 2018 By Gaurav Jha Sir
SOCIOLOGY Time : 2pm-5pm Starts from 22nd Dec' 2018 By Saroj Samal Sir
ODIA Time : 6pm-9pm Starts from 21st Dec' 2018 By Mamata & Sarojini Madam
PUBLIC ADMINISTRATION Time : 10am-1pm Starts from 21st Dec' 2018 By Ashutosh Sir & Deepak Sir
Geography Optional Subject will starts from month of January 2019 by B.M. Panda Sir

CRASH COURSE & TEST SERIES FOR OCS (MAIN) 2018
Compulsory, GS & Essay
Starts from 21st December 2018
Admission Open CIVIL SERVICE Foundation Course for Under Graduates
Classes only Sat, Sun & Holidays
Plot No-1441, Opp. IOCL Petrol Pump, CRPF Square, Bhubaneswar, Odisha
www.vanikias.com | E-mail : vaniksias@gmail.com | www.facebook.com/vanikias
Ph : 8093083555, 8984111101

MADE EASY
India's Best Institute for IES, GATE & PSUs
Early Bird Offer ₹ 3000/- Valid From 21st-25th Dec'
Special Batch for
OPSC-AEE
CIVIL ENGINEERING
New batch starts from
27th December 2018
Module : 550 hour | Daily 5-6 hour Classes
Admission Open for
ESE 2020
GATE 2020
GROUP DISCOUNT AVAILABLE
New batch starts from 24th January 2018
Morning Batch : (9am - 4pm) | Evening Batch : (6pm - 9pm)
2 Yrs Classroom Programme for ESE & GATE-2021 | 1 Yr Classroom Programme for ESE & GATE -2020
Streams Offered CE ME EE EC IN CS IT PI
BBSR Office : 1441, Opp. IOCL Petrol Pump, CRPF Square, Bhubaneswar-751015
Visit at : www.madeeasy.in, E-mail : infobhubaneswar@madeeasy.in
Ph : 9040999888, 9040299888

# ଗୋ-ସ୍ୱିଫ୍ଟ ଦ୍ୱାରା ୫୦୦ତମ ପୁଞ୍ଜିନିବେଶ ପ୍ରସ୍ତାବ ଗ୍ରହଣ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୋ-ସ୍ୱିଫ୍ଟ ଆପ୍ ଦ୍ୱାରା ୫୦୦ତମ ପୁଞ୍ଜିନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଛି। ଗୁରୁଗ୍ରାମସ୍ଥିତ ଏକ ସାନିଟାରି ସାମଗ୍ରୀ ପ୍ରସ୍ତୁତ କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନ ଏହି ପ୍ରସ୍ତାବ ଦେଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗତବର୍ଷ ନଭେମ୍ବରରେ ଏହି ଆପ୍ ପ୍ରଚଳନ କରାଯାଇଥିଲା। ଉକ୍ତ କମ୍ପାନୀ କଟକଠାରେ ପ୍ରାୟ ୩୫୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୧,୩୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ଏକ କାଚ କଣ୍ଟେନର ପ୍ରସ୍ତୁତ କରିବ ବୋଲି ଶିଳ୍ପ ବିଭାଗ ସୂତ୍ରରୁ ପ୍ରକାଶ। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଉଛି। ଏ ନେଇ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି ଯେ, ବ୍ୟବସାୟ କରିବା ପାଇଁ ଅନୁକୂଳ ବାତାବରଣ ଏବଂ ଅତିଶୀଘ୍ର ପ୍ରକଳ୍ପ ଅନୁମୋଦନ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନେକଙ୍କୁ ଆକୃଷ୍ଟ କରିଛି। ନିକଟରେ ସମାପ୍ତ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପରେ ନିବେଶ ପାଇଁ ବିଭିନ୍ନ କମ୍ପାନୀ ଆଗ୍ରହ ଦେଖାଉଛନ୍ତି। ସମସ୍ତ ପୁଞ୍ଜିନିବେଶ ଯେପରି କାର୍ଯ୍ୟକ୍ଷମ ହେବ, ସେନେଇ ରାଜ୍ୟ ପ୍ରଶାସନ ସମସ୍ତ ଚେଷ୍ଟା ଜାରି ରଖିଛି।

**URGENTLY REQUIRE !**
Require 20 smart sales persons (male/female) for door to door sales for one of the largest multi-national company's FMCG product. Good Salary & Incentive.
Contact:
9903388241/9903169661 or email your resume to: soumig13@gmail.com













**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector-49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

*Terms and Conditions apply. *Down Payment Scheme is subject to the financier policy and documents, Finance is the sole discretion of the financier. Low down payment of Rs. 5,999 is applicable on select motorcycle models. ^ Paytm Mall Benefits are applicable in selected dealerships and on selected models only with the terms and conditions of Paytm and Dealership. ^^ Exchange bonus is applicable on selected models and is at the sole discretion of the dealer. All the mentioned schemes are for a limited time period and can be withdrawn any time **Conditions apply.

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

**For Bulk/Institutional enquiries, please write us at: institutionalsales@honda2wheelersindia.com**

## ସଂକ୍ଷେପରେ

### ବଢୁଛି ଶୀତ
## ଫୁଲବାଣୀ, ଦାରିଙ୍ଗବାଡ଼ି ୯ ଡିଗ୍ରୀ
### ଦକ୍ଷିଣ ଓଡ଼ିଶାରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ରାଜ୍ୟରେ ଶୀତ ପ୍ରକୋପ ବୃଦ୍ଧି ପାଇଛି। ଗତ ଦୁଇ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ଏପରିକି କେତେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଆସିଛି। ବଣ ପାହାଡ଼ ଘେରା ଅଞ୍ଚଳରେ ଶୀତ ପ୍ରକୋପ ବଢ଼ିଚାଲିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଫୁଲବାଣୀ ଓ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୧.୪ ଡିଗ୍ରୀ ସେଲସିୟସ ଥିବାବେଳେ କଟକ ୧୨.୮, ବାରିପଦା ୧୨.୨, ଝାରସୁଗୁଡା ୧୧.୫, କେନ୍ଦୁଝର ୧୦, ସମ୍ବଲପୁର ୧୧, ସୁନ୍ଦରଗଡ଼ ୯, ହୀରାକୁଦ ୧୧.୬, ଭବାନୀପାଟଣା ୧୧ ଏବଂ ବଲାଙ୍ଗୀରରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଓଡ଼ିଶାଠାରୁ ପୂର୍ବ କେନ୍ଦ୍ରୀୟ ଆରବସାଗର ଯାଏ ଏକ ଟ୍ରପ ଲାଇନ ସୃଷ୍ଟି ହୋଇଛି। ଏଥିସହିତ ବଙ୍ଗୋପସାଗର ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ କେତେକ ସ୍ଥାନରେ ପାଗ ମେଘୁଆ ରହିବ। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ। ଆସନ୍ତା ୨୨ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବନାହିଁ। ତେବେ ଏହା ପରଠାରୁ ରାଜ୍ୟରେ ପାରଦ ତଳକୁ ଆହୁରି ଖସିବ ଓ ଶୀତ ଅସମ୍ଭାଳ ହେବ ବୋଲି ଅନୁମାନ କରାଯାଉଛି।

### ମ୍ୟାଲେରିଆ ନିୟନ୍ତ୍ରଣ ନେଇ ବୁଝିଲେ ଜାପାନ ପ୍ରତିନିଧି

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** ଓଡ଼ିଶାର ସଫଳ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଜାପାନର ଦୁଇ ଜଣିଆ ପ୍ରତିନିଧିଦଳ ଗୁରୁବାର ବୁଲି ଦେଖିଛନ୍ତି। ଜାପାନ ପ୍ରତିନିଧି ଦଳ ଖୋର୍ଦ୍ଧା ଓ ରାଜଧାନୀ ଉପକଣ୍ଠସ୍ଥିତ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳ ପରିଦର୍ଶନ ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଧାଙ୍କ ସହିତ ସଚିବାଳୟଠାରେ ଏ ନେଇ ଆଲୋଚନା କରିଛନ୍ତି। ଜାପାନ ପ୍ରତିନିଧି ୟୁମିକୋ ଲିଜୁକା ଓ ମିକି ନାଗାସୀମା ଆଲୋଚନା ସମୟରେ ମ୍ୟାଲେରିଆ ନିୟନ୍ତ୍ରଣ ଲାଗି ଓଡ଼ିଶା ସରକାର ଆପଣେଇଥିବା କାର୍ଯ୍ୟକ୍ରମ ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ଏହା ସହ ୨୦୩୦ ସୁଦ୍ଧା ମ୍ୟାଲେରିଆ ବିଲୋପ ପାଇଁ ଚାଲିଥିବା କାର୍ଯ୍ୟକ୍ରମରେ ଜାପାନ ପକ୍ଷରୁ ସମସ୍ତ ସହାୟତା ଲାଗି ସେମାନେ ଇଚ୍ଛୁକ ଥିବା କହିଛନ୍ତି।




# ୨୨ହଜାର ପରିବାରକୁ ମିଳିବ ଘର

**ସହରାଞ୍ଚଳ ଆବାସ ଯୋଜନା**

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ରାଜ୍ୟର ୮୮ଟି ସହରାଞ୍ଚଳରେ ବସବାସ କରୁଥିବା ୨୧,୮୯୪ ଜଣ ହିତାଧିକାରୀଙ୍କୁ ଓଡ଼ିଶା ସହରାଞ୍ଚଳ ଆବାସ ଯୋଜନାରେ ପକ୍କା ଘର ଯୋଗାଯିବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ସଚିବାଳୟଠାରେ ଅନୁଷ୍ଠିତ ଓଡ଼ିଶା ସହରାଞ୍ଚଳ ହାଉସିଂ ମିଶନର ରାଜ୍ୟସ୍ତରୀୟ ମଞ୍ଜୁରୀ କମିଟି ବୈଠକରେ ଏହି ଅନୁମୋଦନ ଦିଆଯାଇଛି। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ଶାସନ ସଚିବ ଜି.ମାଥିଭାଥାନନ୍ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟବସ୍ତୁ ଓ ସଦ୍ୟତମ ଆଲୋଚନା ପାଇଁ ତଥ୍ୟ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ମଞ୍ଜୁରିପ୍ରାପ୍ତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ପାଢ଼ୀ ପକ୍କା ଘର ନ ଥିବା ସମସ୍ତ ସହରବାସୀଙ୍କ ପାଇଁ ଗୃହ ଯୋଗାଣ ନିମନ୍ତେ ପରିପୂର୍ତ୍ତି ଭିତ୍ତିରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସମସ୍ତ ସହରାଞ୍ଚଳରେ ସର୍ଭେ କାମ ଡିସେମ୍ବର ଶେଷସୁଦ୍ଧା ସାରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବୈଠକରେ ବିଭାଗୀୟ ସଚିବ ମାଥିଭାଥାନନ୍ ୮୮ ସହରରୁ ଆସିଥିବା ୧୨୬ ଟି ଗୃହ ନିର୍ମାଣ ପ୍ରକଳ୍ପ ବିଷୟରେ ସୂଚନା ଦେଇଛନ୍ତି।

ଏହି ପ୍ରକଳ୍ପରେ ଘର ପିଛା କେନ୍ଦ୍ର ୧.୫୦ଲକ୍ଷ ଏବଂ ରାଜ୍ୟ ୫୦ହଜାର ଟଙ୍କା ସହାୟତା ଦିଅନ୍ତି। ଏହାଛଡା ପ୍ରତି ହିତାଧିକାରୀ ପରିବାରଙ୍କୁ ପାଇଖାନା ନିର୍ମାଣ ନିମନ୍ତେ ସ୍ୱଚ୍ଛ ଭାରତ ମିଶନରୁ ୮ ହଜାର ଟଙ୍କା ଯୋଗାଇ ଦିଆଯାଏ। କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କଲେ ହିତାଧିକାରୀଙ୍କୁ ୨୦ହଜାର ଟଙ୍କା ଏବଂ ୬ ମାସ ମଧ୍ୟରେ ସାରିଲେ ୧୦ହଜାର ଟଙ୍କାର ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଦିଆଯାଉଛି। ହିତାଧିକାରୀ ନିଜ ଘରର ଆକାର ଅନୁସାରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଂଶ ଧନ ଦେବାର ବ୍ୟବସ୍ଥା ରହିଛି। ଅଂଶଧନ ନିମନ୍ତେ ହିତାଧିକାରୀମାନଙ୍କୁ ବ୍ୟାଙ୍କ୍ ଋଣ ବ୍ୟବସ୍ଥା ସହ ସଂଯୋଜିତ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଗୁରୁବାର କରାଯାଇଥିବା ମଞ୍ଜୁରୀ ସହ ରାଜ୍ୟର ୧୧୨ଟି ସହରାଞ୍ଚଳର ସମୁଦାୟ ୯୪,୪୩୬ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି।

# ତେଜୁଛି ଋଣଛାଡ଼ ରାଜନୀତି

- ପ୍ରତିଯୋଗିତାରେ ଓଡ଼ିଶା ନାହିଁ: ଅର୍ଥମନ୍ତ୍ରୀ
- ଆମେ କ୍ଷମତାକୁ ଆସିଲେ ଋଣ ଛାଡ଼ କରିଦେବୁ: ନିରଞ୍ଜନ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଆସାମ ସରକାର ଚାଷୀ ଋଣ ଛାଡ଼ କରିବାକୁ ଘୋଷଣା କରି ସାରିଛନ୍ତି। ଦେଶରେ ଏକ ପ୍ରକାର ଋଣଛାଡ଼ ହାୱା ବହୁଛି। କଂଗ୍ରେସ କ୍ଷମତାକୁ ଫେରିବା ପରେ ୩ଟି ରାଜ୍ୟରେ ଋଣ ଛାଡ଼ କରିବାକୁ ଘୋଷଣା କରିସାରିବା ପରେ ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଫେରିବା ପାଇଁ ଚାଷୀଙ୍କୁ ଋଣଛାଡ଼ ଲଲିପପ୍ ଦେଖାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ନିଜ ଟୁଇଟ ମାଧ୍ୟମରେ କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ୫ ଘଣ୍ଟା ମଧ୍ୟରେ ଚାଷୀଙ୍କ ଉପରେ ଥିବା ସମସ୍ତ ଋଣ ଛାଡ଼ କରିଦେବ। ଏହା ହେଉଛି ଚାଷୀମାନଙ୍କ ପ୍ରତି ଆମର ପ୍ରତିଜ୍ଞା ବୋଲି ସେ କହିଛନ୍ତି।

ବିଜେଡି ରାଜ୍ୟରେ ଗତ ୧୮ ବର୍ଷ ହେବ ଶାସନରେ ରହି ମଧ ଚାଷୀଙ୍କ କଲ୍ୟାଣ ପାଇଁ ଚନ୍ତା କଲାନାହିଁ। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଥିବା କଂଗ୍ରେସ ସରକାର କ୍ଷମତାକୁ ଫେରିବାର ଦୁଇଦିନ ମଧ୍ୟରେ ଋଣ ଛାଡ଼ କରିଦେଲେ। ରାଜ୍ୟ କଂଗ୍ରେସ ମଧ ନିଜ ଇସ୍ତାହାରରେ ଋଣ ଛାଡ଼ କରିବାକୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛି। ଋଣ ଛାଡ଼କୁ ପ୍ରସଙ୍ଗ କରି କଂଗ୍ରେସ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଲଢ଼ିଥିଲା। ନିଜର ପ୍ରତିଶ୍ରୁତି ରକ୍ଷାକରି ମଧ ମୁଖ୍ୟମନ୍ତ୍ରୀ କମଲନାଥ ଚାଷୀମାନଙ୍କର ସ୍ୱଳ୍ପମିଆଦୀ ଋଣ ଛାଡ଼ କରିବାକୁ ଘୋଷଣା କରିଛନ୍ତି। ମଧ୍ୟପ୍ରଦେଶ ପରେ ରାଜସ୍ଥାନ, ଛତିଶଗଡ଼ରେ ଥିବା କଂଗ୍ରେସ ସରକାର ଚାଷୀମାନଙ୍କ ଋଣ ଛାଡ଼ କରିବାକୁ ଘୋଷଣା କରିଛନ୍ତି। ୫ଟି ରାଜ୍ୟରେ ଭାଜପା ପରାଜିତ ହେବା ପରେ ଓଡ଼ିଶାରେ କ୍ଷମତାକୁ ଆସିଲେ କୃଷିଋଣ ଛାଡ଼ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କିଛିଦିନ ପୂର୍ବରୁ ଘୋଷଣା କରିଥିଲେ। ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ନିର୍ବାଚନ ବୈତରଣୀ ପାର ହେବାକୁ କୃଷିଋଣ ଛାଡ଼କୁ ଭରସା କରି ନିର୍ବାଚନ ଇସ୍ତାହାର ପ୍ରକାଶ କରୁଛନ୍ତି। ଅନ୍ୟ ରାଜ୍ୟ ଭଳି ଓଡ଼ିଶା ଋଣ ଛାଡ଼ ପ୍ରତିଯୋଗିତାରେ ନାହିଁ ବୋଲି ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ପ୍ରଥମେ ପଦକ୍ଷେପ ନିଅନ୍ତୁ। ଋଣଛାଡ଼ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଦିଗ ଉପରେ ବିଚାର କରାଯାଉଛି। ଛତିଶଗଡ଼ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପରେ ରାଜ୍ୟ ସରକାର ମଧ ହରଡ଼ଘଣାରେ ପଡିଛନ୍ତି। ଋଣଛାଡ଼ କିମ୍ବା ଚାଷୀଙ୍କୁ ବୋନସ ଦେବାକୁ ହେଲେ ରାଜ୍ୟ ସରକାରଙ୍କୁ ପ୍ରାୟ ୩୦ ହଜାର କୋଟି ଟଙ୍କା ଯୋଗାଡ କରିବାକୁ ପଡ଼ିବ। ତେବେ ବର୍ତ୍ତମାନ ରାଜକୋଷ ପରିସ୍ଥିତି ଯାହା ଏତେ ଅର୍ଥ ଯୋଗାଡ କରିବା ସହଜ ନୁହେଁ। ତେବେ ଏ ନେଇ ରାଜ୍ୟ ସରକାର ତର୍ଜମା ଆରମ୍ଭ କରି ଦେଇଛନ୍ତି।

# ଲାଲ୍‌ଗଡ଼ର ଝିଅ ସନ୍ଧ୍ୟା ପାଇଲେ ଓଏଏସ୍

ମାଥିଲି, ୨୦।୧୨


ସନ୍ଧ୍ୟା ସମରଥ

ଦୁର୍ଗମଗଡ଼ର ଝିଅ ସନ୍ଧ୍ୟା ସମରଥ। ୨୦୧୭ - ୨୦୧୮ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗାଁ ପାଇଁ ପାଲଟିଛନ୍ତି ସୁନା ଝିଅ। ମାଲକାନଗିରି ଜିଲା ମାଥିଲି ବ୍ଲକ ଦୁର୍ଗମ ଅଞ୍ଚଳ ସାଲିମି ଗାଁର ରାମଦେବ ସମରଥଙ୍କ ବଡ ଝିଅ ସନ୍ଧ୍ୟା। ନିଜର ଆଗ୍ରହ, ନିଷ୍ଠା ଯୋଗୁ ତାଙ୍କୁ ମିଳିଛି ଏହି ସଫଳତା। ଏକଦା ମାଓବାଦୀଙ୍କ ପେଣ୍ଠସ୍ଥଳୀ ପାଲିଟିବା ସାଲିମି ଗ୍ରାମରେ ପାଠପଢ଼ାର ସୁବିଧା ନ ଥିଲା। ବିଭିନ୍ନ ଜ୍ଞାନ ଆହରଣ କରିବା, ମୋବାଇଲ ଯୋଗାଯୋଗରୁ ନିବୃତ୍ତ ରହିବା ଓ ଟିଭି ନ ଦେଖିବା ଲାଗି ମାଓବାଦୀମାନେ ସେମାନଙ୍କୁ ବାରଣ କରୁଥିଲେ। ଯଦି କେହି ମୋବାଇଲ ଫୋନ ବ୍ୟବହାର କରୁଥିଲେ ସେମାନଙ୍କୁ ନିସ୍ତୁକ ମାଡ଼ ମାରିବା ସହ ତାଙ୍କଠାରୁ ଫୋନ ଛଡାଇ ନେଉଥିଲେ। ଗତ କିଛି ବର୍ଷ ତଳେ ମାଓବାଦୀମାନେ ଗ୍ରାମର ସମସ୍ତଙ୍କଠାରୁ ମୋବାଇଲ ଫୋନ ଛଡାଇ ନେବାର ନଜିର ମଧ ରହିଛି। ଏପରି ଏକ ବିଚ୍ଛିନ୍ନାଞ୍ଚଳ ତଥା ମାଓବାଦୀ ପ୍ରବଣ ଅଞ୍ଚଳରୁ ପାଠପଢି ସଫଳତା ପାଇବା କଷ୍ଟକର। କିନ୍ତୁ ସନ୍ଧ୍ୟାଙ୍କ ଇଚ୍ଛା, ଆଗ୍ରହ ନିକଟରେ ସବୁ ପ୍ରତିବନ୍ଧକ ହାର ମାନିଥିଲା। ପିଲାଦିନେ ଗ୍ରାମ ବିଦ୍ୟାଳୟରେ ୫ମ ପର୍ଯ୍ୟନ୍ତ ପାଠ ପଢି ପରେ ମାଲକାନଗିରି ନବୋଦୟ ବିଦ୍ୟାଳୟରେ ପାଠ ପଢିବାକୁ ସୁଯୋଗ ପାଇଥିଲେ ସନ୍ଧ୍ୟା। ଅଳ୍ପ କିଛି ଚାଷକୁ ନେଇ ତାଙ୍କ ପରିବାର ଚଳୁଥିବାରୁ ଅଭାବ ଅନଟନ ମଧ୍ୟରେ ଉଚ୍ଚଶିକ୍ଷା ତାଙ୍କପାଇଁ କଷ୍ଟସାଧ ଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ପାଠପଢା ପାଇଁ ସୁବିଧା ସୁଯୋଗ ମିଳିଥିଲା। ଭୁବନେଶ୍ୱର ବିଜେବି କଲେଜରେ ଡିଗ୍ରୀରେ ଟପ୍ପର ହୋଇ ପଢା ସାରିବା ପରେ କଟକ ରେଭେନ୍‌ଶାରେ ସେ ପିଜି ଏବଂ ଏମଫିଲ୍ କରିଥିଲେ। ପଢା ପରେ ସେଠାରେ ରହି ପିଏଚ୍.ଡି. ପ୍ରସ୍ତୁତିରେ ଥିଲେ। ବିନା କୋଚିଂରେ ନିଜ ଉଦ୍ୟମରେ ପଢାପଢି କରି ପ୍ରଥମ ଥର ପାଇଁ ଓଏଏସ ପରୀକ୍ଷା ଦେଇଥିଲେ। ଉତ୍ତୀର୍ଣ୍ଣ ମଧ ହେଲେ। ପରୀକ୍ଷାରେ ତାଙ୍କର ର୍ୟାଙ୍କ ରହିଛି ୯୧ ତମ।

ତେବେ ସନ୍ଧ୍ୟାଙ୍କ ସଫଳତା ନେଇ ସମଗ୍ର ଜିଲାରେ ଖୁସିର ଲହରି ଖେଳିଯାଇଛି। ଅଭାବ ଅନଟନରେ ଝିଅର ପାଠପଢା କରିଥିଲୁ। ଏଥିରେ ଅନେକ ଥର ପ୍ରଶାସନ ମଧ ସହଯୋଗ କରିଛି। ଝିଅ ଓଏଏସ ପାଇବା ପରେ ଆମକୁ ବହୁତ ଖୁସି ଲାଗୁଥିବା କହିଛନ୍ତି ସନ୍ଧ୍ୟାଙ୍କ ମାଆ ନୀଳାବତି ସମରଥ, ବାପା ରାମଦେବ ସମରଥ ଓ ସାନଭାଇ ବାସୁଦେବ ସମରଥ। ଏ ନେଇ ସନ୍ଧ୍ୟା କହିଛନ୍ତି ଯେ, ଅଞ୍ଚଳର ଗରିବ ଲୋକଙ୍କ ପାଇଁ କାମ କରିବାକୁ ସେ ପ୍ରାଧାନ୍ୟ ଦେବେ। ସବୁ ସମୟରେ ତାଙ୍କ ଭିତରେ ଆଗ୍ରହ ବଢାଇଥିବା ମାଆ ବାପା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଙ୍କର ଏହି ସଫଳତା ପାଇଁ ସେ ଶ୍ରେୟ ଦେଇଛନ୍ତି।

### ବୋର୍ଡ ଅଫିସ ପୋଡ଼ି ଦେବା ଘଟଣା
# ସିସିଟିଭି ଫୁଟେଜ୍‌ରୁ ମିଳିଲା ସୁରାକ

- ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ
- ତଦନ୍ତ ପାଇଁ ସ୍ୱତନ୍ତ୍ର ଟମ୍ ଗଠନ

ସମ୍ବଲପୁର,୨୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ଜେଲଛକରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ଅଫିସ(ବୋର୍ଡ କାର୍ଯ୍ୟାଳୟ)କୁ ବୁଧବାର କେତେକ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିଲେ। ଏହି ଘଟଣାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇଛି। ଜିଲାପାଳ ସମର୍ଥ ବର୍ମା ଘଟଣାକୁ ନିନ୍ଦା କରିଥିବା ସହ ତୁରନ୍ତ ଏହି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ବୋର୍ଡ କାର୍ଯ୍ୟାଳୟ ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ଭର କରୁଥିବା ବେଳେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି। ଏସ୍‌ପି ସଞ୍ଜୀବ ଆରୋରାଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିରେ ଓକିଲମାନଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ ପ୍ରକାଶ କରିଛି। ଏପରି କି ପୋଲିସ ଆଖପାଖ ଦୋକାନ ଏବଂ ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି। ପୋଲିସ ଯାଞ୍ଚ ବେଳେ କିଛି ସୁରାକ ମିଳିଛି। ଅନ୍ୟପକ୍ଷେ ବୁଧବାର ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ପୋଲିସ ପଚରାଉଚୁରା କରିଛି। ସେମାନଙ୍କୁ ପୋଲିସ ସିସିଟିଭି ଫୁଟେଜ ଦେଖାଇ ପରିଚୟ ଖୋଜିବାରେ ଲାଗିଛି। ଖୁବଶୀଘ୍ର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଆରୋରା କହିଛନ୍ତି। ବୋର୍ଡର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟମଣି ମାଝିଙ୍କୁ ପଚାରିବାରୁ ସେ କହିଛନ୍ତି, ଅଫିସରେ କ'ଣ ଓ କେତେ ପରିମାଣ କ୍ଷୟକ୍ଷତି ହୋଇଛି ଆକଳନ ହୋଇନାହିଁ। ଶୁକ୍ରବାର ଅଫିସ ଖୋଲାଯାଇ ସବୁ କାଗଜପତ୍ର ଓ ଅନ୍ୟ ସାମଗ୍ରୀର ହିସାବ କରାଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ୮ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ସେମାନେ ଅଫିସ ଭିତରକୁ ପଶି ଓକିଲମାନେ ବନ୍ଦ ଡାକରା ଦେଇଛନ୍ତି। ତୁମେ ଅଫିସ କାହିଁକି ଖୋଲା ରଖିଛ କହି ଉପସ୍ଥିତ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଏପରି କି କର୍ମଚାରୀମାନଙ୍କୁ ବାହାରକୁ ଯିବାକୁ କହି ବେଞ୍ଚ, ଟେବୁଲ, କମ୍ପ୍ୟୁଟର, ଆଲମିରା ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଯାଇଛି।

# ବାଲୁକା କଳା ଦେଖିଲେ ଆମେରିକା ରାଷ୍ଟ୍ରଦୂତ
### କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ

ପୁରୀ ଅଫିସ/ କୋଣାର୍କ,(ଡି.ଏନ.ଏ.)୨୦।୧୨

ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ କେନେଥ ଜଷ୍ଟର ଗୁରୁବାର ପୁରୀ ଗସ୍ତରେ ଆସିଥିଲେ। ସେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ଦେଖିଥିଲେ। ସକାଳ ପ୍ରାୟ ସାଢେ ୯ଟାରେ କେନେଥ ଓ ହାଇଦ୍ରାବାଦସ୍ଥିତ ଆମେରିକା କନସୁଲେଟ ଜେନେରାଲ କାଥେରିନ୍ ହାଡା କୋଣାର୍କରେ ପହଞ୍ଚିଥିଲେ। ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ଦାଶ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ରାଷ୍ଟ୍ରଦୂତ ଜଷ୍ଟର ଏବଂ ହାଡା ବିଶ୍ୱଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ଏହାର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିଥିଲେ। ଏଏସ୍‌ଆଇ ଭୁବନେଶ୍ୱରର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ଉଭୟଙ୍କୁ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, କଳା ଓ ସଂସ୍କୃତି ସମ୍ପର୍କରେ ବୁଝାଇଥିଲେ।

ସୂର୍ଯ୍ୟମନ୍ଦିର ପରିଦର୍ଶନ କରିସାରିବା ପରେ ମଧ୍ୟାହ୍ନରେ ସେମାନେ ପୁରୀରେ ପହଞ୍ଚିଥିଲେ। ହୋଟେଲ ମେଫେୟାର ପଛପାର୍ଶ୍ୱ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବାଲୁକା କଳା ଦେଖିଥିଲେ। ପ୍ରଥମେ ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀଛାତ୍ର ସେମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହାପରେ ସୁଦର୍ଶନ ଉଭୟଙ୍କୁ ବାଲୁକା କଳାର ଫଟୋ ଗ୍ୟାଲେରି ବୁଲାଇ ଦେଖାଇଥିଲେ। ଏଥିସହ ସୁଦର୍ଶନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବାଲୁକା ଫଟୋଚିତ୍ର ଜଷ୍ଟରଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ହାଇଦ୍ରାବାଦରେ ଆମେରିକା କନସୁଲେଟ ଜେନେରାଲଙ୍କ ୧୦ ବର୍ଷ ପୂର୍ତ୍ତି ଉପରେ ପ୍ରସ୍ତୁତ ବାଲୁକା କଳା ଦେଖି ଜଷ୍ଟର ଏବଂ ହାଡା ବେଶ୍ ଖୁସି ହୋଇଯାଇଥିଲେ।



(ବାମରୁ) ଆମେରିକା କନସୁଲେଟ ଜେନେରାଲ କାଥେରିନ୍ ହାଡା, ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ କେନେଥ ଜଷ୍ଟର ଗୁରୁବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ଦେଖୁଛନ୍ତି।




ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଲଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। –ଶ୍ରୀମା



# ସତର୍କ ଘଣ୍ଟି

ଦେଶରେ ଚାଷୀମାନଙ୍କ ଦୁର୍ଦ୍ଦଶା ଓ ଚାଷୀ ଅସନ୍ତୋଷ ବଢ଼ିବା ଯୋଗୁ କୃଷି ଋଣ ଛାଡ଼ ଓ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ପରି ପ୍ରସଙ୍ଗ ସବୁଆଡ଼େ ଚର୍ଚ୍ଚାରେ ଅଛି। ଚାଷୀମାନଙ୍କର ବିପଦବେଳେ ତାଙ୍କୁ ଉପେକ୍ଷା କରିବା ରାଜନୈତିକ ଦଳଗୁଡ଼ିକ ପାଇଁ ଆତ୍ମଘାତୀ ହୋଇପାରେ ବୋଲି ସେମାନେ ଏବେ ବୁଝିପାରିଛନ୍ତି। ଭାଜପା ହେଉଛି ଏହାର ଏକ ଉଦାହରଣ, ଯିଏ ତିନୋଟି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟରେ ସଦ୍ୟ ବିଧାନସଭା ନିର୍ବାଚନରେ ହାରିଯାଇଛି। ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ମାତ୍ର ଦୁଇଘଣ୍ଟା ପରେ କମଲନାଥ କୃଷିଋଣ ଛାଡ଼ କରିବାକୁ ଘୋଷଣା କରିଛନ୍ତି। ପରେ ପରେ ଛତିଶଗଡ଼ ଓ ରାଜସ୍ଥାନ ମଧ୍ୟ ତାହା କରିଛନ୍ତି। ଏପରି କି ଭାଜପା–ଶାସିତ ଆସାମ ମଧ୍ୟ ପଛରେ ପଡ଼ିନାହିଁ। ଏହା ମଧ୍ୟ ରାଜ୍ୟରେ କୃଷିଋଣ ଛାଡ଼ କରିଛି। ଛତିଶଗଡ଼ ସରକାର ଆଉ ପାଦେ ଆଗେଇଯାଇ ଧାନର ସହାୟକ ମୂଲ୍ୟ ୫୦୦ ଟଙ୍କାରୁ ଅଧିକ ବୃଦ୍ଧି କରି କୁଇଣ୍ଟାଲ ପିଛା ୨୫୦୦ ଟଙ୍କା କରିଛି। ତେବେ ଏହା ସତ୍ୟ ଯେ, ଏହି କୃଷି ଋଣ ଛାଡ଼ ଓ ସହାୟକ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷକମାନଙ୍କ ଦୁଃଖ ଦୂର ହୋଇପାରିବ ନାହିଁ। ଅବଶ୍ୟ ଏହା ଭୋଟ ପାଇବାରେ ସହାୟକ ହେବ। ଭଲ ହେଉ ବା ଖରାପ ଏହି ଲୋକପ୍ରିୟ ପଦକ୍ଷେପ ୨୦୧୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଜାରି ରହିବ।

ତେବେ ଏହିସବୁ ପଦକ୍ଷେପ ଦେଶର ଅର୍ଥନୀତି ଉପରେ ନିଶ୍ଚୟ ପ୍ରଭାବ ପକାଇବ। ଋଣ ଛାଡ଼ ଏକ ରାଜନୈତିକ ନିଷ୍ପତ୍ତି ଯାହା ଦେଶର ଅର୍ଥନୀତିରେ ଘୋର ଅସନ୍ତୁଳନ ସୃଷ୍ଟି କରିବ। କିନ୍ତୁ ସହାୟକ ମୂଲ୍ୟ ବୃଦ୍ଧି ଅନେକ ଜଟିଳତା ସୃଷ୍ଟି କରିବ। ପଡ଼ୋଶୀ ରାଜ୍ୟରୁ ଧାନ ସଂଗ୍ରହର ଢାଞ୍ଚା ଓ ଧରଣକୁ ଏହା ପ୍ରଭାବିତ କରିବ। ଛତିଶଗଡ଼ ଆଶା ରଖିଛି ଏବର୍ଷ ଧାର୍ଯ୍ୟ ଲକ୍ଷ୍ୟ ୫୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ ସଂଗ୍ରହ କରିବ। ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ପରି ପଡ଼ୋଶୀ ରାଜ୍ୟର କୃଷକମାନେ ସେମାନଙ୍କର ଉତ୍ପାଦିତ ଧାନକୁ ଛତିଶଗଡ଼ରେ ବିକି ସେମାନଙ୍କ ଅଧିକ ସହାୟକ ମୂଲ୍ୟର ଫାଇଦା ନେବାକୁ ଆଗ୍ରହ ପ୍ରକାଶ କରିବେ। ଏହା ଓଡ଼ିଶାରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣକୁ ବ୍ୟାହତ କରିବ। ପାରମ୍ପରିକ ଭାବେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ବେପାରୀମାନେ ଆମ ରାଜ୍ୟର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାର ଫାଇଦା ନେଇ ସମାନ୍ତରାଳ ଧାନ ସଂଗ୍ରହ ଅଭିଯାନ ଚଳାଇଥାନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ ଓ ମଣ୍ଡିଗୁଡ଼ିକୁ ସଅଳ ବନ୍ଦ କରିଦେବା ଯୋଗୁ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ବେପାରୀମାନେ ଆମ ରାଜ୍ୟର କୃଷକଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣିବାକୁ ଉତ୍ସାହିତ ହୋଇଥାନ୍ତି। ଧାନ ସଂଗ୍ରହରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇଥିଲେ ମଧ୍ୟ ଏଠାରେ ଗୋଟିଏ ବି ବର୍ଷ ନାହିଁ, ଯେଉଁ ବର୍ଷ ବିନା ସମସ୍ୟାରେ ସ୍ୱଚ୍ଛନ୍ଦରେ ଧାନ ସଂଗ୍ରହ ହୋଇଛି। ମାତ୍ରାଧିକ କାଗଜପତ୍ର କାମ, ମଣ୍ଡି ଖୋଲିବାରେ ବିଳମ୍ବ, ନିୟନ୍ତ୍ରିତ ବଜାର କମିଟିରେ ଅବ୍ୟବସ୍ଥା ଏବଂ ମିଲରମାନଙ୍କ ଉପର ମହଲରେ ଥିବା ଲମ୍ବା ହାତ ତଥା ପ୍ରଶାସନର ଉଦାସୀନତା ଏହି କାର୍ଯ୍ୟକ୍ରମକୁ କ୍ଷତି ପହଞ୍ଚାଇଥାଏ। ଇତିମଧ୍ୟରେ ଧାନ ସଂଗ୍ରହରେ ଥିବା ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଚେଷ୍ଟା କରାଯାଇଛି, ଯଥା କାଗଜପତ୍ର କାମକୁ ସରଳ କରାଯାଇଛି ଏବଂ ଠକ ମିଲରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତଥାପି ଏପରି ଅନେକ ସମସ୍ୟା ରହିଯାଇଛି, ଯାହାର ନିରାକରଣ ହେବା ନିହାତି ଦରକାର।

## ଆଜିର ଅର୍ଥନୀତି

ଛତିଶଗଡ଼ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରାଯିବା ଯୋଗୁ ସେ ରାଜ୍ୟର ବେପାରୀ ଓ ମଧ୍ୟସ୍ଥମାନେ ଓଡ଼ିଶାର ଧାନକୁ ଟାର୍ଗେଟ୍ କରିବେ, ଯେଉଁଠି କୁଇଣ୍ଟାଲ ପିଛା ୧୫୫୦ ଟଙ୍କାରେ ଧାନ ମିଳୁଛି। ଯଦି ଓଡ଼ିଶା ସରକାର ଆବଶ୍ୟକ ତ୍ୱରିତ ପଦକ୍ଷେପ ନ ନିଅନ୍ତି, ତେବେ ରାଜ୍ୟ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାରେ ସଫଳ ନ ହୋଇପାରେ। ଏଠାରୁ ବେପାରୀମାନେ କମ୍ ଦରରେ ଧାନ କିଣି ଛତିଶଗଡ଼ରେ ଅଧିକ ମୂଲ୍ୟରେ ବିକ୍ରି କରିବେ। ପଶ୍ଚିମ ଓଡ଼ିଶାର ଚାଷୀମାନେ ଦଲାଲ ଓ ମଧ୍ୟସ୍ଥମାନଙ୍କୁ ଧାନ ବିକ୍ରି କରିବାକୁ ଆଗ୍ରହୀ ହେବେ। ତେବେ ସେମାନଙ୍କୁ ପୂରା ସହାୟକ ମୂଲ୍ୟ ମିଳିବାର କୌଣସି ନିଶ୍ଚୟତା ନାହିଁ। ବିଶେଷତଃ କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ପରି ସୀମାନ୍ତ ଜିଲାର କୃଷକମାନେ ସବୁଠାରୁ ବେଶି ପ୍ରଭାବିତ ହେବେ। ଏପରି କି ଓଡ଼ିଶାର ମିଲରମାନେ ମଧ୍ୟ ରାଜ୍ୟରୁ ଧାନ କିଣି ଛତିଶଗଡ଼ର ବେପାରୀଙ୍କୁ ବିକିବା କିଛି ଅସମ୍ଭବ ନୁହେଁ। ତେବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ଓଡ଼ିଶାର ଚାଷୀ ଯାହାକୁ ଇଚ୍ଛା ତାକୁ ଧାନ ବିକ୍ରି କରିବାରେ କୌଣସି ବାଧା ନାହିଁ ବୋଲି ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ବେପାରୀମାନଙ୍କୁ ଉତ୍ସାହିତ କରିବ। ଏପରି ଦାୟିତ୍ୱହୀନ ମନ୍ତବ୍ୟ ଧୂସର ବଜାର (ଅଭାବୀ ବିକ୍ରି)କୁ ଉତ୍ସାହିତ କରିବା ସହ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ଦୁର୍ବଳ କରିବ ଏବଂ କୃଷକମାନଙ୍କ ପାଇଁ କ୍ଷତିକାରକ ହେବ। ସୁତରାଂ ରାଜ୍ୟ ସରକାର ପାଇଁ ଏହା ଏକ ସତର୍କ ଘଣ୍ଟି। ଏ ପରିସ୍ଥିତିରେ ସମ୍ଭାବ୍ୟ ଦୁଃସ୍ଥିତି ସମ୍ପର୍କରେ ଅନୁମାନ କରି ସରକାର ବିହିତ ପଦକ୍ଷେପ ନେବା ଆବଶ୍ୟକ।

# ଦଦରା ହେଲାଣି ଶାସନ–ନାବ



ବିପିନ ବିହାରୀ ମିଶ୍ର

ତିରିଶ ଚାଳିଶ ବର୍ଷ ତଳେ ଅନେକ ବୟସ୍କ ବ୍ୟକ୍ତି କହୁଥିଲେ, "ଯାହା କୁହ ବ୍ରିଟିଶ ଶାସନ ଭଲ ଥିଲା। ବାଘ, ଛେଳି ଏକା ଘାଟରେ ପାଣି ପିଉଥିଲେ।" ଏ ମନ୍ତବ୍ୟ କେତେକାଂଶରେ ସତ। ଆମେମାନେ ଚାକିରିରେ ପ୍ରବେଶ କଲାବେଳେ (୧୯୬୭) ଥାନାବାବୁ ଜଣେ କନ୍‌ଷ୍ଟେବଲ ହାତରେ ୨୦ଟା ୱାରେଣ୍ଟ ଧରେଇ ଆଦେଶ ଦିଅନ୍ତି ସେମାନଙ୍କୁ ନେଇଆସ। କନ୍‌ଷ୍ଟେବଲ ଗୋଟିଏ ଗାଁରେ ବସି ଗାଁ ଚୌକିଦାରମାନଙ୍କୁ ଡକାନ୍ତି ଏବଂ ସେମାନେ ୱାରେଣ୍ଟ ଜାରି ହୋଇଥିବା ଲୋକମାନଙ୍କୁ ଡାକିଆଣନ୍ତି। କନ୍‌ଷ୍ଟେବଲ ସେମାନଙ୍କୁ ଚଲେଇ ଚଲେଇ ନେଇଆସନ୍ତି ରାସ୍ତା ପର୍ଯ୍ୟନ୍ତ ଓ ସେଠାରେ କୌଣସି ଘରୋଇ ବସ୍ କିମ୍ବା ଖାଲି ଟ୍ରକ୍‌ରେ ବସେଇ ଥାନା ପର୍ଯ୍ୟନ୍ତ ନେଇଆସନ୍ତି। ବିନା ଖର୍ଚ୍ଚରେ ଆଣିବା ପାଇଁ ବାଧ ହେଉଥିଲେ, କାରଣ ସରକାର ସେମାନଙ୍କୁ ଆଣିବା ପାଇଁ ପଇସା ଦିଅନ୍ତି ନାହିଁ। ପୁଣି ଥାନାରେ ରହିଲେ ସାରାଦିନ ପାଇଁ ତାଙ୍କ ଖାଇବା ଖର୍ଚ୍ଚ ଦିଆଯାଏ ଷାଠିଏ ପଇସା। ସେ ପଇସା ପୁଣି ହାତରୁ ଦିଆଯାଇଥାଏ ଓ ପରେ ଏସ୍‌ଡିଓଙ୍କ ଅଫିସକୁ ଦୁଇ ଚାରିଥର ଧାଇଁଲେ ମିଳେ। କନ୍‌ଷ୍ଟେବଲ ଡକେଇଲେ ମନାକରିବା କିମ୍ବା ଡାକୁଥିବା ବେଳେ ପଳେଇବା ଏଭଳି ଘଟଣା ଥିଲା ବିରଳ। କାରଣ ଲୋକଙ୍କ ଧାରଣା ଥିଲା, ଯମ କବଳରୁ ରକ୍ଷା ମିଳିପାରେ ପୋଲିସ କବଳରୁ ନୁହେଁ।

ସେ କାଳ ପଖାଳ ନାହିଁ। ଦୁଇଜଣ ଲୋକଙ୍କୁ ଆଣିବାକୁ ହେଲେ ୪ ଜଣ ପୋଲିସ ଯିବାକୁ ପଡୁଛି, କାରଣ ହାତକଡି ପକାଇବା ମନା। ତେଣୁ ହାତ ଧରି ଆଣିବାକୁ ପଡ଼ିବ। ଲୋକମାନେ ମଧ୍ୟ କହୁନାହାନ୍ତି ବିଦେଶୀ ଶାସନ ଭଲ ଥିଲା କି ନାହିଁ, ଏବେ କୁହାଯାଉଛି ଅମୁକ ପାର୍ଟିର ଶାସନ ଭଲ ଥିଲା। କିନ୍ତୁ ଏକା ସାଙ୍ଗେ ବାଘ ଛେଳି ପାଣି ପିଇବା କଥା ନ କହି କୁହାଯାଉଛି କିଏ ରାସ୍ତା କଲା, ନଳକୂପ ବସାଇଲା, ଆମ ପିଲାଙ୍କୁ ଚାକିରି ଦେଲା ଇତ୍ୟାଦି। କେବଳ ଆଇନଶୃଙ୍ଖଳା ରକ୍ଷାକରିବା ସର୍ବସାଧାରଣଙ୍କ ପାଇଁ ବଡ଼ କଥା ନୁହେଁ, ବଡ଼ କଥା ଆର୍ଥିକ ଉନ୍ନତି, ସାମାଜିକ ନ୍ୟାୟ ଓ ରାଜନୈତିକ ସଶକ୍ତୀକରଣ। ଲୋକେ ଚାହୁଁଛନ୍ତି ପ୍ରତ୍ୟେକ ସ୍ତରରେ କ୍ଷମତାରେ ଭାଗ ନେବା ପାଇଁ। ସେଥିପାଇଁ ହୋଇଛି ପଲ୍ଲିସଭା, ଗ୍ରାମସଭା, ପଞ୍ଚାୟତ ଅନୁଷ୍ଠାନ ଇତ୍ୟାଦି। ଦେଶ ଓ ରାଜ୍ୟର ଉନ୍ନତି ମାନେ ନୁହେଁ ଯେ କେବଳ ବଡ଼ ବଡ଼ ଶିଳ୍ପ ବସେଇଦେବା, ପଛୁଆ ବର୍ଗଙ୍କ ଉନ୍ନତିକୁ ଉପେକ୍ଷା କରି। ଆର୍ଥିକ, ରାଜନୈତିକ, ସାମାଜିକ କ୍ଷେତ୍ରରେ ସବୁ ବର୍ଗଙ୍କର ଉନ୍ନତି କରିବା ଏକ ସାମାଜିକ ଆହ୍ୱାନ। ସେଥିପାଇଁ ସବୁ ସରକାର ଚେଷ୍ଟିତ।

ଦେଶ ସ୍ୱାଧୀନ ହେବାବେଳେ ଆମ ଜନସଂଖ୍ୟା ଥିଲା ପ୍ରାୟ ୩୫ କୋଟି। ବର୍ତ୍ତମାନ ପ୍ରାୟ ୧୩୫ କୋଟିରେ ପହଞ୍ଚିଲାଣି। ସମାଜ ଥିଲା କୃଷିଭିତ୍ତିକ ଏବଂ କୃଷକମାନେ ନିର୍ଭର କରୁଥିଲେ ଇନ୍ଦ୍ର ଦେବତାଙ୍କ ଦୟା ଉପରେ। ଫସଲ ଭଲ ହେଲେ ମଧ୍ୟ ତାହା ହାଟରେ ପହଞ୍ଚିବା ଏକ ସମସ୍ୟା ଥିଲା। ବିନା ଜଳ ଓ ସାରରେ ଫସଲ ଅମଳ ମଧ୍ୟ କମ୍ ହେଉଥିଲା। ଜମିଦାରମାନେ ଅଧିକାଂଶ ଜମିକୁ ହାତମୁଠାରେ ରଖିଥିଲେ। ସରକାର ଦେଖିଲେ ଜମିଦାରି ବ୍ୟବସ୍ଥାକୁ ଉଚ୍ଛେଦ ନ କଲେ କୃଷିର ଉନ୍ନତି ହେବ ନାହିଁ। କାରଣ କୃଷକର କଷ୍ଟୋପାର୍ଜିତ ଫସଲର ଅଧାରୁ ଅଧିକ ଭାଗ ନେଉଥିଲେ ଜମିଦାର। ହାତମୁଠାରେ ଥିବା କୃଷକ ଜମିଦାରଙ୍କର ରାଜନୈତିକ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ ହେଉଥିଲା। ଆମ ଦେଶରେ ଭୂସଂସ୍କାର କରି ଜମିଦାରି ପ୍ରଥାକୁ ଉଚ୍ଛେଦ କରାଗଲା। ପରେ ଭାଗଚାଷୀ ଉଚ୍ଛେଦ ଆଇନ ପ୍ରଣୟନ ହେଲା। ପାକିସ୍ତାନ ତାହା ନ କରିବାରୁ ତାଙ୍କ ଦେଶକୁ ଶାସନ କରୁଛନ୍ତି ସୈନ୍ୟବାହିନୀ, ମୁଲ୍ଲା, ମୌଲବୀ ଓ ପୃଷ୍ଠଭୂମିରେ ଅଛନ୍ତି ଦଶବାର ଜଣ ବଡ଼ ବଡ଼ ଜମିଦାର। ପଣ୍ଡିତ ନେହେରୁ କେତୋଟି ବୃହତ୍ ଶିଳ୍ପ ସ୍ଥାପନ କଲେ, ନଦୀବନ୍ଧ ବାନ୍ଧିଲେ ଏବଂ ରାସ୍ତା ତିଆରି କଲେ। ସେତେବେଳର ଗରିବ ଭାରତ ପାଇଁ ଏସବୁର ଆବଶ୍ୟକତା ଥିଲା। ସରକାରଙ୍କ ଅର୍ଥନୀତି ଓ କୌଶଳ ବିଭିନ୍ନ ନେତାଙ୍କର ଆଭିମୁଖ୍ୟ ଓ ବିଭିନ୍ନ ଦଳର ଦର୍ଶନଙ୍କୁ ନେଇ ବଦଳିଲା।

ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଲେ ନରସିଂହ ରାଓ, ଯାହାକୁ କହିହେବ ଆର୍ଥନୀତିକ ସ୍ୱାଧୀନତା। ଆଧୁନିକୀକରଣ ଓ ବୈଷୟିକ କୌଶଳର ମୂଳଦୁଆ ପକାଇଲେ ରାଜୀବ ଗାନ୍ଧୀ। ଏ ସମସ୍ତ ପ୍ରକ୍ରିୟା ପ୍ରଶାସନିକ କଳର ଦାୟିତ୍ୱ ବହୁ ପରିମାଣରେ ବଢ଼େଇଦେଲା। ଇଂରେଜ ଅମଳରେ ଓ ସ୍ୱାଧୀନତା ପରେ ଅଳ୍ପ କେତେବର୍ଷ ପର୍ଯ୍ୟନ୍ତ ପ୍ରଶାସନିକ ଦାୟିତ୍ୱ ଥିଲା ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳିବା ଓ ରାଜସ୍ୱ ଆଦାୟ କରିବା। ଏବେ ଦାୟିତ୍ୱ ବଢ଼ିଲା, ଦରମା କମିଲା।

ଅନେକ ଆଇଏଏସ୍, ଆଇପିଏସ୍, ଆଲାଏଡ ଅଫିସର ଆଇଆଇଟି, ଆଇଆଇଏମ୍ କରି ଆସୁଛନ୍ତି। ତାଙ୍କ ସହପାଠୀମାନେ ୨୫ରୁ ୩୦ ଲକ୍ଷ ଟଙ୍କା (ବର୍ଷକୁ) ଦରମାରେ ଚାକିରି ଆରମ୍ଭ କରୁଛନ୍ତି। ଏମାନଙ୍କ ଦରମା ବାର୍ଷିକ ଚାରି ପାଞ୍ଚ ଲକ୍ଷରୁ କମ୍। ପୁଣି ପ୍ରବେଶ ବର୍ଷକୁ ବଢ଼େଇ ଦେବାରୁ ୩୫ରୁ ୩୬ ବର୍ଷରେ ମଧ୍ୟ ଚାକିରି ଆରମ୍ଭ କରୁଛନ୍ତି। ଯିଏ ଏତେ ପରିଣତ ବୟସରେ ଚାକିରି କଲା ସେ ନିଶ୍ଚୟ ଚାରି ପାଞ୍ଚ ଜାଗାରେ ଚାକିରି କରି ଆସିଥିବ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ କଳୁଷିତ। ପ୍ରଶାସନରେ ଥିବା ସବୁ ଗୋଷ୍ଠୀର ଅଫିସରଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କୁ ଛାଡିଦେଲେ ବାକି ସମସ୍ତଙ୍କ ନୈତିକ ମାନ କମ୍। ଏମାନେ ନେତା, ମନ୍ତ୍ରୀଙ୍କ ସହିତ ମିଶି ଲୁଟ୍‌ତରାଜ କରନ୍ତି କିମ୍ବା ଏଥିରେ ସାହାଯ୍ୟ କରନ୍ତି। ଯେଉଁମାନେ ନିରପେକ୍ଷ ଓ ସଚ୍ଚୋଟ ସେମାନଙ୍କ ପାଇଁ ଶ୍ରଦ୍ଧା ଥାଏ କିନ୍ତୁ ସେମାନେ ଉପେକ୍ଷିତ ହୁଅନ୍ତି। ମୋର ଜଣେ ଘନିଷ୍ଠ ବନ୍ଧୁ ଏକଦା ମନ୍ତ୍ରୀ ହୋଇଥିଲେ ଓ ସେ ଜଣେ ସଚ୍ଚୋଟ ଅଫିସରଙ୍କୁ ବଦଳି କରିବାରୁ ମୁଁ ପଚାରିଲି ଓ ସେ କହିଲେ ଭାଇ ତୁମ ସଚ୍ଚୋଟପଣିଆକୁ ନେଇ ଆମେ କ'ଣ କରିବୁ, ଆମର କାମ ଦରକାର।

ଠିକ୍ କଥା ତାଙ୍କର କାମ ଦରକାର। କାମ କଲେ ମିଳିବ ଭୋଟ। ତୁଳନା କରନ୍ତୁ ୧୯୩୦ ମସିହାର ଏକ ଘଟଣା ସହିତ। ଗଙ୍ଗାରାମ କଉଲା ବୋଲି ଜଣେ ଏ.ଜି. ଥିଲେ। ସେତେବେଳର ଭାରତ ସରକାରଙ୍କର ଅର୍ଥ ବିଭାଗ ସଦସ୍ୟ (ଅର୍ଥାତ୍ ମନ୍ତ୍ରୀ), ନିୟମ ଅନୁସାରେ ଯେତିକି କିଣିବା କଥା, ତାଠୁ ବେଶି ଦରରେ ଗୋଟିଏ ଗାଲିଚା କିଣି ପକେଇଲେ। ଗଙ୍ଗାରାମ କଉଲା ଆଦେଶ ଦେଲେ ଯେ ଅଧିକା ପଇସା ତାଙ୍କ ଦରମାରୁ କଟାଯାଉ। ଭୀଷଣ ରାଗିଯାଇ ମନ୍ତ୍ରୀ କଉଲାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଲେଖିଲେ ଯେ ସେ ଏ.ଜି. ପଦବୀ ପାଇଁ ଅଯୋଗ୍ୟ। ଉପରିସ୍ଥ କର୍ମଚାରୀ ଯଦିବା ଇଂରେଜ, ସେ କଉଲାଙ୍କୁ ସମର୍ଥନ କଲେ, ତେଣୁ ତାଙ୍କର କିଛି କ୍ଷତି ହେଲାନାହିଁ।

ମନ୍ତ୍ରୀ ବିଧାନସଭା କିମ୍ବା ସଂସଦ ମାଧ୍ୟମରେ ଆଇନ କରନ୍ତି କିନ୍ତୁ ଆଇନକୁ କାର୍ଯ୍ୟକାରୀ କରନ୍ତି ସରକାରୀ କର୍ମଚାରୀ। ସେହି ସ୍ତରରେ ମତଭେଦ, ମନୋମାଳିନ୍ୟ, ସଂଘର୍ଷ ଏବଂ ବଦଳିର ସମ୍ଭାବନା ଥାଏ। କିନ୍ତୁ ଏବେ ଅନେକ ଅଧିକାରୀ (ବିଭିନ୍ନ ବିଭାଗରେ) ସ୍ରୋତ ସାଙ୍ଗେ ଭାସୁଛନ୍ତି। ଗୋଟିଏ ଦଳ ମନ ଜାଣି କାମ କରନ୍ତି, ତାଙ୍କୁ କିଛି କହିବା ଦରକାର ନାହିଁ। ଏମାନଙ୍କୁ ନେବା ପାଇଁ ସମସ୍ତେ ଇଚ୍ଛୁକ। ୨ୟ ଦଳ ଯିଏ କହିଲେ ଇଚ୍ଛା ଅନୁସାରେ କାମ କରିଦେବେ। ଏମାନଙ୍କର ମଧ୍ୟ ଆବଶ୍ୟକତା ଅଛି। ୩ୟ ଦଳ ପ୍ରତିବାଦ କରିବେ କିନ୍ତୁ ଧମକ, ପ୍ରଲୋଭନ ଦେଖେଇଲେ ନଇଁଯିବେ। ୪ର୍ଥ ହେଲେ ଅଟଳ ଗୋଷ୍ଠୀ। ଏମାନେ ଫୁଟ୍‌ବଲ ଭଳି କିକ୍ ଖାଉଥିବେ ଓ ଅନାବଶ୍ୟକ ହୋଇ ରହିଯିବେ, ଯଦିବା ମୁଣ୍ଡଟେକି ସେମାନେ ଚାଲିପାରନ୍ତି। ଆମ୍ଭେମାନେ ଯେତେବେଳେ ଚାକିରିରେ ଯୋଗ ଦେଲୁ (୧୯୬୭) ସେତେବେଳେ ଉଚ୍ଚ ସ୍ତରରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସଂଖ୍ୟା ଗଣି ହେଉଥିଲା। ଏବେ ସଚ୍ଚୋଟ କର୍ମଚାରୀଙ୍କ ସଂଖ୍ୟା ଗଣି ହେଉଛି। ୧୯୬୭ ପରେ ବାରମ୍ବାର ତଦନ୍ତ କମିଶନ ବସିଲା। ଜରୁରିକାଳୀନ ପରିସ୍ଥିତି ସମୟରେ କର୍ମଚାରୀଙ୍କ ନାକରେ ରଶି ଲଗେଇ ଘୋଷାଡିବା ପୁଣି ୭୭ ମସିହାରେ ସେମାନଙ୍କୁ ତଦନ୍ତ କମିଶନ ଆଗରେ ଠିଆ କରେଇ ଅପ୍ରସ୍ତୁତ ଓ ଲଙ୍ଗଳା କରିବା ସେମାନଙ୍କ ମନୋବଳ ଭାଙ୍ଗିଦେଇଛି। ଏବେ ବାରମ୍ବାର ରାଜନୈତିକ ହସ୍ତକ୍ଷେପ ଦ୍ୱାରା ଇଂରେଜ ସମୟରେ ହୋଇଥିବା ଶକ୍ତ ନୌକାଟି ଦଦରା ନାବରେ ପରିଣତ ହେଲାଣି। ଅନେକ କମିଶନ ବସିଲାଣି କିନ୍ତୁ ସେମାନଙ୍କ ପ୍ରସ୍ତାବଗୁଡ଼ିକ କେବଳ ଉଇ ପଡୁଛନ୍ତି। ଯଦି ଦୁର୍ନୀତି ଓ କାର୍ଯ୍ୟଭାର କମିଯିବ ଏବଂ ଯୁବ ବୟସରୁ ପିଲାଙ୍କୁ ଚାକିରିରେ ନିଆଯିବ ତେବେ ଅବସ୍ଥା ସୁଧୁରିପାରେ।

ପୂର୍ବତନ ଡିଜି, ମୋ–୯୦୪୦୪୧୨୩୭୮

# କିଛି ନ ଜାଣି ବାହୁସ୍ଫୋଟ



ପ୍ରେମାନନ୍ଦ ନାୟକ

ନିକଟ ଅତୀତରେ ନିଜକୁ ପ୍ରଥମେ ସାମ୍ବାଦିକ ଓ ପରେ ଗବେଷକ କହୁଥିବା ଜଣେ ଅନାମଧେୟ ବ୍ୟକ୍ତି ଅଭିଜିତ ଆୟାର ମିତ୍ର ଓଡ଼ିଆ ଭାଷା, ଜାତି, ସଂସ୍କୃତି, ଐତିହ୍ୟ ଓ ବିଧାୟକମାନଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇ ୪୩ ଦିନ ହାଜତରେ ରହିବା ପରେ କୋର୍ଟରୁ ଜାମିନ ପାଇ ଚେନ୍ନାଇ ଫେରିଯାଇଛନ୍ତି। ନିଜର ସେହି ଭୁଲ ପାଇଁ ସେ କ୍ଷମା ମାଗିବା ପରେ ଓଡ଼ିଶା ସରକାର ମଧ୍ୟ ନିଜର ମହାନୁଭବତା ପ୍ରଦର୍ଶନ କରି ତାଙ୍କୁ କ୍ଷମା କରିଦେଇଛନ୍ତି। ଅଭିଜିତ ପିଲାଦିନେ ଗୁରୁମା'ଙ୍କ ଚେତାବନୀକୁ ସ୍ମରଣକରି ଅନୁତାପ ମଧ୍ୟ କରିଛନ୍ତି।

ଅନ୍ୟ ଜଣେ ପ୍ରଗଲ୍‌ଭ ବ୍ୟକ୍ତି ମାର୍କଣ୍ଡେୟ କାଟ୍‌ଜୁ ପ୍ରାୟ ଦୁଇବର୍ଷ ତଳେ ଓଡ଼ିଆ ଭାଷା, ଜାତି, ସଂସ୍କୃତିକୁ ନିନ୍ଦାକରି ମନ୍ତବ୍ୟ ଦେବା ପରେ ନିଜର ଭୁଲ ପାଇଁ ଦୁଃଖ ପ୍ରକାଶ କରିଥିଲେ। ଏବେ ଅଭିଜିତ ଆୟାର ମିତ୍ର ୪୩ ଦିନ ଓଡ଼ିଶା ଜେଲରେ ରହି ମୁକୁଳିବା ପରେ କାଟ୍‌ଜୁଙ୍କର ସେହି ତୁଣ୍ଡ ପୁଣି ଖଲଖଲ ହେଲାଣି। ସେ ଖୋଲାଖୋଲି ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କୁ ଚାଲେଞ୍ଜ କରି ସାହସ ଥିଲେ ତାଙ୍କୁ ବି ଗିରଫକରି ୪୩ ଦିନ ଜେଲରେ ରଖିବାକୁ ଟୁଇଟରରେ ଉଲ୍ଲେଖ କରିଛନ୍ତି। ସେ ବୋଧହୁଏ ଅତୀତରେ ନିଜର ଦୁଃଖ ପ୍ରକାଶ ବିଷୟ ଭୁଲି ଯାଇଛନ୍ତି।

ଦେଶରେ କାଟ୍‌ଜୁଙ୍କ ଭଳି କେତେକ ତଥାକଥିତ ବୁଦ୍ଧିଜୀବୀ ଅଛନ୍ତି, ଯେଉଁମାନେ ବାକ୍ ସ୍ୱାଧୀନତାର ଦୁହାଇଦେଇ ବହୁତ ବକ୍‌ବକ୍ କରନ୍ତି ଏବଂ ପରେ ସମାଲୋଚନା ହେଲେ ନିଃସର୍ତ୍ତ ଦୁଃଖ ପ୍ରକାଶ କରି କ୍ଷମା ପ୍ରାର୍ଥନା କରନ୍ତି। ଅତୀତରେ ସେହି କାଟ୍‌ଜୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ସମାଲୋଚନା କରି ଯେଉଁ ହଟହଟା ହୋଇଥିଲେ ତାହା ଜଣାଶୁଣା। ଏହା ତାଙ୍କର ଅଭ୍ୟାସଗତ କହିଲେ ଚଳେ। ଏସବୁର ଏକମାତ୍ର କାରଣ ହେଉଛି ଏହି ଶ୍ରେଣୀର ବ୍ୟକ୍ତିମାନେ ନିଜକୁ ସବ୍‌ଜାନ୍ତା ବା ସର୍ବଜ୍ଞ ମନେ କରନ୍ତି। ବିଦେଶୀ (ଇଂଲିଶ) ଭାଷା ପଢ଼ି ଆଇନ ବିଦ୍ୟା ଅଧ୍ୟୟନ କରିଦେଲେ ଯେ ଜଣେ ସବୁ ବିଷୟରେ ପଣ୍ଡିତ ହୋଇଯିବ ତାହା ଏକ ଭ୍ରମ ଧାରଣା। ପ୍ରକୃତରେ ଜ୍ଞାନର ପରିସୀମା ଦିଗନ୍ତବିସ୍ତାରୀ। ଯିଏ ନିଜର ସ୍ୱଳ୍ପ ଜ୍ଞାନର ଗଣ୍ଡି ଭିତରେ ରହି ନିଜକୁ ପଣ୍ଡିତ ବୋଲି ଗର୍ବ କରେ ତାକୁ କୂପମଣ୍ଡୁକ ଆଖ୍ୟା ଦିଆଯାଏ। ତା'ଠାରୁ ବଳି ବଡ଼ ମୂର୍ଖ ବା ନିର୍ବୋଧ ବୋଧହୁଏ ପୃଥିବୀରେ ଅନ୍ୟ କେହି ନାହିଁ। ସମ୍ଭବତଃ କାଟ୍‌ଜୁ ସେହି ଶ୍ରେଣୀରେ ଅନ୍ତର୍ଭୁକ୍ତ। ଆମର ପ୍ରଶ୍ନ ହେଉଛି, ପୁରାଣ ଇତିହାସ ଯୁଗରୁ କଳିଙ୍ଗ ନାମରେ ପରିଚିତ ଓଡ଼ିଶାର ହଜାର ହଜାର ବର୍ଷର ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ଓଡ଼ିଆ ଭାଷା, ଜାତି ସମ୍ପର୍କରେ କାଟ୍‌ଜୁ କେତେ ଜାଣିଛନ୍ତି? ଆମର ତାଙ୍କୁ ପରାମର୍ଶ ଯେ ସେ ପ୍ରଥମେ ଓଡ଼ିଶାର ଇତିହାସ ପଢ଼ନ୍ତୁ, ତା'ପରେ ନିଜର ମନ୍ତବ୍ୟ ଦିଅନ୍ତୁ। କାଟ୍‌ଜୁ ଓଡ଼ିଶାକୁ ଚାଲେଞ୍ଜ କରିଛନ୍ତି ଯେ, ସାହସ ଥିଲେ ତାଙ୍କୁ ଗିରଫ କରି ୪୩ ଦିନ ହାଜତରେ ରଖି ଦେଖାଅ। ଯେହେତୁ ସେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତି, ତେଣୁ ସେ ନିଜକୁ ଜଣେ ଆଇନ ବିଶାରଦ ଓ ଆଇନର ହାତ ତାଙ୍କ ପର୍ଯ୍ୟନ୍ତ ଅପହଞ୍ଚ ବୋଲି ମନେକରନ୍ତି। ସେହି ଅହଙ୍କାରର ବଶବର୍ତ୍ତୀ ହୋଇ ସେ ଏଭଳି ବିଷ ଉଦ୍‌ଗିରଣ କରିଛନ୍ତି।

ଦିଲ୍ଲୀରେ ବସି ଫେସ୍‌ବୁକ ବା ଟୁଇଟରରେ କୌଣସି ଜାତି ବିରୋଧରେ ମନ୍ତବ୍ୟ ଦେଇ ମନେମନେ ଉଲ୍ଲସିତ ହେବା ସୁବିଧାଜନକ। ଗରମପାଣିରେ ଘର ପୋଡ଼ି ନ ଯିବା ଭଳି ଏପ୍ରକାର ଉପହାସପୂର୍ଣ୍ଣ ମନ୍ତବ୍ୟରେ କାହାର ତିଳେମାତ୍ର କ୍ଷତି ହୁଏ ନାହିଁ। ଅଭିଜିତ ଆୟାର ଓଡ଼ିଶାକୁ ଆସି ଏଠାରେ ଓଡ଼ିଶା ବିରୋଧରେ ଅରୁଚିକର ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ୪୩ ଦିନ ଜେଲଦଣ୍ଡ ଭୋଗିବାକୁ ହେଲା। ତେବେ ଯାହାହେଉ ଶେଷରେ ତାଙ୍କର ସଦ୍‌ବୁଦ୍ଧି ଉଦୟ ହେଲା। କାଟ୍‌ଜୁଙ୍କୁ ଆମେ ମଧ୍ୟ ଆହ୍ୱାନ କରୁଛୁ, ତାଙ୍କର ସାହସ ଅଛି ତ ଓଡ଼ିଶା ଆସି ଓଡ଼ିଶା ମାଟିରେ ଓଡ଼ିଆଙ୍କ ବିରୋଧରେ କଟୁ ମନ୍ତବ୍ୟର ପୁନରାବୃତ୍ତି କରନ୍ତୁ। ଏଠାରେ ତାଙ୍କୁ କିଭଳି ତତ୍କାଳ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିବ ତାହା ସେ ସଙ୍ଗେ ସଙ୍ଗେ ଅଙ୍ଗେ ନିଭାଇବେ।

ଶହୀଦନଗର, ଭୁବନେଶ୍ୱର,
ମୋ– ୯୪୩୭୩୮୨୧୦୦

## ଏଇ ଭାରତରେ

ଦୁନିଆରେ ଅନେକ ଲୋକ ଅଛନ୍ତି ଯେଉଁମାନେ ପରୋପକାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟନ୍ତି। ଟଙ୍କା ପଇସା ପ୍ରତି ସମସ୍ତଙ୍କର ଲୋଭ ଥାଏ। ରାସ୍ତାରୁ ଟଙ୍କା ପାଇଲେ କାହାର ମନ ଖୁସିରେ ପୂରି ନ ଯାଏ? ଏହାକୁ ଚୁପ୍‌ଚାପ୍ ରଖିଦେବାକୁ ମନହୁଏ। କିନ୍ତୁ ଲୋଭରୁ ଜଣେ ବ୍ୟକ୍ତି ନିବୃତ୍ତ ରହି ପାଇଥିବା ଟଙ୍କା ହରାଇଥିବା ଲୋକଙ୍କୁ ଫେରାଇଦେବା ଘଟଣା ନିଆରା ନିଶ୍ଚୟ। ଏପରି ଏକ ଘଟଣା ଘଟିଛି ସୁରଟରେ। ଏଠିକାର ଜଣେ ଅଟୋ ଗ୍ୟାରେଜ ମାଲିକ ରାସ୍ତାରେ ପଡ଼ିଥିବା ୨ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍‌କୁ ପୋଲିସ ଥାନା ଜିମା ଦେଇଥିଲେ। ପରେ ପୋଲିସ ଏହାକୁ ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଛନ୍ତି। ସ୍ଥାନୀୟ କଟାରଗାମ୍‌ର ବାସିନ୍ଦା ରାଜକୁମାର ଲଡୁଲାଲ୍ ଖାଟିକ୍ ଅଟୋ ଗ୍ୟାରେଜ ଚଳାନ୍ତି। ସେ ବୁଧବାର ସ୍କୁଲ୍ ନିକଟସ୍ଥ ରାସ୍ତାରୁ ୨ଲକ୍ଷ ଟଙ୍କା ପାଇଥିଲେ। ଏହାକୁ ଧରି ସେ ଥାନାକୁ ଯାଇଥିଲେ। ସେଠାରେ ରାଜକୁମାର ପୋଲିସ ଇନ୍‌ସପେକ୍ଟର ସମୀର ଜୋଷୀଙ୍କୁ ଏହି ଟଙ୍କା ହସ୍ତାନ୍ତର କରିଥିଲେ। ପରେ ସିସିଟିଭି କ୍ୟାମେରା ଫୁଟେଜରୁ ଟଙ୍କାର ପ୍ରକୃତ ମାଲିକ ଆନନ୍ଦ ଜୋଷୀଙ୍କୁ ଥାନାକୁ ଡକାଯାଇ ତାଙ୍କୁ ଟଙ୍କା ଫେରାଇ ଦିଆଯାଇଛି। ରାଜକୁମାରଙ୍କ ଏଭଳି ପ୍ରଶଂସନୀୟ କାର୍ଯ୍ୟ ପାଇଁ ତାଙ୍କୁ ପୋଲିସ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

### ୨୧ ଡିସେମ୍ବର ୧୯୯୩

- ବାଣିଜ୍ୟ, କୃଷି, ପର୍ଯ୍ୟଟନ ଓ ଦୂରସଞ୍ଚାର କ୍ଷେତ୍ରରେ ଥିବା ଦ୍ୱିପାକ୍ଷିକ ସହଯୋଗ ସମ୍ପ୍ରସାରଣ ଓ ଉନ୍ନତି ପାଇଁ ଭାରତ ଓ ୟୁରୋପୀୟ ସମୁଦାୟ (ଇ.ସି.) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଅଯୋଧ୍ୟା ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଥିବା ଭାଜପା ନେତା ଏଲ.କେ. ଆଡଭାନୀ ମୁକ୍ତ।

## ଚିରନ୍ତନୀ

ଯେତେ କୋଟି ଯାତ୍ରୀ–ପଦ ପଡିଛି ଏ ମନ୍ଦିର ଦୁଆରେ
ଭବିଷ୍ୟତେ ଯେତେ ପୁଣି ଲାଗିବ ଏ ପାଷାଣ ହିୟାରେ
ନ ରହିବ ଇତିହାସ ନ ରହିବ ଚିହ୍ନ,
ଏ ପାଷାଣ ଗାତ୍ର କାହିଁ ନୋହିବ ବିଦୀର୍ଣ୍ଣ,
କିନ୍ତୁ ସେ ଯେ ବିଶ୍ୱାସ ଭକତି
ତା' ଉଦ୍ଦେଶ୍ୟେ ଜଣାଏଁ ମୁଁ ନତି !
ମାନବ–ଜୀବନେ
ଅମୂଲ୍ୟ ସେ ଧନ
ନମସ୍କାର
ବାରମ୍ବାର। (ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | 0 | | | B | | | | | | 7 | | 9 |
| 9 | | | | | | | | 4 | | | 0 | | 6 | |
| | | C | | | | | 2 | | 5 | 6 | | | 1 | |
| 3 | | | | | 8 | | | | | E | | | D | |
| 7 | A | D | | E | 9 | | | | | | | | | |
| | | | 5 | | | 0 | 9 | | | A | | | | |
| | | | | 6 | 7 | 2 | | | | | | | 5 | |
| D | | | A | | B | | | 3 | | | 6 | 0 | E | 8 |
| | | 4 | | | 1 | | 8 | | 7 | 3 | | | A | |
| B | 7 | | | | D | | | | | | | | 4 | |
| | B | | | 4 | | 8 | 6 | | | C | D | | 0 | |
| | | | | | | 7 | | | 0 | | B | | C | D |
| 8 | | 0 | | 5 | 3 | | | | | | | | | |
| | 9 | 6 | 1 | | | | B | C | | | A | | | 7 |
| E | | | | | | | 1 | | 6 | 4 | 7 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 8 | C | 1 | 0 | 3 | 7 | E | 2 | 6 | 9 | A | 5 | B |
| 6 | A | 5 | 3 | 9 | 8 | 1 | C | B | D | 4 | 0 | 7 | 2 | E |
| 3 | 1 | E | 5 | B | 2 | 9 | 4 | 0 | 7 | C | A | D | 8 | 6 |
| 2 | 0 | 9 | 6 | E | 7 | 8 | D | A | 3 | B | 5 | C | 1 | 4 |
| B | C | 7 | A | D | 4 | 5 | 2 | 6 | 1 | 8 | E | 9 | 0 | 3 |
| 5 | 3 | 6 | E | C | A | 2 | B | 1 | 8 | 0 | D | 4 | 7 | 9 |
| 9 | D | 0 | 4 | 2 | 5 | A | 6 | 8 | E | 7 | B | 1 | 3 | C |
| C | 2 | B | 0 | 3 | 1 | 7 | 9 | 4 | 5 | A | 6 | 8 | E | D |
| 8 | E | A | B | 7 | 9 | D | 3 | C | 4 | 1 | 2 | 0 | 6 | 5 |
| 4 | 7 | 1 | D | 8 | 6 | E | 0 | 5 | 9 | 3 | C | 2 | B | A |
| A | 8 | 3 | 9 | 4 | E | B | 5 | 7 | 0 | D | 1 | 6 | C | 2 |
| 0 | 9 | 2 | 7 | 5 | C | 6 | 8 | 3 | A | E | 4 | B | D | 1 |
| E | B | 4 | 8 | 6 | D | 0 | 1 | 2 | C | 9 | 3 | 5 | A | 7 |
| 7 | 5 | C | 1 | A | B | 4 | E | D | 6 | 2 | 8 | 3 | 9 | 0 |
| 1 | 6 | D | 2 | 0 | 3 | C | A | 9 | B | 5 | 7 | E | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଛାତ୍ର ସଂସଦ ନିର୍ବାଚନ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ଅଚ୍ୟୁତ ସାମନ୍ତଙ୍କ ଛାତ୍ରସଂସଦ ନିର୍ବାଚନ ଏକ ଅନୁଶୀଳନ ଲେଖାଟି ପାଠ କରି ଖୁସି ହେଲି। ପ୍ରତିବର୍ଷ ଛାତ୍ର ସଂସଦ ନିର୍ବାଚନରେ ଅଶାନ୍ତି ଓ ବିଶୃଙ୍ଖଳା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ବାତାବରଣକୁ କଳୁଷିତ କରିଦେଉଛି। ତେଣୁ ଲେଖକଙ୍କ ମତ ଅନୁଯାୟୀ ସଭାପତି, ଉପସଭାପତି ଓ ଅନ୍ୟାନ୍ୟ ପଦପଦବୀ ପାଇଁ ଭଲ ଛାତ୍ରମାନଙ୍କୁ ବଛାଯାଉ। ଏଥିପାଇଁ ପିଲାର ମେଧା, ଉତ୍ତମ ବ୍ୟବହାର ଓ ନିୟମିତ ଉପସ୍ଥାନକୁ ବିଚାରକୁ ନିଆଯାଉ। ଏହାଫଳରେ ପିଲାମାନେ ପାଠପଢା ପ୍ରତି ଅଧିକ ଧ୍ୟାନ ଦେବେ।

ଡ. ବାବାଜୀ ଚରଣ ସେଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ,
ଶ୍ରୀରାମନଗର, ଭୁବନେଶ୍ୱର

### ବଡ଼ ଲୋକଙ୍କ ଛୋଟ କାମ

ଧରିତ୍ରୀ (୨୫।୧୧)ରେ ପ୍ରକାଶିତ ପ୍ରକାଶବାବୁଙ୍କ ପ୍ରବନ୍ଧ ବଡ଼ ଲୋକଙ୍କ ଛୋଟ କାମ ପଢିଲା ପରେ ମନେପଡିଲା ଗଳ୍ପଟିଏ। ରାଜ୍ୟର ରାଜା ଚୋରକୁ ଶୂଳୀ ଦେଉଥାନ୍ତି। ଏହି ସମୟରେ ଚୋରଟି କହିଲା– ହଜୁର ବୁଢାବାପାଙ୍କଠାରୁ ଗୋଟେ ବିଦ୍ୟା ଶିଖିଥିଲି। ମୁଁ ମଲାପରେ ତାହା ଗୋପନ ରହିଯିବ। ରାଜା ଅନୁମତି ଦେବାରୁ ଚୋର କହିଲା: ତାହା ହେଉଛି ସୁନା ଚାଷ। ରାଜାଙ୍କ ଆଗ୍ରହ ବଢ଼ିଲା। ତିଥିଲଗ୍ନ ଧରା ହୋଇ ପଣ୍ଡିତମାନେ ରାଜପ୍ରାସାଦ ଅଭ୍ୟନ୍ତରରେ ସ୍ଥାନ ପ୍ରସ୍ତୁତି କଲେ। ଅନୁକୂଳ ହେଲା। ସୁନା ଲଙ୍ଗଳ ଓ ତୋଫା ଧଳା ବଳଦ ଯୋଚି ଚାଷ କରାଗଲା। ସୁନା ମଞ୍ଜି ଟୋକେଇରେ ଆସିଲା। ରାଜା ଚୋରକୁ କହିଲେ ଏଥର ମଞ୍ଜି ବୁଣା ହେଉ। ହାତ ଯୋଡି ଚୋର କହିଲା– ହଜୁର ମୁଁ ସେ କାମ କରିପାରିଥିଲେ ଚୋରି କାହିଁକି କରିଥାନ୍ତି? କାରଣ ଏଥିଲାଗି ଏକ ସର୍ତ୍ତ ଅଛି। ତାହା ହେଲା ଯିଏ ଜୀବନରେ ଥରେ ମାତ୍ର ବି ଚୋରି କରି ନ ଥିବ, ସିଏ ବୁଣିଲେ ସୁନା ଫଳିବ ନଚେତ୍ କିଛି ହେବ ନାହିଁ। ରାଜା ଅନେଇଲେ ମନ୍ତ୍ରୀଙ୍କୁ, ମନ୍ତ୍ରୀ ଚାହିଁଲେ ସେନାପତିଙ୍କୁ, ସେନାପତି ଚାହିଁଲେ ରାଜ ପୁରୋହିତଙ୍କୁ। ପୁରୋହିତ କହିଲେ ଆଜ୍ଞା ପେଟ ପୋଷ ନାହିଁ ଦୋଷ। କର୍ମକାଣ୍ଡ ବେଳେ ବଳା ଉଗୁଳା ଧନକୁ ନେବା ମୋର ଅଭ୍ୟାସ। ତେଣୁ ଏ କାମ ପାଇଁ ମୁଁ ଉପଯୁକ୍ତ ନୁହେଁ। ସେନାପତି କହିଲେ– ରାଜ୍ୟ ଜୟ ପରେ ପଡୋଶୀ ରାଜ୍ୟର କୋଷାଗାର ଲୁଣ୍ଠନ ବେଳେ ନିଜ ପାଣ୍ଠି ବଢାଇବା କାମ ବେନିୟମ ଭାବରେ କରିଛି। ମନ୍ତ୍ରୀ କହିଲେ– ଏସବୁ ତ ଆମର ନିୟମିତ କାର୍ଯ୍ୟ। ଶେଷରେ ରାଜା କହିଲେ ରାଜକୁମାର ଥିଲାବେଳେ ଖର୍ଚ୍ଚବାର୍ଚ୍ଚ କରିବାକୁ ସେ ମଧ୍ୟ କେତେଥର କୋଷାଗାରରୁ ହାତ ସଫେଇ କରିଛନ୍ତି। ଚୋର ଜଣକ କହୁଥାଏ ହଜୁର ଯେତେ ଜଲଦି ଫାଶୀ ଦିଅନ୍ତୁ। ସତରେ ବଡ଼ଲୋକ ଯଦି ନିର୍ଲୋଭ ହୋଇଥାନ୍ତେ ତେବେ ବିଜୟ ମାଲ୍ୟା, ନୀରବ ମୋଦିଙ୍କ ପରି ବ୍ୟକ୍ତିତ୍ୱ ବଞ୍ଚିବା ପାଇଁ ଦେଶତ୍ୟାଗ କରନ୍ତେନି କି ସ୍ୱାଭିମାନୀ କୃଷକ ଋଣ ପରିଶୋଧ କରି ନ ପାରି ଦେହତ୍ୟାଗ କରନ୍ତେନି।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୁର୍ଲା

### ସଫେଇ ଓ ସିକ୍ୟୁରିଟି ସଂସ୍ଥା

ଦେଶର ବିଭିନ୍ନ ସ୍ଥାନରେ ଅନେକ ସଫେଇ ଏବଂ ସିକ୍ୟୁରିଟି ସଂସ୍ଥା ଗଢ଼ି ଉଠିଲାଣି। ସେମାନେ ଅନେକ ବେକାର ଯୁବତୀଯୁବକଙ୍କୁ ଚାକିରି ଯୋଗାଇ ଦେଉଛନ୍ତି। ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ଏହି ସିକ୍ୟୁରିଟି ସଂସ୍ଥାରୁ ଯୁବତୀଯୁବକଙ୍କୁ ନେଇ ନିଜ ସଂସ୍ଥାରେ କାର୍ଯ୍ୟ କରାଇଥାନ୍ତି। ଏହି ସଂସ୍ଥାଗୁଡ଼ିକ ଶ୍ରମିକ ଆଇନ ଅନୁସାରେ ଶ୍ରମ ବିଭାଗରେ ପଞ୍ଜୀକୃତ ହୋଇଥାନ୍ତି। ଯେଉଁ ଯୁବତୀଯୁବକମାନେ ଏହି ସଂସ୍ଥାରେ ପଞ୍ଜୀକୃତ ହୁଅନ୍ତି, ସେମାନଙ୍କୁ ବୀମା, ସ୍ୱାସ୍ଥ୍ୟସେବା ଏବଂ ଇପିଏଫ୍ ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା ଥାଏ। କିନ୍ତୁ ଦେଖାଯାଉଛି, ଯେଉଁ ଲୋକମାନଙ୍କୁ ବିଭିନ୍ନ ସଂସ୍ଥାରେ ନିୟୋଜିତ କରାଯାଉଛି ସେ ସଂସ୍ଥା ସହିତ ମୂଳଚାଲ କରି ଏହି ସଂସ୍ଥାମାନେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଆଣନ୍ତି, କିନ୍ତୁ ସେ ଲୋକଙ୍କୁ ସରକାରୀ ନିୟମ ଅନୁସାରେ ପାରିଶ୍ରମିକ ଦିଅନ୍ତି ନାହିଁ କିମ୍ବା ସେ ଲୋକ ନା ଇନସ୍ୟୁରାନ୍ସ ନା ସ୍ୱାସ୍ଥ୍ୟସେବା ନା ଇପିଏଫ୍ ପାଏ। ଏଭଳି କାରବାର ଶ୍ରମ ବିଭାଗର ଅଫିସର, କର୍ମଚାରୀ ଏବଂ ସିକ୍ୟୁରିଟି ଓ ସଫେଇ ସଂସ୍ଥାର ସଲାସୁତୁରାରେ ରୀତିମତ ଚାଲିଛି। ଏହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ।

ଅକ୍ଷୟ ମହାନ୍ତି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଷ୍ଟାର୍ଟଅପ୍‌ରେ ଓଡ଼ିଶା ଶୀର୍ଷ ପ୍ରଦର୍ଶନକାରୀ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଔଦ୍ୟୋଗିକ ନୀତି ଓ ସମ୍ବର୍ଦ୍ଧନା ବିଭାଗ (ଡିଆଇପିପି) ଦ୍ୱାରା ରାଜ୍ୟ ଷ୍ଟାର୍ଟଅପ୍ ମାନ୍ୟତା-୨୦୧୮ରେ ଓଡ଼ିଶାକୁ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଘୋଷଣା କରାଯାଇଛି। ସର୍ବମୋଟ ୩୮ଟି ମାନଦଣ୍ଡକୁ ବିଚାରକୁ ନେଇ ଏହି ମାନ୍ୟତା ପ୍ରଦାନ କରାଯାଇଛି।

ବିଭିନ୍ନ ରାଜ୍ୟରେ ଥିବା ଷ୍ଟାର୍ଟଅପ୍ ପରିବେଶ ଓ ହିତାଧିକାରୀଙ୍କ ମତାମତକୁ ନେଇ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଷ୍ଟାର୍ଟଅପ୍ ନୀତି କାର୍ଯ୍ୟକାରିତା, ଇନ୍‌କ୍ୟୁବେଶନ ହବ୍, ସିଡିଙ୍ଗ୍ ଇନୋଭେଶନ, ରେଗୁଲେଟୋରି ଚେଞ୍ଜ ଫ୍ରେମ୍ ୱାର୍କ, ପବ୍ଲିକ୍ ପ୍ରୋକ୍ୟୁରମେଣ୍ଟ ଇନିସିଏଟିଭ୍ ଆଣ୍ଡ କମ୍ୟୁନିକେଶନ ଆଦି ମାନଦଣ୍ଡକୁ ବିଚାରକୁ ନେଇ ଓଡ଼ିଶାକୁ ଏହି ମାନ୍ୟତା ଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଭାରତୀୟ କେନ୍ଦ୍ରଠାରେ ଆୟୋଜିତ ଏକ ଉତ୍ସବରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ରାଜ୍ୟ ସରକାରଙ୍କ ପକ୍ଷରୁ ଶୀର୍ଷ ପ୍ରଦର୍ଶନକାରୀ ପୁରସ୍କାର ଗ୍ରହଣ କରିଛନ୍ତି। ଏ ନେଇ ପୁରସ୍କାର ପ୍ରଦାନ କରିଥିବା ଡିଆଇପିପିର ସଚିବ ରମେଶ ଅଭିଷେକ କହିଛନ୍ତି ଯେ, ଏକ ଷ୍ଟାର୍ଟଅପ୍ ଅନୁକୂଳ ପରିବେଶ ସୃଷ୍ଟି ଦିଗରେ ଓଡ଼ିଶା ସରକାରଙ୍କ ବଳିଷ୍ଠ ଉଦ୍ୟମ ପ୍ରଶଂସନୀୟ।

ଷ୍ଟାର୍ଟଅପ୍ ଓଡ଼ିଶା ଇନିସିଏଟିଭ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ରାଜ୍ୟ ସରକାରଙ୍କ ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ୨୦୨୦ ସୁଦ୍ଧା ଏକ ହଜାର ଷ୍ଟାର୍ଟଅପ୍‌କୁ ସହାୟତା ପ୍ରଦାନ କରିବା ଏବଂ ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଷ୍ଟାର୍ଟଅପ୍ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ପ୍ରଶାସନ ଉଦ୍ୟମ ଜାରି ରଖିଛି। ଏକ ଉତ୍ସର୍ଗୀକୃତ ଷ୍ଟାର୍ଟଅପ୍ ନୀତି ପ୍ରଣୟନ କରିବାରେ ଦେଶର କିଛି ହାତଗଣତି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏହି ନୀତିରେ ଷ୍ଟାର୍ଟଅପ୍ ଓ ଇନ୍‌କ୍ୟୁବେଟରମାନଙ୍କୁ ସ୍ୱୀକୃତି ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଏକ ସ୍ୱଚ୍ଛ ଅନ୍‌ଲାଇନ୍ ସିଷ୍ଟମ୍‌ର ନିୟମ ରହିଛି।

ରାଜ୍ୟ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିବା ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁପ୍ତା କହିଛନ୍ତି ଯେ, ରାଜ୍ୟ ପକ୍ଷରୁ ଷ୍ଟାର୍ଟଅପ୍ ନୀତି-୨୦୧୬ର କାର୍ଯ୍ୟକାରିତା ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଛି। ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ତିନୋଟି ଷ୍ଟାର୍ଟଅପ୍ ହବ୍‌ରେ ସ୍ଥାନିତ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଓଡ଼ିଶା ବର୍ତ୍ତମାନ ଦ୍ରୁତ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଥିବା ଏକ ରାଜ୍ୟ, ଯେଉଁଠି ପ୍ରତିମାସରେ ୨୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ପଞ୍ଜୀକୃତ ହେଉଥିବା ସେ କହିଛନ୍ତି। ପ୍ରକାଶ ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ୧୮ ମାସରେ ୩୩୪ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ରାଜ୍ୟରେ ୯ଟି ଇନ୍‌କ୍ୟୁବେଟର, ୧୨ଟି ନୋଡାଲ ଇନ୍‌ଷ୍ଟିଚ୍ୟୁଶନ ଓ ୧୧୦ଟି ମେଣ୍ଟର ଷ୍ଟାର୍ଟଅପ୍‌ମାନଙ୍କୁ ସହାୟତା ପ୍ରଦାନ କରାଯାଉଛି।



ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଭାରତୀୟ କେନ୍ଦ୍ରଠାରେ ଆୟୋଜିତ ଉତ୍ସବରେ ଓଡ଼ିଶାର ପ୍ରତିନିଧି ଦଳ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ସମ୍ମାନ ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### 'ସୁସ୍ଥ ଜୀବନ ସର୍ବଶ୍ରେଷ୍ଠ ବରଦାନ'

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ସୁସ୍ଥ ଜୀବନ ସର୍ବଶ୍ରେଷ୍ଠ ବରଦାନ ସଦୃଶ। ସମସ୍ତେ ସୁସ୍ଥ ଜୀବନ ବଞ୍ଚିବା ପାଇଁ ଚେଷ୍ଟା କରିବା ଉଚିତ। ବିଜ୍ଞାନ ଦ୍ୱାରା ଅନେକ ଦୁରାରୋଗ୍ୟକୁ ନିୟନ୍ତ୍ରଣ କରାଯାଇ ପାରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜଧାନୀସ୍ଥିତ ଏକ ଘରୋଇ ହୋଟେଲରେ ଇଣ୍ଡିଆନ୍ ସୋସାଇଟି ଅଫ୍ ନେଫ୍ରୋଲୋଜି ସମ୍ମିଳନୀ ଉଦ୍‌ଘାଟନ କରିବା ଅବସରରେ ଗୁରୁବାର ସେ ଏହି କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ସବୁ ଦେଶରେ କିଡ୍‌ନୀ ସମ୍ବନ୍ଧୀୟ ବ୍ୟାଧି ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଡାଏଲିସିସ୍ ସୁବିଧା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ପ୍ରାୟ ୩୫,୦୦୦ ରୋଗୀ ୭୦,୦୦୦ ମାଗଣା ଡାଏଲିସିସ୍ ଶିବିର ଦ୍ୱାରା ଉପକୃତ ହୋଇଛନ୍ତି। ଏହା ରାଜ୍ୟ ସରକାରଙ୍କ ସହାୟ ଯୋଜନାର ଅଂଶବିଶେଷ। ଯେଉଁ ରୋଗୀଙ୍କ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ସେମାନଙ୍କ କିଡ୍‌ନୀ ରୋଗଜନିତ ରେନାଲ ପ୍ରତିରୋପଣ ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବାଲିଶଙ୍କରା, ୨୦।୧୨ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଉଜ୍ଜଳପୁର ଫରେଷ୍ଟ ରେଞ୍ଜ ଜବଲାଡିହି ଗ୍ରାମରେ ବୁଧବାର ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଗ ପେରେ (୬୫)। ଜବଲାଡିହି ଗ୍ରାମରେ ବୁଧବାର ରାତି ୯ଟାରେ ଏକ ହାତୀ ପଶିଥିଲା। ଗ୍ରାମବାସୀ ଓ ବନବିଭାଗ କର୍ମଚାରୀ ହାତୀକୁ ଘଉଡାଇ ଦେଉଥିଲେ। ଗାଁ ମୁଣ୍ଡରେ ଥିବା ବୁଗ ପେରେଙ୍କ ଘର ପାଖଦେଇ ହାତୀମାନେ ଫେରିଯାଉଥିଲେ। ଏହି ସମୟରେ ବୁଗ ଘରୁ ବାହାରି ଆସିବାରୁ ହାତୀ ହାବୁଡରେ ପଡି ଯାଇଥିଲେ। ଫଳରେ ହାତୀ ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ କିଞ୍ଜିରକେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କିଞ୍ଜିରକେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରକାଶ ଯେ, ଦୀର୍ଘ ୧ମାସ ହେବ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ି ଚାଲିଥିବା ବେଳେ ଅଞ୍ଚଳବାସୀଙ୍କ ନିଦ ହଜିଯାଇଛି।

■ ଗୌରବିହାର ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ

## ରାଧାକୃଷ୍ଣଙ୍କୁ ଲାଗି ହେଲା ୬୭୧ ପ୍ରକାର ବ୍ୟଞ୍ଜନ



**ପୁରୀ ଅଫିସ,୨୦।୧୨**

ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ତିଥିରେ ଗୁରୁବାର ଶ୍ରୀଗୌରବିହାର ଆଶ୍ରମ (ମାତାମଠ)ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୬୭୧ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଛି। ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଓଡ଼ିଶା ବାହାରୁ ବିଶେଷକରି ପଶ୍ଚିମବଙ୍ଗରୁ ବହୁସଂଖ୍ୟାରେ ଭକ୍ତ ବ୍ୟଞ୍ଜନ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ପ୍ରକାର ସାମଗ୍ରୀ ଧରି ଆସିଥିଲେ। ଭୋରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧ୍ୟାହ୍ନରେ ଶ୍ରୀଚୈତନ୍ୟ ଏବଂ ଶ୍ରୀକୃଷ୍ଣଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏ ସମ୍ପର୍କରେ ମହନ୍ତ ସୁବଳ ଚରଣ ଦାସ ମହାରାଜ କହିଛନ୍ତି, ଆଶ୍ରମର ଆରାଧ୍ୟ ଶ୍ରୀରାଧାକୃଷ୍ଣ ଏବଂ ଚୈତନ୍ୟ ମହାପ୍ରଭୁଙ୍କ ନିକଟରେ ୬୭୧ ପ୍ରକାର ବ୍ୟଞ୍ଜନ ସମର୍ପଣ କରାଯାଇଛି। ଏହି ବହୁବିଧ ବ୍ୟଞ୍ଜନ ପ୍ରସ୍ତୁତି ବୁଧବାର ଆରମ୍ଭ ହୋଇ ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ସରିଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସେବିକାସେବକ ବ୍ୟଞ୍ଜନ ପ୍ରସ୍ତୁତିରେ ନିୟୋଜିତ ଥିଲେ। ସେମାନଙ୍କୁ ୨୦ ଜଣ ସହଯୋଗ କରିଥିଲେ।

ଏହି ବ୍ୟଞ୍ଜନ ଦ୍ୱାଦଶୀକୁ ନେଇ ଏକ ଜନଶ୍ରୁତି ରହିଛି। ମା' ଯଶୋଦା ହଠାତ୍ ଦିନେ ଦେଖିଲେ ପୁଅ କାହ୍ନାର ଦେହ ଝଡ଼ିଯାଇଛି। ମା'ଙ୍କ ଆଖିକୁ ସେ ଶୁଖି କଳାକାଠ ପଡିଯାଇଥିବା ଦେଖାଗଲେ। ଏତିକିରେ ମା' ଯଶୋଦା ଉଚ୍ଛନ୍ନ ହୋଇଗଲେ। ଭାବିଲେ ନ ଖାଇ ନ ପିଇ ସେ ଏମିତି ହୋଇଗଲାଣି। ତେଣୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାର ପୁଷ୍ଟିକର ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଏହି ପବିତ୍ର ତିଥିରେ କୃଷ୍ଣଙ୍କୁ ପରଷି ଦେଇଥିଲେ। ସେହିପରି ଚୈତନ୍ୟ ମହାପ୍ରଭୁ ବାଲ୍ୟକାଳରେ ନିଜ ମା' ପରଷା ବହୁବିଧ ବ୍ୟଞ୍ଜନ ଖାଇଥିବା ଶୁଣାକଥା ରହିଛି। ଏହି ଜନଶ୍ରୁତିକୁ ନେଇ ଗୌଡ଼ୀୟ ବୈଷ୍ଣବ ନିଷ୍ଠାର ସହିତ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରିଥାନ୍ତି।

## କୋଷ୍ଟଗାର୍ଡ ମୁଖ୍ୟାଳୟରେ ପଶି ଯୁବକ ହଟହଟା

■ ଥାନାରେ ଅଟକ, ୨୦ ପେନ୍‌ଡ୍ରାଇଭ ଜବତ

**ପାରାଦୀପ,୨୦।୧୨(ସ୍ୱ.ପ୍ର.)**

ପାରାଦୀପସ୍ଥିତ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ମୁଖ୍ୟାଳୟ-୭ରେ ପଶି ଜଣେ ଯୁବକ ହଟହଟା ହୋଇଛନ୍ତି। କୋଷ୍ଟଗାର୍ଡରେ ଥିବା ଘରୋଇ ସିକ୍ୟୁରିଟି ସଂସ୍ଥାର କର୍ମଚାରୀମାନେ ସନ୍ଦେହରେ ତାଙ୍କୁ ଧରି ପାରାଦୀପ ପୋଲିସକୁ ହସ୍ତାନ୍ତର କରିଛନ୍ତି। ତାଙ୍କଠାରୁ ୨୦ଟି ପେନ୍‌ଡ୍ରାଇଭ୍, ପାନ୍ କାର୍ଡ, ଆଧାର କାର୍ଡ ସହ ବହୁ ଶୀତବସ୍ତ୍ର ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ ଯୁବକଙ୍କ ନାମ ହେଲା ମହମ୍ମଦ ସିଆଜ। ତାଙ୍କ ଘର ଉତ୍ତରପ୍ରଦେଶ ମିରପୁର ଅଞ୍ଚଳର ଏଚ୍-୧୧୪। କେନ୍ଦ୍ରାପଡ଼ା ବଜାରରେ ସେ ନିଜ ସମ୍ପର୍କୀୟଙ୍କ ଘରେ ରୁହନ୍ତି। ବିଭିନ୍ନ ଅଞ୍ଚଳ ବୁଲି ଶୀତବସ୍ତ୍ର ଓ ପେନ୍‌ଡ୍ରାଇଭ ବିକ୍ରି କରନ୍ତି। ତାଙ୍କ ଭଳି ଆଉ ୨୦ ଜଣ ଯୁବକ ଉତ୍ତର ପ୍ରଦେଶର 'ଉମର ଗାରମେଣ୍ଟ' ନାମକ କମ୍ପାନୀର ଶୀତବସ୍ତ୍ର ଆଣି ଓଡ଼ିଶାର ବିଭିନ୍ନ ସହରରେ ବିକ୍ରି କରୁଛନ୍ତି। ବୁଧବାର ଅପରାହ୍ନ ୫ଟାରେ ସେ କୋଷ୍ଟଗାର୍ଡ ମୁଖ୍ୟାଳୟକୁ ଶୀତବସ୍ତ୍ର ଓ ପେନ୍‌ଡ୍ରାଇଭ ବିକ୍ରି କରିବାକୁ ଯାଇଥିଲେ। ଗେଟ୍ ପାଖରେ ଥିବା ସିକ୍ୟୁରିଟି ଖାତାରେ ସେ ଦସ୍ତଖତ କରି ଭିତରକୁ ପ୍ରବେଶ କରିଥିଲେ। ଏତେ ସଂଖ୍ୟକ ପେନ୍‌ଡ୍ରାଇଭ୍ ତାଙ୍କ ପାଖରେ ଦେଖି ସନ୍ଦେହ ହେବାରୁ ସୁରକ୍ଷା କର୍ମୀମାନେ ଅଟକ ରଖି ଯାଞ୍ଚ କରିଥିଲେ। ରାତି ୧୧ଟାରେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି। ତେବେ ତାଙ୍କ ପାଖରୁ ସେଭଳି କିଛି ଆପତ୍ତିଜନକ ସାମଗ୍ରୀ ମିଳିନାହିଁ। ତଥାପି ସେ ଦର୍ଶାଇଥିବା ଠିକଣା ଓ ତଥ୍ୟ ଯାଞ୍ଚ କରାଯିବ। ସେ ପର୍ଯ୍ୟନ୍ତ ତାଙ୍କୁ ଅଟକ ରଖାଯିବ ବୋଲି ପୋଲିସ କହିଛି।


ମହମ୍ମଦ ସିଆଜ

## ଶ୍ରମିକ ଚାଲାଣ ବେଳେ ୮ ନାବାଳିକା ଉଦ୍ଧାର

**ଡାବୁଗାଁ,୨୦।୧୨ (ଡି.ଏନ.ଏ.):** ଆନ୍ଧ୍ରପ୍ରଦେଶର ତ୍ରିପୁରାରେ ଶ୍ରମିକ ଭାବେ କାମ କରିବାକୁ ୮ ଜଣ ନାବାଳିକା ଯାଉଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସେମାନଙ୍କୁ ନବରଙ୍ଗପୁର ଜିଲା ଡାବୁଗାଁ ବସଷ୍ଟାଣ୍ଡରୁ ଉଦ୍ଧାର କରାଯାଇଛି। ଡାବୁଗାଁ ବସଷ୍ଟାଣ୍ଡରେ ୮ ଜଣ ନାବାଳିକା ତ୍ରିପୁରା ଯିବା ପାଇଁ ବସକୁ ଅପେକ୍ଷା କରିଥିଲେ। ସ୍ଥାନୀୟ ଯୁବକ ସେମାନଙ୍କୁ ଦେଖି କେଉଁ ଆଡେ ଯାଉଛ ପଚାରିଥିଲେ। ସେମାନେ ଶ୍ରମିକଭାବେ କାମ କରିବାକୁ ଯାଉଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଡାବୁଗାଁ ପୋଲିସ ଜିମା ଦେଇଥିଲେ। ନାବାଳିକାମାନେ ଡାବୁଗାଁ ବ୍ଲକର ବିଭିନ୍ନ ଗ୍ରାମର ବୋଲି ଜଣାପଡିଛି।


**ଋକ୍‌ବେଦ ଯଜ୍ଞରେ ଅଂଶ ଗ୍ରହଣ ନିମିତ୍ତ ବିନମ୍ର ନିବେଦନ**

ଆସନ୍ତା ୨୦୧୯ ମସିହା ଜାନୁଆରୀ ୧୭ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ କଳିଯୁଗର ପାଞ୍ଚ ହଜାର ଏକ ଶହ ଅଠର ବର୍ଷ ପରେ ବାଣିଜ୍ୟ ନଗରୀ ପାରାଦ୍ୱୀପ ଠାରେ ଅନୁଷ୍ଠିତ ହେବାକୁ ଯାଉଛି ଏକ ବିଶାଳ ପବିତ୍ର ଋକ୍‌ବେଦ ଯଜ୍ଞ, ଯେଉଁଥିରେ କି ବ୍ୟବହୃତ ହେବ ରାଜସ୍ଥାନରୁ ଉଚ୍ଚ ମୂଲ୍ୟରେ ପ୍ରାପ୍ତ ବିଶୁଦ୍ଧ ଦେଶୀ ଗାଈର ଘୃତ।
ବିଶ୍ୱର ମୌଳିକ ଉପାଦାନ (ପଞ୍ଚ ମହାଭୂତ) ରେ ବ୍ୟାପକ ଅସନ୍ତୁଳନ ଘଟିଥିବାରୁ ସୁନାମି, ମହାବାତ୍ୟା ଓ ବାୟୁ ପ୍ରଦୂଷଣ ଆଦି ସମସ୍ୟାମାନ ଦେଖାଦେଇଛି। ଯାହା କେବଳ ବିଜ୍ଞାନ ବା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା ସମ୍ଭବ ହେବ ନାହିଁ। ଏଥର ଆସିଛି 'ବେଦ'ର ବେଳ ଓ ଏହି ବେଦଯଜ୍ଞ ଦ୍ୱାରା ହିଁ ଏହି ସମସ୍ୟାମାନଙ୍କର ଆଶୁ ସମାଧାନ ହୋଇପାରିବ।
କେବଳ ପାରାଦ୍ୱୀପ କିମ୍ବା ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ନୁହେଁ, ସମଗ୍ର ରାଜ୍ୟର ହିତାର୍ଥେ ଉକ୍ତ ଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି।
ଯେଉଁ ଶ୍ରଦ୍ଧାଳୁ ସଜ୍ଜନବୃନ୍ଦ ଏଥିରେ ଅଂଶ ଗ୍ରହଣ ପୂର୍ବକ ନିଜ ନିଜର ବ୍ୟକ୍ତିଗତ ତଥା ସମାଜର କଲ୍ୟାଣ ଚାହାଁନ୍ତି ସେମାନେ ନିମ୍ନ ଲିଖିତ ଆକାଉଣ୍ଟରେ ଦାନ ଅର୍ଥକୁ ପ୍ରେରଣ କରିବାକୁ ବିନମ୍ର ନିବେଦନ।

**ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାରାଦ୍ୱୀପ ଶାଖା**
PARADIP YAJNA COMMITTEE
ଆକାଉଣ୍ଟ ନଂ : 510310110009216
IFSC CODE : BKID0005103
ଯୋଗାଯୋଗ : 9777652399, 9238058192, 9238340999


## ସବ୍‌ଜେଲରେ କଏଦୀ ମୃତ

୨ ପୁତୁରାଙ୍କୁ ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ

**ବୌଦ୍ଧ,୨୦।୧୨(ସ୍ୱ.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ଗୋଧନେଶ୍ୱର ଗ୍ରାମରେ ଘଟିଥିବା ଡବଲ ମର୍ଡର ଘଟଣାର ଆଜୀବନ କଏଦୀ କାମପାଳ ଖମାରୀ(୮୪)ଙ୍କ ବୌଦ୍ଧ ସ୍ୱତନ୍ତ୍ର ସବ୍‌ଜେଲରେ ଗୁରୁବାର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ପୋଲିସ କାମପାଳଙ୍କ ମୃତଦେହକୁ ତାଙ୍କ ପୁଅ ଭବାନୀ ଖମାରୀଙ୍କୁ ହସ୍ତାନ୍ତର କରିଥିଲା। ହେଲେ ତାଙ୍କୁ ଚାରିକାନ୍ଧ ଦେବାକୁ କେହି ସମ୍ପର୍କୀୟ ନ ଥିବାରୁ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତିର ଇନ୍ଦ୍ରମଣି ମେହେରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବୌଦ୍ଧ ରାଜଘାଟରେ ଦାହ କରିଛନ୍ତି।

୨୦୦୦ ମସିହାରେ ଗୋଧନେଶ୍ୱର ଗ୍ରାମର କାମପାଳ ଖମାରୀ ଓ ତାଙ୍କ ପୁଅ ଭଗବାନ ଘରୋଇ ଶତ୍ରୁତାକୁ କେନ୍ଦ୍ର କରି ନିଜ ପୁତୁରା ପ୍ରମୋଦ ଖମାରୀ ଓ ପ୍ରଫୁଲ୍ଲ ଖମାରୀଙ୍କୁ ହତ୍ୟା କରିଥିଲେ। ହତ୍ୟାକାରୀମାନେ ପ୍ରମୋଦ ଓ ପ୍ରଫୁଲ୍ଲଙ୍କ କଟାମୁଣ୍ଡକୁ ନେଇ ଫୁଟବଲ ଖେଳିବା ପରି ଖେଳିଥିଲେ। ସେତେବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ମାମଲାରେ ତା୨୫।୧।୨୦୦୨ରିଖରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ କାମପାଳଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲା। ଫାଶୀ ଦଣ୍ଡାଦେଶ ବିରୋଧରେ କାମପାଳଙ୍କ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରାଯାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ୨୦୦୨ ମସିହାରେ ତାଙ୍କ ଫାଶୀଦଣ୍ଡକୁ କୋହଳ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। କାମପାଳ ୨୦୦୨ ମସିହାରୁ ବୌଦ୍ଧ ସ୍ୱତନ୍ତ୍ର ସବ୍‌ଜେଲରେ ଆଜୀବନ ବନ୍ଦୀ ଭାବେ ରହିଆସୁଥିଲେ। ଅନ୍ୟପକ୍ଷେ କାମପାଳଙ୍କ ପୁଅ ଭଗବାନ ଜାମିନରେ ଜେଲରୁ ବାହାରିବା ପରେ ଆତ୍ମହତ୍ୟା କରିଥିଲେ।


**ପୂର୍ବ ତଟ ରେଳପଥ**

**ଆଗ୍ରହର ପରିପ୍ରକାଶ(EOI)**

ଆଗ୍ରହର ପରିପ୍ରକାଶ ବିଜ୍ଞପ୍ତି
ସଂ.DMS/A/36/2018/01, ତା.05.12.2018ରିଖ

**କାର୍ଯ୍ୟର ବିବରଣୀ :** ଦୈନିକ ଆବଶ୍ୟକତା ଅନୁଯାୟୀ ଖୋର୍ଦ୍ଧା ରୋଡ୍ ସ୍ଥିତ ମଣ୍ଡଳ ରେଳବାଇ ଚିକିତ୍ସାଳୟର ମହଜୁଦ୍ (Stock) ରେ ଉପଲବ୍ଧ ନଥିବା ଔଷଧ ଗୁଡ଼ିକର ଯୋଗାଣ।

**ବର୍ଷ 2017-18 ମଧ୍ୟରେ କ୍ରୟ ମୂଲ୍ୟ (ଟଙ୍କାରେ) :** 19,94,802.27, ଚୁକ୍ତି ଅବଧି : 02(ଦୁଇ) ବର୍ଷ ଅର୍ଥାତ୍ କାର୍ଯ୍ୟ ପ୍ରାରମ୍ଭ ହେବା ତାରିଖ ଠାରୁ 731 ଦିନ।

**ଆଗ୍ରହର ପରିପ୍ରକାଶ (EOI) ବନ୍ଦ ହେବା ତାରିଖ ଓ ସମୟ :** ତା.31.01.2019 ରିଖ 1500 ଘଟିକାରେ।

ଆଗ୍ରହର ପରିପ୍ରକାଶ (EOI) ପ୍ରାପ୍ତିକର୍ତ୍ତାଙ୍କ ଠିକଣା : ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳବାଇ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼, ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା, ପିନ୍-752050.

ଦ୍ରଷ୍ଟବ୍ୟ : ଏହି ସମ୍ପର୍କରେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଆଗ୍ରହର ପରିପ୍ରକାଶ (EOI) ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ବିକ୍ରେତା / ଔଷଧ ଷ୍ଟୋରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଯୋଗ୍ୟତା ମାନଦଣ୍ଡ, ଯୋଗାଣ ସର୍ତ୍ତାବଳୀ ଓ ଚୟନ ପ୍ରକ୍ରିୟା, ଦରଖାସ୍ତ ଫର୍ମାଟ ଏବଂ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ଭଣ୍ଡାର)
PR-411/J/18-19 ଖୋର୍ଦ୍ଧା ରୋଡ଼



**ଫିଲାଟେଲି: ଏକ ଉତ୍ତମ ରୁଚି**

INDIA POST

ଡାକ ବିଭାଗ ପକ୍ଷରୁ ଫିଲାଟେଲିର ବିକାଶ ନିମନ୍ତେ ସ୍ପର୍ଶ ଯୋଜନାରେ ବୃତ୍ତିର ଶୁଭାରମ୍ଭ କରାଯାଇଛି। ଓଡ଼ିଶାର ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ରତ୍ୟେକ ବର୍ଗରୁ ଦଶଟି ବୃତ୍ତି ଦିଆଯିବ।

**ବାର୍ଷିକ ବୃତ୍ତି ପରିମାଣ:** ଟ.୬୦୦୦/-

**ପୁରସ୍କାର ପ୍ରଦାନ ଉତ୍ସବ:** ତା୨୧।୧୨।୨୦୧୮, ପୂର୍ବାହ୍ନ ୧୦.୦୦ଘ. ସମୟ, ମୁଖ୍ୟ ମହାଡାକପାଳ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ।

**୨୦୧୮-୧୯ ବର୍ଷର ବୃତ୍ତି ପାଇଁ ବିଜେତାମାନେ ହେଲେ**

**ଷଷ୍ଠ ଶ୍ରେଣୀ:**
ଶୁଭଶ୍ରୀ ମହାନ୍ତି, କୁମାରୀ ଅଭିପ୍ସା ଅମ୍ରିତା ନାୟକ, ପୃଥ୍ୱୀରାଜ ପାଢ଼ୀ, ବି. ଦିବ୍ୟାଂଶୀ ଦୀକ୍ଷିତ, ସ୍ମୃତି ସୁମନ ସାହୁ, ମୋନାଲିସା ବାରିକ, ସତ୍ୟ ସ୍ୱରୂପ ନାୟକ, ଅର୍ପିତା ମହାରଣା, ଦୀପ୍ତି ରଞ୍ଜନ ଶିଅଳ, ଶ୍ରୀଧର ପଢ଼ିଆରି।

**ସପ୍ତମ ଶ୍ରେଣୀ:**
ଶ୍ରୀ ଶ୍ରୀୟାଂଶ ତ୍ରିପାଠୀ, ଶ୍ୱେତପଦ୍ମା ସିଂ, ଶୁଭମ ସତ୍ୟ ପ୍ରକାଶ, ସୋମେଶ ମେଣ୍ଡାଲି, ସ୍ୱାଗତିକା କୁଅଁର, ଶ୍ରେୟାଂଶ ଦାନି, ସାର୍ଥକ କୁମାର ବେହେରା, ନିବେଦିତା ପାତ୍ର, ସ୍ତୁତି ସାହୁ, ଆର୍ଯ୍ୟନ ମାଝି।

**ଅଷ୍ଟମ ଶ୍ରେଣୀ:**
ଶ୍ରୀନାଥ ସାହୁ, ଅଖିଳେଶ ଭରଦ୍ୱାଜ, ଶ୍ରୀ ସ୍ୱସ୍ତିକ ଚିନ୍ତନ ତ୍ରିପାଠୀ, ଶ୍ରୀମାନ ସୁବାଶିଷ ବେହେରା, କୁମାର ପ୍ରୀତମ, ତୀର୍ଥଙ୍କର ମିଶ୍ର, କୁମାରୀ ଶ୍ୱେତାଲିନା ଷଡ଼ଙ୍ଗୀ, ଶ୍ରୀ ସୋହନ ତ୍ରିପାଠୀ, କୁମାରୀ ଜ୍ୟୋତିର୍ମୟୀ ନେଗି, ଓମ୍ ତତ୍‌ସତ୍ ସାହୁ।

**ନବମ ଶ୍ରେଣୀ:**
କୁମାରୀ ବିଶ୍ୱକଳ୍ପିତା ଭୋଇ, ତୁଷାର ରଞ୍ଜନ ପଣ୍ଡା, ସ୍ୱସ୍ତିକ କୁମାର ଦାଶ, ଶ୍ରୀ ଅନୁଭବ ମିଶ୍ର, ଶ୍ରୀ ରିକାନ ମହାକୁଡ଼, କୌସ୍ତୁଭ ବିଶ୍ୱାସ, କୁମାରୀ ପାଲିନ ପାଣିଗ୍ରାହୀ, ଶ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ମିଶ୍ର, କୁମାରୀ ସୋନା ପୟୋଜା ସାହୁ, କୁମାରୀ ଶୁଭଶ୍ରୀ ଦାଶ।






**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ, ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ଦୁର୍ଯ୍ୟୋଧନ ମହାପାତ୍ର,** ପିତା: ଶ୍ରୀ ଶଙ୍କର ମହାପାତ୍ର, ସା/ପୋ: କମଳାଙ୍ଗ, ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା / **ଆକାଉଣ୍ଟ ନଂ.: ୩୧୨୧୯୬୬୦୫୧୭ ଏବଂ ୩୧୭୬୭୧୮୧୧୪୩** | ସମ୍ପତ୍ତି ମାଲିକ: ଶ୍ରୀ ଦୁର୍ଯ୍ୟୋଧନ ମହାପାତ୍ର | ଶ୍ରୀ ଦୁର୍ଯ୍ୟୋଧନ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କମଳାଙ୍ଗ, ଥାନା: ମୋଟଙ୍ଗା, ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଖାତା ନଂ.: ୭୫୮/୬୧୮, ପ୍ଲଟ୍ ନଂ.: ୬୬୧୯/୯୪୩୪, କ୍ଷେତ୍ର: ଏକର ୦.୦୮ଡିସିମିଲି, କିସମ: ଘରବାରୀ | ୧୫.୦୯.୨୦୧୫ | ୧୭.୧୨.୨୦୧୮ | ୨୧.୦୮.୨୦୧୫ ସୁଦ୍ଧା ଟ.୧୮,୯୬,୦୦୨/- + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୦.୧୨.୨୦୧୮, ସ୍ଥାନ: ଭଦ୍ରକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



CLASSIFIED DISPLAY




Need Authorised Distributor for
Hindustan Coca-Cola Beverages Pvt Ltd
AT BHUBANESWAR
PLEASE CONTACT
9771491516, 7077788033

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

# ମାଛଚାଷୀଙ୍କୁ ନେଇ କୃଷକ ଉତ୍ପାଦକ ସଙ୍ଗଠନ ଗଠନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ରାଜନଗର, ୨୦।୧୨ (ଡି.ଏନ୍.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ଉତ୍ଥାନ ପକ୍ଷରୁ ରାଜନଗର ବ୍ଲକର ୭୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ମାଛ ଚାଷୀଙ୍କୁ ନେଇ କୃଷକ ଉତ୍ପାଦକ ସଙ୍ଗଠନ ଗଢ଼ିବା ନିମନ୍ତେ ଏକ କର୍ମଶାଳା ଗୁରୁବାର କଣ୍ଡିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଭେଟେରିନାରି ଅଧିକାରୀ ଡ. ଦେବୀ ପ୍ରସାଦ କୁଣ୍ଡୁ, ଇନ୍‌ଚାର୍ଜ ଏଏଫ୍‌ଓ ରାଜକିଶୋର ଦାଶ, ଜେଏଫ୍‌ଟିଏ ବିକାଶ ନାୟକ ଯୋଗଦେଇ ମାଛ ଚାଷୀଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ସରପଞ୍ଚ ଦୀପ୍ତିମୟୀ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଗ୍ରାମ ଉତ୍ଥାନର ପ୍ରକଳ୍ପ ନିର୍ଦ୍ଦେଶକ ବଂଶୀଧର ଦାସ କୃଷକ ଉତ୍ପାଦକ ସଙ୍ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଙ୍ଗଠନର ନିର୍ଦ୍ଦେଶକ ମଣ୍ଡଳୀ ଚୟନ କରାଯାଇଥିଲା। ଅନୁଷ୍ଠାନର ରାଜକନିକା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ସହଯୋଗ କରିଥିବାବେଳେ ନରୋତ୍ତମ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଆନ୍ଦୋଳନରତ ଡାକ କର୍ମଚାରୀଙ୍କୁ ଦୁର୍ବ୍ୟବହାର

**ଆଠଗଡ଼, ୨୦।୧୨ (ସ୍ୱ.ପ୍ର.)**

ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ଏବଂ ଜାତୀୟ ଗ୍ରାମୀଣ ଡାକ ସେବକ ସଂଘର ମିଳିତ ଆହ୍ୱାନ କ୍ରମେ ୧୦ ଦଫା ଦାବି ପୂରଣ ପାଇଁ ଗତ ମଙ୍ଗଳବାରଠାରୁ ଆଠଗଡ଼ ଉପଖଣ୍ଡର ଗ୍ରାମୀଣ ଡାକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏନେଇ ଡାକ କର୍ମଚାରୀଙ୍କ ସହ ଆଲୋଚନା କରିବା ପାଇଁ କଟକ ଡାକ ସୁପରିଣ୍ଟେଣ୍ଡେଣ୍ଟ (ଦକ୍ଷିଣ) କୃଷ୍ଣଚନ୍ଦ୍ର ଚିନାରା ନିର୍ଦ୍ଦେଶ ଦେଇଥିଲେ। ଆଠଗଡ଼ ମୁଖ୍ୟ ଡାକପାଳ ବିଷ୍ଣୁ ଚରଣ ପ୍ରଧାନ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ବରିଷ୍ଠ କର୍ମଚାରୀ ରଶ୍ମିତା ପ୍ରିୟଦର୍ଶିନୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ଅପରାହ୍ନରେ ଚିନାରା ଓ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ପରମାନନ୍ଦ କଣ୍ଟ ଆଠଗଡ଼ ମୁଖ୍ୟ ଡାକଘରକୁ ଗସ୍ତ କରି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଆଠଗଡ଼ ଉପଖଣ୍ଡ ଡାକ ସଂଘ ସଭାପତି ଲକ୍ଷ୍ମୀଧର ପ୍ରଧାନ, ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ ଓ କୋଷାଧ୍ୟକ୍ଷ ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର ଏହି ସମୟରେ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଆନ୍ଦୋଳନକାରୀମାନେ ଆଠଗଡ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଆଠଗଡ ଡାକପାଳ ପ୍ରଧାନଙ୍କ ପକ୍ଷରୁ ଥାନାରେ ଏକ ପାଲଟା ଅଭିଯୋଗ ହୋଇଛି। ଡାକସେବକମାନଙ୍କ ଯୋଗୁ ଡାକ ସେବା ବ୍ୟାହତ ହୋଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏସମ୍ପର୍କରେ ଅଦ୍ୟାବଧି ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ପଞ୍ଚାମୁଣ୍ଡାଇ ନଗର କଂଗ୍ରେସ କମିଟିର ସାଙ୍ଗଠନିକ ବୈଠକ

**ପଞ୍ଚାମୁଣ୍ଡାଇ, ୨୦।୧୨ (ସ୍ୱ.ପ୍ର)**

ପଞ୍ଚାମୁଣ୍ଡାଇ ନଗର କଂଗ୍ରେସ କମିଟି ପକ୍ଷରୁ ବୁଧବାର ଏକ ବୈଠକ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନଗର କଂଗ୍ରେସ କମିଟି ସଭାପତି ପ୍ରଦୀପ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବୈଠକରେ ବିଧାୟକ ଅଂଶୁମାନ ମହାନ୍ତି, ଜିଲା କଂଗ୍ରେସ କମିଟି ସଭାପତି ଚିନ୍ମୟ ପ୍ରସାଦ ବେହୁରା, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗ ଦେଇ ପଞ୍ଚାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ ୨୧ଟି ୱାର୍ଡର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଙ୍ଗଠନକୁ ଦୃଢ଼ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ଅବସରରେ ବିଧାୟକ ମହାନ୍ତିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ପରିତ୍ୟାଗ କରି ଯୁବନେତା ମନୋରଞ୍ଜନ ପ୍ରଧାନ କଂଗ୍ରେସରେ ଯୋଗ ଦେଇଥିଲେ । ଏହି ବୈଠକରେ ପିସିସି ସଭ୍ୟ ମଳୟ ଦାସ, ଜିଲା ଉପସଭାପତି ସଞ୍ଜୟ ରାଉତ, ଯଦୁମଣି ଦାସ, ଅମୂଲ୍ୟ ପ୍ରଧାନ, ତପନ ପାତ୍ର, କାଉନସିଲର ହିରଣ୍ୟ ରାଉତ, ସେକ ଅମରୁଲ, ସୁଚିତ୍ରା ବିଶ୍ୱାଳ, ସୁଲେଖ ସାହୁ, ସନାତନ ବିଶ୍ୱାଳ, ବୁଟୁ ମହାନ୍ତି, ଗୋକୁଳ ଚନ୍ଦ୍ର ମହାଲିକ, ସମ୍ରାଟ ଜେନା, ଓଁକାର ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇ ଆଗାମୀ ପୌର ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ରଙ୍ଗାଧର ମଲିକ ଧନ୍ୟବାଦ ଦେଇଥିଲେ।

# ଋଗ୍‌ବେଦ ମହାଯଜ୍ଞ ପାଇଁ ରଥ ପରିକ୍ରମା

**ପାରାଦୀପ/କୁଜଙ୍ଗ, ୨୦।୧୨ (ସ୍ୱ.ପ୍ର.)**

ପାରାଦୀପର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ଜାନୁୟାରୀ ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଋଗ୍‌ବେଦ ମହାଯଜ୍ଞ ଅନୁଷ୍ଠିତ ହେବ। ପାରାଦୀପ ବେଦ ଯଜ୍ଞ କମିଟି ପକ୍ଷରୁ ଏହି ଯଜ୍ଞ ଆୟୋଜିତ ହେଉଛି। ଅନ୍ତର୍ଜାତୀୟ ସତ୍ୟ ଚେତନା ଆଧ୍ୟାତ୍ମିକ ଆନ୍ଦୋଳନର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଆତ୍ମାନନ୍ଦଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚ ମହାଭୂତରେ ସନ୍ତୁଳନ ରକ୍ଷା ଓ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ନିମନ୍ତେ ଏହି ଯଜ୍ଞ କରାଯିବ। ଜାନୁୟାରୀ ୧୭ ସନ୍ଧ୍ୟା ୫ଟା ୩୦ରୁ ଅଙ୍କୁରାରୋପଣ, ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀମଦ ଭଗବତ ଗୀତା ଆହୁତି ଆଦି କରାଯିବ। ୧୯ରୁ ୨୩ ପର୍ଯ୍ୟନ୍ତ ଗୋ ପୂଜା, ସୂର୍ଯ୍ୟ ପୂଜା, ଋଗ୍‌ବେଦ ପାରାୟଣ, ପ୍ରବଚନ ସହ ୨୪ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ଏଥିପାଇଁ ଗତ ୪ ତାରିଖରୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସହ ଏକ ସୁସଜ୍ଜିତ ରଥ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଆଦି ଜିଲା ପରିକ୍ରମା କରୁଛି। ଯଜ୍ଞ ପାଇଁ ଡିସେମ୍ବର ୨୨ରେ ପାରାଦୀପ ପାନ୍ଥ ନିବାସରେ କମିଟି ପକ୍ଷରୁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ କରାଯିବ।


ଯଜ୍ଞ ପାଇଁ ପରିକ୍ରମା କରୁଥିବା ରଥକୁ ଶ୍ରଦ୍ଧାଳୁ ଓ କମିଟି କର୍ମକର୍ତ୍ତାମାନେ ସ୍ୱାଗତ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଇପ ଧନ ଖାଏ ଯିଏ.**
**ମଣିଷେ ଅଧମ ଅଟଇ ସେ ।**

ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହାଭରସା। ସ୍ତ୍ରୀର ଭରଣପୋଷଣ ଦାୟିତ୍ୱ ସାଧାରଣତଃ ସ୍ୱାମୀ ଉପରେ ନ୍ୟସ୍ତ ଥାଏ। ପରନ୍ତୁ ଯେଉଁ ସ୍ୱାମୀ ସ୍ତ୍ରୀକୁ ପୋଷିବା ବଦଳରେ ସ୍ତ୍ରୀ ଧନରେ ପୋଷି ହେଉଥାଏ ସେହି ବ୍ୟକ୍ତି କେବେ ସ୍ୱାମୀପଣକୁ ଯୋଗ୍ୟ ହୋଇପାରି ନ ଥାଏ। ଏପରି ଅଯୋଗ୍ୟ ତଥା ଅପାରଗ ବ୍ୟକ୍ତି ସମାଜରେ ନିନ୍ଦା ଅପବାଦ ମୁଣ୍ଡାଉଥିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୁଣ୍ଡକୁ ରାଶି ପାଦକୁ ଜଡ଼ା**
**ଦେହକୁ ସୋରିଷ ଆୟୁଷ ବଢ଼ା ।**

ମୁଣ୍ଡରେ ରାଶି ତେଲ ଲଗାଇଲେ କେଶ କଳା ହେବାର ସମ୍ଭାବନା ରହିଥାଏ। ପାଦରେ ଜଡ଼ାତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ। ସେହିପରି ଦେହରେ ସୋରିଷ ତେଲ ଲଗାଇଲେ ଥଣ୍ଡା ସହଜରେ ଧରି ନ ଥାଏ। ଏପରି ଅଭ୍ୟାସ ବ୍ୟକ୍ତିକୁ ସୁସ୍ୱାସ୍ଥ୍ୟ ତଥା ନିରୋଗ ରଖିବାରେ ବିଶେଷ ଫଳପ୍ରଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କୋଲର ପୋଲର ସ୍ଥାୟୀ ମରାମତି ଦାବି

**ତିର୍ତ୍ତୋଲ, ୨୦।୧୨ (ଡି.ଏନ.ଏ.)**

ତିର୍ତ୍ତୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ତିର୍ତ୍ତୋଲ-ଗରଦପୁର ରାସ୍ତାର କୋଲର ନିକଟରେ ଥିବା ପୁରୁଣା ପୋଲର ସ୍ଥାୟୀ ମରାମତି କରିବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ଏହି ପୋଲ ଭୁଶୁଡି ପଡିଥିଲା। ଯାତାୟାତକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ପୋଲ ତଳେ ବାଲି ଭର୍ତ୍ତି କରି ପୋତିଦେଇଥିଲେ। ଫଳରେ ଅସ୍ଥାୟୀ ଭାବେ ଯାନବାହନ ଚଳାଚଳ ହୋଇପାରିଥିଲା। ଏହି ପୋଲଟି ଏକ ଖାଲୁଆ ସ୍ଥାନରେ ରହିଛି। ବନ୍ୟା ଓ ବର୍ଷା ସମୟରେ ପୋଲ ଦେଇ ଜଳ ନିଷ୍କାସିତ ହୋଇଥାଏ। କିନ୍ତୁ ପୋଲଟି ପୋତିଦେବା ଫଳରେ ଆଉ ଜଳ ନିଷ୍କାସନ ହୋଇପାରୁନି। ଯଦି ଅଦିନିଆ ବର୍ଷା ହୁଏ, ତେବେ ପୋଲ ଉପର ମୁଣ୍ଡ ଚାଷଜମିରେ ପାଣି ଜମି ରହିବ। ଏଥିଯୋଗୁ ବ୍ୟାପକ ଫସଲ ହାନୀ ହେବାର ଆଶଙ୍କା ରହିଛି। ତେଣୁ ଏହି ପୋଲର ସ୍ଥାୟୀ ମରାମତି କରିବା କିମ୍ବା ଏଠାରେ ନୂତନ ପୋଲ ନିର୍ମାଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ନଚେତ ପୋଲ ଉପରେ ନିର୍ଭର କରୁଥିବା କୋଲର, ଆମ୍ବେରୀ, ସାମନ୍ତରାପୁର, ଗୋପାଳପୁର(ଶ), ପୋରଗଦେଇ ପଞ୍ଚାୟତର ଲୋକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

ନବବର୍ଷର ଶୁଭକାମନା ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP ଭାରତର ନଂ.1 କମ୍ପାନୀ
Helpline Numbers 7497815594 9485831878
Jamtara, Siskela, Balangir, Odisha - 767032

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers 7626989818 7626900218
T-51, Gali No.8, Gautampuri, Delhi-110053

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370 7840058835
H.No.-258, VPO Duhai, Ghaziabad, (U.P.) 201203

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286 7750921101

ଟି.ସି.ଏଫ୍. ଫାଇନାନ୍ସ (ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442 7606062768
nationalcoop98@gmail.com

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp 7788995264 9126351642
Gram Bakrihari, Dhaka, East Champaran, Bihar - 845418

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515 7870216361

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401 8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ ୬୫ ଲକ୍ଷ ଭଡ଼ା ୭୫,୦୦୦ କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110 6391829112
Add : T-51, Gautampuri Delhi-53

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ ୭୦ ଲକ୍ଷ ଭଡ଼ା ୩୫,୦୦୦ ୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723 7048574637
Add : 41/14, Sce.1, Pushp Vihar, Delhi-17

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ 10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ 9667895027 7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ: ପ୍ରେମବିବାହ, ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667 8239254882

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ୟୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି। (ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603 7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476 7838556518
Block Chack, Balasore-756027

ଘରେ ବସି SMS JOB
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ 15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397 8084682610

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗୃହଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336 9114377090

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**କଳିଙ୍ଗନଗର, ୨୦।୧୨ (ଡି.ଏନ୍.ଏ.):** ଦାନଗଦୀ ଫାଣ୍ଡି ଅନ୍ତର୍ଗତ ଦାନଗଦୀ ଛକ ଏସ୍‌ବିଆଇ ଏଟିଏମ୍ ନିକଟରେ ଟ୍ରକ୍ ଧକ୍କାରେ ଗୁରୁବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଟିଏମ୍ ନିକଟରେ ( ଓଆର୍ ୦୪.ଡି.୪୦୬୩) ଟ୍ରକ୍ ଉକ୍ତ ବ୍ୟକ୍ତି ଜଣଙ୍କ ଯାଉଥିବାବେଳେ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

### ବିଏସ୍‌ଏନ୍‌ଏଲ୍ ସେବାରେ ସୁଧାର ପାଇଁ ଏମ୍‌ପିଙ୍କ ଦାବି

**ଧର୍ମଶାଳା, ୨୦।୧୨(ଡି.ଏନ୍.ଏ.):** ଯାଜପୁର ଜିଲାରେ ବିଏସ୍‌ଏନ୍‌ଏଲ୍ ସେବା ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ହୋଇଛି। ବୁଧବାର ଏମ୍‌ପି ରୀତା ତରାଇ ତ୍ରୁଟିରେ ସୁଧାର ଆଣିବାକୁ ଲୋକ ସଭାରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଜିଲାରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଲ୍ୟାଣ୍ଡଲାଇନ୍, ମୋବାଇଲ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ ଭଳି ସେବା ଗ୍ରାହକଙ୍କୁ ଠିକ୍ ଭାବେ ମିଳି ପାରୁନାହିଁ। ଗ୍ରାହକମାନଙ୍କ ହିତକୁ ଦୃଷ୍ଟିରେ ରଖି ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଲୋକ ସଭାରେ ଦାବି କରିଛନ୍ତି।

■ ୨୨ରେ କଳିଙ୍ଗନଗର ମହୋତ୍ସବ

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବ ଯୁବ କଂଗ୍ରେସ

**କଳିଙ୍ଗନଗର, ୨୦।୧୨ (ଡି.ଏନ୍.ଏ.)**

■ ଚଳିତ ବର୍ଷ ଖରଡି ମୌଜାରେ ମହୋତ୍ସବ ଆୟୋଜନ ହେବ

■ ଶିଳ୍ପାଞ୍ଚଳରେ ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ

କଳିଙ୍ଗନଗର ମହୋତ୍ସବର ୨ୟ ବାର୍ଷିକ ଉତ୍ସବକୁ ୨ଦିନ ବାକି ଅଛି । ତେଲିବାହାଲି ପଡିଆଠାରେ ପ୍ରଥମ ବର୍ଷ ଏହି ମେଳା ଆୟୋଜିତ ହୋଇଥିଲା। ଗ୍ରିନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଚଳିତବର୍ଷ ମହୋତ୍ସବକୁ ଖରଡି ମୌଜାରେ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏ ନେଇ ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ତଦାରଖରେ ମହୋତ୍ସବ ପଡିଆକୁ ସୁସଜ୍ଜିତ କରାଯାଉଛି। ଆସନ୍ତା ୨୨ ତାରିଖରେ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ସୁକିନ୍ଦା ଯୁବ କଂଗ୍ରେସ ପକ୍ଷରୁ ବିରୋଧ କରାଯିବ ବୋଲି ଯୁବ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କୌଣସି ଉନ୍ନୟନ କାର୍ଯ୍ୟ ପାଇଁ ନୁହେଁ। କଳିଙ୍ଗନଗରରେ ବିସ୍ଥାପନକୁ ବିରୋଧ କରୁଥିବାବେଳେ ୧୩ ଜଣ ଆଦିବାସୀଙ୍କୁ ୨୦୦୬ ଜାନୁୟାରୀ ୨ରେ ପୋଲିସ ଗୁଳି କରିଥିଲା । ମୃତ ବ୍ୟକ୍ତିଙ୍କ ପରିବାରକୁ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ସାହାଯତା ମିଳିପାରି ନାହିଁ। ଅଞ୍ଚଳର ବେକାରି ଯୁବତୀଯୁବକ କାମ ନ ପାଇ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ଅପରପକ୍ଷେ କଳକାରଖାନାରୁ ନିର୍ଗତ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହୋଇଥିବାବେଳ ଅପପୁଷ୍ଟି ଓ କିଡ୍‌ନୀରେ ଅକାରଣରେ ମୃତ୍ୟୁ ବରଣ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ବହୁବାର ଦାବି କରାଯାଇ ଆସୁଥିଲେ ମଧ୍ୟ ଏ ଦିଗରେ କୌଣସି ସମାଧାନ କରାଯାଇ ପାରି ନାହିଁ। ଏଳଭିସ୍ଥିତରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ମୁଖ୍ୟ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଯୁବନେତା କୃପାସିନ୍ଧୁ ସାମନ୍ତରାଏ ଜଣାଇଛନ୍ତି।

## ଧାନ ବିକ୍ରି କରିବାକୁ ୧୫ ଲକ୍ଷ ଚାଷୀ ପଞ୍ଜୀକୃତ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

୨୦୧୭-୧୮ ଖରିଫ ଋତୁରେ ୧୧ ଲକ୍ଷ ୨୦ ହଜାର ୨୫୨ ଜଣ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜିକୃତ ହୋଇଥିବା ବେଳେ ୨୦୧୮ ଡିସେମ୍ବର ୧୫ ସୁଦ୍ଧା ୧୨ ଲକ୍ଷ ୪୮ ହଜାର ୨୦୨ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଚାଷୀ ପଞ୍ଜୀକରଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଗତ ବର୍ଷ ତୁଳନାରେ ଚାଷୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି । ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟରେ ଏ ପର୍ଯ୍ୟନ୍ତ ୬୫୬ଟି ପ୍ରାଥମିକ ସମବାୟ ସମିତି ନିୟୋଜିତ ହୋଇ ମଣ୍ଡି ଖୋଲିଛନ୍ତି। ୨୦୧୮ ଖରିଫ ଋତୁରେ ୬ ହଜାର କୋଟି ଶସ୍ୟ ଋଣ ଦେବାକୁ ଯୋଜନା କରାଯାଇଥିଲା। ସେଥିରୁ ୧୭ ଲକ୍ଷ ୮୫ ହଜାର ୫୬୯ ଜଣ ଚାଷୀଙ୍କୁ ୬୮୦୬.୧୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଗୁରୁବାର ସମବାୟ ବିଭାଗ ସଚିବ ଭିଡିଓ କନଫରେନ୍ସିଂରିଆରେ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଋଣର ସମୀକ୍ଷା କରିଥିଲେ। ଏଥିରେ ସମବାୟ ସମିତିଗୁଡିକର ଡେପୁଟି ରେଜିଷ୍ଟ୍ରାର, ଜିଲାସ୍ତରର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗୁଡିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

## ଯୁବ ଭାଜପା ପକ୍ଷରୁ ପ୍ରତିବାଦ ରାଲି



ପିମ୍ପୁଡିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀଙ୍କ ଧାରଣା।

**କାଳିଆପାଣି/ସୁକିନ୍ଦା, ୨୦।୧୨(ଡି.ଏନ୍.ଏ.)**

ପିଠା କାର୍ଯ୍ୟକ୍ରମକୁ ନେଇ ସୁକିନ୍ଦାରେ ରାଜନୀତି ସରଗରମ ହେବାରେ ଲାଗିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦଳୀୟ ପ୍ରଚାର କରାଯାଉଥିବା ନେଇ ଭାଜପା ଅଭିଯୋଗ କରିଛି। ଏ ନେଇ ଗୁରୁବାର ଭାଜପା ଯୁବନେତା ତପନ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପିମ୍ପୁଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ସରକାରୀ ଅର୍ଥରେ ସ୍ଥାନୀୟ ରାଜନେତା ଦଳୀୟ ପ୍ରଚାର କରିବାକୁ ନେଇ ଘୋର ନିନ୍ଦା କରାଯାଇଛି। ଏଥିସହ ଏଭଳି କାର୍ଯ୍ୟରେ ଜଡିତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ସୁକିନ୍ଦା

**ପିଠା କାର୍ଯ୍ୟକ୍ରମକୁ ବିରୋଧ**

ବ୍ଲକ ଅନ୍ତର୍ଗତ ହାତିବାରୀ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ବିରୋଧ କରିବା ସହ ସ୍ୱୟଂ ସହାୟ ଗୋଷ୍ଠୀ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ଏହିପରି ବୁଧବାର ପିମ୍ପୁଡ଼ିଆ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଲା ମାଧ୍ୟମରେ ବିଜେଡି ଦଳୀୟ ପ୍ରଚାର କରୁଥିବା ବେଳେ କିଛି ଯୁବକ ଏହାକୁ ବିରୋଧ କରି ପାଲା ଗାୟକଙ୍କଠାରୁ ମାଇକ ଛଡ଼ାଇ ନେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପରିସ୍ଥିତ ସୃଷ୍ଟି ହୋଇଥିଲା। ପରେ କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକୁ ବିଷୟରେ ଅବଗତ କରିଥିଲେ।

■ କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ

## ଜୋନ୍‌ସ୍ତରୀୟ ମ୍ୟାଚ୍‌ରେ ମର୍ଜିତାପୁର ବିଜୟୀ



ଉଭୟ ଦଳର ଖେଳାଳିଙ୍କ ଗହଣରେ ବ୍ଲକ ଅଧ୍ୟକ୍ଷ।

**ଧର୍ମଶାଳା, ୨୦।୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ରାଇଛନ୍ଦା ପଞ୍ଚାୟତ ବାରକଣା ଖେଳ ପଡ଼ିଆରେ ଗୁରୁବାର କଳ୍ପତରୁ ଦାସ ମେମୋରିଆଲ୍(କେଡିଏମ୍) କ୍ରିକେଟ୍ ଟୁର୍ନାମେଣ୍ଟର ୧୧ ନମ୍ବର ଜୋନ୍‌ସ୍ତରୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମିର୍ଜାତାପୁର ଏବଂ ଅଞ୍ଜିରା ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମର୍ଜିତାପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଅଞ୍ଜିରା ଦଳ ବ୍ୟାଟିଂ କରି ୧୫ ଓଭର୍‌ରେ ୫ ଉଇକେଟ୍ ହରାଇ୧୦୯ ରନ୍ କରି ପରାସ୍ତ ହୋଇଛି । ମ୍ୟାଚ୍‌କୁ ଅବିନାଶ ସାମଲ ଓ ପ୍ରଫୁଲ୍ଲ ବେହେରା ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋର୍‌ରେ ସହାୟତା କରିଥିଲେ। ଶୁକ୍ରବାର ଦୁଇଟି କ୍ୱାର୍ଟର ଫାଇନାଲ କବାଟବନ୍ଧ ସହିତ ଚକ୍ରଧରପୁର ଓ ରେଖିଦେଇପୁର ସହିତ ମଧୁସୂଦନପୁର ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଞ୍ଜନ କୁମାର ରାୟ ସୂଚନା ଦେଇଛନ୍ତି।

## ସମାଜ, ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ର

**ଚଣ୍ଡିଖୋଲ,୨୦।୧୨(ଡି.ଏନ.ଏ.):** ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଉତ୍କଳ ବିଶ୍ୱ ବିଦ୍ୟାଳୟର ଅନୁଦାନ ଆୟୋଗ ସହଯୋଗରେ ମଧ୍ୟଯୁଗୀୟ ଓଡ଼ିଶାରେ ସମାଜ ଓ ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ କେଦାରନାଥ ଦାସ ଅଧ୍ୟକ୍ଷତା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ବସନ୍ତ କୁମାର ମଳିକ ଯୋଗଦେଇ ମଧ୍ୟଯୁଗୀୟ ଓଡ଼ିଶାରେ ପଞ୍ଚସଖାଙ୍କ ଭୂମିକା ଓ ସାମାଜିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଭୈରବାନନ୍ଦ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ମନୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେବା ସହ ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ରେଖାରାଣୀ ଖୁଣ୍ଟିଆ ଓ ନିରାକାର ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲା ବେଳେ ଅଧ୍ୟାପକ ସଲିଲରାଜନନ୍ଦନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ

**ବାଲିଚନ୍ଦ୍ରପୁର, ୨୦।୧୨(ସ୍ୱ.ପ୍ର.):** ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆସ୍ଥିତ ପ୍ରସିଦ୍ଧ ସଂଗ୍ରାମୀ ପୀଠ ଠକ୍କରବାପା ଆଶ୍ରମ ପରିସରରେ ମଙ୍ଗଳବାର 'ଗାନ୍ଧୀକଥା' ଆଲୋଚନାଚକ୍ର ଓ ଫଟୋଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଓ କେନ୍ଦ୍ରାପଡା ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ବୌଦ୍ଧଗବେଷକ ହରିଶ ଚନ୍ଦ୍ର ପୃଷ୍ଟି ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡା ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ନକୁଳ ଚରଣ ଦାସଙ୍କ ସଭାପତିତ୍ୱ ଏବଂ ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବହୁ ସ୍ୱାଧୀନତା ସଂଗ୍ରାମୀ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମରେ ଯାଜପୁର ଜିଲା ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ନୀଳମଣି ସାମଲଙ୍କ ସଭାପତିତ୍ୱ ଓ ଶିକ୍ଷାବିତ ଉମାକାନ୍ତ ବଳଙ୍କ ସଞ୍ଚାଳନରେ 'ଗାନ୍ଧୀକଥା'କୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ରାଷ୍ଟ୍ରୀୟ ସଂଯୋଜକ ତଥା ସମିତିର ସଦସ୍ୟ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଯୋଜକ ବିଶ୍ୱଜିତ, ମିହିର ପ୍ରତାପ ଦାସ, ପ୍ରଦ୍ୟୁମ୍ନ ମହାପାତ୍ର, ମହେଶ୍ୱର ବଳ, କୁମରବର ମିଶ୍ର, ଅଜୟ ସାମଲ, ନନ୍ଦକିଶୋର ପରିଡା, ବିଦ୍ୟାଧର ମିଶ୍ର, ବାସୁଦେବ ଦାସ, ସିମନ୍ତିନୀ ଜେନା ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ବୃନ୍ଦାବନ ତ୍ରୀପାଠୀଙ୍କ ସହଧର୍ମିଣୀ ସରସ୍ୱତୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚ ନାୟକ, ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ସରସ୍ୱତୀ ଦେବୀଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

NHAI
ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ, ଭାରତ ସରକାର

ପୂର୍ବୋଦୟରୁ ହେଉଅଛି
ନୂଆ ଭାରତର ଉଦୟ





ଓଡ଼ିଶାରେ ଚାରି ଗୋଟି ଜାତୀୟ ରାଜପଥ ପ୍ରକଳ୍ପ
(୪୩୬୧ କୋଟି ଟଙ୍କା ମୂଲ୍ୟରେ ୨୬୩ କି.ମି. ଦୀର୍ଘ)
◆ ଚଣ୍ଡିଖୋଲ-ଭଦ୍ରକ ଏନ୍‌ଏଚ୍-୫ (ନୂଆ ଏନ୍‌ଏଚ୍-୧୬) ଅଂଶର ଛଅ ଲେନ୍ କାର୍ଯ୍ୟ
◆ ଏନ୍‌ଏଚ୍-୫ (ନୂଆ ଏନ୍‌ଏଚ୍-୧୬)ରେ ଖଣ୍ଡଗିରି ଫ୍ଲାଏଓଭର
◆ କଟକ-ଅନୁଗୁଳ ଏନ୍‌ଏଚ୍-୪୨ (ନୂଆ ଏନ୍‌ଏଚ୍-୫୫) ଅଂଶର ଚାରି ଲେନ୍ କାର୍ଯ୍ୟ
◆ ଟାଙ୍ଗି-ପୁଇଁତଳା ଏନ୍‌ଏଚ୍-୫ (ନୂଆ ଏନ୍‌ଏଚ୍-୧୬)ଅଂଶର ଛଅ/ଚାରି ଲେନ୍ କାର୍ଯ୍ୟ
୬ ଗୋଟି ଫ୍ଲାଏ ଓଭର ନିର୍ମାଣ, ୩୩ଟି ଯାନ ଅଣ୍ଡର ପାସ୍ ବ୍ୟବସ୍ଥା, ୧୭ ଗୋଟି ପ୍ରମୁଖ ପୋଲ, ୩୮ ଗୋଟି ଛୋଟ ପୋଲ ଏବଂ ୧୪୦ କି.ମି. ସର୍ଭିସ ରୋଡ଼
ପଶ୍ଚିମ ଓ ଉପକୂଳ ଓଡ଼ିଶା ମଧ୍ୟରେ ଉତ୍ତମ ଯୋଗାଯୋଗ ସୁବିଧା
ପାରାଦ୍ୱୀପ, ଧାମରା ଓ ଗୋପାଳପୁର ବନ୍ଦର ତଥା ଅନୁଗୁଳ ଏବଂ ତାଳଚେର ଶିଳ୍ପାଞ୍ଚଳ ମଧ୍ୟରେ ଯୋଗାଯୋଗର ଉନ୍ନତି
ଉତ୍ତମ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଉତ୍ତମ ନିରାପତ୍ତା ବୈଶିଷ୍ଟ୍ୟତା, ସଡ଼କ ବ୍ୟବହାରକାରୀଙ୍କ ନିମନ୍ତେ ବଡ଼ ସହାୟତା
ଯାନ ପରିଚାଳନା ଖର୍ଚ୍ଚ (ଭିଓସି) ଏବଂ ଯାତ୍ରା ସମୟକୁ ହ୍ରାସ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସୁବିଧା
ଚାରି ଗୋଟି ଜାତୀୟ ରାଜପଥ ପ୍ରକଳ୍ପର ଭୂମି ପୂଜନ
ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
କରକମଳରେ
ସୋମବାର, ୨୪ ଡିସେମ୍ବର ୨୦୧୮ ଅପରାହ୍ନ ୧ ଘଟିକା ୪୦ ମିନିଟ୍
ଆଇଆଇଟି କ୍ୟାମ୍ପସ, ଭୁବନେଶ୍ୱର, ଓଡ଼ିଶା
ଗରିମାମୟ ଉପସ୍ଥିତି
ପ୍ରଫେସର ଗଣେଶୀ ଲାଲ୍ – ରାଜ୍ୟପାଳ, ଓଡ଼ିଶା
ନବୀନ ପଟ୍ଟନାୟକ – ମୁଖ୍ୟମନ୍ତ୍ରୀ, ଓଡ଼ିଶା
ନିତିନ ଗଡକରୀ – ଜାହାଜ, ସଡକ ପରିବହନ ଏବଂ ରାଜମାର୍ଗ, ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ମନ୍ତ୍ରୀ, ଭାରତ ସରକାର
ପ୍ରକାଶ ଜାବଡ଼େକର – ମାନବ ସମ୍ବଳ ବିକାଶ ମନ୍ତ୍ରୀ, ଭାରତ ସରକାର
ଜୁଏଲ ଓରାମ୍ – ଜନଜାତୀୟ କାର୍ଯ୍ୟ ମନ୍ତ୍ରୀ, ଭାରତ ସରକାର
ଧର୍ମେନ୍ଦ୍ର ପ୍ରଧାନ – ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର
ସନ୍ତୋଷ କୁମାର ଗଙ୍ଗୱାର – ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧିନ ଦାୟିତ୍ୱ), ଭାରତ ସରକାର
ଡ. ମହେଶ ଶର୍ମା – ସଂସ୍କୃତି, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧିନ ଦାୟିତ୍ୱ), ଭାରତ ସରକାର
ମନୋଜ ସିହ୍ନା – ସଞ୍ଚାର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧିନ ଦାୟିତ୍ୱ), ଭାରତ ସରକାର

## ସଂକ୍ଷେପରେ

### ଅଣରାରେ ଗୀତା ଜୟନ୍ତୀ

**ପଟ୍ଟାମୁଣ୍ଡାଇ,୨୦।୧୨ (ସ୍ୱ.ପ୍ର) :** ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅଣରା ଶ୍ରୀରାମ ସେବକ ସଂଘ ପକ୍ଷରୁ ଗୁରୁବାର ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ନିରାକାର ପାଢ଼ୀ, ଉମାକାନ୍ତ ମିଶ୍ର ଓ ତ୍ରିଲୋଚନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଗୀତା ଯଜ୍ଞ ସମସ୍ତ ନୀତିକାନ୍ତି ଅନୁସାରେ ସମ୍ପନ୍ନ ହୋଇଥିଲା । ଶ୍ରୀରାମ ସେବକ ସଂଘ ସଭାପତି ପ୍ରାକ୍ତନ ଅଧକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ, କୋଷାଧକ୍ଷ ଅଞ୍ଜନ ବାରିକ, ବଟକୃଷ୍ଣ ସେଠୀ, ବସନ୍ତ କୁମାର ମଲ୍ଲିକ, ସୁଧାଂଶୁ ଦାସ, ମହେଶ୍ୱର ବାରିକ, ରମଣୀ ମଲ୍ଲିକ, ହରପ୍ରିୟା ମଲ୍ଲିକଙ୍କ ସମେତ ଅନ୍ୟ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ । ହିନ୍ଦୁ ଶାସ୍ତ୍ରରେ ଗୀତା ପାଠ ଧାର୍ମିକ ଓ ଆଧାତ୍ମିକ ଚେତନାକୁ ଜାଗ୍ରତ କରୁଥିବା ବେଳେ ଏହାର ମହତ୍ୱ ଅନନ୍ୟ ବୋଲି ଗୀତା ଯଜ୍ଞରେ ଚର୍ଚ୍ଚା ହୋଇଥିଲା ।

### ବ୍ରାହ୍ମଣୀ କଲେଜର ୩୭ ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ,୨୦।୧୨(ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ ଶିକ୍ଷାନୁଷ୍ଠାନ ଡାଣ୍ଡିସାହି ବ୍ରାହ୍ମଣୀ କଲେଜର ୩୭ତମ ବାର୍ଷିକ କ୍ରୀଡା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଭାକର ରାଉତଙ୍କ ଅଧକ୍ଷତାରେ ୩ ଦିନ ଧରି ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ପରିଚାଳନା କରିଥିଲେ । ଏହି କ୍ରୀଡାରେ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । କ୍ରୀଡାର ବିଭିନ୍ନ ବିଭାଗରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଅଧାପକ ସୁନୀଲ ପ୍ରଧାନ, ନିରଞ୍ଜନ ବାରିକ, ଶୁଭେନ୍ଦ୍ର ବେଉରିଆ, ହରେକୃଷ୍ଣ ତରାଇ, ଗୋରୀ କୁମାର ସାମଲ, ରବୀନ୍ଦ୍ର ଦାଶ, ଅଭୟ ଦାସ, ଅଧାପିକା ଅନନ୍ୟା ମଲ୍ଲିକ, ଗୌତମୀ ରାଉଳ, କାଶୀନାଥ ପ୍ରଧାନ, ପଞ୍ଚାନନ ପ୍ରଧାନଙ୍କ ସମେତ କଲେଜର ସମସ୍ତ କର୍ମଚାରୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

### ସଡ଼କ ଦୁର୍ଘଟଣାରେ ମହିଳା ଗୁରୁତର

ମାର୍ଶାଘାଇ,୨୦।୧୨(ଡିଏନଏ)-ବୁଧବାର ଅପରାହ୍ନରେ ୫ ନଂ (କ) ଜାତୀୟ ରାଜପଥର ଯଦୁପୁର ଗୋଡାଠାରେ ସଡକ ଦୁର୍ଘଟଣାରେ ମାଳତୀ ଦାସ(୩୧) ନାମ୍ନୀ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ତାଙ୍କ ଘର ମାର୍ଶାଘାଇ ବ୍ଲକ ପରକୁଳା ଅଞ୍ଚଳରେ । ମାଳତୀଙ୍କ ମୁଣ୍ଡ ପଛପଟରେ ଗଭୀର ଆଘାତ ଲାଗିଛି । । ମାଳତୀଙ୍କୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ କଟକର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେ ଜଣେ ବ୍ୟକ୍ତିଙ୍କ ସହ ବାଇକରେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ ।

### ବାର୍ଷିକୋତ୍ସବ

**ରାଜନଗର, ୨୦।୧୨(ଡିଏନଏ):** ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ବିଷ୍ଣୁପଡା ଗ୍ରାମରେ ଥିବା ଶ୍ରୀ ଶ୍ରୀ ଶିଶୁଅନନ୍ତ ଆଶ୍ରମରେ ବାବା ବଳିଆଙ୍କ ୯ମ ବାର୍ଷିକୀ ଆଗମନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦୁଇଦିନ ଧରି ଚାଲିଥିବା ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଶିଶୁ ଅନନ୍ତ ମୁଖ୍ୟ ଆଶ୍ରମର ବାବାଜୀ ଆନନ୍ଦ ବ୍ରହ୍ମ ଦାସ ଯୋଗଦେଇ ପ୍ରବଚନ ଦେବା ସହ ବାବା ବଳିଆଙ୍କ ଆଧାତ୍ମିକ ଚିନ୍ତନ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିତରଗଡ ଓ କଣ୍ଡିରା ପଞ୍ଚାୟତର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

■ ବ୍ରାହ୍ମଣୀ ନଦୀ କୂଳରୁ ବେଆଇନ ବାଲି ଉଠାଣ

# ଏନ୍‌ଜିଟି ପକ୍ଷରୁ ପ୍ରଶାସନକୁ ତାଗିଦ

**ପଟ୍ଟାମୁଣ୍ଡାଇ,୨୦।୧୨(ସ୍ୱ.ପ୍ର.)**


ନଦୀପଠାରୁ ବେଆଇନ ଭାବେ ବାଲି ଉଠାଯାଉଛି।


ବାଲି ନେବା ଯୋଗୁ ଗଛ ପଡୁଛି ବଳି।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରୁ ବେଆଇନ ବାଲି ଉଠାଣ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍(ଏନଜିଟି) ପକ୍ଷରୁ ତାଗିଦ୍ କରି ଦିଆଯାଇଛି । ପଟ୍ଟାମୁଣ୍ଡାଇ ବେଲତଳ ଅଞ୍ଚଳର ସାମାଜିକ କର୍ମୀ ମନୋରଞ୍ଜନ ପ୍ରଧାନଙ୍କ ସହ ଅନ୍ୟ କେତେଜଣଙ୍କ ଦ୍ୱାରା ଚୋରା ବାଲି ଉଠାଣ ନେଇ ଏନଜିଟିରେ ଏକ ମାମଲା ଦାଏର ହୋଇଥିଲା । ଗତ ନଭେମ୍ବର ୧୨ତାରିଖରେ ଏହି ମାମଲାର ଶୁଣାଣି କରାଯାଇ ପଟ୍ଟାମୁଣ୍ଡାଇ ତହସିଲଦାର, କେନ୍ଦ୍ରାପଡା ଜିଲାପାଳ, ଉପଜିଲାପାଳ ଓ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ତଦନ୍ତ କରି ରିପୋର୍ଟ ଦେବାକୁ ଏନଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର କୌଣସି ଅଧିକାରୀ ରିପୋର୍ଟ ପ୍ରଦାନ କରିବା ଦିଗରେ କିଛି ପଦକ୍ଷେପ ନେଇ ନ ଥିଲେ । ଗତ ୧୭ ତାରିଖରେ ଏନଜିଟି ପକ୍ଷରୁ ହୋଇଥିବା ପରବର୍ତ୍ତୀ ଶୁଣାଣିରେ ବିଚାରପତି ଏଥିନେଇ ଅଧିକାରୀମାନଙ୍କୁ କଡା ଭର୍ତ୍ସନା କରିଥିଲେ । ଏ ସମ୍ପର୍କିତ ନିର୍ଦ୍ଦେଶ ଦେବାର ୩୫ ଦିନ ବିତି ଯାଇଥିଲେ ମଧ୍ୟ କାହିଁକି ରିପୋର୍ଟ ପ୍ରଦାନ କରାଯାଇ ନାହିଁ ବୋଲି ପ୍ରଶ୍ନ କରିବା ସହିତ ଏହାକୁ ନେଇ କାହିଁକି କୋର୍ଟ ଅବମାନନା ମାମଲା ରୁଜୁ ହେବ ନାହିଁ ବୋଲି କହିଥିଲେ । ତେବେ ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧିକାରୀ ଆଉ କିଛି ଦିନ ସମୟ ଦେବାକୁ ନିବେଦନ କରିଥିଲେ । ହେଲେ ବିଚାରପତି ୨୦୧୯ ଜାନୁୟାରୀ ୨୭ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିବା ବେଳେ ସମସ୍ତ ରିପୋର୍ଟ ଦାଖଲ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ୍ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିବା ବେଳେ ସରକାରୀ ଓକିଲଙ୍କ ସହିତ ପଟ୍ଟାମୁଣ୍ଡାଇ ତହସିଲଦାର, ଜିଲାପାଳ, ଉପଜିଲାପାଳଙ୍କ ପ୍ରତିନିଧି ଯୋଗ ଦେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଶାସନର ଅବହେଳା କାରଣରୁ ବେଆଇନ ଭାବେ ଚାଲିଥିବା ବାଲି ଉଠାଣ ଦିନକୁ ଦିନ ବଢି ଚାଲିଥିବା ବେଳେ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । ଫଳରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଅଳଭା ବ୍ରାହ୍ମଣୀ ନଦୀ କୂଳରୁ ହାଇୱାରେ ଦୈନିକ ଟ୍ରିପ ଟ୍ରିପ ବାଲି ଉଠାଣ ହେଉଥିବା ବେଳେ ନଦୀ କୂଳରେ ନୂଆ ନଦୀ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି । ସେଠାରେ ନଦୀ ବନ୍ଧ ଦୁର୍ବଳ ହୋଇ ପଡିଥିବା ବେଳେ ବିନା ପରିବେଶ ମଞ୍ଜୁରୀରେ ବେଆଇନ ଭାବେ ୫ଟି ଜେସିବି ଓ ୫୦ଟି ହାଇୱାରେ ମନଇଚ୍ଛା ବାଲି ଉଠାଣ କରାଯାଉଛି । କେନ୍ଦ୍ରାପଡା-ଚାନ୍ଦବାଲି ରାସ୍ତା ନିର୍ମାଣ କରୁଥିବା ଏନକେସି ନାମକ ଠିକା ସଂସ୍ଥାକୁ ଅଧିକାରୀମାନେ ରାଜସ୍ୱ ଦାଖଲ କରିବା ସହ ବାଲି ଉଠାଣ କରିବାକୁ ଅନୁମତି ଦେଇଥିବା ବେଳେ ଏନକେସି ପଟ୍ଟାମୁଣ୍ଡାଇ ପରିବର୍ତ୍ତେ ଆଳି ଓ ରାଜକନିକା ଅଞ୍ଚଳରେ ରାସ୍ତା ନିର୍ମାଣ କରିବାକୁ ବାଲି ଉଠାଇବା କେତେ ଯୁକ୍ତି ସଙ୍ଗତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରିବେଶ ମଞ୍ଜୁରୀ ବିନା ବାଲି ଉଠାଣ କରାଯାଇ ପାରିବ ନାହିଁ ବୋଲି ଏନଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ ତାହା ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇ ଆସୁଛି । ଏହି ମଉକାରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଘରୋଇ ଭାବେ ହାଇୱାରେ ବାଲି ନେଇ ନିଜ କାମରେ ଲଗାଉଥିବା ଗୁରୁତର ଅଭିଯୋଗ ହୋଇଛି । ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଟ୍ଟାମୁଣ୍ଡାଇ ଜନସାଧାରଣ ଦାବି କରିଛନ୍ତି।

## ଓଏଏସ୍ ପରୀକ୍ଷାରେ ସୌମ୍ୟଙ୍କ କୃତିତ୍ୱ

**ପାଟକୁରା, ୨୦।୧୨ (ଡି.ଏନ୍.ଏ.)**


ସୌମ୍ୟ ପ୍ରିୟଦର୍ଶନ

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଥିବା ବେଳେ ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ବିଚଣା ଗ୍ରାମର ସୌମ୍ୟ ପ୍ରିୟଦର୍ଶନ ଏହି ତାଲିକାରେ ୬୯ ନଂ. ର୍‍ୟାଙ୍କରେ ଅଛନ୍ତି। ସୌମ୍ୟଙ୍କ ଏହି କୃତିତ୍ୱ ଯୋଗୁ ପାଟକୁରା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସୌମ୍ୟଙ୍କ ଏହି ସଫଳତା ପାଇଁ ତାଙ୍କୁ ସ୍ଥାନୀୟ କପିଳମୁନି ହାଇସ୍କୁଲର ପୁରାତନ ଛାତ୍ର ସଂସଦର ଡା. ବିଷ୍ଣୁ ଚରଣ ପ୍ରଧାନ, ଇଂ. କାର୍ତ୍ତିକ ଚନ୍ଦ୍ର ମହାରଣା, ଅଧାପକ କବୀନ୍ଦ୍ର ଦାସ, ପ୍ରଧାନଶିକ୍ଷକ ଉମାକାନ୍ତ ପଣ୍ଡା, ନିରଞ୍ଜନ ମହାରଣା, ଇଂ. ଜଟାଧାରୀ ପରିଡ଼ା, ଆଲୋକ କୁମାର ପରିଜା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଚିତ୍ରୋତ୍ପଳା ବଣିକ ସଂଘ ସଭାପତି ନିରଞ୍ଜନ ଦାସ, ଜ୍ୟୋତିରଞ୍ଜନ ପରିଡାଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ସୌମ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସୌମ୍ୟ ହରିଦାସପୁର ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାଥମିକ ଶିକ୍ଷା ଶେଷ କରି ପିକିରାଳିସ୍ଥିତ କପିଳମୁନି ହାଇସ୍କୁଲରୁ ୨୦୦୮ରେ ମାଟ୍ରିକ୍ ପାସ୍ କରିଥିଲେ। ୨୦୧୦ରେ ଭୁବନେଶ୍ୱରସ୍ଥିତ ବେସିକ୍ ସାଇନ୍ସ କଲେଜରେ ଯୁକ୍ତ ୨ ପାସ୍ କରିବା ପରେ କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ କଲେଜରେ ସିଭିଲ୍ ଇଞ୍ଜିନିୟରିଂ ଆଡ୍‌ମିସନ କରିଥିଲେ। ୨୦୧୪ରେ ସେଠାରୁ ପାସ୍ କରିବା ପରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସୌମ୍ୟ ସ୍ୱର୍ଗତ ନିଶାମଣି ପରିଡ଼ା ଓ ସାର ଦେବୀଙ୍କ ନାତି। ତାଙ୍କ ମା' ଶାନ୍ତିଲତା ଜଣେ ଗୃହିଣୀ ଓ ବାପା ରଞ୍ଜନ କୁମାର ପରିଡ଼ା ଅନୁଗୋଳ ଜିଲା ଖମାରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି।

## ୧୨୫୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଅତିଥିମାନେ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

**ଆଳି, ୨୦।୧୨ (ଡି.ଏନ.ଏ)**

ଆଳି ବ୍ଲକ ଅଧୀନ ୩୨ ପଞ୍ଚାୟତର ୧୨୦୯ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନା ଓ ୪୭ ଜଣଙ୍କୁ କଳାକାର ଭତ୍ତା ଯୋଜନାରେ ଗୁରୁବାର ସୁଦ୍ଧା ଭତ୍ତା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ବିଡିଓ ଜୟନ୍ତ ପୃଷ୍ଟି, ଜିଲା ପରିଷଦ ସଭ୍ୟା ସତ୍ୟଭାମା ମଳିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ମେଣ୍ଢପୁର ସରପଞ୍ଚ ପ୍ରତାପ ସାହୁ, ବାଳକାଟି ସରପଞ୍ଚ ଦିବାକର ନାୟକ ଓ ଦଶିପୁର ସରପଞ୍ଚ ବାସନ୍ତୀ ବେହେରାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ନିଆଳ, ଅଟାଳ, ମହୁ ଓ କୋଳିଡିହ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନିଆଳ ସରପଞ୍ଚ ସୁକାନ୍ତି ମଳିକ, ସମିତିସଭ୍ୟା ସସ୍ମିତା ସାମଲ, ଅଟାଳ ସରପଞ୍ଚ ଅଚ୍ୟୁତାନନ୍ଦ ବଳ, ସମିତିସଭ୍ୟ ପାରେଶ୍ୱର ପାଢ଼ୀ, କୋଳିଡିହ ସରପଞ୍ଚ ସସ୍ମିତା ବେହୁରା, ସମିତିସଭ୍ୟା ଝିଲି ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସେହିପରି ମଙ୍ଗଳବାର ପତ୍ରପୁର, ନରେନ୍ଦ୍ରପୁର, ମାଣିକପାଟଣା, ଅରେହିକଣା, ଚଣ୍ଡିଆଗଡି ଓ ସିଙ୍ଗିରି ପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଡିଓଙ୍କ ସମେତ ପତ୍ରପୁର ସରପଞ୍ଚ ପ୍ରବୀଣା ବେହୁରା, ଚଣ୍ଡିଆଗଡି ସରପଞ୍ଚ ସସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଘୁଆ ରାଧାମୋହନ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ

**ପଟ୍ଟାମୁଣ୍ଡାଇ,୨୦।୧୨(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ଅଞ୍ଚଳର ବାଘୁଆ ରାଧାମୋହନ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ଦିରର ବାବାଜୀ ଭୂପତି ମୋହନପଣ୍ଡାଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ପାଖରେ ୩୩୬ ପ୍ରକାର ବ୍ୟଞ୍ଜନ ଲାଗି କରାଯାଇଥିଲା । ଠାକୁରଙ୍କ ନିକଟରେ ୮ ପ୍ରକାର ଅନ୍ନ, ୮ପ୍ରକାର ଡାଲି, ୧୦ପ୍ରକାର ଖଟା, ୧୨ ପ୍ରକାର ବ୍ୟଞ୍ଜନ, ୧୦୦ ପ୍ରକାରର ମିଷ୍ଟାନ୍ନ, ୧୪ ପ୍ରକାର ପାନୀୟ ଆଦି ମନ୍ଦିର ପୂଜକ ଚକ୍ରଧର ପଣ୍ଡା, ପ୍ରଶାନ୍ତ ପଣ୍ଡା ଓ ଶୁକଦେବ ପଣ୍ଡା ଲାଗି କରିଥିଲେ । ଗୌଡୀୟ ବୈଷ୍ଣବମାନଙ୍କର ପ୍ରମୁଖ ପର୍ବ କୁହାଯାଉଥିବା ବ୍ୟଞ୍ଜନ ଦ୍ୱାଦଶୀରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ । ପ୍ରମୁଖ ଶିଷ୍ୟମାନଙ୍କ ମଧ୍ୟରେ ବବ୍ରୁବାହାନ ରାଉତ, ପ୍ରସନ୍ନ ବେହୁରା, ଶରତ ଚନ୍ଦ୍ର ସାହୁ, ରାମଚନ୍ଦ୍ର ଦାସ, ଅମର ବାରିକ, କିଶୋର ପାତ୍ର, ଏମ.ଆର. ପରିଡା, ଶରତ ଚନ୍ଦ୍ର ସାହୁ, ସନ୍ତୋଷ ନାୟକ, ବସନ୍ତ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗତ ୧୫ବର୍ଷ ଧରି ରାଧାମୋହନଙ୍କ ମନ୍ଦିରରେ ପାଳିତ ହୋଇ ଆସୁଥିବା ବ୍ୟଞ୍ଜନ ଦ୍ୱାଦଶୀରେ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।


ଠାକୁରଙ୍କ ନିକଟରେ ଲାଗି ହୋଇଥିବା ଭୋଗ।

## ୧୧ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଆଳି, ୨୦।୧୨ (ଡି.ଏନ୍.ଏ.)**

ଆଳି ବ୍ଲକ ଅଧୀନ ୧୧ ସମବାୟ ସମିତିରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏ ନେଇ ଦେମାଳ ପ୍ରାଥମିକ ସେବା ସମବାୟ ସମିତି ପରିସରରେ ଆୟୋଜିତ ଉତ୍ସବରେ ବିଡିଓ ଜୟନ୍ତ ପୃଷ୍ଟି ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ପ୍ରବନ୍ଧକ ଜଗନ୍ନାଥ ତ୍ରିପାଠୀ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ପ୍ରାଥମିକ ସମବାୟ ସମିତି ସମ୍ପାଦକ ସତ୍ୟରଞ୍ଜନ ମଳିକ, ଶ୍ରୀଧର ସ୍ୱାଇଁ, ସଭାପତି ବିରଞ୍ଚି ଦାସ, ଜିଲା ସମବାୟ ବିଭାଗ ସିଇଓ ଦେବୀପ୍ରସନ୍ନ ସ୍ୱାଇଁ ଏବଂ ରାକେଶ କୁମାର ରାୟ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ଅଧୀନ ବାଟିପଡ଼ା, ଭୂଇଁପୁର, ଦେମାଳ, ଦେସାହି, ଡିମିରିପାଳ, ଗୋବିନ୍ଦପୁର, କଣ୍ଟିପୁର, ମହୁ, ନୂଆଗାଁ, ପତ୍ରପୁର, ସିଙ୍ଗିରି ପ୍ରଭୃତି ୧୧ଟି ପ୍ରାଥମିକ ସେବା ସମବାୟ ସମିତିରେ ଧାନ ବିକ୍ରି କରିବା ପାଇଁ ସମୁଦାୟ ୫୯୭୬ ଚାଷୀ ନାମ ପଞ୍ଜୀକୃତ କରିଥିବା ଜଣାପଡ଼ିଛି।

## ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ଡେରାବିଶ, ୨୦।୧୨ (ସ୍ୱ.ପ୍ର.)**

ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ବୁଧବାର ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ କନକଲତା ନାୟକ ଅଧକ୍ଷତା କରିଥିଲେ। ସଭାରେ ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ମୁଖ୍ୟଅତିଥି, ଚିତ୍ରୋତ୍ପଳା ମହାବିଦ୍ୟାଳୟ ଅଧାପକ ପ୍ରଶାନ୍ତ କୁମାର ପାଣି ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା କୌଶଳ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ନାୟକ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧାପିକା ଚିନ୍ମୟ ପଣ୍ଡା ୧୩୮ ଛାତ୍ରୀଙ୍କୁ ଶୃଙ୍ଖଳା ଓ ଆତ୍ମସୁରକ୍ଷା ଉପରେ ସୂଚନା ଦେଇଥିଲେ। ଶ୍ରୀନିବାସ ମିଶ୍ର ଓ ବିଦ୍ୟାଳୟର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ପ୍ରଶିକ୍ଷିକା ଭାବେ ସୁପ୍ରିୟା ଶୁଭଦର୍ଶିନୀ ପଣ୍ଡା ଓ ଲୁଲୁ ସାହୁ ଯୋଗଦେଇଛନ୍ତି।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।






## ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

**ମାର୍ଶାଘାଇ,୨୦।୧୨(ଡି.ଏନ.ଏ.)**

ଓଷ୍ଟା ଶିକ୍ଷକ ସଂଘ ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ମାର୍ଶାଘାଇ ବ୍ଲକ ମାଣିକପୁର ନୃସିଂହଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲା ଓଷ୍ଟା ସଂଘର ସଂପାଦକ ତପନ କୁମାର ସିଂହ ଶିଶୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଷ୍ଟା ବ୍ଲକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଦୋହଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ,ତାଳସଙ୍ଗା ପଞ୍ଚାୟତ ସରପଞ୍ଚ କବିନ୍ଦ୍ରନାଥ ଜେନା,ସମିତି ସଭ୍ୟା ରାଜଲକ୍ଷ୍ମୀ ସେନାପତି, ମାର୍ଶାଘାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ, ମାଧବ ନାୟକ, ମଧୁସାଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧିର ରଞ୍ଜନ ବାରିକ,ନୃସିଂହ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ମହାରାଜ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଦେବେନ୍ଦ୍ର ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପିକରାଳୀ ସ୍କୁଲର ଶିକ୍ଷକ ପ୍ରସନ୍ନ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଭଗବାନ ଜେନା,ଗରୁଡ ଚରଣ ସାହୁ,ଅଶୋକ କୁମାର ମହାପାତ୍ର,ସୂର୍ଯ୍ୟ ନାରାୟଣ ମହାପାତ୍ର,ନିରଞ୍ଜନ ସାମଲ,ମଳୟ କୁମାର ପାଣି,ଅକ୍ଷୟ କୁମାର ନାୟକ,ପ୍ରସନ୍ନ କୁମାର ପରିଡା ଏବଂ ସିଆରସିସି ନିମାଇଁ ଚରଣ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ୨୫ ବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ତର୍କ, କଣ୍ଠ ସଙ୍ଗୀତ,ଚିତ୍ରାଙ୍କନ,ସାଧାରଣ ଜ୍ଞାନ,କବିତା ଲିଖନ, ଗଳ୍ପଲିଖନ,ଏକକ ନୃତ୍ୟ ଆଦି ୧୦ଟି ବିଭାଗରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ସ୍ମିତା ବିହାରୀ,ସବନମ୍ ଆରା,ସୂର୍ଯ୍ୟକାନ୍ତ ବେଉରା,ଦିଲୀପ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## ଗୁରୁତ୍ୱପୂର୍ଣ୍ଣ ସୂଚନା

ତା.23.12.2018ରିଖ (ରବିବାର) ଦିନ ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ଭଦ୍ରକ ସେକ୍ସନରେ ବଇରୀ-କପିଳାସ ରୋଡ଼ ଷ୍ଟେସନ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ନିର୍ମାଣ ନିମନ୍ତେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ବାତିଲ୍ / ପୁନଃ ନିର୍ଦ୍ଧାରଣ ଏବଂ ନିୟନ୍ତ୍ରଣ

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58407 | ଭଦ୍ରକ-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 58411/58412 | ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 18416 | ପୁରୀ-ବଡ଼ବିଲ ଏକ୍ସପ୍ରେସ୍ | 23.12.2018 |
| 18415 | ବଡ଼ବିଲ-ପୁରୀ ଏକ୍ସପ୍ରେସ୍ | 24.12.2018 |
| 18404 | ବଡ଼ବିଲ-ଚକ୍ରଧରପୁର ଏକ୍ସପ୍ରେସ୍ | 23.12.2018 |
| 18403 | ଚକ୍ରଧରପୁର-ବଡ଼ବିଲ ଏକ୍ସପ୍ରେସ୍ | 24.12.2018 |
| 58424/58423 | କଟକ-ଭଦ୍ରକ-କଟକ ପାସେଞ୍ଜର | 23.12.2018 |

**ଟ୍ରେନ୍‌ଗୁଡ଼ିକର ପୁନଃ ନିର୍ଦ୍ଧାରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ପୁନଃନିର୍ଦ୍ଧାରିତ ସ୍ଥାନ | ପୁନଃନିର୍ଦ୍ଧାରଣ ତାରିଖ |
|---|---|---|---|
| 58525 | କେନ୍ଦୁଝରଗଡ଼-ଭୁବନେଶ୍ୱର ପାସେଞ୍ଜର | କେନ୍ଦୁଝରଗଡ଼ | ତା.23.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12891 | ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍ | ବାଙ୍ଗିରିପୋଷି | ତା.23.12.2018ରିଖ 3 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12821 | ହାଓଡ଼ା-ଭୁବନେଶ୍ୱର-ଧଉଳି ଏକ୍ସପ୍ରେସ୍ | ହାଓଡ଼ା | ତା.23.12.2018ରିଖ 2 ଘଣ୍ଟା ପର୍ଯ୍ୟନ୍ତ |
| 18646 | ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | ହାଇଦ୍ରାବାଦ | ତା.22.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |

**ଟ୍ରେନ୍‌ଗୁଡ଼ିକର ନିୟନ୍ତ୍ରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ନିୟନ୍ତ୍ରଣ କରାଯିବ | ନିୟନ୍ତ୍ରଣ ତାରିଖ |
|---|---|---|---|
| 58001 | ହାଓଡ଼ା-ପୁରୀ ପାସେଞ୍ଜର | ଯାଜପୁର-କେନ୍ଦୁଝର ରୋଡ଼ | ତା.23.12.2018ରିଖ 2 ଘଣ୍ଟା ନିମନ୍ତେ |
| 12816 | ନୂଆଦିଲ୍ଲୀ-ପୁରୀ ନନ୍ଦନକାନନ ଏକ୍ସପ୍ରେସ୍ | ଆବଶ୍ୟକ ସ୍ଥଳେ, ଗନ୍ତବ୍ୟ ପଥରେ | 3 ଘଣ୍ଟା ପର୍ଯ୍ୟନ୍ତ |

ତା.୨୬.୧୨.୨୦୧୮ ରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ବଲାଙ୍ଗୀର ଓ ଭଇଁସାପାଲି ମଧ୍ୟରେ ନୂଆ ଲାଇନ୍ ଓ ବଲାଙ୍ଗୀର ଓ ଦେଓଗାଁ ରୋଡ଼ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍‌ଗୁଡ଼ିକର ବାତିଲ୍ / ଆଂଶିକ ବାତିଲ୍।

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58301/58303 | ସମ୍ବଲପୁର-କୋରାପୁଟ/ଜୁନାଗଡ଼ ରୋଡ଼ ପାସେଞ୍ଜର | 15.12.2018 ରୁ 25.12.2018 |
| 58302/58304 | କୋରାପୁଟ/ଜୁନାଗଡ଼ ରୋଡ଼-ସମ୍ବଲପୁର ପାସେଞ୍ଜର | 16.12.2018 ରୁ 26.12.2018 |

**ଆଂଶିକ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ୍ ମଧ୍ୟରେ ଆଂଶିକ ବାତିଲ | ଆଂଶିକ ବାତିଲ ହେବା ତାରିଖ |
|---|---|---|---|
| 58213/ 58214 | ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର | ଟିଟିଲାଗଡ଼-ସମ୍ବଲପୁର (ଉଭୟ ଦିଗରୁ) | 16.12.2018 ରୁ 25.12.2018 |
| 12893/ 12894 | ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି | ସମ୍ବଲପୁର-ବଲାଙ୍ଗୀର (ଉଭୟ ଦିଗରୁ) | 20.12.2018 ରୁ 25.12.2018 |



INDIAN RAILWAYS
ପୂର୍ବ ତଟ ରେଳପଥ
PR-412/J/18-19

## ସଂକ୍ଷେପରେ

### ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି

**କେନ୍ଦ୍ରାପଡା ଅଫିସ, ୨୦।୧୨:** ଆସନ୍ତା ଫେବୃୟାରୀ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ଉତ୍ସବ ପାଳିତ ହେବ। ଏଥିପାଇଁ ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ସବ ପାଳନ ପାଇଁ ଅଭ୍ୟର୍ଥନା କମିଟି ଗଠନ, କାର୍ଯ୍ୟକ୍ରମ ପରିଚାଳନା କମିଟି, ପାଣ୍ଠି ସଂଗ୍ରହ, ସ୍ମରଣିକା ପ୍ରସ୍ତୁତି ଓ ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ, ଅଲେଖ ପଢ଼ିହାରୀ, ଶିକ୍ଷାବିତ୍ ଡା. ସେକ୍ ସମସୁର, ଡା. ନାରାୟଣ ନାଥଶର୍ମା, ଡା. ଅମୀୟ ମହାନ୍ତି, ଅଜୟ ସାମଲ, ସତ୍ୟବ୍ରତ ପ୍ରଧାନ, ଭଗବାନ ପତ୍ରୀ ପ୍ରମୁଖ ସାମିଲ ଥିଲେ। ଡା. ରାଜେନ୍ଦ୍ର ତ୍ରିପାଠୀ ଓ ପ୍ରାଧ୍ୟାପକ ରଣଜିତ ଦାସ ବୈଠକ ପରିଚାଳନା କରିଥିଲେ।

### ବିଶିଷ୍ଟ ଶିଳ୍ପୀ ଖଗେଶ୍ୱର କରଙ୍କ ପରଲୋକ

**ଡେରାବିଶ, ୨୦।୧୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତ ସବଳଙ୍ଗ ଗ୍ରାମର ବିଶିଷ୍ଟ ହସ୍ତଶିଳ୍ପୀ ଖଗେଶ୍ୱର କର (୮୭)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ସ୍ୱର୍ଗତ କର ମାଟି ଓ ସିମେଣ୍ଟ ମୂର୍ତ୍ତି ନିର୍ମାଣରେ ସିଦ୍ଧହସ୍ତ। କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉ ମନ୍ଦିରର ଆନନ୍ଦବଜାର, କଟକ ଜିଲା ଅସୁରେଶ୍ୱର ରଘୁନାଥଜୀଉ ମନ୍ଦିର ତୋରଣ ଓ ବିଭିନ୍ନ ମନ୍ଦିରରେ ତାଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପାର୍ଶ୍ୱ ଦେବଦେବୀ ଓ ସିଂହ ମୂର୍ତ୍ତି ଆଦି ରହିଛି। ତାଙ୍କ ମୃତ୍ୟୁ ଖବରପାଇ ଜୟଭାରତୀ ସାଥୀ ସମାଜ ସମ୍ପାଦକ ନିରଞ୍ଜନ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଜଗନ୍ନାଥ ମୁଖାଗ୍ନି ଦେଇଥିଲେ।

# ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ, ୨୦।୧୨**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୬ ଦିନ ଧରି ଚାଲିବାକୁ ଥିବା ଏହି ମେଳାକୁ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଅଗ୍ରୱାଲ, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, ପିଡି ଦିଲୀପ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ମେଳାରେ ଗ୍ରାମୀଣ ଉତ୍ପାଦର ପ୍ରଚାର ପ୍ରସାର କରାଯାଉଛି। ଏହା ଦ୍ୱାରା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ନିଜ ଉତ୍ପାଦ ସାମଗ୍ରୀର ବଜାର ମୂଲ୍ୟ ପାଇବା ସହିତ ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଉଛି। ଗତବର୍ଷ ପଲ୍ଲିଶ୍ରୀ ମେଳାରେ ୫୬ଲକ୍ଷ ଟଙ୍କାର ବ୍ୟବସାୟ କେନ୍ଦ୍ରାପଡାରେ ହୋଇଥିବା ବେଳେ ଚଳିତ ବର୍ଷ କୋଟିଏ ଟଙ୍କାର ବ୍ୟବସାୟ କରିବା ସୁଯୋଗ ଦିଆଯାଇଛି। ପ୍ରଥମ ସନ୍ଧ୍ୟାରେ କେନ୍ଦ୍ରାପଡା ବ୍ଲକ ବାରୁଅସ୍ଥିତ ଭାବଗ୍ରାହୀ କଳା ନିକେତନ ଓ ଗରଦପୁର ବ୍ଲକ କୋରୁଆସ୍ଥିତ ପଲ୍ଲିଶ୍ରୀ ମହିଳା ସମିତି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସମେତ ପଞ୍ଚାୟତିରାଜ ବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲେ।



ପଲ୍ଲିଶ୍ରୀ ମେଳାରେ ଅତିଥିମାନେ।

# ଅସୁରକ୍ଷିତ ପେଣ୍ଠ ବେଳାଭୂମି

**ରାଜନଗର, ୨୦।୧୨ (ଡି.ଏନ୍.ଏ.)**

ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନକୁ ଦୈନିକ ଶହ ଶହ ପର୍ଯ୍ୟଟକ ଆସୁଥିବା ବେଳେ ବହୁ ପର୍ଯ୍ୟଟକ ନିକଟସ୍ଥ ପେଣ୍ଠ ବେଳାଭୂମି ବୁଲିବାକୁ ଆସିଥାନ୍ତି। ଏଠାରେ ଥିବା ଜିଓ ଟ୍ୟୁବ୍ ଓ ବିସ୍ତୀର୍ଣ୍ଣ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବେଳେ ଏହା ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଗୁରୁବାର ଜନୈକ ବ୍ୟକ୍ତିଙ୍କ ବାଇକ୍ ଏଠାରୁ ଚୋରି ହେବା ପରେ ପେଣ୍ଠ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜନଗର ଥାନା ଅଧୀନ ହରିହରପୁର ଗ୍ରାମର ଜନ୍ମେଜୟ ରାଉତ ଓ ତାଙ୍କ ଭାଇ ଜଗନ୍ନାଥ ଏକ ବାଇକ୍ (ନଂ. ଓଡ଼ି-୨୯ସି-୮୫୭୨)ଯୋଗେ ପେଣ୍ଠ ବେଳାଭୂମି ବୁଲିବାକୁ ଯାଇଥିଲେ। ସେଠାରେ ବାଇକ୍ ରଖି ବୁଲାବୁଲି ସାରି ପ୍ରାୟ ୧ଘଣ୍ଟା ପରେ ଫେରି ବାଇକ୍ ପାଇ ନଥିଲେ। ବହୁ ଖୋଜାଖୋଜି ପରେ ବି ବାଇକ୍ ମିଳି ନଥିଲା। ତେବେ ପାଟ୍ରୋଲିଂ ଅଭାବରୁ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ବେଳେ ଚୋରି, ରାହାଜାନି ଆଦି ବଢୁଛି। ପାଟ୍ରୋଲିଂ ବ୍ୟବସ୍ଥା ହେଲେ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ପେଣ୍ଠ ବେଳାଭୂମି ବୁଲିପାରିବେ। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପ୍ରତିଷ୍ଠା ଦିବସ ପାଇଁ ବିଜେଡିର ସଜବାଜ


ବୈଠକରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀମାନେ।

**ଡେରାବିଶ, ୨୦।୧୨ (ସ୍ୱ.ପ୍ର.)**

ଚଳିତ ମାସ ୨୬ ତାରିଖରେ ବିଜେଡିର ପ୍ରତିଷ୍ଠା ଦିବସ ଥିବା ବେଳେ ଏଥିପାଇଁ ପାଟକୁରା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ସ୍ଥାନୀୟ ଜଣ୍ଟିଲୋସ୍ଥିତ ଡାକବଙ୍ଗଳାଠାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ନେତା ପ୍ରମୋଦ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାନ୍ଦୋଳଠାରେ ପ୍ରତିଷ୍ଠା ଦିବସ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣେଶ୍ୱର ବେହେରା ଓ କୈଳାସ ପରିଡ଼ା, ସରପଞ୍ଚ ବଟକୃଷ୍ଣ ସେଠୀ, ଯୋଗାନନ୍ଦ ମହାନ୍ତି, ଉମାକାନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ଘଡ଼େଇ, ଶ୍ରୀମନ୍ତ ରାଉତରାୟ, ମହେନ୍ଦ୍ର କୁମାର ସିଂ, ଅକ୍ଷୟ କୁମାର ଖଟୁଆ, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପାଟକୁରା, ୨୦।୧୨ (ଡି.ଏନ.ଏ.)**

ଗରଦପୁର ବ୍ଲକ୍ ଅଧୀନ ତେଣ୍ଡାକୁଡ଼ାସ୍ଥିତ ବିଜୟ ମହାବିଦ୍ୟାଳୟରେ ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତ ଅଧ୍ୟାପିକା ତନୁଜା ବିଶ୍ୱାଳ ବିବରଣୀ ପାଠ କରିଥିଲେ। କୋରୁଆ ଲୋକନାଥ ମହାବିଦ୍ୟାଳୟର ପ୍ରଧାପକ କ୍ଷୀରୋଦ ପ୍ରସାଦ ନାୟକ ମୁଖ୍ୟଅତିଥି, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ରବୀନ୍ଦ୍ରନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ପ୍ରେମରଞ୍ଜନ ପାତ୍ର, ବିଭୂତିଭୂଷଣ ବେଉରା, ଉର୍ଦ୍ଦୁ ଅଧ୍ୟାପକ ମହମ୍ମଦ ମୋବିନ୍, ଉମାକାନ୍ତ ମଲିକ, ଅଧ୍ୟାପକ ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗଦେଇ ତାଲିମ ଶିବିର ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀ ରାଜନନ୍ଦିନୀ ସୂତାର, ସସ୍ମିତା ଦାସ ତାଲିମ କୌଶଳ ପ୍ରଦର୍ଶନ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭାଜପାର ପ୍ରସ୍ତୁତି

## ଯୋଗଦେଲେନି ଅସନ୍ତୁଷ୍ଟ ଜିଲା ପରିଷଦ ସଭ୍ୟାସଭ୍ୟ

**କେନ୍ଦ୍ରାପଡା ଅଫିସ, ୨୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦରଦାସ ମୋଦିଙ୍କ ଦିନିକିଆ ଓଡ଼ିଶା ଗସ୍ତ ସଫଳ କରିବାକୁ ସହରର ଗୋପସ୍ଥିତ ଭାଜପା କାର୍ଯ୍ୟାଳୟରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଜିଲା ପ୍ରଭାରୀ ମନମୋହନ ସାମଲ, ବରିଷ୍ଠ ନେତା ଭୁବନମୋହନ ଜେନା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତକୁ ସଫଳ ପାଇଁ ଆହ୍ୱାନ ଦିଆଯାଇଥିଲା। ତେବେ ଜିଲା କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଗତ ୧୮ ତାରିଖରେ ରାଜ୍ୟ ସଭାପତିଙ୍କୁ ଚିଠି ଲେଖିଥିବା ୬ ଜଣ ଜିଲା ପରିଷଦ ସଭ୍ୟ ବୈଠକରେ ଯୋଗ ଦେଇ ନଥିବା ଦେଖାଯାଇଥିଲା। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ପଣ୍ଡା ପ୍ରସ୍ତୁତି ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ସେ କହିଥିଲେ, ବିଜୟ ମହାପାତ୍ର ଦଳରୁ ଇସ୍ତଫା ଦେବା ପରେ ଭାଜପା ଯଥାରୀତି ଚାଲିବ। ଏହାର ପ୍ରଭାବ ଜିଲା ଭାଜପା ଉପରେ ପଡିବନାହିଁ। ସେହିପରି କେନ୍ଦ୍ରାପଡା ଜିଲାର ଯୁବବର୍ଗଙ୍କୁ ପାରାଦୀପସ୍ଥିତ ଆଇଓସିଏଲ୍‌ରେ କର୍ମ ନିଯୁକ୍ତି ଦେବା ସମ୍ପର୍କରେ ସେ କହିଥିଲେ, ତାହା ଏକ ରାଷ୍ଟ୍ରାୟତ୍ତ ସଂସ୍ଥା। ସେଥିରେ ଯୋଗ୍ୟ ବ୍ୟକ୍ତିଙ୍କୁ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇଛି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ। ଜିଲାର ଅସନ୍ତୁଷ୍ଟ ଭାଜପା ଜିଲା ପରିଷଦ ସଭ୍ୟାସଭ୍ୟ ବୈଠକରେ ଯୋଗ ଦେଇ ନଥିବା ସମ୍ପର୍କରେ ସେ କହିଥିଲେ ଯେ, ଜିଲା ପ୍ରଭାରୀ ସାମଲ ଏ ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରିଛନ୍ତି। ଅପରପକ୍ଷରେ ରାଜ୍ୟ ସଭାପତିଙ୍କୁ ଚିଠି ଲେଖିଥିବା ଜିଲା ପରିଷଦ ସଭ୍ୟ ଦେବାଶିଷ ଦାଶଙ୍କୁ ପଚାରିବାରେ ଜିଲା କାର୍ଯ୍ୟକର୍ତ୍ତାଙ୍କ ମନମୁଖି କାର୍ଯ୍ୟ ଯୋଗୁ ସେମାନେ ବୈଠକରେ ଯୋଗ ଦେଉ ନଥିବା ସମ୍ପର୍କରେ ଜିଲା ପ୍ରଭାରୀ ସାମଲଙ୍କୁ ଟେଲିଫୋନ ଯୋଗେ ସୂଚନା ଦେଇଥିଲେ ବୋଲି କହିଛନ୍ତି।


ଭାଜପା ରାଜ୍ୟ ସଭାପତିଙ୍କ ଖବରଦାତା ସମ୍ମିଳନୀ।



## ସଂକ୍ଷେପରେ

### ଶାରଳା ମନ୍ଦିରରେ ମାଣବସା



**ତିର୍ତ୍ତୋଲ,୨୦।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଝଙ୍କଡ଼ ଶାରଳାଙ୍କ ମନ୍ଦିରରେ ମାଣବସା ଗୁରୁବାର ପୂଜା ଅନୁଷ୍ଠିତ ହୋଇଛି। ମନ୍ଦିରର ଭଣ୍ଡାର ଘରେ ମାର୍ଗସିର ମାସର ଶେଷ ଗୁରୁବାର ଉପଲକ୍ଷେ ମାଣବସା ଓ ଲକ୍ଷ୍ମୀପୂଜା ହୋଇଥିଲା। ମା'ଙ୍କ ଭଣ୍ଡାର ଘରିଆ ପ୍ରତ୍ୟୁଷରୁ ଭଣ୍ଡାର ଘର ସୁସଜ୍ଜିତ କରି ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମା ଶାରଳାଙ୍କ ଲକ୍ଷ୍ମୀବେଶ ଦର୍ଶନ କରିବା ପରେ ଭଣ୍ଡାର ଘରେ ଲକ୍ଷ୍ମୀଙ୍କ ପୂଜା କରିଥିଲେ।

### ଅକ୍ଷୟଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା

**ବାଲିକୁଦା,୨୦।୧୨(ସ୍ୱ.ପ୍ର.):** ଦୁର୍ଘଟଣାରେ ମୃତ ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀ ସଦସ୍ୟ ଅକ୍ଷୟ ଦାସଙ୍କ ସ୍ମୃତିରେ ଏକ ମହମବତି ଶୋଭାଯାତ୍ରା କରାଯାଇଛି। ଫ୍ରେଣ୍ଡସ କ୍ଲବ ଓ ବିଜୁ ଯୁବ ବାହିନୀ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶୋଭାଯାତ୍ରାରେ ଶତାଧିକ ଯୁବକ ଯୋଗ ଦେଇଥିଲେ। ପରେ ଦୁର୍ଗା ମଣ୍ଡପଠାରେ ସରପଞ୍ଚ ପର୍ଶୁରାମ ସେଠୀଙ୍କ ଅଧକ୍ଷତାରେ ଏକ ସ୍ମୃତିସଭା କରାଯାଇଥିଲା। ଏଥିରେ ବିଜୁ ଯୁବ ବାହିନୀ ସଭାପତି ଅଭିଜିତ୍ ମହାନ୍ତି, ସମ୍ପାଦକ ତନ୍ମୟ ଜେନା, ଯୁବ ସଙ୍ଗଠକ ପ୍ରଦୀପ୍ତ ମୁଦୁଲି, ନୃସିଂହ ଶତପଥୀ, ବାପୁନି ଦାସ, ମିକୁଲ ସାହୁ, ଜଗବନ୍ଧୁ ସାହୁ, ଟିକଲ ସ୍ୱାଇଁ, ବବୁଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

**ବାଲିକୁଦା,୨୦।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ମରିଚପୁରସ୍ଥିତ ଗାଦୀବ୍ରହ୍ମ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ୧୦ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଲିକୁଦା ବ୍ଲକ ଓଷ୍ଟା ସଂଘ ସଭାପତି ନିହାର ରଞ୍ଜନ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ଜିଲା ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ସଂଗଠନ ସମ୍ପାଦକ ନାରାୟଣ ସାହୁ, ବ୍ଲକ ସଂଘ ସମ୍ପାଦକ ସ୍ୱେତ କୁମାର ସ୍ୱାଇଁ, ଉପସଭାପତି ମେନକା ପରିଡା ପ୍ରମୁଖ ଯୋଗଦେଇ ଅଧବସାୟ ଜାରି ରଖିଲେ ସଫଳତା ମିଳିବ ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ବାଲିକୁଦା ଶିକ୍ଷା ମଣ୍ଡଳ ଅଧିକାରୀ ସଚ୍ଚିଦାନନ୍ଦ ସାହୁ ମୁଖ୍ୟଅତିଥି, ଜିଲ୍ଲା ଓଷ୍ଟା ସଂଘ ଉପଦେଷ୍ଟା ନିକୁଞ୍ଜ କିଶୋର ବେହେରା ମୁଖ୍ୟବକ୍ତା, ଜିଲା ଓଷ୍ଟା ସଂଘ ଉପଦେଷ୍ଟା ନିରଞ୍ଜନ ପଣ୍ଡା, ଓଷ୍ଟା ବାଲିକୁଦା ସଂଘ ଉପଦେଷ୍ଟା କୈଳାସ ଚନ୍ଦ୍ର ବିଶ୍ୱାଳ, ଅରୁଣ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଅତୁଲ ବିକ୍ରମ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଜୟ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରୁଣ ମହାରଣା ଧନ୍ୟବାଦ ଦେଇଥିଲେ।

### ଝଙ୍କଡ଼ ସାହିତ୍ୟ ସଂସଦ ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

**ତିର୍ତ୍ତୋଲ,୨୦।୧୨(ଡି.ଏନ.ଏ.):** ଝଙ୍କଡ଼ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ତେନ୍ତୁଳିପଦାସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିର ସଂଲଗ୍ନ ଗୋଷ୍ଠୀକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଗୋଲୋକ ବିହାରୀ ପଲାଇ ପ୍ରାରମ୍ଭିକ ସୂଚନା ଦେବା ସହ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଆସନ୍ତା ଫେବୃଆରୀ ୧୭ରେ ଏହି ବାର୍ଷିକୋତ୍ସବ କରିବା ସହ ଅନୁଷ୍ଠାନର ସ୍ମରଣିକା 'ଝଙ୍କଡ' ଉନ୍ମୋଚନ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ପ୍ରତିଷ୍ଠାତା ସଭାପତି ଝଙ୍କଡ଼ ଶ୍ରୀ କାଳୀପ୍ରସନ୍ନ ପରିଜା, ଉପଦେଷ୍ଟା ନିତ୍ୟାନନ୍ଦ ଜେନା, ବିଷ୍ଣୁପ୍ରିୟା ଦାସ, ସୁରେଶ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ପବିତ୍ର କୁମାର କର, ସଭ୍ୟ ହେମନ୍ତ ନାୟକ, ଅଧାପିକା ରାଜଶ୍ରୀ ସ୍ୱାଇଁ, ସବିତା ନାୟକ, ନିତ୍ୟାନନ୍ଦ ନାୟକ, ପ୍ରଶାନ୍ତ ଦାସ, ଦିଗମ୍ବର ରାଉତ, ବସନ୍ତ ମଞ୍ଜରୀ ଦାସ, ପରମାନନ୍ଦ ମିଶ୍ର, ରାଜକିଶୋର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ବାସବ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

■ ଜଗତ୍‌ସିଂହପୁରରେ ବେଆଇନ ସେବାଶ୍ରମ

# ସମ୍ପାଦକ, ସଭାପତିଙ୍କ ନାମରେ ମାମଲା

**ଜଗତ୍‌ସିଂହପୁର ଅଫିସ,୨୦।୧୨**

ରାଜ୍ୟରେ ଛତୁ ଫୁଟିଲା ପରି ସେବାଶ୍ରମ ଗଢି ଉଠିଛି। ସେଥିମଧ୍ୟରୁ ଅନେକ ସେବାଶ୍ରମ ବେଆଇନ୍ ଭାବେ ଚାଲିଛି। କେତେକ ସ୍ଥାନରେ ଏହାର କର୍ତ୍ତୃପକ୍ଷ ସେବାଶ୍ରମ ନାଁରେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଏପରି କି ଯୌନ ନିର୍ଯାତନା ଦେଉଥିବା ନଜିର ରହିଛି। ବେଲଟିକିରି ସେବାଶ୍ରମ ନିର୍ଯାତନା କଥା ନଜରକୁ ଆସିବା ପରେ ମାସାଧିକ କାଳ ହେଲା ରାଜ୍ୟରେ ତୁମ୍ବିତୋଫାନ ସୃଷ୍ଟି ହୋଇଛି। ତଥାପି ମଧ୍ୟ ସେବାଶ୍ରମ କର୍ତ୍ତୃପକ୍ଷମାନେ ବେଆଇନ୍ କାର୍ଯ୍ୟରୁ ନିବୃତ ହେଉନାହାନ୍ତି। ଜଗତ୍‌ସିଂହପୁର ଜିଲା ସିଦ୍ଧଳସ୍ଥିତ ମା' ଅମ୍ବିକା ଅନୁସୂଚିତ ଜନଜାତି ଓ ଜାତି ଘରୋଇ ଶିକ୍ଷା ସେବାଶ୍ରମ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଏହି ସେବାଶ୍ରମ ବିରୋଧରେ ଜିଲା ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଦଫା ୩୪ ଆଇପିସି/ଜେଜେ (କେୟାର ଆଣ୍ଡ ପ୍ରୋଟେକ୍ସନ୍ ଅଫ ଚାଇଲ୍ଡ) ଆକ୍ଟରେ ମାମଲା ସଂଖ୍ୟା ୩୩୬/୧୮ ରୁଜୁ କରାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଏହି ସେବାଶ୍ରମରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ଏଥିରେ ପଢୁଥିବା ୧୮୬ ଛାତ୍ରୀଛାତ୍ରଙ୍କୁ ଛାତ୍ରାବାସରେ ରଖାଯାଇଛି। କିନ୍ତୁ ପିଲାମାନଙ୍କ ସୁରକ୍ଷା ଓ ଯତ୍ନ ପ୍ରତି ଧ୍ୟାନ ଦିଆଯାଉନାହିଁ। ଏପରି କି ଜୁଭେନାଇଲ ଜଷ୍ଟିସ୍ (କେୟାର ଆଣ୍ଡ ପ୍ରୋଟେକ୍ସନ୍ ଅଫ ଚାଇଲ୍ଡ) ଆକ୍ଟ ୨୦୧୫ ଦଫା ୭୫ର ଖିଲାପ କରାଯାଉଛି। ଏହାର କର୍ତ୍ତୃପକ୍ଷ ଜାଣିଶୁଣି ଶିଶୁ ଅଧିକାର ଆଇନକୁ ଅବମାନନା କରୁଛନ୍ତି।

ଛାତ୍ରୀଛାତ୍ରଙ୍କୁ ଯେଉଁସବୁ ସୁବିଧା ସୁଯୋଗ ମିଳିବା କଥା ତାର ଗୁରୁତର ଅଭାବ ଦେଖାଯାଉଛି। ଭିତ୍ତିଭୂମି ଯଥା ଡର୍ମିଟୋରୀ, ପରିଶ୍ରାଗାର, ପାଇଖାନା, ପାନୀୟଜଳ, ଗାଧୁଆ ଘର, ପାଚେରି, ରୋଷେଇ ଘର, ଶଯ୍ୟା, କପଡା ଓ ଖାଦ୍ୟ ଇତ୍ୟାଦିର ଗୁରୁତର ଅଭାବ ରହିଛି। ପିଲାମାନେ ବିଶେଷକରି ଛାତ୍ରୀଙ୍କ ସର୍ବନିମ୍ନ ସୁରକ୍ଷା ଓ ନିରାପତ୍ତା ସୁବିଧା ନାହିଁ । ଉଭୟ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ତେଣୁ ସେବାଶ୍ରମର ସମ୍ପାଦକ, ସଭାପତି, ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ସଭ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# ବମ୍ଫିଲୋ ମଠରେ ବ୍ୟଞ୍ଜନ ଦ୍ୱାଦଶୀ

**ବିରିଡ଼ି,୨୦।୧୨(ଡି.ଏନ.ଏ.)**

ବିରିଡ଼ି ବ୍ଲକ ବାଇଶିମୌଜା ବାସନ୍ଦରା ପଞ୍ଚାୟତର ଦେବୀ ନଦୀ କୂଳରେ ଥିବା ବମ୍ଫିଲୋ ମଠରେ ଗୁରୁବାର ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ୩୦୦ ବର୍ଷର ଏହି ମଠରେ ଶ୍ରୀ ଗୋପାଳ ପୂଜା ପାଉଛନ୍ତି। ଚୈତନ୍ୟ ମହାପ୍ରଭୁଙ୍କ ଓଡ଼ିଶା ଆଗମନ ପରେ ବିଭିନ୍ନ ମଠରେ ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟର ମହନ୍ତ ଓ ସନ୍ୟାସୀମାନେ ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ମଣ୍ଡଳୀମାନେ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ୫ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଆଧ୍ୟାତ୍ମିକ ଉତ୍ସବରେ ଯୋଗ ଦେଇ ନାମ ସଂକୀର୍ତ୍ତନ ଦେଖିବା ସହିତ ମଠର ଆରାଧ୍ୟ ଦେବତା ଶ୍ରୀ ଗୋପାଳଙ୍କ ସମ୍ବନ୍ଧରେ ପ୍ରବଚନ ଶୁଣିଥିଲେ। ଏହି ଅବସରରେ ଶ୍ରୀ ଗୋପାଳଙ୍କ ପାଖରେ ଚଉଷଠି ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଲାଗି କରାଯାଇଥିଲା। ଦୀର୍ଘ ୪୪ ବର୍ଷ ହେବ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମଠରେ ପାଳିତ ହୋଇଆସୁଛି ବୋଲି ମଠାଧିଶ ମହନ୍ତ ଡ. ଶ୍ରୀ ଚରଣ ଦାସ ପ୍ରକାଶ କରିଛନ୍ତି। ଗୁରୁଭାଇ ବାଙ୍କ ବିହାରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବମ୍ଫିଲୋ ମଠରେ ଠାକୁରଙ୍କ ପାଖରେ ଲାଗି ହୋଇଥିବା ବ୍ୟଞ୍ଜନ।

### ମୋଦିଙ୍କ ଗସ୍ତକୁ ସଫଳ କରିବାକୁ ଆହ୍ୱାନ

**ଜଗତ୍‌ସିଂହପୁର ଅଫିସ,୨୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସି ଖୋର୍ଦ୍ଧାରେ ଏକ ଜନ ସମାବେଶରେ ଯୋଗ ଦେବେ। ମୋଦିଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏହି ନିର୍ବାଚନମଣ୍ଡଳୀରୁ ୫୦୦୦ ହଜାର କର୍ମୀ ଯୋଗ ଦେବେ ବୋଲି କୁହାଯାଇଛି। ଏନେଇ ଗୁରୁବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁବକ୍ସି ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଛି। ନିର୍ବାଚନମଣ୍ଡଳୀ ଅଧୀନ ୭ ମଣ୍ଡଳୀରୁ ମହିଳା ଓ ପୁରୁଷମାନେ ଶୋଭାଯାତ୍ରାରେ ଉକ୍ତ କାର୍ଯ୍ୟକ୍ରମକୁ ଯିବେ ବୋଲି କୁହାଯାଇଛି। ବୈଠକରେ ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ସଭାପତି ଉପେନ୍ଦ୍ରନାଥ ବିଶ୍ୱାଳ, ଉପସଭାପତି ସୌଭାଗ୍ୟ ମହାପାତ୍ର, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ନଗର ସଭାପତି ଅକ୍ଷୟ ପାତ୍ର, ଯୁବମୋର୍ଚ୍ଚାର ସମ୍ପିତ ଦେହୁରୀ, ବିସ୍ତାରକ ସନ୍ଦିପ ସୁମନ ମହାପାତ୍ର, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ମଣ୍ଡଳ ସଭାପତି ବିନୋଦ ବିହାରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ, ଭାଗନେଲେ ୧୯୨ ପ୍ରତିଯୋଗୀ

**ରାହାମା,୨୦।୧୨(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଓଷ୍ଟା ପକ୍ଷରୁ ବଣିତୋସ୍ଥିତ ପଶ୍ଚିମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ଉତ୍ସବ ୨୦୧୮ ଅନୁଷ୍ଠିତ ହୋଇଛି। ଓଷ୍ଟାର ରାଜ୍ୟ ସମ୍ପାଦକ ବସନ୍ତ କୁମାର ଦାସ ଏହି ଉତ୍ସବ ଉଦ୍‌ଘାଟନ କରିଥିଲେ। ବଣିତୋ ସରପଞ୍ଚ ସଞ୍ଜୟ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଏରସମା ବ୍ଲକ ଓଷ୍ଟା ସଭାପତି ରଞ୍ଜନ କୁମାର ଦାସ ମୁଖ୍ୟବକ୍ତା, ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ଶୁକଦେବ ନାୟକ, ଶିବ ଚରଣ ଲେଙ୍କା, କୁଜଙ୍ଗ ବ୍ଲକ ଓଷ୍ଟା ସଭାପତି ସୁଧିର କୁମାର ସାମଲ, ସମ୍ପାଦକ ଶାରଦା ପ୍ରସାଦ ଦାସ ଓ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ୩୫ ଉଚ୍ଚ ବିଦ୍ୟାଳୟର ୧୯୨ ପ୍ରତିଯୋଗୀ ଅଂଶଗ୍ରହଣ କରିବା ସହିତ ୧୦ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୦ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ୧ମ ଏବଂ ୨ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନିତ ହୋଇଥିଲେ। ଉଦ୍‌ଯାପନ ଉତ୍ସବରେ ଓଷ୍ଟାର ଜଗତ୍‌ସିଂହପୁର ଜିଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ଉପସଭାପତି ଶରତ ଚନ୍ଦ୍ର ବାରିକ, ଯୁବ ସମ୍ପାଦକ ସୁବାସ ଚନ୍ଦ୍ର ଦାସ, ଜଗତ୍‌ସିଂହପୁର ଜିଲା ଓଡିଶା ସାମ୍ବାଦିକ ସଂଘ ସଭାପତି ସୁନାକର ବେହେରା, ଓଷ୍ଟାର ପୂର୍ବତନ ବ୍ଲକ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ଓପିଡିସିର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ଗ୍ରାମ୍ୟ ଶିକ୍ଷା କମିଟିର ପୂର୍ବତନ ସଭାପତି ଗୁଣ୍ଡିଚି ଚରଣ ନାଥ, ଓଷ୍ଟାର କାର୍ଯ୍ୟକାରୀ ସଭ୍ୟ ଦେବାଶିଷ ଲେଙ୍କା, ବାଲିଘର ପତ୍ରିକାର ସମ୍ପାଦକ କୈଳାସ ସ୍ୱାଇଁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଚିତ୍ର ସାମଲ, ପତିତପାବନ ଦାଶ, ବିପିନ ବିହାରୀ ନାୟକ, ବିବେକାନନ୍ଦ ପାଢ଼ୀ, ସୁରେନ୍ଦ୍ର କୁମାର ମହାପାତ୍ର, ତାରକନାଥ ହୋତା, ବନ୍ଦନା ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିନୋଦ ବିହାରୀ ମୁଦୁଲି ଧନ୍ୟବାଦ ଦେଇଥିଲେ।



ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି।

# କୁଜଙ୍ଗରୁ ୨ଜଣ ପାଇଲେ ଓଏଏସ୍

## ନୀଳୟମଙ୍କୁ ୧୮, ପୂଜାଙ୍କୁ ୫୮ ତମ ସ୍ଥାନ



ନୀଳୟମ ଷଡ଼ଙ୍ଗୀ



ପୂଜା ଲେଙ୍କା

**କୁଜଙ୍ଗ,୨୦।୧୨(ସ୍ୱ.ପ୍ର)**

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ କୁଜଙ୍ଗର ୨ ଜଣ ମେଧା ପ୍ରତିଭା କୃତକାର୍ଯ୍ୟ ହୋଇ ସ୍ଥାନୀୟ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ସେମାନେ ହେଲେ ପଙ୍କପାଳ ଗ୍ରାମର ଶରତ ଷଡ଼ଙ୍ଗୀଙ୍କ ନାତି ତଥା କଟକ ତୁଳସୀପୁର ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନାରାୟଣ ଷଡ଼ଙ୍ଗୀଙ୍କ ପୁତ୍ର ନୀଳୟମ ଷଡ଼ଙ୍ଗୀ ଓ ଭୂତମୁଣ୍ଡାଇ ନିବାସୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସାନ ବୋହୂ ପୂଜା ଲେଙ୍କା। ନୀଳୟମ ଏହି ପରୀକ୍ଷାରେ ୧୮ ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପୂଜା ୫୮ ତମ ସ୍ଥାନ ଅଧିକାର କରି ସଫଳତା ପାଇଛନ୍ତି। ନିଜ ସଫଳତା ପାଇଁ ପୂଜା ସ୍ୱାମୀ ଆଶୁତୋଷ ମହାପାତ୍ର, ଶାଶୁ ତଥା ବିଶିଷ୍ଟ ସାମାଜିକ କର୍ମୀ ଦେବବାଳା ମହାପାତ୍ରଙ୍କ ସହ ନିଜ ପରିବାର ସଦସ୍ୟଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି। ସେ ଏବେ ଜେଏନ୍‌ୟୁରେ ଡକ୍ଟରେଟ୍ କରୁଛନ୍ତି।

■ ଦିନକର କାହାଣୀ

# ବାପାଙ୍କୁ ସହଯୋଗ କରିବା ପରେ ବ୍ୟବସାୟ କଳେବର ବଢିଛି

**ନାଉଗାଁ,୨୦।୧୨(ସ୍ୱ.ପ୍ର.)**

ବର୍ତ୍ତମାନ ଯୁବପିଢି ରୋଜଗାର ପାଇଁ ଚାକିରି ପଛରେ ଗୋଡ଼ାଉଛନ୍ତି। ଏପରିକି ଅନେକ ନିଜ କୌଳିକ ବୃତ୍ତିଠାରୁ ଦୂରେଇ ଯାଉଛନ୍ତି। ଆତ୍ମ ନିର୍ଭରଶୀଳ ହେବାକୁ ସେମାନେ ଚାକିରିକୁ ଏକମାତ୍ର ମାଧ୍ୟମ ବୋଲି ଭାବୁଛନ୍ତି। ଫଳରେ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ନାଉଗାଁ ବ୍ଲକ ଘୋଡ଼ାଂଶ ପଞ୍ଚାୟତ ଚାନ୍ଦଖାଁ ପାଟଣା ଗ୍ରାମର ରମେଶ ଚନ୍ଦ୍ର ସାହୁ କିନ୍ତୁ ଏମାନଙ୍କଠାରୁ ଭିନ୍ନ। ବୟସ ୨୪ ବର୍ଷ। ଯୁକ୍ତ ୨ ପଢା ପରେ ସେ ନିଜେ ଆତ୍ମନିର୍ଭରଶୀଳ ହେବାକୁ ମନ ବଳାଇଛନ୍ତି। ନାଉଗାଁ ବଜାରରେ ତାଙ୍କର ମହିମା ସୁଇଟ୍‌ସ ନାମରେ ଏକ ମିଠା ଦୋକାନ ରହିଛି। ବାପାଙ୍କ ସହ ମିଶି ସେ ଉକ୍ତ ଦୋକାନ ଚଳାଉଛନ୍ତି। ୧୯୯୦ରେ ତାଙ୍କ ବାପା ଏହି ଦୋକାନ ଛୋଟ ଆକାରରେ ଆରମ୍ଭ କରିଥିଲେ। କିନ୍ତୁ ରମେଶଙ୍କ ସହଯୋଗ ମିଳିବା ପରେ ଦୋକାନର ବ୍ୟବସାୟିକ କଳେବର ବୃଦ୍ଧି ପାଇଛି। ମିଠା ସହିତ ଆଇସକ୍ରିମ, ଜନ୍ମ ଦିନ କେକ୍, ଧନୁ ସଂକ୍ରାନ୍ତି ସମୟରେ ଛାଞ୍ଚ ତିଆରି ଧନୁମୁଆଁ ଆଦି ସେ ବିକ୍ରି କରୁଛନ୍ତି। ବିନା ପିଆଜ ରସୁଣ ବରା, ସିଙ୍ଗଡ଼ା ଆଦି ଜଳଖିଆ ସହ ବିଭିନ୍ନ ପ୍ରକାର ମିଠା, ଖୁଆ, ଦହି, ଛେନା ଆଦି ମଧ୍ୟ ବିକ୍ରି କରୁଛନ୍ତି। ବ୍ୟବସାୟରୁ ସମୟ ବାହାର କରି ସେ ଧାନ, ମୁଗ, ବିରି ଆଦି ଫସଲ କରିଥାନ୍ତି। ବାଡିରେ ମଧ୍ୟ ବିଭିନ୍ନ ପ୍ରକାର ପରିବା ଚାଷ କରିଛନ୍ତି। ମା'ଙ୍କ ହାତରନ୍ଧା ତାଙ୍କୁ ଭଲ ଲାଗେ ବୋଲି କୁହନ୍ତି ରମେଶ। ସକାଳୁ ଦୋକାନକୁ ଆସି କାମ କରନ୍ତି। ମଧ୍ୟାହ୍ନରେ ଘରକୁ ଫେରି ଖାଇ ସାରି ବିଶ୍ରାମ ନିଅନ୍ତି। ପରେ ବିଲ ହେଉ କିମ୍ବା ଘରପାଖ ବାଡିରେ ହୋଇଥିବା ଫସଲର ଯତ୍ନ ନିଅନ୍ତି। ସନ୍ଧ୍ୟାରେ ପୁନର୍ବାର ଦୋକାନକୁ ଆସି ବାପାଙ୍କୁ ସହଯୋଗ କରନ୍ତି ରାତି ୮ଟାରେ ସେ ଘରକୁ ଫେରନ୍ତି। ଅବସର ସମୟରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ଗୀତା ଭାଗବତ ପାଠରେ ସେ ମନ ନିବେଶ କରନ୍ତି।



ରମେଶ ଚନ୍ଦ୍ର ସାହୁ।

# ମୋଦିଙ୍କ ଗସ୍ତ ସଫଳ କରିବାକୁ ଭାଜପାର ପ୍ରସ୍ତୁତି

**ବାଲିକୁଦା,୨୦।୧୨(ସ୍ୱ.ପ୍ର.):** ଆସନ୍ତା ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଥିବାବେଳେ ଏହାକୁ ସଫଳ କରିବା ପାଇଁ ବାଲିକୁଦା ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମୋଦିଙ୍କ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ କର୍ମୀ ଓ ନେତା ଯୋଗ ଦେବାକୁ ଏଥିରେ ସ୍ଥିର କରାଯାଇଛି। ଆମ୍ବଶାଳ ପଞ୍ଚାୟତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ଭାଜପା ନେତା ପ୍ରିୟରଞ୍ଜନ ଦାସ ଅଧକ୍ଷତା କରିଥିଲେ। ଏଥିରେ ବାଲିକୁଦା ସମେତ ଏରସମା ବ୍ଲକର ବହୁ ଭାଜପା ନେତା ଓ କର୍ମୀ ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ। ବୋରକିନା ମଣ୍ଡଳ ସଭାପତି ରଘୁନାଥ ସ୍ୱାଇଁ, ଜିଲା ଉପସଭାପତି ନିର୍ଲିପ୍ତ ଜେନା, ବିଜୟ ମହାନ୍ତି, ନହରଣା ମଣ୍ଡଳ ପ୍ରତିନିଧି ଟୁକୁନା ରାଉତ, ପ୍ରଦୀପ୍ତ ବେହେରା, ବିଜୟ ଦାସ, ବୋରିକିନା ମଣ୍ଡଳ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଦାଶ, ୧ ନଂ ଜୋନ ସଭାପତି ବୈକୁଣ୍ଠ ନାଥ ଜେନା, ଗୋଡ଼ା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଘଡାଇ, ବିଜୟ ନାୟକ, ଜିଲା ଯୁବ ମୋର୍ଚ୍ଚା ସଭାପତି ତାପସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

■ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ବୈଠକ

# କୃଷି, ମୁଦ୍ରା ଯୋଜନାରେ ଋଣ ଦେବାକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ,୨୦।୧୨**

ଏମ୍ଏସ୍ଏମ୍ଇ, କୃଷି ଏବଂ ମୁଦ୍ରା ଯୋଜନାରେ ଋଣ ଦିଅ। ଏହା ହେଲେ ଜଗତ୍‌ସିଂହପୁର ଜିଲାରେ ବ୍ୟାଙ୍କ ଜମା ଓ ଋଣର ଅନୁପାତ ବଢିବ। ବ୍ୟାଙ୍କଗୁଡିକୁ ଏଭଳି ପରାମର୍ଶ ଦେଇଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ସାଧାରଣ ପରିଚାଳକ ମାନବେନ୍ଦ୍ର ମିଶ୍ର। ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବ୍ୟାଙ୍କ ସମୂହର ଜିଲା ପରାମର୍ଶଦାତା କମିଟି ଏବଂ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ସେ କହିଲେ ଯେ, ଅଧିକ ହିତାଧିକାରୀଙ୍କୁ ଋଣ ଦିଆଗଲେ ଜିଲାରେ ଜମା ଓ ଋଣର ଅନୁପାତ ବୃଦ୍ଧି ପାଇବ। ବ୍ୟାଙ୍କଗୁଡିକ ଋଣ ଟଙ୍କା ଆଦାୟ ଉପରେ ମଧ୍ୟ ଧ୍ୟାନ ଦେବା ଉଚିତ। ୩ ମାସରେ ଥରେ ବୈଠକ ହେଉଥିବାରୁ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ଜରୁରୀ। ଏହାଦ୍ୱାରା ବ୍ୟାଙ୍କ, ସରକାରୀ କଳ ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରାଯାଇପାରିବ ଏବଂ ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବାର ଅନୁକୂଳ ପରିବେଶ ସୃଷ୍ଟି ହେବ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅତିଥିମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ବ୍ୟାଙ୍କଗୁଡିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ହିତାଧିକାରୀ ବ୍ୟାଙ୍କରୁ ଯେପରି ସୁବିଧାରେ ଋଣ ନେଇପାରିବେ ତା'ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ରିଜର୍ଭ ବାଙ୍କର ଏଲ୍‌ଡିଓ ଖୁସିରାମ ସାହୁ, ନାବାର୍ଡ ଏଜିଏମ୍ ଶାନ୍ତି ପ୍ରକାଶ ମହାପାତ୍ର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଲିଙ୍ଗରାଜ ପଣ୍ଡା, କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ସେକ୍ରେଟାରୀ ନିରଞ୍ଜନ ପଟ୍ଟନାୟକ, ୟୁକୋ ବ୍ୟାଙ୍କ ଡେପୁଟୀ ଜୋନାଲ ହେଡ୍ ସୁଦୀପ ଡାକୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଅଗ୍ରଣୀ ଜିଲା ମ୍ୟାନେଜର ଅନିଲ କୁମାର ପଟ୍ଟନାୟକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରର ବିଭାଗୀୟ ଅଧିକାରୀ, ଜିଲାର ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ବ୍ୟାଙ୍କ ଅଧିକାରୀମାନେ।

# ବିଭିନ୍ନ ସ୍ଥାନରେ ମହାଲକ୍ଷ୍ମୀ ପୂଜା ଆରମ୍ଭ

**ବାଲିକୁଦା,୨୦।୧୨(ସ୍ୱ.ପ୍ର.)**

ବାଲିକୁଦାର ବିଭିନ୍ନ ସ୍ଥାନରେ ଗୁରୁବାରଠାରୁ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। କାଳିଓ ପଞ୍ଚାୟତର ତଣ୍ଡାଉଣୀଠାରେ ପାତ୍ର ପରିବାର ପକ୍ଷରୁ ମା'ଙ୍କ ୫୬ତମ ବାର୍ଷିକ ପୂଜା କରାଯାଇଛି। ଶିବ ପ୍ରସାଦ ପାତ୍ର ଓ ଅନୁପମା ପାତ୍ର କର୍ତ୍ତା ଦାୟୀତ୍ୱ ସମ୍ପାଦନ କରିଛନ୍ତି। ସେହିପରି ଡେଙ୍ଗାପୋଲ ବଜାର କମିଟି ପକ୍ଷରୁ ମା'ଙ୍କ ପୂଜା କରାଯାଉଛି। ଏଠାରେ ରବୀନ୍ଦ୍ର ଓଝା ଓ ମିନତୀ ଓଝା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ବଜାର କମିଟି ସଭାପତି ସୌଭାଗ୍ୟ ସାମନ୍ତରାୟ, ସମ୍ପାଦକ ପ୍ରବୀର ମହାରଣା ସଦସ୍ୟ ସନାତନ ସାହୁ, ବିଚିତ୍ରାନନ୍ଦ ରାଉତ, ଟୁକୁନା ସାହୁ, କୃଷ୍ଣଚନ୍ଦ୍ର ନାୟକ, ସଂଗ୍ରାମ ମହାନ୍ତି, ରମେଶ ଚନ୍ଦ୍ର ସାହୁ, ପ୍ରସନ୍ନ ସ୍ୱାଇଁ, ଚନ୍ଦ୍ରଶେଖର ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଛନ୍ତି। ରାହାଣଠାରେ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ଯଥାରୀତି ସମ୍ପାଦିତ ହେଉଛି। କମିଟି ସଭାପତି ବିଶ୍ୱ ବିଜୟୀ ସ୍ୱାଇଁ, ସମ୍ପାଦକ ରାଜେଶ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଚୈତନ୍ୟ ବେହେରା, ଉପସଭାପତି ସୁବାସ ବେହେରା, ସଦସ୍ୟ ଚକ୍ରଧର ସାହୁ, ଶ୍ରୀନିବାସ ବେହେରା, ପରମାନନ୍ଦ ଓଝା, ସଚ୍ଚିଦାନନ୍ଦ ସେନାପତି, ତ୍ରିନାଥ ପ୍ରଧାନ, ପ୍ରତାପ ବେହେରା, ସତ୍ୟାନନ୍ଦ ମହାରଣା ପ୍ରମୁଖ ପରିଚାଳନା କରୁଛନ୍ତି। ନେତ୍ରାନନ୍ଦ ବିଶ୍ୱାଳ ଓ ମମତା ବିଶ୍ୱାଳ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ବାଲିକୁଦାର ବାଲିସାହି, ତଣ୍ଡିକୂଳ ଓ ଜଇତଳଙ୍ଗ ଠାରେ ମହାଲକ୍ଷ୍ମୀ ପୂଜା ହେଉଛି। ଏହି ଅବସରରେ ମା'ଙ୍କ ମଣ୍ଡପରେ ପ୍ରତ୍ୟେହ ନାମ ସଂକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

# ତାରପୁର ପୁରୁଣା ବଜାରରେ ମାଣବସା ଲକ୍ଷ୍ମୀପୂଜା

**ରଘୁନାଥପୁର,୨୦।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତାରପୁର ପୁରୁଣା ବଜାରରେ ଗୁରୁବାର ୧୭ତମ ମାଣବସା ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଧାର୍ମିକ ରୀତିନୀତି ଅନୁଯାୟୀ ମା'ଙ୍କ ନିକଟରେ ପୂଜା ଚାଲିଛି। ପୂଜା କମିଟି ପକ୍ଷରୁ ଶିବପ୍ରସାଦ ସ୍ୱାଇଁ ଓ ସୌଦାମିନୀ ସ୍ୱାଇଁ କର୍ତ୍ତାକର୍ତ୍ତୀ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିର ହୋଇଛି। ପୂଜା କମିଟି ପକ୍ଷରୁ ବସନ୍ତ ପରିଡା, ମାନସ ସ୍ୱାଇଁ, ନୃସିଂହ ଚରଣ ଦାଶ, ପ୍ରତାପ ସ୍ୱାଇଁ ଓ ନିହାର ରଞ୍ଜନ ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ସୋମବାର ମା'ଙ୍କ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ମୁଖ୍ୟଙ୍କଠାରୁ ଜଣାପଡ଼ିଛି।

## ODISHA JOINT ENTRANCE EXAMINATION

No:- OJEE19/001 Date:-20/12/2018

**ATTENTION : CANDIDATES INTERESTED TO STUDY ENGINEERING IN STATE GOVERNMENT AND PRIVATE INSTITUTES / COLLEGES OF ODISHA**

Candidates interested to study engineering in State Government and Private(Self-funded Institutes) of Odisha have to appear JEE (Main) - 2019. As per the decision of the Govt. of Odisha, admission to 1st year B. Tech. and B. Arch. courses in the academic year 2019-20 will be as per rank of JEE (Main) - 2019.

This year, JEE (Main) – 2019 is being conducted by NTA (National Testing Agency) twice in a year. The details, as per JEE (Main) - 2019 information bulletin, are given below. For further details, candidates are advised to visit **www.jeemain.nic.in** or under Engineering stream in **www.nta.ac.in** website.

| EVENTS | DATE | |
|---|---|---|
| | First Attempt | Second Attempt |
| On-line submission of Application Form upto 11.50 p.m. (including uploading of photograph and signature) | 01.09.2018 to 30.09.2018 | 08.02.2019 to 07.03.2019 |
| Date for successful final transaction of fee (through Credit / Debit Card / Net Banking up to 11.50 p.m. and through e-challan upto bank hours) | 01.09.2018 to 01.10.2018 | 08.02.2019 to 08.03.2019 |
| Dates of Examination | Between 06.01.2019 (Sunday) to 20.01.2019 (Sunday) | Between 06.04.2019 (Sunday), to 20.04.2019 (Saturday) |

Candidates interested to take admission in Integrated M.Sc. course offered by C.E.T, Bhubaneswar, are also advised to appear in JEE (Main)-2019.

Candidates, who have not registered for 1st examination, are advised to register for the 2nd examination as per the schedule given.

Sd/-
**CHAIRMAN, OJEE**

## 1st Corrigendum to Invitation for Bids
## 'e' Procurement Notice No. 08(KHD) of 2018-19

No.986-A: The Class of contractor mentioned in Sl. No. 2& 6 of the table may be read as "B & A". Instead of "C & B" at Column "6". The cost of bid document mentioned in Sl. No. 2 of the table may be read as "10000" instead of "6000" at column "5" All other terms and conditions remain unchanged.

**Sd./- Executive Engineer**
32078/11/0010/1819 **Khurda Irrigation Division, Khurda**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER

**MEDICAL WING**
**Dist. Head Quarters Hospital, Koraput - 764020**
**ISO 9001:2008 Certified, Cert. No. 9624**

**E-mail : dhhkpt@gmail.com** **Phone : 06852-251440**
Letter No: 3544 Date : 19.12.2018

### TENDER CANCELLATION NOTICE

No. 678-E: Tender for Engagement of Agency for "Providing Man-power, Security & Cleaning Services on outsourcing basis" at District Headquarter Hospital, Koraput invited by CDM & PHO, Koraput vide Tender reference No. 778, Dated : 20.03.2018 is hereby cancelled.

10077/11/0026/1819 **Sd./- CDM & PHO, Koraput**

## DISTRICT OFFICE, ANGUL
**(Social Welfare Section)**

No. / SW, Date:

### TENDER CALL NOTICE
**(ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

Sealed tenders are invited for engagement of Transporting Contractor for taking transportation of food stuff under Supplementary Nutrition Programme in Angul District. The detailed terms and conditions can be obtained from the Office of the DSWO, Angul or can be downloaded from the District Website www.angul.nic.in till 15.01.2019 by 1.00PM. The tender paper is to be submitted to the DSWO, Angul on or before 16.01.2019, 1.00PM by Registered / Speed Post only. The tender will be opened on the same day at 3.00PM in presence of the members of the Tender Committee and the Tenderers or their authorized representatives. The authority reserves the right to reject / cancel any or all tenders without assigning any reason thereof and shall bear no liability what so ever consequent upon such decision.

***Sd./- COLLECTOR, ANGUL***

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

Lifeline of Odisha

(A Government of Odisha Undertaking)
OFFICE OF THE SENIOR GENERAL MANAGER (CONSTRUCTION),ZONAL-I, TECHNICAL BUILDING, 1ST FLOOR, BHOINAGAR, BHUBANESWAR – 751 022, TEL . 0674 –2546353 , Email:-sgm.con1.bbs@optcl.co.in

### NOTIFICATION

**No:Sr.GM(TP&C)\Publication\Gaz\08\(Vol.IV) 2955** **Date: 18.12.2018**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount in (₹. Crs.) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 132KV DC line from 220/ 132/33KV Grid S/S, Aska to 132/33KV Grid S/S, Digapahandi. (REVISED ROUTE) | **Revised route from gantry of Aska Grid S/S to AP. No. 5** **Tahasil : ASKA** **R.I. Circle: Bhetanai** **Revenue Village:** Bhetanai, Sidhanai, Ataranga **Revised route from AP. No. 18 to gantry of Digapahandi Grid S/S.** **Tahasil : SANAKHEMUNDI** **R.I. Circle: Satapenthagopalpur** **Revenue Village:** Satapenthagopalpur **R.I. Circle: Shree Chandanpur** **Revenue Village:** Padmanavpur, Paikajagannathpur, Biswonathpur, Bhaliajhola, Samapada Raghunathpur, Gangapur. **R.I. Circle: Patapur** **Revenue Village:** Palaspur, Luninathi, Chintakhalli. **R.I. Circle: Malabhanja** **Revenue Village:** Ambagaon, Sunkarapalli **Tahasil: DIGAPAHANDI** **R.I. Circle: Digapahandi** **Revenue Village:** Chanchadapalli, Nabarangapur. | ₹.19.79 Cr. | D.G.M (Elec.), EHT (C) Division, Berhampur. | This will facilitate the un-interrupted power supply to the villages' covers under the Tahasil of **Aska, Sanakhemundi, Digapahandi** & overall development of Odisha State in general. |

(Amarnath Mohanty)
**Chief General Manager (C), Zone-I**

Please connect us: optcl.odisha optcl_odisha energyodisha

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

Lifeline of Odisha

(A Government of Odisha Undertaking)
OFFICE OF THE SENIOR GENERAL MANAGER (CONSTRUCTION),ZONAL-I, TECHNICAL BUILDING, 1ST FLOOR, BHOINAGAR, BHUBANESWAR – 751 022, TEL . 0674 –2546353 , Email:-sgm.con1.bbs@optcl.co.in

### NOTIFICATION

**No:Sr.GM(TP&C)\Publication\Gaz\08\(Vol.IV) 2942** **Date: 17.12.2018**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount in (₹. Crs.) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1 | Construction of 132KV DC line from 132/33KV Grid Sub Station, R. Udayagiri to 132/33KV Grid Sub Station, Paralakhemundi. | **Tahasil : R.UDAYAGIRI** **R.I. Circle: Chheligarh** **Revenue Village:** Sailanga, Padmapur, Bhaliasahi, Randiba, Tangiasahi. **R.I. Circle: Ramagiri** **Revenue Village:** Sindiranga, Parisala, Larada, Ramagiri, Thatarajcolony. **R.I. Circle: Mangarajpur** **Revenue Village:** Anamundi, Siripur, Taralasingi, Balidi 'KHA', Mangarajpur, Gopalpur, Saragisahi. **Tahasil : RAYAGARH** **R.I. Circle: Mandalsahi** **Revenue Village:** Raikaguma, Badaputar, Sanaputar, Buldaguma, Mandalsahi, Dumbala, Saagaon, Pandasahi, Talamanda, Munising, Sindhising, Sindising **R.I. Circle: Rayagarh** **Revenue Village:** Raida, Sunapur, Rayagarh, Kaithapadar, Hirapur, Padmapur, Karadasing, Burujanga. **Tahasil: PARALAKHEMUNDI** **R.I. Circle: Machhamara.** **Revenue Village:** Sanadeula, Badadeula. **R.I. Circle: Kharasanda** **Revenue Village:** Buguda, Batisiripur, Singipur, Routpur, Madhusudanpur. **R.I. Circle: Upalada** **Revenue Village:** Upalada, Parikota, Rajsitapur, Katal Kaitha, Podani, Jagatsinghpur, Anarada, Tulasipadu, Parsurampur. **R.I. Circle: Bagasala** **Revenue Village:** Kududa, BadapratapPur, Ranadevi. **R.I. Circle: Badakuturu** **Revenue Village:** Naraharipur, **R.I. Circle: Parala khemundi Revenue Village:** Relisahi. **Tahasil : GUMMA** **R.I. Circle: Jiba.** **Revenue Village:** Jami | **₹.35.03 Cr.** | D.G.M (Elec.), EHT (C) Division, Berhampur . | This will facilitate the un-interrupted power supply to the villages' covers under the Tahasils of **R. Udayagiri, Rayagarh, Gumma, Paralakhemundi** & overall development of Odisha State in general. |

(Amarnath Mohanty)
**Chief General Manager (C), Zone-I**

Please connect us: optcl.odisha optcl_odisha energyodisha

# ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ ଓ ନିମାପଡ଼ା, ପୁରୀ ଜିଲ୍ଲା

## ୨୦୧୮-୧୯ ଖରିଫ / ରବି ବର୍ଷର ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

**ବିଜ୍ଞାପନ ସଂଖ୍ୟା- ୬୯୦** **ତା: ୨୦।୧୨।୨୦୧୮**

ପୁରୀ ଜିଲ୍ଲାର ସମସ୍ତ କୃଷକବନ୍ଧୁମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସମବାୟ ବିଭାଗ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ ଓ ପୁରୀ ଜିଲ୍ଲା ପ୍ରଶାସନ ନିଷ୍ପତ୍ତିକ୍ରମେ ଉପରୋକ୍ତ ସମସ୍ତ ବ୍ଲକ୍‌ର ବିବେଚିତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ମାନଙ୍କରେ ଚଳିତ ଖରିଫ୍/ରବି ୨୦୧୮-୧୯ ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା୨୧।୧୨।୨୦୧୮ରିଖ ଶୁକ୍ରବାରଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଏଣୁ ସମ୍ପୃକ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃରେ ନାମ ପଞ୍ଜୀକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ / ବଳକା ଧାନ ସବୁକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫା କରି ବା ଏଫ୍.ଏ.କ୍ୟୁ. ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ ସଂଲଗ୍ନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଅନୁରୋଧ। ଏଥି ସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ. ମାନର ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ ପ୍ରତି) |
|---|---|---|---|
| ୦୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧.୦% | ସାଧାରଣ ଧାନ ଟ.୧୭୫୦.୦୦ |
| ୦୨ | କାଠି, କୁଟା, ଧୂଷ, ଅଗାଡ଼ି ବା ପୋକା ଇତ୍ୟାଦି ଜୈବିକ ପଦାର୍ଥ | ୧.୦% | ଗ୍ରେଡ୍ ଏ ଧାନ ଟ.୧୭୭୦.୦୦ |
| ୦୩. | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% | |
| ୦୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% | |
| ୦୫. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ଏ ଧାନ ନିମନ୍ତେ) | ୬.୦% | |
| ୦୬ | ଆର୍ଦ୍ରତା ବା ଜଳୀୟଅଂଶ | ୧୭.୦% | |

**ବି.ଦ୍ରଃ** ଚାଷୀ ଭାଇ ଓ ଭଉଣୀମାନେ!

୧. ବିକ୍ରୟଯୋଗ୍ୟ ଧାନ ଆଣିବା ପୂର୍ବରୁ ଧାନ କ୍ରୟକେନ୍ଦ୍ରରୁ ୭ ଦିନ ପୂର୍ବରୁ ଟୋକନ୍ ସଂଗ୍ରହ କରନ୍ତୁ।
୨. ଧାନ କ୍ରୟ କେନ୍ଦ୍ରକୁ ବିକ୍ରି ଯୋଗ୍ୟ ଧାନ ଦିବା ୨ ଘଟିକା ମଧ୍ୟରେ ଆସିବା ଜରୁରୀ।
୩. କିଷାନ କ୍ରେଡିଟ୍ କାର୍ଡ, ବିଜୁ କୃଷି ଯୋଜନା କାର୍ଡ, ଭୋଟ୍ ପରିଚୟ ପତ୍ର ଅଥବା ନାମ ପଞ୍ଜୀକରଣ ବେଳେ ଦେଇଥିବା ପରିଚୟପତ୍ର ଧାନ କ୍ରୟକେନ୍ଦ୍ରକୁ ନିଶ୍ଚିତ ଆଣନ୍ତୁ।
୪. ବିକ୍ରୟ ପାଇଁ ଆସିଥିବା ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଓ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥମୁକ୍ତ ହୋଇଥିବା ଜରୁରୀ।
୫. ଚାଷୀ ଭାଇ ଓ ଭଉଣୀମାନେ ବିକ୍ରି କରୁଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଅନ୍‌ଲାଇନ୍ ମାଧ୍ୟମରେ ୨୪ ଘଣ୍ଟା ଭିତରେ ଅଥବା ଅତିବେଶିରେ ୭୨ ଘଣ୍ଟା ଭିତରେ ପ୍ରଦାନ ବ୍ୟବସ୍ଥା କରାଯାଇଅଛି।

**ଜିଲ୍ଲା କଣ୍ଟ୍ରୋଲରୁମ୍ ଯୋଗାଯୋଗ ନମ୍ବର**

| | | |
|---|---|---|
| ଉପଜିଲ୍ଲାପାଳ, ପୁରୀ | – | ୦୬୭୫୨-୨୨୨୦୫୯ |
| ଉପନିବନ୍ଧକ, ସମବାୟସମିତି, ପୁରୀ | – | ୦୬୭୫୨-୨୨୩୫୮୧ |
| ସହକାରୀ ନିବନ୍ଧକ, ସମବାୟସମିତି, ପୁରୀ | – | ୦୬୭୫୨-୨୨୩୩୯୬ |
| ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ | – | ୦୬୭୫୨-୨୨୨୨୨୮ |
| ସମ୍ପାଦକ, କେନ୍ଦ୍ର ସମବାୟ ବ୍ୟାଙ୍କ, ପୁରୀ | – | ୦୬୭୫୨-୨୨୪୫୫୩ |
| ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ | – | ୯୬୬୮୫୮୫୨୩୪, ୭୦୦୮୬୯୩୫୯୨ |
| ନିୟନ୍ତ୍ରିତ ବଜାର କମିଟି, ନିମାପଡ଼ା | – | ୮୨୪୯୫୯୬୮୩୯, ୯୯୩୭୩୧୦୭୫୬ |
| ସହକାରୀ ଯୋଗାଣ ଅଧିକାରୀ **(Procurement)** | – | ୮୯୮୪୧୫୨୫୯୭ |

**ବିଶେଷ ସୂଚନା:** ଅନ୍‌ଲାଇନ୍ ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଧାନ ଗ୍ରହଣ କରାଯିବ।

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ନିମାପଡ଼ା**

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ**

**ଉପଜିଲ୍ଲାପାଳ, ପୁରୀ ତଥା ଅଧ୍ୟକ୍ଷ,**
**ନିୟନ୍ତ୍ରିତ ବଜାର କମିଟି**
**ସାକ୍ଷୀଗୋପାଳ, ନିମାପଡ଼ା**

**ଚାଷୀ ହସିଲେ ଦୁନିଆ ହସିବ**



ସମସ୍ତ ରାଜନୈତିକ ଦଳ ଜନ ପ୍ରତିନିଧିଙ୍କ ପାଇଁ ମିଳିତ ଭାବେ ଏକ ଆଚରଣ ବିଧି ପ୍ରସ୍ତୁତ କରିବା ଉଚିତ ।
- ଏମ୍.ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ସଂକ୍ଷେପରେ

### ଶ୍ରିଙ୍ଗଲା ଆମେରିକାରେ ଭାରତର ରାଷ୍ଟ୍ରଦୂତ

ନୂଆଦିଲ୍ଲୀ,୨୦।୧୨(ପି.ଟି.)-ବରିଷ୍ଠ କୂଟନୀତିଜ୍ଞ ହର୍ଷବର୍ଦ୍ଧନ ଶ୍ରିଙ୍ଗଲାଙ୍କୁ ଆମେରିକାରେ ଭାରତର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି।



୧୯୮୪ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରିଙ୍ଗଲା ନଭତେଜ୍ ସର୍‌ନାଙ୍କ ସ୍ଥାନ ନେବାକୁ ଯାଉଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଶ୍ରିଙ୍ଗଲା ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ଅଛନ୍ତି। ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦର ମହାନିର୍ଦ୍ଦେଶକ ଥିବା କୂଟନୀତିଜ୍ଞ ରିଭା ଗାଙ୍ଗୁଲୀଙ୍କୁ ବାଂଲାଦେଶରେ ଭାରତର ନୂଆ ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଛି।

# ଚାଇନାକୁ ଦୋହରା ଝଟକା

ୱାଶିଂଟନ,୨୦।୧୨

ଆମେରିକା ପକ୍ଷରୁ ବୁଧବାର ଚାଇନାକୁ ଶକ୍ତ ଝଟକା ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତିବ୍ବତ ସମ୍ପର୍କିତ ଏକ ବିଲ୍‌ରେ ସ୍ୱାକ୍ଷର କରିବା ପରେ ତାହା ଆଇନରେ ପରିଣତ ହୋଇଛି। ଉକ୍ତ ଆଇନ ବଳରେ ଆମେରିକାର ଯେକୌଣସି ନାଗରିକ ତିବ୍ବତକୁ ଯାଇପାରିବେ। ହିମାଳୟ ପାଦଦେଶରେ ଥିବା ଧର୍ମଗୁରୁ ଦଲାଇ ଲାମାଙ୍କ ଏହି ଭୂଖଣ୍ଡକୁ ଆମେରିକୀୟ ନାଗରିକ, ସରକାରୀ ଅଧିକାରୀ ଓ ଖବରଦାତା ଯିବା ପାଇଁ ଚାଇନାର ଯେଉଁ ଅଧିକାରୀ ମନାକରିବେ ତାଙ୍କ ବିରୋଧରେ ଭିଜା କଟକଣା ଜାରି କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି।

ଆମେରିକା ନାଗରିକ, ସରକାରୀ ଅଧିକାରୀ, ଖବରଦାତା, କୂଟନୈତିଜ୍ଞ ଓ ପର୍ଯ୍ୟଟକମାନେ ବିଭିନ୍ନ କାର୍ଯ୍ୟ ପାଇଁ ତିବ୍ବତ ଯିବା ଲାଗି ଆଗ୍ରହ ପ୍ରକାଶ କରିଥାନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଚାଇନା ସେଠାକୁ ଯିବାକୁ ଦେଇ ନ ଥାଏ। ଯେଉଁ ଅଳ୍ପ କେତେଜଣଙ୍କୁ ଯିବାକୁ ଦିଆଯାଏ, ସେମାନଙ୍କୁ ଚାଇନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖିଥାନ୍ତି। ଏପରି କି ତିବ୍ବତୀୟ ଅଧିବାସୀଙ୍କ ପ୍ରକୃତ ଅବସ୍ଥା ସେମାନଙ୍କୁ ଜାଣିବାକୁ ସୁଯୋଗ ଦିଆଯାଇ ନ ଥାଏ। ତିବ୍ବତୀୟ-ଆମେରିକୀୟମାନଙ୍କୁ ସେମାନଙ୍କ ପୈତୃକ ଭୂମିକୁ ଯାଇ ନିଜ ପରିବାର ଓ ସମ୍ପ୍ରଦାୟର ସଦସ୍ୟଙ୍କ ସହ ଭେଟିବା ଅଧିକାର ମିଳି ନ ଥାଏ। ଏହାକୁ ନେଇ ଆମେରିକା ପୂର୍ବରୁ ଏକାଧିକ ଥର ଆପତ୍ତି ଉଠାଇଥିଲେ ହେଁ ବେଜିଂ କର୍ଣ୍ଣପାତ କରୁ ନ ଥିଲା। ଫଳରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବୁଧବାର 'ରେସିପ୍ରୋକାଲ ଆକ୍‌ସେସ୍ ଟୁ ତିବ୍ବତ ଆକ୍ଟ ଅଫ୍ ୨୦୧୮'ରେ ସ୍ୱାକ୍ଷର କରି ନିଜ ଦେଶର ଲୋକଙ୍କ ପାଇଁ ତିବ୍ବତକୁ ପଥ ପରିଷ୍କାର କରିଛନ୍ତି। ଏହା ପୂର୍ବରୁ ଉକ୍ତ ବିଲ୍ ସିନେଟ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଗୃହୀତ ହୋଇଥିଲା। ଟ୍ରମ୍ପଙ୍କ ସଦ୍ୟ ପଦକ୍ଷେପକୁ ତିବ୍ବତୀୟ ସମୁଦାୟ ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି। ପ୍ରକାଶ ଯେ, ଚାଇନା ଶତାଧିକ ବର୍ଷ ହେବ ତିବ୍ବତକୁ ନିଜ ଭୂଖଣ୍ଡ ଭାବେ ଅଭିହିତ କରିଆସୁଛି। ତିବ୍ବତରେ ଚାଇନା ବିରୋଧରେ ବିଫଳ ସଂଗ୍ରାମ ପରେ ୧୯୫୯ରେ ଦଲାଇ ଲାମା ଭାରତକୁ ଚାଲିଆସିଥିଲେ।

### ତିବ୍ବତ ସମ୍ପର୍କିତ ବିଲ୍‌ରେ ସ୍ୱାକ୍ଷର କଲେ ଟ୍ରମ୍ପ




# ଉପାରେ କୁଶ୍‌ୱାହା

ନୂଆଦିଲ୍ଲୀ,୨୦।୧୨(ପି.ଟି.)



ଏନ୍‌ଡିଏ ଛାଡ଼ିଥିବା ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆରଏଲ୍‌ଏସ୍‌ପି) ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶ୍‌ୱାହା ଗୁରୁବାର କଂଗ୍ରେସ ନେତୃତ୍ୱାଧୀନ ଉପାରେ ସାମିଲ ହୋଇଛନ୍ତି। ବିହାରରେ ବିରୋଧୀ ଦଳର ମହାମେଣ୍ଟରେ ସାମିଲ ହୋଇଥିବା କୁଶ୍‌ୱାହା ଏଆଇସିସି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହି ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ, ଏଆଇସିସି ରାଜ୍ୟ ପ୍ରଭାରୀ ଶକ୍ତିସିଂ ଗୋହିଲ, ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ ବିରୋଧୀ ଦଳ ନେତା ଶରଦ ଯାଦବ ଉପସ୍ଥିତ ଥିଲେ। କୁଶ୍‌ୱାହାଙ୍କ ଯୋଗଦାନ ଫଳରେ ବିହାରରେ ଏନ୍‌ଡିଏକୁ ମୁକାବିଲା କରିବାରେ ବିରୋଧୀ ମହାମେଣ୍ଟ ଅଧିକ ମଜଭୁତ ହୋଇପାରିବ। ସେଠାରେ କଂଗ୍ରେସ ସହ ଆରଜେଡି, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ଉପାରେ ରହିଛନ୍ତି। ତେଣୁ ଆଗାମୀ ୨୦୧୯ ଲୋକ ସଭା ନିର୍ବାଚନରେ ଏନଡିଏ ସହିତ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ୨୦୧୪ ନିର୍ବାଚନରେ ଏନ୍‌ଡିଏ ବିହାରର ୪୦ ଆସନରୁ ୩୧ଟିରେ ବିଜୟୀ ହୋଇଥିଲା। ନିକଟରେ କୁଶ୍‌ୱାହା ଏନ୍‌ଡିଏରୁ ଓହରିଯାଇଥିବାବେଳେ ତାଙ୍କୁ ଦଳ ଭିତରୁ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡିଥିଲା। ତାଙ୍କ ଦଳର ତିନିଜଣ ବିଧାୟକ ଏନ୍‌ଡିଏ ସହ ରହିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

### ଲାଲୁଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୨୦।୧୨(ପି.ଟି.)-ଭାରତୀୟ ରେଳପଥ କ୍ୟାଟରିଂ ଏବଂ ଟ୍ୟୁରିଜମ୍ କର୍ପୋରେଶନ୍ (ଆଇଆର୍‌ସିଟିସି)ର ଦୁଇଟି ଦୁର୍ନୀତି ମାମଲାରେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କୁ ଦିଲ୍ଲୀର ଏକ କୋର୍ଟ ଜାନୁୟାରୀ ୧୯ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ



ମଞ୍ଜୁର କରିଛନ୍ତି। ସିବିଆଇ ଏବଂ ଇଡି ପକ୍ଷରୁ ଏହି ଦୁର୍ନୀତି ମାମଲା ରୁଜୁ ହୋଇଥିଲା। ରାଞ୍ଚି ଜେଲ୍‌ରୁ ଭିଡିଓ କନ୍‌ଫରେନ୍ସି ଜରିଆରେ ଲାଲୁ ହାଜର ହୋଇ ବୟାନ ରଖିବା ପରେ ସ୍ୱତନ୍ତ୍ର ଜଜ୍ ଅରୁଣ ଭରଦ୍ୱାଜ ତାଙ୍କୁ ଜାମିନ ଦେଇଛନ୍ତି। ତେବେ ତାଙ୍କୁ ନିୟମିତ ଜାମିନ ପ୍ରଦାନ ଲାଗି କୋର୍ଟ ସିବିଆଇ ଏବଂ ଇଡିଠାରୁ ଦୁଇଟି ମାମଲାରେ ରିପୋର୍ଟ ମାଗିଛନ୍ତି। ଆଇଆର୍‌ସିଟିସିର ଦୁଇଟି ହୋଟେଲର ପରିଚାଳନା ଦାୟିତ୍ୱ ଘରୋଇ କମ୍ପାନୀକୁ ଦେବାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏହି ମାମଲାରେ କୋର୍ଟ ପୂର୍ବରୁ ଲାଲୁଙ୍କ ସ୍ତ୍ରୀ ରାବ୍ରୀ ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କୁ ଜାମିନ ପ୍ରଦାନ କରିଥିଲେ।

# ୬୦ ବିଶେଷଜ୍ଞଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ

ମୁମ୍ବାଇ,୨୦।୧୨

କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଅଧୀନରେ କାମ କରୁଥିବା ଏକ ମୋବାଇଲ୍ ନିର୍ମାଣକାରୀ କମ୍ପାନୀର ଡାମନ ଓ ସିଲଭାସା ପ୍ଲାଣ୍ଟକୁ ୬୦ ଚାଇନା ବିଶେଷଜ୍ଞ ପରିଦର୍ଶନରେ ଆସିଛନ୍ତି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିବା ପରେ ସେମାନଙ୍କୁ ତୁରନ୍ତ ଭାରତ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଦେଶୀଙ୍କ କ୍ଷେତ୍ରୀୟ ପଞ୍ଜୀକରଣ କାର୍ଯ୍ୟାଳୟ (ଏଫ୍‌ଆର୍‌ଆର୍‌ଓ) ଚାଇନା ବିଶେଷଜ୍ଞମାନଙ୍କୁ ପରିଦର୍ଶନ ନେଇ ପଚରାଉଚରା କରିଛି। ଏଥିସହ ବ୍ୟବସାୟିକ ଭିଜା ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କୁ ତୁରନ୍ତ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି। ଏଫ୍‌ଆର୍‌ଆର୍‌ଓର କଠୋର ନୋଟିସ ବିରୋଧରେ କମ୍ପାନୀ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କମ୍ପାନୀର ଅଧିକାରୀ ନୌଶେର କୋହିଲ ବୁଧବାର ଜଷ୍ଟିସ୍ ବି.ପି. ଧର୍ମାଧିକାରୀ ଏବଂ ସାରଙ୍ଗ କୋଟ୍‌ୱାଲଙ୍କ ଖଣ୍ଡପୀଠରେ ହାଜର ହୋଇ ଏହାର ତ୍ୱରିତ ଶୁଣାଣି ପାଇଁ ଅନୁରୋଧ କରିଛନ୍ତି। ଏଫ୍‌ଆର୍‌ଆର୍‌ଓର ନିର୍ଦ୍ଦେଶ ପରେ ଭିଜାର ବୈଧତା ଥିବା ସତ୍ତ୍ୱେ ସେମାନଙ୍କ ମଧ୍ୟରୁ କେତେଜଣ ଭାରତ ଛାଡ଼ି ସାରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଭିଜା ବୈଧତା ଡିସେମ୍ବର ୨୭ ଏବଂ ଆଉ କେତେକଙ୍କ ବୈଧତା ୨୦୧୯ ମେ ପର୍ଯ୍ୟନ୍ତ ରହିଛି। ଏହାସତ୍ତ୍ୱେ ଚାଇନା ନାଗରିକଙ୍କୁ କୌଣସି ପ୍ରକାରେ ଡିସେମ୍ବର ୧୫ ସୁଦ୍ଧା ଦେଶ ଛାଡ଼ି ଚାଲିଯିବାକୁ କୁହାଯାଇଥିଲା। ତୁରନ୍ତ ଭାରତ ଛାଡ଼ି ନ ଗଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାଦର ଓ ନଗର ହାବେଲି ଏଫ୍‌ଆର୍‌ଆର୍‌ଓ ଅଧିକାରୀ ଚେତାବନୀ ଦେଇଛନ୍ତି। ହାଇକୋର୍ଟ ଏହି ପ୍ରସଙ୍ଗକୁ ଗମ୍ଭୀରତା ସହ ନେଇ ଶୁକ୍ରବାର ଉକ୍ତ ଆବେଦନର ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ କୋହିଲ କୋର୍ଟରେ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ୬୦ ଜଣ ବ୍ୟବସାୟିକ ଭିଜା ନେଇ ପ୍ଲାଣ୍ଟକୁ ପାସିଫିକ୍ ସାଇବର ଟେକ୍ନୋଲୋଜି ପାଇଁ ଆସିଥିଲେ। ଏମାନଙ୍କୁ କମ୍ପାନୀର ଅନ୍ୟ ଏକ ଭେଞ୍ଚର ପକ୍ଷରୁ ପରିଦର୍ଶନ ପାଇଁ ପଠାଯାଇଥିଲା। ପ୍ରକାଶ ଯେ, ଏହି ପ୍ଲାଣ୍ଟରେ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଅନୁଯାୟୀ ମୋବାଇଲ୍ ଫୋନ୍ ତିଆରି କରାଯାଉଛି। ଫୋନ୍‌ର ଡିଜାଇନ୍ ମଧ୍ୟ ସେଠାରେ ପ୍ରସ୍ତୁତ କରାଯାଉଛି। ଉକ୍ତ କମ୍ପାନୀ ଗତ ୭ ମାସରେ ୫୫ ଲକ୍ଷ ଫୋନ୍ ତିଆରି କରିଛି। ଏଠାକୁ ବିଭିନ୍ନ ଦେଶର ବିଶେଷଜ୍ଞ ତାଲିମ ପ୍ରଦାନ ପାଇଁ ଆସିଥାନ୍ତି। ତେବେ ଅଦ୍ୟାବଧି ଏହି ପ୍ଲାଣ୍ଟର ନାମ ପ୍ରଘଟ ହୋଇନାହିଁ।

### ବ୍ୟଙ୍ଗରେ କୂଟନୀତି



ଦକ୍ଷିଣ କୋରିଆର ରାଜଧାନୀ ସିଓଲରେ ଚାଲିଥିବା ବ୍ୟଙ୍ଗାତ୍ମକ କଳା ପ୍ରଦର୍ଶନୀରେ ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଟୁନ ସ୍ଥାନ ପାଇଛି। ଅର୍ଥ ପାଇଁ ଦୁଇବନ୍ଧୁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ପରେ ଟ୍ରମ୍ପଙ୍କୁ କିମ୍ ଗୁଳିକରି ହତ୍ୟା କରିଛନ୍ତି। ଫଳରେ ଟ୍ରମ୍ପଙ୍କ ଗୁଳିବିଦ୍ଧ ଶରୀର ଏକ ରେଡ୍ କାର୍ପେଟରେ ଗଡ଼ିପଡ଼ିଛି। କିମ୍‌ଙ୍କ ପଛପଟୁ ଏକ କୋଟେଶନ୍ ଆସୁଛି, ଯହିଁରେ ଲେଖାଅଛି 'ଏହି ଶୋ' ଜାରି ରହିବା ଜରୁରୀ।' ଆର୍ଟ ଗ୍ୟାଲେରୀର ଏହି ଫିଲ୍ମ ସେଟ୍ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଛି।

### ଭାଜପା ରଥଯାତ୍ରାକୁ ମିଳିଲା ଅନୁମତି

କୋଲକାତା,୨୦।୧୨(ପି.ଟି.)

ପଶ୍ଚିମବଙ୍ଗରେ ଭାଜପାର ରଥଯାତ୍ରା ଆୟୋଜନକୁ ନେଇ ଦେଖା ଦେଇଥିବା ଅନିଶ୍ଚିତତା ଦୂର ହୋଇଛି। ଏହା ଧର୍ମୀୟ ଭାବନାକୁ ପ୍ରଭାବିତ କରିବା ସହ ଦଙ୍ଗା ସୃଷ୍ଟିକରିବ ବୋଲି ପଶ୍ଚିମବଙ୍ଗ ସରକାର ଦର୍ଶାଇଥିବା ଯୁକ୍ତିକୁ କୋଲକାତା ହାଇକୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥିସହ ରଥଯାତ୍ରା ରାଲିକୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଜଷ୍ଟିସ ତପବ୍ରତ ଚକ୍ରବର୍ତ୍ତୀ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ୧୨ ଘଣ୍ଟା ପୂର୍ବରୁ ରାଲି ସମ୍ପର୍କିତ ସୂଚନା ଏସ୍‌ପିଙ୍କୁ ଜଣାଇବାକୁ ରାଜ୍ୟ ଭାଜପାକୁ କହିଛନ୍ତି। ରାୟକୁ ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷ ସ୍ୱାଗତ କରିଛନ୍ତି। ରଥଯାତ୍ରାର ରୂପରେଖ କ'ଣ ହେବ ତାହା ଭାଜପା ନେତୃବୃନ୍ଦଙ୍କ ସହ ବିଚାରବିମର୍ଶ ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଫେରିଲା ଅସହିଷ୍ଣୁତା ବିବାଦ

**ପୋଲିସଠାରୁ ଗାଈ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି: ନାସିରୁଦ୍ଦିନ**

ମୁମ୍ବାଇ,୨୦।୧୨(ପି.ଟି.)



ଭାରତରେ ପୋଲିସ ଅଧିକାରୀଙ୍କ ହତ୍ୟାଠାରୁ ଗାଈଙ୍କ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଖ୍ୟାତନାମା ଅଭିନେତା ନାସିରୁଦ୍ଦିନ ଶାହ କହିଛନ୍ତି। ଏହାସହ ସେ ନିଜ ପୁଅମାନଙ୍କ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତାବ୍ୟକ୍ତ କରିଛନ୍ତି। ନାସିରୁଦ୍ଦିନଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି।

କାରୱାଁ-ଇ-ମୋହବ୍ବତ ଇଣ୍ଡିଆକୁ ନାସିରୁଦ୍ଦିନ ଦେଇଥିବା ଏକ ସାକ୍ଷାତ୍‌କାରକୁ ଉକ୍ତ ସଙ୍ଗଠନ ସୋମବାର ୟୁଟ୍ୟୁବ୍‌ରେ ଶେୟାର କରିଛି। ଏଥିରେ ନାସିରୁଦ୍ଦିନ କହିଛନ୍ତି, ବିଷ ବ୍ୟାପିସାରିଛି ଏବଂ ଏବେ ଏହାକୁ ଧାରଣ କରିବା କଠିନ ହୋଇପଡ଼ିବ। ଯେଉଁମାନେ ଆଇନ ହାତକୁ ନେଉଛନ୍ତି ସେମାନଙ୍କ ପାଇଁ ସବୁକିଛି ଛାଡ଼। ଅନେକ ସମୟରେ ଆମେ ଦେଖିବାକୁ ପାଉଛୁ ଯେ, ଜଣେ ପୋଲିସ ଅଧିକାରୀଙ୍କ ହତ୍ୟାଠାରୁ ଗୋରୁ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଅଭିନେତ୍ରୀ ରତ୍ନା ପାଠକ ଶାହଙ୍କୁ ବିବାହ କରିଥିବା ଏହି ବର୍ଷୀୟାନ ଅଭିନେତା ଆହୁରି କହିଛନ୍ତି, ସେମାନେ ନିଜ ଦୁଇପୁଅ ଇମାଦ୍ ଓ ଭିଭାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଧର୍ମଭିତ୍ତିକ ଶିକ୍ଷା ଦେଇନାହାନ୍ତି। କାରଣ ଭଲ ବା ମନ୍ଦ ହେବା ସହିତ ଧର୍ମର କୌଣସି ସମ୍ପର୍କ ନାହିଁ ବୋଲି ସେ ବିଶ୍ୱାସ କରନ୍ତି। ୨୦୧୫ରେ ଅସହିଷ୍ଣୁତାକୁ ନେଇ ଅଭିନେତା ଆମିର ଖାନ୍ ଦେଇଥିବା ବିବାଦୀୟ ମନ୍ତବ୍ୟ ସହ ଏବେ ନାସିରୁଦ୍ଦିନଙ୍କ ସଦ୍ୟ ମନ୍ତବ୍ୟକୁ ତୁଳନା କରାଯାଉଛି।

# ଇଭିଏମ୍‌କୁ ଫୁଟ୍‌ବଲ୍ ଭଳି ବ୍ୟବହାର କରୁଛନ୍ତି ରାଜନୈତିକ ଦଳ

ନୂଆଦିଲ୍ଲୀ,୨୦।୧୨(ପି.ଟି.)

**ସିଇସି କ୍ଷୁବ୍ଧ**



ସୁନୀଲ୍ ଆରୋରା

ଇଲେକ୍‌ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍) ଜାଲିଆତି ନିରୋଧୀ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ୍ ଆରୋରା କହିଛନ୍ତି। ତେବେ ରାଜନୈତିକ ଭାଷଣରେ ଏହାକୁ ଫୁଟବଲ୍ ଭଳି ଫିଙ୍ଗାଯାଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଇଭିଏମ୍‌ରେ ତ୍ରୁଟି ନଗଣ୍ୟ କରିବା ଲାଗି ନିର୍ବାଚନ କମିଶନ କାର୍ଯ୍ୟ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଇଭିଏମ୍‌ରେ ବେଳେବେଳେ ତ୍ରୁଟି ଦେଖାଦେଉଛି। ଏହାକୁ ସମ୍ପୂର୍ଣ୍ଣ ତ୍ରୁଟିରହିତ କରିବା ଲାଗି ଉଦ୍ୟମ ହେଉଛି ବୋଲି ଆରୋରା କହିଛନ୍ତି। ଜାଲିଆତି ଏବଂ ତ୍ରୁଟି ଦୁଇଟି ଅଲଗା କଥା। ଜାଲିଆତି ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥାଏ। ତ୍ରୁଟି ସ୍ୱତଃ ହୋଇଥାଏ । ନିକଟରେ ନିର୍ବାଚନ ଶେଷ ହୋଇଥିବା ୫ଟି ରାଜ୍ୟର ୧.୭୬ ଲକ୍ଷ ଭୋଟଗ୍ରହଣ କେନ୍ଦ୍ର ମଧ୍ୟରୁ ୧ ପ୍ରତିଶତରୁ କମ୍ ଇଭିଏମ୍‌ରେ ଏଭଳି ତ୍ରୁଟି ଦେଖାଦେଇଥିଲା। ଇଭିଏମ୍ ଏକ ଭୋଟ ରେକର୍ଡିଂ ମେଶିନ୍ । ଏହାକୁ ପ୍ରୋଗ୍ରାମିଂ କରାଯାଇପାରିବ ନାହିଁ ବୋଲି ସିଇସି କହିଛନ୍ତି। ୨୦୧୪ ଲୋକ ସଭା ନିର୍ବାଚନ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହୋଇଥିଲା ଏବଂ ଦୁଇ ନିର୍ବାଚନର ଫଳାଫଳ ସମ୍ପୂର୍ଣ୍ଣ ଓଲଟା ହୋଇଥିଲା ବୋଲି ଅରୋରା କହିଛନ୍ତି। ତେବେ ଫଳାଫଳ ବିରୋଧୀ ଦଳ ବିରୋଧରେ ଗଲେ ସେମାନେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି, ଯାହା ଦୁଃଖଦାୟକ ବୋଲି ସିଇସି କହିଛନ୍ତି।

### ବ୍ରିଟିଶ୍ ମହିଳାଙ୍କୁ ଗଣବଳାତ୍କାର

ପଣଜୀ,୨୦।୧୨(ପି.ଟି.)-ଗୋଆ ବେଳାଭୂମିରେ ବ୍ରିଟିଶ୍ ମହିଳା ପର୍ଯ୍ୟଟକ (୪୨)ଙ୍କୁ ଗଣବଳାତ୍କାର କରାଯାଇଥିବା ସାଉଥ୍ ଗୋଆ ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ସକାଳ ସାଢ଼େ ୪ଟାରେ ସେ କଙ୍କୋଣା ରେଳଷ୍ଟେଶନରୁ ଚାଲି ପାଲୋଲେମସ୍ଥିତ ଘରକୁ ଯାଉଥିବାବେଳେ ବଳାତ୍କାରର ଶିକାର ହୋଇଛନ୍ତି। ଅଭିଯୁକ୍ତ ରାମଚନ୍ଦ୍ରନ୍‌ଙ୍କୁ ଗିରଫ କରି ପୋଲିସ ପଚରାଉଚରା ଚଳାଇଛି।

### ୪ ମାଓବାଦୀ ଗିରଫ

ରାୟପୁର,୨୦।୧୨(ପି.ଟି.)-ଛତିଶଗଡ଼ର ନାରାୟଣପୁର ଜିଲା ଓର୍ଛା ଗ୍ରାମରୁ ବୁଧବାର ୪ ମାଓବାଦୀ ଗିରଫ ହୋଇଛନ୍ତି। ପୋଲିସର ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତଲାସି ଅଭିଯାନ ଚଳାଇଥିବାବେଳେ ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ଯବାନଙ୍କ ହାତରେ ଧରାପଡ଼ିଥିଲେ।

### ଇତିହାସର ଆଇନାରେ

### ଡିସେମ୍ବର ୨୧ର ପ୍ରମୁଖ ଘଟଣା

୧୯୭୩ ଡିସେମ୍ବର ୨୧ରେ ଜେନେଭା ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହା ମୁଖ୍ୟତଃ ଆରବ-ଇସ୍ରାଏଲ୍ ବିବାଦ ଉପରେ ପର୍ଯ୍ୟବସିତ ଥିଲା। ଦୁଇଦେଶ ମଧ୍ୟରେ ରାଜନୈତିକ ଉତ୍ତେଜନା, ସାମରିକ ବିବାଦ ଓ କେତେକ ଆରବ ରାଷ୍ଟ୍ର ଏବଂ ଇସ୍ରାଏଲ୍ ମଧ୍ୟରେ ମତଭେଦକୁ ନେଇ ସୃଷ୍ଟି ହୋଇଥିଲା।

୨୦୦୪ ଡିସେମ୍ବର ୨୧ରେ ଇରାକରେ ଆତ୍ମଘାତୀ ବିସ୍ଫୋରଣରେ ୧୧ ନିହତ ହୋଇଥିଲେ। ଆମେରିକାର ସାମରିକ ଏୟାରଫିଲ୍ଡ ସମ୍ମୁଖରେ ଏହା ଥିଲା ସବୁଠୁ ମରଣାନ୍ତକ ଆତ୍ମଘାତୀ ଆକ୍ରମଣ।

## ଫୁର୍‌ସତ

### ଆଇଏସ୍‌ଏସ୍‌ରୁ ଫେରିଲେ ୩ ମହାକାଶଚାରୀ



**ମସ୍କୋ:** ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ଦୀର୍ଘ ୬ମାସ ରହଣି ପରେ ୩ ଜଣ ମହାକାଶଚାରୀ ଗୁରୁବାର ପୃଥିବୀକୁ ଫେରିଛନ୍ତି। 'ନାସା'ର ସେରେନା ଔନନ୍-ଚାନ୍‌ସେଲର, ରୁଷିଆର ସେର୍ଗେଇ ପ୍ରୋକୋପିଭ୍ ଏବଂ ୟୁରୋପୀୟ ମହାକାଶ ଗବେଷଣା ସଂସ୍ଥା ବୈଜ୍ଞାନିକ ଜର୍ମାନ ମହାକାଶଚାରୀ ଆଲେକ୍‌ଜାଣ୍ଡର ଗର୍ଷ୍ଟ ରୁଷୀୟ ସୋୟୁଜ୍ କ୍ୟାପସୁଲ ଯୋଗେ କାଜାଖସ୍ତାନର ବରଫ ଆଚ୍ଛାଦିତ ଅନୁର୍ବର ଅଞ୍ଚଳରେ ଅବତରଣ କରିଥିଲେ। ଧାର୍ଯ୍ୟ ସମୟର ୧ମିନିଟ୍ ଆଗରୁ ସ୍ଥାନୀୟ ସମୟ ୧୧ଟା ୨ ମିନିଟ୍‌ରେ ସେମାନେ ଅବତରଣ କରିଥିଲେ।

### 'ସବୁଠୁ ପ୍ରଭାବଶାଳୀ' ତାଲିକାରେ ୩ ଭାରତୀୟ

**ହ୍ୟୁଷ୍ଟନ:** ଟାଇମ୍ ମାଗାଜିନ୍ ଦ୍ୱାରା ୨୦୧୮ର 'ସବୁଠୁ ପ୍ରଭାବଶାଳୀ' ତାଲିକାରେ ବିଶ୍ୱର ୨୫ଜଣଙ୍କ ମଧ୍ୟରେ ୩ ଭାରତୀୟ ଛାତ୍ରୀଛାତ୍ର ସ୍ଥାନ ପାଇଛନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଭାରତୀୟ-ଆମେରିକୀୟ କାବ୍ୟା କୋପାରାପୁ ଓ ରିଷଭ ଜୈନ ଏବଂ ବ୍ରିଟିଶ୍-ଭାରତୀୟ ଅମିକା ଜର୍ଜ ଉକ୍ତ ୨୫ଜଣିଆ ଗୋଷ୍ଠୀରେ ସାମିଲ ହୋଇପାରିଛନ୍ତି; ଯେଉଁମାନେ କି ବିଶ୍ୱର ତରୁଣପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ଅଷ୍ଟମ ଶ୍ରେଣୀର ଛାତ୍ର ରିଷଭ ଜୈନ(୧୪) ଓରେଗନ୍‌ରେ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ସେ ଏକ



ଆଲଗରିଦମ୍ ବିକାଶ କରିଛନ୍ତି ଯାହା ପାନ୍‌କ୍ରିୟାଟିକ୍ କ୍ୟାନ୍‌ସର ଆରୋଗ୍ୟ କରିପାରିବ। ହାର୍ଭାର୍ଡ ୟୁନିଭର୍ସିଟି ଛାତ୍ରୀ କାବ୍ୟା କୋପାରାପୁ(୧୮) ଏକ ଡିପ୍-ଲର୍ନିଂ କମ୍ପ୍ୟୁଟର ସିଷ୍ଟମ ବିକାଶ କରିଛନ୍ତି। ଏହା ବ୍ରେନ୍ କ୍ୟାନ୍‌ସର ରୋଗୀଙ୍କ ଟିସ୍ୟୁ ସ୍କାନ୍ କରି ଆରୋଗ୍ୟରେ ସହାୟକ ହୋଇପାରିବ। ଅମିକା ଜର୍ଜ (୧୯) ଋତୁସ୍ରାବ ସମସ୍ୟା ଦୂରକରିବାରେ ସହାୟକ ହୋଇପାରିଛନ୍ତି। ପିରିୟଡ ସମୟରେ ପ୍ୟାଡ୍ କିଣିବାକୁ ଅସମର୍ଥ ଝିଅ ଓ ମହିଳାଙ୍କୁ ଏହି ଉତ୍ପାଦ ଯୋଗାଇ ଦେବାକୁ ସେ ସରକାରଙ୍କୁ ପ୍ରବର୍ତ୍ତାଇବାରେ ସମର୍ଥ ହୋଇପାରିଛନ୍ତି। ଟାଇମ୍ ମାଗାଜିନ୍‌କୁ ଏକ ସାକ୍ଷାତ୍‌କାରରେ ସେ କହନ୍ତି, ବ୍ରିଟେନ୍‌ର ଅନେକ ବାଳିକା ମାସିକ ଧର୍ମ ସମୟରେ ସ୍କୁଲ୍ ବନ୍ଦ କରିଦିଅନ୍ତି। ଏ ସମ୍ପର୍କରେ ଅମିକା ସରକାରଙ୍କୁ ସେ ଯଥାର୍ଥ ପ୍ରସ୍ତାବ ଦେଇଥିବା ଟାଇମ ମାଗାଜିନ୍ ପକ୍ଷରୁ କୁହାଯାଇଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୨ | ୧୧.୪ |
| ଚାନ୍ଦବାଲି | ୨୫.୩ | ୧୩.୭ |
| କଟକ | ୨୫.୬ | ୧୨.୮ |
| ପାରାଦ୍ୱୀପ | ୨୬.୧ | ୧୫.୦ |
| ଭୁବନେଶ୍ୱର | ୨୭.୪ | ୧୩.୯ |
| ଗୋପାଳପୁର | ୨୬.୦ | ୧୬.୩ |
| ପୁରୀ | ୨୬.୬ | ୧୫.୮ |
| ଅନୁଗୋଳ | ୨୫.୧ | ୧୦.୬ |
| ବାରିପଦା | ୨୩.୪ | ୧୨.୨ |
| ଝାରସୁଗୁଡ଼ା | ୨୬.୦ | ୧୧.୫ |
| କେନ୍ଦୁଝର | ୨୨.୯ | ୧୦.୦ |
| ସମ୍ବଲପୁର | ୨୬.୦ | ୧୧.୦ |
| ସୁନ୍ଦରଗଡ଼ | ୨୩.୦ | ୯.୦ |
| ହୀରାକୁଦ | ୨୫.୯ | ୧୧.୬ |
| ତାଳଚେର | ୩୦.୧ | ୧୨.୭ |
| ଭବାନୀପାଟଣା | ୨୫.୫ | ୧୧.୦ |
| ବଲାଙ୍ଗୀର | ୨୬.୦ | ୧୧.୫ |
| କୋରାପୁଟ | ୨୪.୦ | ୧୨.୦ |
| ଫୁଲବାଣୀ | --- | ୯.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୨ | ୧୫.୨ |
| ସୋନପୁର | ୨୬.୨ | ୧୦.୪ |
| ଦାରିଙ୍ଗିବାଡ଼ି | ୨୨.୦ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### 'ଟୁଇଟରରେ ବାନ୍ତି କରୁଛନ୍ତି ସୋନା'



**ମୁମ୍ବାଇ:** ଗାୟିକା ସୋନା ମହାପାତ୍ର ଟୁଇଟର ମାଧ୍ୟମରେ ବାନ୍ତି କରୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ ସେ ଶିଷ୍ଟତା ବଜାୟ ରଖିଛନ୍ତି ବୋଲି ବିଶିଷ୍ଟ ଗାୟକ ସୋନୁ ନିଗମ ପ୍ରକାଶ କରିଛନ୍ତି। #ମିଟୂ ଅଭିଯୋଗର ଶିକାର ହୋଇଥିବା ଅନୁ ମଲିକଙ୍କୁ ସମର୍ଥନ କରି ନିଗମ ବାରମ୍ବାର ମତାମତ ଦେବା ପରେ ଏହାକୁ ସୋନା ସହ୍ୟ କରିପାରି ନ ଥିଲେ। ସଂଗୀତ ନିର୍ଦ୍ଦେଶକ ସୋନୁ ନିଗମ ମଧ୍ୟ ଜଣେ 'ରୀତିମତ ଉତ୍ପୀଡ଼କ' ବୋଲି ପୂର୍ବରୁ ସୋନା କହିଥିଲେ। ନିଗମଙ୍କ କହିବାନୁଯାୟୀ, ତାଙ୍କର ଦୀର୍ଘଦିନର ବନ୍ଧୁ ଅନୁଙ୍କ ବିରୋଧରେ #ମିଟୂ ଅଭିଯୋଗ କରାଯାଇ ଆସୁଥିଲେ ହେଁ ଏହାର କୌଣସି ପ୍ରମାଣ ନାହିଁ। ସେ ମର୍ଯ୍ୟାଦାକୁ ଜଗି ନୀରବତା ଅବଲମ୍ବନ କରିଛନ୍ତି। ଗୁରୁବାର ନିଜ ପ୍ରତିକ୍ରିୟାରେ ନିଗମ କହିଛନ୍ତି, 'ଟୁଇଟର ମାଧ୍ୟମରେ ବାନ୍ତି କରୁଥିବା ଏହି ମହିଳାଙ୍କ ସ୍ୱାମୀଙ୍କୁ ମୁଁ ଖୁବ୍ ଘନିଷ୍ଠ ଭାବେ। ଏ କ୍ଷେତ୍ରରେ ଶିଷ୍ଟାଚାର ଅବଲମ୍ବନ କରିବା ଶ୍ରେୟସ୍କର ହେବ ବୋଲି ମୁଁ ଭାବୁଛି।'

ଅନୁ ମଲିକ୍ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ଚରିତ୍ର ସଂହାର କରିବା ପାଇଁ #ମିଟୂକୁ ବ୍ୟବହାର କରାଯାଉଥିବା ତାଙ୍କ ଓକିଲ ଅଭିଯୋଗ କରିଛନ୍ତି। ସୋନାଙ୍କ ଅଭିଯୋଗ ପରେ ଅନୁଙ୍କୁ 'ଇଣ୍ଡିଆନ୍ ଆଇଡଲ'ର ବିଚାରକ ପଦରୁ ହଟାଇ ଦିଆଯାଇଛି।






# MOCK TEST PAPER # 2

## CLASS-XII (MATHEMATICS)

**Time Allowed : 3 hours** **Maximum Marks: 100**

### GENERAL INSTRUCTIONS

i. ***All questions are compulsory***

ii. ***Please check that this question paper contains 29 questions.***

iii. ***Questions 1-4 in Section A are very short answer type questions carrying 1 mark each.***

iv. ***Questions 5–12 in Section B are short answer type questions carrying 2 marks each.***

v. ***Questions 13–23 in Section C are short answer questions carrying 4 marks each.***

vi. ***Questions 24–29 in Section D are long answer questions carrying 6 marks each.***

vii. ***Please write down the serial number of the questions before attempt it.***

### SECTION-A

1. Evaluate $\int x^x(1+\log x)dx$

2. If the percentage error in the edge of a cube is 1, then find error in its volume.

3. If A is a matrix of order 2 x 3 and B is a matrix of order 3 x 5, then what is the order of matrix $(AB)'$ and $(AB)^T$?

4. Find the value of λ such that the line $\frac{x-2}{12}=\frac{y-1}{\lambda}=\frac{z-3}{-8}$ is perpendicular to the plane 3x – y – 2z = 7.

### SECTION-B

5. If $y=|x-x^2|$, then find $\frac{dy}{dx}$ at x = 1

6. Find the slope and equation of the normal to the curve x = 1 – asinθ, y = bcos²θ at $\theta=\frac{\pi}{2}$

7. Evaluate $\int (x+1)e^x\log(xe^x)dx$

8. A farm is engaged in breeding cow. The cows are fed on various products grown on the farm. In view of the need to ensure certain nutrient constituents (call them x, y and z), it is necessary to buy two additional protucts, say, A and B. One unit of product A contains 16 units of x, 8 units of y and 12 units of z. One unit of product B contains 6 units of x, 12 units of y and 18 units of z. The minimum requirement of x, y and z is 108 units 36 units and 180 units, respectively. Product A costs ` 10 per unit and product B costs ` 60 per unit. Formulate the above as a linear programming problem to minimize the total cost.

9. If $A=\begin{bmatrix}2 & 3\\ -1 & 2\end{bmatrix}$, find $A^2-4A+I$.

10. Find the point on the parabola $y^2 = 18$ at which the ordinate increases at twice the rate of the abscissa.

11. Show that the three points A(1, –2, –8), B(5, 0, –2) and C(11, 3, 7) are collinear, and find the ratio in which B divides AC.

12. Let A and B be two events of the same sample space S of an experiment, then prove that $0\le P(A/B)\le 1, B\ne\phi$

### SECTION-C

13. Show that $\begin{vmatrix}a & b-c & c+b\\ a+c & b & c-a\\ a-b & b+a & c\end{vmatrix}=(a+b+c)(a^2+b^2+c^2)$

**OR**

If $f(x)=\begin{vmatrix}a & -1 & 0\\ ax & a & -1\\ ax^2 & ax & a\end{vmatrix}$, by using properties of determinants, find the value of f(2x) – f(x).

14. If $y=\frac{\sin^{-1}x}{\sqrt{1-x^2}}$, show that $(1-x^2)\frac{d^2y}{dx^2}-3x\frac{dy}{dx}-y=0$

15. A manufacturer considers that men and women workers are equally efficient, so he pays them at the same rate. He has 30 and 17 units of workers (male and female) and capital respectively, which he uses to produce two types of goods A and B. To produce 1 unit of A, 2 workers and 3 units of capital are required while 3 workers and 1 unit of capital is required to produce 1 unit of B. If A anbd B are priced at ` 100 and ` 120 per unit respectively, then how should he use his resources to maximize the total revenue ? Form the above as an LPP and solve it graphically. Also write what quality of manufacturer reflects here ?

16. Evaluate: $\int\frac{dx}{1-3\sin x}$

**OR**

Evaluate: $\int\sqrt{\frac{1-\sqrt{x}}{1+\sqrt{x}}}dx$

17. Show that: $\int_0^{\pi/2}f(\sin 2x)\sin x\,dx=\sqrt{2}\int_0^{\pi/4}f(\cos 2x)\cos x\,dx$

18. Solve the equation $\tan^{-1}\sqrt{x^2+x}+\sin^{-1}\sqrt{x^2+x+1}=\frac{\pi}{2}$

19. Solve the following differential equation $(1+x^2)\frac{dy}{dx}-2xy=(x^2+2)(x^2+1)$, when x = 1 and y = 2

20. Find the distance from the point (3, 4, 5) to the point,

where the line $\frac{x-3}{1}=\frac{y-4}{2}=\frac{z-5}{2}$ meets the plane x + y + z = 2

21. Find the probability distribution of number of doublets in three throws of a pair of dice.

22. Show that area of the parallelogram whose diagonals are given by $\vec{a}$ and $\vec{b}$ is $\frac{|\vec{a}\times\vec{b}|}{2}$. Also, find the area of the parallelogram whose diagonals are $2\hat{i}-\hat{j}+\hat{k}$ and $\hat{i}+3\hat{j}-\hat{k}$

23. A letter is known to have come from either 'TATANAGAR' or 'CALCUTTA'. On the envelope just two letters 'TA' are visible. What is the probability that the letter has come from

i. TATANAGAR ? ii. CALCUTTA ?

**OR**

If A and B are two independent events such that $P(\bar{A}\cap B)=\frac{2}{15}$ and $P(A\cap\bar{B})=\frac{1}{6}$, then find P(A) and P(B).

### SECTION-D

24. If $f:R\to R$ is a function defined by f(x) = 2x³ – 5, then show that the function f is a bijective function.

**OR**

Consider $f:R\to R$ given by f(x) = 4x + 3. Show that f is invertible and find the inverse of f.

25. The sum of three numbers is 6. If we multiply third number by 3 and add second number to it, we get 11. By adding first and third numbers, we get double of the second number. Represent it algebraically and find the numbers using matrix method.

**OR**

If $A=\begin{bmatrix}1 & 1 & 1\\ 1 & 1 & 1\\ 1 & 1 & 1\end{bmatrix}$, prove that $A^n=\begin{bmatrix}3^{n-1} & 3^{n-1} & 3^{n-1}\\ 3^{n-1} & 3^{n-1} & 3^{n-1}\\ 3^{n-1} & 3^{n-1} & 3^{n-1}\end{bmatrix}, n\in N$

26. Sketch the graph of y = |x + 3| and evaluate $\int_{-6}^{0}|x+3|dx$

27. A variable plane which remains at a constant distance 3p from the origin cut the coordinate axes at A, B and C. Show that the locus of the centroid of ΔABC is $x^{-2}+y^{-2}+z^{-2}=p^{-2}$.

**OR**

If lines $\frac{x-1}{2}=\frac{y+1}{3}=\frac{z-1}{4}$ and $\frac{x-3}{1}=\frac{y-k}{2}=\frac{z}{1}$ intersect, find the value of k and hence, find the equation of the plane containing these lines.

28. Find the equation of a curve passing through the point (1, 1). If the tangent drawn at any point P(x, y) on the curve meets the coordinate axes at A and B such that P is the mid-point of AB.

29. Find the value of p for which the curves x² = 9p(9 – y) and x² = p(y + 1) cut each other at right angle.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ବିଶ୍ୱକପ୍‌ର ବର୍ଷ



ଫିଫା ବିଶ୍ୱକପ୍ ଟ୍ରଫି ସହ ଫ୍ରାନ୍ସ ଦଳ

## ପୁରସ୍କାର

**ଭା**ରତୀୟ ଅଧିନାୟକ ବିରାଟ କୋହଲି ୨୦୧୮ରେ ଏକାଧିକ ପୁରସ୍କାର ହାସଲ କରିଛନ୍ତି। ସେ ପୁଣି ଥରେ ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି) କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ୧୯ ବର୍ଷରୁ କମ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟଙ୍କୁ ୩୦ ଓ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବାକୁ ବୋର୍ଡ ତରଫରୁ ଘୋଷଣା କରାଯାଇଥିଲା। ସେହିପରି ବେଲଜିୟମ ହକି ଖେଳାଳି ଆର୍ଥର ଭାନ୍ ଡୋରେନ ଏଫ୍ଆଇଏଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କୋହଲିଙ୍କୁ ମଧ୍ୟ ପଲି ଉମ୍ରିଗର ଟ୍ରଫିରେ ବିସିସିଆଇ ପୁରସ୍କୃତ କରିଥିଲା। କୋହଲି ଓ ମହିଳା ବକ୍ସର ମୀରାବାଇ ଚାନୁଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୋଏସିଆର ତାରକା ଫୁଟବଲର ଲୁକା ମୋଡ୍ରିକ ଫିଫା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଲୁକା ମୋଡ୍ରିକ ମଧ୍ୟ ବାଲନ ଡି'ଅର ପୁରସ୍କାର ହାସଲ କରିଥିଲେ।

## ରେକର୍ଡ

**ଭା**ରତୀୟ ଉଇକେଟ କିପର ଋଦ୍ଧିମାନ ଶାହା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ୧୦ ଡିସ୍‌ମିଶାଲ ରେକର୍ଡ ଅଧିକାରୀ ହୋଇଥିଲେ। ଏକ ଟି୨୦ ଆନ୍ତଃକ୍ଲବ ମ୍ୟାଚ୍‌ରେ ଋଦ୍ଧିମାନ ୨୦ ବଲରୁ ଶତକ ହାସଲ କରି ରେକର୍ଡ କରିଛନ୍ତି। ଆଇପିଏଲ-୧୧ରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ସବୁଠାରୁ ଦାମୀ ବିଦେଶୀ ଓ ଜୟଦେବ ଉନାଡକଟ ସବୁଠାରୁ ଦାମୀ ଦେଶୀ ଖେଳାଳି ବିବେଚିତ ହୋଇଛନ୍ତି। ୧୪ ବର୍ଷୀୟ ଛାତ୍ର ତାନିସ୍କ ଗଭାଟେ ଏକ ସ୍କୁଲ ଟୁର୍ନାମେଣ୍ଟରେ ୧,୦୪୫ ରନର ପାଳି ଖେଳି ରେକର୍ଡ ସୃଷ୍ଟି କରିଥିଲେ। ଭାରତର ଝୁଲଣ ଗୋସ୍ୱାମୀ ବିଶ୍ୱର ପ୍ରଥମ ମହିଳା କ୍ରିକେଟର ଭାବେ ଦିନିକିଆରେ ୨୦୦ ଉଇକେଟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଓଡ଼ିଆ ମହିଳା ହକି ଖେଳାଳି ଲିଲିମା ମିଞ୍ଜ୍ ୧୦୦ତମ ଆନ୍ତର୍ଜାତିକ ମ୍ୟାଚ ଖେଳିଛନ୍ତି। ଅନ୍ୟତମ ଓଡ଼ିଆ ମହିଳା ହକି ତାରକା ନମିତା ଟପ୍ପୋ ଖେଳିଲେ ୧୫୦ତମ ମ୍ୟାଚ୍। ବିଶ୍ୱ ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍‌ରେ ଭାରତର କିଡାମ୍ବୀ ଶ୍ରୀକାନ୍ତ ୧ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ୬୪ଟି ଆନ୍ତର୍ଜାତିକ ଗୋଲ ସ୍କୋର କରି ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ ସୁପରଷ୍ଟାର ଲିଓନେଲ ମେସିଙ୍କ ସମକକ୍ଷ ହେଲେ। ୫୩ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଏସିଆନ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଜିତିଲେ ଲକ୍ଷ୍ୟ ସେନ୍। ପ୍ରଥମ ଦେଶ ଭାବେ ଇଂଲଣ୍ଡ ଖେଳିଲା ୧୦୦୦ ଟେଷ୍ଟ। ବିଜୟ ହଜାରେ ଟ୍ରଫି ଫାଇନାଲରେ ଦିଲ୍ଲୀକୁ ୪ ଉଇକେଟରେ ହରାଇ ମୁମ୍ବାଇ ରେକର୍ଡ ତୃତୀୟଥର ପାଇଁ ଚାମ୍ପିୟନ। ପ୍ରଥମ ଭାରତୀୟ ଚାଇନାମ୍ୟାନ ଭାରତୀୟ ସ୍ପିନର ଭାବେ କୁଲଦୀପ ଯାଦବ ଗୋଟିଏ ଇନିଂସରେ ୫ ଉଇକେଟ ଅକ୍ତିଆର କରି ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଲୁଇସ୍ ହାମିଲଟନ ପଞ୍ଚମଥର ପାଇଁ ଫର୍ମୁଲା-୧ ବିଶ୍ୱ ଚାମ୍ପିୟନ। ଦୀର୍ଘ ୩୦ ବର୍ଷପରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ବିଜୟରୁ ଟେଷ୍ଟ ସିରିଜ ଆରମ୍ଭ କରିଛି। ଗୋଟିଏ ଟେଷ୍ଟରେ ୧୧ଟି କ୍ୟାଚ୍ ଧରି ଉଇକେଟକିପର ଋଷଭ ପନ୍ତ ବିଶ୍ୱରେକର୍ଡର ସମକକ୍ଷ ହୋଇଥିଲେ।

## ସଫଳତା

**ଫେ**ଭରାଇଟ ଦିଲ୍ଲୀକୁ ହରାଇ ବିଦର୍ଭ ନୂଆ ରଣଜୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ପ୍ରଥମ ଭାରତୀୟ ଭାବେ ଆଞ୍ଚଲ ଠାକୁର ଆନ୍ତର୍ଜାତିକ ସ୍କିଙ୍ଗ୍ ଇଭେଣ୍ଟରେ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ। ଅଷ୍ଟ୍ରେଲିଆ ଓପନ ଜିତି ଡେନମାର୍କର କାରୋଲିନ୍ ଓଜ୍ନିଆକି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଲେ। ପ୍ରଥମଥର ପାଇଁ ଦିଲ୍ଲୀ ଜିତିଲା ସୟଦ ମୁସ୍ତାକ ଅଲୀ ଟ୍ରଫି। ରୋଜର ଫେଡେରର ଜିତିଲେ ଅଷ୍ଟ୍ରେଲିଆନ ଓପନ ଟାଇଟଲ। ଚେନ୍ନାଇନ୍ ଏଫସି ପ୍ରଥମଥର ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ଟାଇଟଲ ହାସଲ କରିଥିଲା। ବାଂଲାଦେଶକୁ ଫାଇନାଲ ମ୍ୟାଚ୍‌ର ଶେଷ ବଲରେ ହରାଇ ଭାରତ ଜିତିଲା ନିଦାହାସ ଟ୍ରଫି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ଫାଇନାଲରେ ଅଷ୍ଟ୍ରେଲିଆକୁ ୮ ଉଇକେଟରେ ହରାଇ ଚତୁର୍ଥଥର ପାଇଁ ଟାଇଟଲ ହାସଲ କରିଛି। ଦକ୍ଷିଣ ଆଫ୍ରିକା ମାଟିରେ ପ୍ରଥମ ଦିନିକିଆ ସିରିଜ ଓ ଟି୨୦ ସିରିଜ ଜିତି ଭାରତ ଇତିହାସ ସୃଷ୍ଟି କରିଛି। ମହିଳା ଜିମ୍ନାଷ୍ଟ ଅରୁଣା ବୁଦ୍ଧା ରେଡ୍ଡୀ ପ୍ରଥମ ଭାରତୀୟ ଭାବେ ବିଶ୍ୱକପ୍‌ରେ ପଦକ (ବ୍ରୋଞ୍ଜ୍) ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ଭାରତକୁ ପୁଣି ମିଳିଲା ଆଇସିସି ଚାମ୍ପିୟନଶିପ୍ ଟେଷ୍ଟ ମେସ। ବେଙ୍ଗାଲୁରୁ ଏଫ୍‌ସି ଜିତିଲା ସୁପରକପ୍ ଫୁଟବଲ। ସନରାଇଜର୍ସ ହାଇଦ୍ରାବାଦକୁ ହରାଇ ଚେନ୍ନାଇ ସୁପର କିଙ୍ଗ୍ସ ଜିତିଲା ଆଇପିଏଲ୍ ଟାଇଟଲ। ସ୍ପେନର ରାଫାଲ ନାଡ଼ାଲ ଜିତିଲେ ୧୧ତମ ଫ୍ରେଞ୍ଚ ଓପନ ଟାଇଟଲ। ଘରୋଇ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଭାରତ ୨-୧ରେ ବିଜୟୀ। ଆଞ୍ଜେଲିକ କର୍ବର ୱିମ୍ବେଲଡନ ମହିଳା ସିଙ୍ଗଲ୍ସ ଚାମ୍ପିୟନ। ଫ୍ରାନ୍ସ ଜିତିଲା ଫିଫା ବିଶ୍ୱକପ୍ ଟାଇଟଲ। ଏସିଆନ ଗେମ୍ସ ହକିରେ ଭାରତୀୟ ମହିଳା ଫାଇନାଲରେ ଜାପାନଠାରୁ ୧-୨ ଗୋଲରେ ହାରି ରୌପ୍ୟରେ ସନ୍ତୁଷ୍ଟ। ଏସିଆନ ଗେମ୍ସରେ ୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ ବ୍ରୋଞ୍ଜ୍ ସହ ଭାରତ ମୋଟ ୬୯ ପଦକ ପାଇ ଅଷ୍ଟମ ସ୍ଥାନରେ ରହିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଜାପାନର ନାଓମି ଓସାକା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଚାମ୍ପିୟନ। ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ। ଫାଇନାଲରେ ବାଂଲାଦେଶକୁ ହରାଇ ଭାରତ ଏସିଆ କପ୍ କ୍ରିକେଟ ଚାମ୍ପିୟନ। ଭାରତୀୟ ରେସଲର ବଜରଙ୍ଗ ପୁନିଆ ୬୫ କେ.ଜି. ବର୍ଗ ର୍‍ୟାଙ୍କିଙ୍ଗ୍‌ରେ ନଂ୧ ସ୍ଥାନ ହାସଲ କରିଥିଲେ।



ମହିଳା ହକି ବିଶ୍ୱକପ୍ ଚାମ୍ପିୟନ ନେଦରଲାଣ୍ଡ୍ସ ଦଳ।



ଫର୍ମୁଲା-୧ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ



ୱିମ୍ବେଲଡନ ଚାମ୍ପିୟନ ନୋଭାକ ଜୋକୋଭିଚ୍

୨୦୧୮ ଥିଲା ବିଶ୍ୱକପ୍‌ର ବର୍ଷ। ଏହି ବର୍ଷ ପୁରୁଷ ଓ ମହିଳା ହକି ବିଶ୍ୱକପ୍, ଟି୨୦ ମହିଳା ବିଶ୍ୱକପ୍ ଓ ସର୍ବୋପରି ଫିଫା ବିଶ୍ୱକପ୍ ଆୟୋଜନ ହୋଇଥିଲା। ଭାରତ ସଫଳ ହୋଇପାରି ନ ଥିଲେ ମଧ୍ୟ ଏହି ମେଗା ଇଭେଣ୍ଟଗୁଡ଼ିକୁ ନେଇ ବିଶ୍ୱବ୍ୟାପୀ ପ୍ରଶଂସକ ବେଶ୍ ଉତ୍ସାହ ପ୍ରକଟ କରିଥିଲେ। ଜାତୀୟ ତଥା ଆନ୍ତର୍ଜାତିକସ୍ତରରେ ବିଭିନ୍ନ ଦେଶ ଓ ନାମୀଦାମୀ କ୍ରୀଡ଼ାବିତ୍‌ଙ୍କ ଉତ୍ଥାନ ପତନ ଏହି ବର୍ଷରେ ଦେଖିବାକୁ ମିଳିଥିଲା। କ୍ରୀଡ଼ାବିତ୍‌ଙ୍କ ବିବାହ, ନିର୍ବନ୍ଧଠାରୁ ଆରମ୍ଭ କରି ସେମାନଙ୍କ ସଫଳତା ଓ ବିଫଳତାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ ଓ ପାରୁପଲ୍ଲୀ କାଶ୍ୟପଙ୍କ ବନ୍ଧୁତ୍ୱ ବିବାହର ରୂପ ନେଇଥିଲା ଏହି ବର୍ଷ। ଅଲିମ୍ପିକ୍ସ ପଦକ ବିଜୟିନୀ ମେରୀ କମ ରେକର୍ଡ ଷଷ୍ଠଥର ପାଇଁ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଜିତିବା ଐତିହାସିକ ଥିଲା। ଫ୍ରାନ୍ସ ଫିଫା ବିଶ୍ୱକପ୍ ଚାମ୍ପିୟନ ହେବା ଓ ବେଲଜିୟମ ପ୍ରଥମଥର ହକି ବିଶ୍ୱକପ୍ ଟାଇଟଲ ଜିତିବା ସବୁକିଛି ଅପ୍ରତ୍ୟାଶିତ ଥିଲା। ଭାରତୀୟ କ୍ରିକେଟ ଦଳ ମଧ୍ୟ ସଫଳତାର ସ୍ୱାଦ ଚାଖିବା ସହ ବିଫଳତାର ସମ୍ମୁଖୀନ ହୋଇଛି। ନିଦାହାସ ଟ୍ରଫି ଓ ଏସିଆ କପ୍ କ୍ରିକେଟରେ ଭାରତ ରୋମାଞ୍ଚକ ଢଙ୍ଗରେ ଚାମ୍ପିୟନ ହୋଇଥିଲା। ବିଦେଶ ମାଟିରେ କେତୋଟି ଟେଷ୍ଟ ସିରିଜରେ ପରାଜୟ ବରଣ କରିଥିଲେ ମଧ୍ୟ ନଂ୧ ର୍‍ୟାଙ୍କିଙ୍ଗ୍ ବଜାୟ ରଖିବା ସହ ଭାରତ ଦିନିକିଆ ଓ ଟି୨୦ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ସେହିପରି ଦକ୍ଷିଣ ଆଫ୍ରିକା କ୍ରିକେଟ ସୁପରଷ୍ଟାର ଏବି ଡିଭିଲିର୍ସ, ଇଂଲଣ୍ଡ ତାରକା ଓପନର ଆଲିଷ୍ଟର କୁକ୍, ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ଜର୍ମାନ୍ ଅଭିଜ୍ଞ ଫୁଟବଲର ମେସୁତ୍ ଓଜିଲଙ୍କ ଅବସର ଘୋଷଣା ପ୍ରଶଂସକଙ୍କୁ ନିରାଶ କରିଥିଲା।



ବିରାଟ କୋହଲି



ମହିଳା ବକ୍ସର ମୀରାବାଇ ଚାନୁ

## ବିବାହ

**ସ**ମସ୍ତଙ୍କୁ ଗୋପନ ରଖି ଦୀର୍ଘବର୍ଷ ଧରି ଡେଟିଂ କରି ଆସୁଥିବା ଦୁଇ ଭାରତୀୟ ବ୍ୟାଡମିଣ୍ଟନ ତାରକା ବିବାହ କରିଛନ୍ତି। ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ପାରୁପଲ୍ଲୀ କାଶ୍ୟପ୍ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ବିବାହ ସମସ୍ତଙ୍କୁ ଚକିତ କରିଥିଲା। ସେହିପରି ଦୁଇ ତାରକା ରେସଲର ମଧ୍ୟ ବିବାହ କରିଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ମହିଳା ରେସଲର ଭିନେଶ ଫୋଗଟ ଓ ସାଥୀ ପୁରୁଷ ରେସଲର ସୋମବୀର ଲାଠି ମଧ୍ୟ ବିବାହ କରିଛନ୍ତି। ଏହାକୁ ବାଦ ଦେଲେ ଆଉ ଏକ କ୍ରୀଡ଼ାବିତ୍ ଯୋଡ଼ିଙ୍କ ନିର୍ବନ୍ଧ ହୋଇଛି। ମହିଳା ତାରକା ତୀରନ୍ଦାଜ ଦୀପିକା କୁମାରୀ ଓ ପୁରୁଷ ତୀରନ୍ଦାଜ ଅତନୁ ଦାସଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି।



ସାଇନା ଓ ପାରୁପଲ୍ଲୀଙ୍କ ନୂଆ ଇନିଂସ

## ବିବାଦ

**ଚ**ଳିତବର୍ଷ କ୍ରୀଡ଼ା ମଧ୍ୟ ବିବାଦରୁ ବାଦ ପଡିନାହିଁ। ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ବଲ୍ ଟ୍ୟାମ୍ପରିଂ ଘଟଣା ସବୁଠାରୁ ବିବାଦ ସୃଷ୍ଟି କରିଥିଲା ଓ ଏହା ବିଶ୍ୱ କ୍ରିକେଟକୁ ଦୋହଲାଇ ଦେଇଥିଲା। କେପ୍ ଟାଉନରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟେଷ୍ଟରେ ବଲ୍ ଟ୍ୟାମ୍ପରିଂ କରିଥିବା କଥା ସ୍ୱୀକାର କରି ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ ସ୍ମିଥ୍, ଉପ ଅଧିନାୟକ ଡେଭିଡ ୱାର୍ନର ଓ ଓପନିଂ ବ୍ୟାଟ୍ସମ୍ୟାନ କ୍ୟାମେରନ ବ୍ୟାନ୍‌କ୍ରଫ୍ଟ ଗୋଟିଏ ବର୍ଷ ବାସନ୍ଦ ହୋଇଥିଲେ। ସେହିପରି ଡୋପିଂ ମାମଲାରେ ଅଲରାଉଣ୍ଡର ୟୁସୁଫ୍ ପଠାନ ୫ ମାସ ବାସନ୍ଦ ହେବା ଘଟଣାକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା। ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ବିରୋଧରେ ବିଭିନ୍ନ ପ୍ରକାର ଅଭିଯୋଗ ଆଣି ତାଙ୍କ ପତ୍ନୀ ହସିନ ଜାହାଁ ମଧ୍ୟ ଭାରତୀୟ କ୍ରିକେଟ ଜଗତରେ ହଇଚଇ ସୃଷ୍ଟି କରିଥିଲେ। ଭାରୋତ୍ତୋଳିକା ସଞ୍ଜିତା ଚାନୁ ମଧ୍ୟ ଡୋପ ଟେଷ୍ଟରେ ବିଫଳ ହୋଇଥିଲେ। ହିମା ଦାସଙ୍କ କୋଚ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଥିଲା। ଜାଭେଲିନ ଥ୍ରୋୟର ଅମିତ କୁମାର ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୪୮ତମ ଆର୍ଟିଷ୍ଟିକ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଆୟୋଜିତ ସିଲେକ୍ସନ ଟ୍ରାଏଲକୁ ବର୍ଜନ କରି ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର ମଧ୍ୟ ବିବାଦ ସୃଷ୍ଟି କରିଥିଲେ।



ବିଶ୍ୱ ଚାମ୍ପିୟନ ମେରୀ କମ୍

## ଅବସର

୨୦୧୮ରେ ଏକାଧିକ ଜାତୀୟ ତଥା ଆନ୍ତର୍ଜାତିକ ତାରକା ଖେଳାଳି କ୍ରୀଡ଼ାରୁ ଅବସର ଘୋଷଣା କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଉପଅଧିନାୟିକା ଆଲେକ୍ସ ବ୍ଲାକୱେଲ୍ ଅବସର ଘୋଷଣା କରିଥିଲେ। ସେହିପରି ପୂର୍ବତନ ୨ ନମ୍ବର ଜର୍ମାନ ଟେନିସ ଖେଳାଳି ଟମି ହାସ ମଧ୍ୟ ଅବସର ନେଇଥିଲେ। ବିଶ୍ୱ କ୍ରିକେଟର ସବୁଠାରୁ ବଡ଼ ତାରକା ବିବେଚିତ ହେଉଥିବା ଦକ୍ଷିଣ ଆଫ୍ରିକା ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବି ଡିଭିଲିର୍ସ ଓ ଭାରତର ଗୌତମ ଗମ୍ଭୀର ଅସମୟରେ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଥିଲେ। ସେହିପରି ଭାରତୀୟ ତାରକା ତଥା ଅଭିଜ୍ଞ ଡିସ୍‌କସ୍ ଥ୍ରୋୟର ବିକାଶ ଗୌଡା ମଧ୍ୟ ଅବସର ଘୋଷଣା କରିଥିଲେ। ଜର୍ମାନୀର ଅଭିଜ୍ଞ ଫୁଟବଲର ମେସୁତ୍ ଓଜିଲ ମଧ୍ୟ ବିଶ୍ୱକପ୍ ବିଫଳତା ପରେ ଅବସର ନେଇଥିଲେ। ସେହିପରି ଇଂଲଣ୍ଡ ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ମଧ୍ୟ ଆନ୍ତର୍ଜାତିକ କ୍ରିକେଟକୁ ଅଲବିଦା କରିଥିଲେ। ବିଶ୍ୱକପ୍‌ର ଠିକ ପୂର୍ବରୁ ଅଭିଜ୍ଞ ହକି ତାରକା ତଥା ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ ଅବସର ଘୋଷଣା କରି ପରୋକ୍ଷରେ ଭାରତୀୟ ହକିରେ ଚାଲିଥିବା ଅଦଳବଦଳକୁ ନେଇ ଅସନ୍ତୋଷ ଜାହିର କରିଥିଲେ।

## ବିଫଳତା

ଶୀତକାଳୀନ ଅଲିମ୍ପିକ୍ସରେ ବିନା ପଦକରେ ଭାରତ ଅଭିଯାନ ଶେଷ କରିଥିଲା। ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତ ସଫଳ ହୋଇ ପାରି ନ ଥିବା ବେଳେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇ ଚତୁର୍ଥଥର ପାଇଁ ଟାଇଟଲ ହାସଲ କରିଥିଲ। ସେହିପରି ମହିଳା ହକି ବିଶ୍ୱକପ୍‌ରେ ସେମିରେ ପରାସ୍ତ ହୋଇଥିଲା। ନେଦରଲାଣ୍ଡ୍ସ ଏଥିରେ ଚାମ୍ପିୟନ ହୋଇଥିଲା। ଏସିଆ ଗେମ୍ସରେ ଭାରତୀୟ ପୁରୁଷ କବାଡ଼ି ଦଳ ପ୍ରଥମଥର ପାଇଁ ଫାଇନାଲକୁ ଉଠିପାରି ନ ଥିଲା। ଏସିଆନ୍ ଗେମ୍ସ ହକିରେ ଭାରତ ସେମିରେ ଆୟୋଜକ ମାଲେସିଆଠାରୁ ପରାସ୍ତ ହୋଇ ନିରାଶ କରିଥିଲା। ପୁରୁଷ ହକି ବିଶ୍ୱକପ୍‌ରେ ମଧ୍ୟ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସଠାରୁ ହାରି ବିଦାୟ ନେଇଥିଲା।

## ପରଲୋକ

**ଚ**ଳିତବର୍ଷ ଏକାଧିକ କ୍ରିକେଟର ଓ କ୍ରୀଡ଼ା ସମ୍ପର୍କିତ ବ୍ୟକ୍ତିଙ୍କର ଦେହାନ୍ତ ହୋଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ଅଜିତ୍ ୱାଡେକର। ସେହିପରି ପୂର୍ବତନ ରେସଲର ତଥା ଏସିଆନ ଗେମ୍ସ ବ୍ରୋଞ୍ଜ୍ ପଦକ ବିଜେତା ସୁଖଚେନ୍ ସିଂଙ୍କ ମଧ୍ୟ ପରଲୋକ ହୋଇଥିଲା। ଜଣାଶୁଣା ଭାଷ୍ୟକାର ଯଶଦେବ ସିଂ ମଧ୍ୟ ପରଲୋକ ଗମନ କରିଥିଲେ।

# ସଂକ୍ଷେପରେ

## ଆସନ୍ତା ସପ୍ତାହରେ ଘରୋଇ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଗଭର୍ନର

**ମୁମ୍ବାଇ,୨୦-୧୨:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଭାବେ ଦାୟିତ୍ୱ ନେବା ପରେ ଶକ୍ତିକାନ୍ତ ଦାସ ଇତିମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟି ସାରିଛନ୍ତି। ସେ ଆସନ୍ତା ସପ୍ତାହରେ ଘରୋଇ ବ୍ୟାଙ୍କଗୁଡିକର ମୁଖ୍ୟମାନଙ୍କୁ ଭେଟିବେ ବୋଲି ଗୁରୁବାର ଜଣାଇଛନ୍ତି। ଏହି ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଉର୍ଜିତ ପଟେଲଙ୍କ ଅଚାନକ ଇସ୍ତଫା ପରେ ୨୫ତମ ଗଭର୍ନର ହୋଇଥିବା ଶକ୍ତିକାନ୍ତ ଦାୟିତ୍ୱ ନେବା ପରଠାରୁ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେ ଟୁଇଟରରେ ଆସନ୍ତା ବୈଠକ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦/୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୁଖ୍ୟଙ୍କୁ ସେ ଭେଟିବା ପରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ମୁଖ୍ୟଙ୍କୁ ଭେଟିଥିଲେ।

## ଏୟାର ଇଣ୍ଡିଆକୁ ମିଳିବ ୨୩୪୫ କୋଟି

**ନୂଆଦିଲ୍ଲୀ,୨୦-୧୨:** ଋଣଜାଲରେ ଛନ୍ଦି ହୋଇପଡିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଆର୍ଥିକ ସ୍ଥିତି ସୁଧାରିବା ଲାଗି କେନ୍ଦ୍ର ସରକାର୨୩୪୫ କୋଟି ଟଙ୍କାର ପ୍ୟାକେଜ ଦେବେ। ଏଥିଲାଗି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ପାର୍ଲାମେଣ୍ଟର ଅନୁମତି ମାଗିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଗଠିତ ବିନିବେଶ ସଂକ୍ରାନ୍ତ କ୍ୟାବିନେଟ କମିଟି ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବା ଲାଗି ସକ୍ଷମ ନ ହେବା ପରେ ଏବେ ଏହାର ଆର୍ଥିକ ସ୍ଥିତି ସଜାଡିବା ଲାଗି ଉଦ୍ୟମ ଚଳାଇଛନ୍ତି। ବିଭିନ୍ନ କାରଣରୁ ଦୀର୍ଘଦିନ ଧରି କ୍ଷତିରେ ଚାଲିଥିବା ଏହି ରାଷ୍ଟ୍ରାୟତ୍ତ କମ୍ପାନୀକୁ ଏବେ ଟିକସଦାତାଙ୍କ ଅର୍ଥରେ ଚାଲିବାକୁ ପଡୁଛି।

## ଜାନୁୟାରୀରୁ ଟ୍ରେନ ଯାତ୍ରା ବେଳେ ଶପିଂ ସୁବିଧା

**ନୂଆଦିଲ୍ଲୀ,୨୦-୧୨:** ବିମାନରେ ଯାତ୍ରା ଭଳି ଜାନୁୟାରୀରୁ କେତେକ ବଛା ବଛା ଟ୍ରେନରେ ଯାତ୍ରା କଲା ବେଳେ ଯାତ୍ରୀଙ୍କୁ ସୌନ୍ଦର୍ଯ୍ୟ ପ୍ରସାଧାନ, ଘରକରଣା ଓ ରୋଷେଇ ସାମଗ୍ରୀ, ଫିଟ୍‌ନେସ ଉପକରଣ ଆଦି କିଣିବାର ସୁଯୋଗ ମିଳିବ। ରେଲୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପଶ୍ଚିମ ରେଲୱେର ମୁମ୍ବାଇ ଖଣ୍ଡରେ ଏକ ଘରୋଇ ଫାର୍ମକୁ ୫ ବର୍ଷ ଲାଗି ୧୬ ମେଲ୍ ଓ ଏକ୍ସପ୍ରେସ ଟ୍ରେନରେ ଯାତ୍ରୀଙ୍କୁ ସାମଗ୍ରୀ ବିକ୍ରି ଲାଗି ଠିକା ଦିଆଯାଇଛି। ଏହି କମ୍ପାନୀକୁ ଘରୋଇ ସାମଗ୍ରୀ ତଥା ସୌନ୍ଦର୍ଯ୍ୟ ଉପକରଣ ବିକ୍ରି ଲାଗି ଲାଇସେନ୍ସ ଦିଆଯିବ। ତେବେ ଏହି ଫାର୍ମ ଟ୍ରେନରେ କୌଣସି ଖାଦ୍ୟ ସାମଗ୍ରୀ, ସିଗାରେଟ, ଗୁଟଖା ଅଥବା ମଦ ବିକ୍ରି କରିପାରିବେ ନାହିଁ ସେ କହିଛନ୍ତି ଯେ, ଏହି ସାମଗ୍ରୀଗୁଡିକୁ ସକାଳ ୮ଟାରୁ ରାତି ୯ଟା ଯାଏ ବିକ୍ରି କରାଯାଇପାରିବ। ଏଥିଲାଗି କମ୍ପାନୀର ଡ୍ରେସ୍‌ରେ ଦୁଇ ଜଣ କର୍ମଚାରୀ ନିଯୁକ୍ତ ହେବେ। ଯାତ୍ରୀ ଡେବିଟ୍ ଅଥବା କ୍ରେଡିଟ କାର୍ଡରେ ସାମଗ୍ରୀ କିଣିପାରିବେ। ପ୍ରାରମ୍ଭରେ ଏହାକୁ ୨ଟି ଟ୍ରେନରେ ଆରମ୍ଭ କରାଯିବ ଓ ପରେ ଏହାକୁ ପର୍ଯ୍ୟାୟକ୍ରମେ ଅନ୍ୟ ଟ୍ରେନକୁ ବିସ୍ତାର କରାଯିବ।

> ଜିଏସ୍‌ଟି ଏକକ ସ୍ଲାବ ନେଇ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଯେଉଁ ଯୁକ୍ତି ବାଢୁଛନ୍ତି ତାହା ସମ୍ପୂର୍ଣ୍ଣ ବୋକାମିର ପରିଚୟ।
> – ଅରୁଣ ଜେଟଲୀ, ଅର୍ଥ ମନ୍ତ୍ରୀ



> ବ୍ୟାଙ୍କଗୁଡ଼ିକ ଲାଗି ଏନ୍‌ପିଏ ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ସଂସ୍ଥାଗୁଡ଼ିକ ଉପରୁ ଋଣ ଛାଡ଼ ନିଷ୍ପତ୍ତି କୌଣସି ରାଜନୈତିକ ସିଷ୍ଟମ ପାଇଁ କଷ୍ଟକର ବ୍ୟାପାର ହୋଇପଡ଼େ।
> – ଅରବିନ୍ଦ ସୁବ୍ରମଣ୍ୟନ୍, ଅର୍ଥନୀତିଜ୍ଞ



### ଖାଉଟି ସୁରକ୍ଷା ବିଲ୍ ଲୋକ ସଭାରେ ଅନୁମୋଦିତ

# ଭ୍ରମାତ୍ମକ ବିଜ୍ଞାପନ ଲାଗି ବ୍ୟାନ୍ ହେବେ ସେଲିବ୍ରିଟି

**ନୂଆଦିଲ୍ଲୀ,୨୦-୧୨**

- ପ୍ରଥମଥର ଧରାପଡ଼ିଲେ ୧୦ ଲକ୍ଷ ଜରିମାନା, ବର୍ଷେ ବ୍ୟାନ୍
- ଦ୍ୱିତୀୟ ଥର ପାଇଁ ଜରିମାନା ୫୦ ଲକ୍ଷ, ୩ ବର୍ଷ ବ୍ୟାନ୍




ଗୁରୁବାର ଲୋକ ସଭାରେ କଞ୍ଜ୍ୟୁମର ପ୍ରୋଟେକ୍‌ଶନ ବିଲ୍(ଖାଉଟି ସୁରକ୍ଷା ବିଲ୍) ଅନୁମୋଦନ ଲାଭ କରିଛି। ଏହାଦ୍ୱାରା ସାଧାରଣ ଖାଉଟିଙ୍କୁ ଅଧିକ ସୁରକ୍ଷା ତଥା ଅଧିକାର ମିଳିବ। ଖାଉଟି ସୁରକ୍ଷା ଆଇନ,୧୯୮୬ର ସ୍ଥାନ ନେବାକୁ ଯାଉଥିବା ଖାଉଟି ସୁରକ୍ଷା ବିଲ୍, ୨୦୧୮କୁ ଏବେ ଅନୁମୋଦନ ଲାଗି ରାଜ୍ୟ ସଭାରେ ଉପସ୍ଥାପନ କରାଯିବ। ସେଠାରେ ଏହା ମଞ୍ଜୁରୀ ଲାଭ କରିବା ପରେ ଏହା ନୂଆ ଆଇନରେ ପରିବର୍ତ୍ତିତ ହେବ। ଫଳରେ ଭ୍ରମ ସୃଷ୍ଟି କରୁଥିବା ଭଳି ବିଜ୍ଞାପନ ଦେଉଥିବା କମ୍ପାନୀଙ୍କ ଉପରେ କଟକଣା ଜାରି କରାଯାଇପାରିବ। କୌଣସି ସାମଗ୍ରୀ ଓ ସେବା କ୍ଷେତ୍ରରେ ତ୍ରୁଟିବିଚ୍ୟୁତି ପାଇଲେ ଜଣେ ଖାଉଟି ଘରେ ବସି ଅଭିଯୋଗ କରିପାରିବେ। ନୂଆ ଖାଉଟି ବିଲ୍‌ରେ ଭ୍ରମାତ୍ମକ ବିଜ୍ଞାପନ ଦର୍ଶାଉଥିବା ସେଲିବ୍ରିଟିଙ୍କୁ ବ୍ୟାନ୍ କରାଯିବ।

ବିଲ୍‌କୁ ନେଇ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି ଯେ, ପ୍ରାୟ ୩ ଦଶନ୍ଧି ଧରି ଏହି ଆଇନରେ ସଂଶୋଧନ ହୋଇ ନଥିଲା। ଖାଉଟିଙ୍କୁ ଅଧିକ ସୁରକ୍ଷା ଓ ଅଧିକାର ଦେବା ନେଇ ନୂଆ ବିଲ୍‌ରେ ବ୍ୟବସ୍ଥା କରାଯାଇଛି। ନୂଆ ବିଲ୍ ଅନୁଯାୟୀ କୌଣସି କମ୍ପାନୀ ଭ୍ରମାତ୍ମକ ବିଜ୍ଞାପନ ଦେଇଥିବା ଜଣାପଡିଲେ ପ୍ରଥମ ଭୁଲ୍ ପାଇଁ ୨ ବର୍ଷ ଜେଲ୍ ଓ ୧୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ। ସେହିପରି ଦ୍ୱିତୀୟ ଥର ଭୁଲ୍ କଲେ ୫ ବର୍ଷ ଜେଲ୍ ଓ ୫୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ତେବେ ସେଲିବ୍ରିଟିଙ୍କୁ ଜେଲ୍ ଦଣ୍ଡରୁ ବାଦ୍ ଦିଆଯାଇଛି। ପ୍ରଥମ ଭୁଲ୍ କ୍ଷେତ୍ରରେ ତାଙ୍କୁ ଗୋଟିଏ ବର୍ଷ ବ୍ୟାନ୍ କରାଯିବ ଓ ତାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ତେବେ ଦ୍ୱିତୀୟ ଥର ଭୁଲ୍ କଲେ ସେଲିବ୍ରିଟିଙ୍କୁ ୩ ବର୍ଷ ପାଇଁ ବ୍ୟାନ୍ କରାଯିବ ଓ ସେ ୫୦ ଲକ୍ଷ ଜରିମାନା ଦେବେ। ସେଲିବ୍ରିଟିଙ୍କୁ ଦଣ୍ଡବିଧାନ ନେଇ ବିଜ୍ଞାପନ ଜଗତ, କମ୍ପାନୀ, ବଲିଉଡ ପୂର୍ବରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିସାରିଛି। କମ୍ପାନୀର ସାମଗ୍ରୀ ପାଇଁ କହିବା ଯୋଗୁ ସେଲିବ୍ରିଟିଙ୍କୁ ଶାସ୍ତି ଦେବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଥିଲେ।

# ଉଜ୍ଜ୍ୱଳାରେ ସହଜ ଏଲ୍‌ପିଜି ଯୋଗାଣ ପାଇଁ ଆଇଓସିର ଯୋଜନା

**ଭୁବନେଶ୍ୱର,୨୦-୧୨**

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କୁ ସୁବିଧାରେ ଏଲ୍‌ପିଜି ଯୋଗାଣ ନେଇ ଇଣ୍ଡିଆନ ଅଏଲ୍ କର୍ପୋରେଶନ(ଆଇଓସି) ପକ୍ଷରୁ ଯୋଜନା ହାତକୁ ନିଆଯାଇଛି। ଦେଶର ସମସ୍ତ ରୋଷେଇ ଘରେ ଏକ ଧୂମ୍ରମୁକ୍ତ ପରିବେଶ ଏବଂ ସହଜ ଏଲ୍‌ପିଜି ଯୋଗାଇଦେବା ଉଚିତ ବୋଲି ଆଇଓସିର ମାର୍କେଟିଂ ନିର୍ଦ୍ଦେଶକ ଗୁର୍‌ମିତ ସିଂ ସୂଚନା ଦେଇଛନ୍ତି। ସବୁ ରାଜ୍ୟର ବରିଷ୍ଠ ଇଣ୍ଡିଆନ ଅଏଲ ଅଧିକାରୀଙ୍କ ସହ ଏ ନେଇ ଏକ ଆଲୋଚନା ମଧ୍ୟ ହୋଇଛି। ଏଲ୍‌ପିଜି ସଂଯୋଗକୁ ସାର୍ବଜନିନ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ହିତାଧିକାରୀଙ୍କୁ ୫ କେଜିର ସିଲିଣ୍ଡର ଯୋଗାଣ, ଏଲ୍‌ପିଜି ବ୍ୟବହାର ନେଇ ସଚେତନତା, ସିଲିଣ୍ଡର କ୍ରୟ ନେଇ ସୁଧମୁକ୍ତ ଋଣ ଉପରେ ସେ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଆଇଓସି ୨.୭୫ କୋଟି ଏଲ୍‌ପିଜି ସଂଯୋଗ କରିବାକୁ ସକ୍ଷମ ହୋଇଛି। ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କ ସୂଚୀକୁ ବିସ୍ତାର କରିବା ନେଇ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ମଞ୍ଜୁରୀ ଦେବା ପରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇଛି।


ଗୁର୍‌ମିତ ସିଂ

# କୃଷିଜାତ ସାମଗ୍ରୀର ପ୍ରକ୍ରିୟାକରଣକୁ ପ୍ରାଥମିକତା




**ଭୁବନେଶ୍ୱର,୨୦-୧୨**

## ଆଇସିସି ଟପ୍ ଏକ୍ସପୋ-୨୦୧୮ ଉଦ୍‌ଘାଟିତ

ରାଜ୍ୟରେ କୃଷି ବ୍ୟବସାୟର ଅଗ୍ରଗତି ନେଇ ସରକାର ଗୁରୁତ୍ୱ ଦେବେ। କୃଷି ବାଣିଜ୍ୟ କ୍ଷେତ୍ରରେ ରାଜ୍ୟକୁ ଏକ ଉନ୍ନତ ସ୍ଥାନରେ ପହଞ୍ଚାଇବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିଭଳି କୃଷିଜାତ ସାମଗ୍ରୀର ପ୍ରକ୍ରିୟାକରଣକୁ ବର୍ତ୍ତମାନ ପ୍ରାଥମିକତା ଦିଆଯାଉଥିବା ବେଳେ ଏ ଦିଗରେ ରାଜ୍ୟ ଅଧିକ ମନୋନିବେଶ କରିବ ବୋଲି ରାଜ୍ୟ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ ସୂଚନା ଦେଇଛନ୍ତି। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହଯୋଗରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଟପ୍(ଟମାଟୋ,ପଟାଟୋ, ଓନିଅନ) ଏକ୍ସପୋ ତଥା ସମ୍ମିଳନୀରେ ଧଳ କହିଛନ୍ତି ଯେ, ରାଜ୍ୟର ଚାଷୀମାନେ ନୂଆ ପ୍ରଯୁକ୍ତି ଗ୍ରହଣ କରିବାରେ ଅଗ୍ରଣୀ। ଚାଷଠାରୁ ଆଗକୁ ବଢି କୃଷି ବ୍ୟବସାୟକୁ ଆପଣାଇବାକୁ ହେବ। ଏଥି ପାଇଁ ବଜାର ସମ୍ପର୍କିତ ଜ୍ଞାନ ସହ ଆକାଉଣ୍ଟିଂ ଭଳି ବିଭିନ୍ନ ବିଷୟକୁ ଧ୍ୟାନରେ ରଖି ପ୍ରସ୍ତୁତ ହେବାକୁ ପଡ଼ିବ। ସେ କହିଛନ୍ତି ଯେ, ରାଜ୍ୟରେ ବର୍ଷକୁ ୩ ଲକ୍ଷ ଟନ୍ ଆଳୁ, ୧୩-୧୪ ଲକ୍ଷ ଟନ୍ ଟମାଟୋ, ୩ ଲକ୍ଷ ଟନ୍ ପିଆଜ ଉତ୍ପାଦନ ହେଉଛି। ଏହାର ସଂରକ୍ଷଣ ଲାଗି ରାଜ୍ୟରେ ଅଧିକ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ନିବେଶକମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। ମହାରାଷ୍ଟ୍ର ଢାଞ୍ଚାରେ ପିଆଜ ସଂରକ୍ଷଣ ବ୍ୟବସ୍ଥା, ପ୍ରୋସେସିଂ ମାନର ଟମାଟୋ ଉତ୍ପାଦନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଓଡ଼ିଶାରେ ରବି ଋତୁ ବାଦ୍ ଖରିଫ ଋତୁରେ ପିଆଜ ଚାଷ ବଢାଇବା ଉପରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ ମତ ଦେଇଥିଲେ। ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ ଯୁଗ୍ମ ସଚିବ ରିମା ପ୍ରକାଶ ଗ୍ରୀନ୍ ମିଶନ ଉପରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଇଡ୍‌କୋ ଅଧ୍ୟକ୍ଷ ସଞ୍ଜୟ ସିଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ରହିଥିବା ସୁଯୋଗ ଏବଂ ଡ. ବି.କେ. ଉପାଧ୍ୟାୟ ଉଦ୍ୟାନ କୃଷି ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନିବେଶକଙ୍କୁ ନେଇ ଏକ ବି୨ବି ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏମ୍.ସି.ଥୋମାସ,ସଦସ୍ୟ ଡ. ପ୍ରଦୀପ୍ତ ମହାନ୍ତିଙ୍କ ସମେତ ବିଭିନ୍ନ ଅଂଶୀଦାର ତଥା ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ରାଜ୍ୟୱାରି ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ

# ଗୁଜରାଟ ଶ୍ରେଷ୍ଠ ପ୍ରଦର୍ଶନକାରୀ

**ନୂଆଦିଲ୍ଲୀ,୨୦-୧୨**

ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ ପ୍ରମୋଶନ(ଡିଆଇପିପି) ପକ୍ଷରୁ ଗୁରୁବାର ବହୁ ପ୍ରତୀକ୍ଷିତ ରାଜ୍ୟ ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ ରିପୋର୍ଟ ଜାରି କରାଯାଇଛି। ରିପୋର୍ଟରେ ୧୦୦ ପଏଣ୍ଟ ସହିତ ଗୁଜରାଟ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଉଭା ହୋଇଥିବା ବେଳେ ୮୫ ପଏଣ୍ଟ ସ୍କୋର ସହ ଓଡ଼ିଶା, କର୍ନାଟକ, ରାଜସ୍ଥାନ ଓ କେରଳ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ହୋଇଛନ୍ତି।

ଯୁବ ଉଦ୍ୟୋଗୀଙ୍କ ଭିତରେ ଷ୍ଟାର୍ଟଅପ୍ ପାରିପାର୍ଶ୍ୱିକ ବ୍ୟବସ୍ଥା ବିକଶିତ କରିବା ଲକ୍ଷ୍ୟରେ ରାଜ୍ୟୱାରି ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏଥିରେ ୨୭ ରାଜ୍ୟ ଓ ୩ କେନ୍ଦ୍ର ଶାସିତ ଅଞ୍ଚଳ ସାମିଲ ହୋଇଥିଲେ। ୭ଟି କ୍ଷେତ୍ର ଓ ୩୮ ମାନଦଣ୍ଡ ସହିତ ନୀତି ସହାୟତା, ଉନ୍ମେଷ କେନ୍ଦ୍ର ପ୍ରତିଷ୍ଠା, ପ୍ରାରମ୍ଭିକ ମୂଳଧନ,ଉଦ୍ୟମ ଲାଗି ପାଣ୍ଠି ଯୋଗାଣ ତଥା ସରଳ ନିୟମ ପ୍ରଣୟନକୁ ଭିତ୍ତି କରି ର୍ୟାଙ୍କିଙ୍ଗ ଧାର୍ଯ୍ୟ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟଗୁଡିକରେ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଆବଶ୍ୟକ ପରିବେଶରେ ଉନ୍ନତି ଆସିବ ତଥା ପ୍ରୋତ୍ସାହନ ମିଳିବ ବୋଲି ଡିଆଇପିପି ସଚିବ ରମେଶ ଅଭିଷେକ ଗୁରୁବାର କହିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ଦେଶର ଯୁବ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ଚଳିତ ବର୍ଷ ଜାନୁୟାରୀରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆକ୍ସନ ପ୍ଲାନ ଆରମ୍ଭ କରିଥିଲେ।

# ସେଣ୍ଟ୍ରାଲରେ ହାପିନେସ ସେଲ୍

**ଭୁବନେଶ୍ୱର,୨୦-୧୨**

ପ୍ରମୁଖ ଫ୍ୟାଶନ ଡିପାର୍ଟମେଣ୍ଟ ଷ୍ଟୋର ସେଣ୍ଟ୍ରାଲରେ ବହୁ ପ୍ରତୀକ୍ଷିତ ହାପିନେସ ସେଲ୍ ଆରମ୍ଭ ହୋଇଛି। ଫେଷ୍ଟିଭ୍ ତଥା ନୂଆ ବର୍ଷକୁ ଧ୍ୟାନରେ ରଖି ଷ୍ଟୋର ପକ୍ଷରୁ ଏହି ଅଫର ଆରମ୍ଭ ହୋଇଛି। ଏହି ସମୟରେ ଗ୍ରାହକ ୫୦୦ରୁ ଉର୍ଦ୍ଧ୍ୱ ବ୍ରାଣ୍ଡର ଫ୍ୟାଶନ କଲେକ୍ସନ ଲାଭ କରିବାକୁ ସକ୍ଷମ ହେବେ। ସମସ୍ତ ସେଣ୍ଟ୍ରାଲ ପେ ବ୍ୟାକ୍ ଏବଂ ଫ୍ୟୁଚର ପେ ମେମ୍ବରଙ୍କ ପାଇଁ ୧୯ ଏବଂ ୨୦ ଡିସେମ୍ବରରେ ସ୍ପେଶାଲ ପ୍ରିଭ୍ୟୁ ଲଞ୍ଚ ସୁବିଧା ରହିଛି। ଗ୍ରାହକମାନେ ବେଷ୍ଟ ଫ୍ୟାଶନ ସମ୍ଭାର ୫୧% ପର୍ଯ୍ୟନ୍ତ ରିହାତିରେ ଲାଭ କରିପାରିବେ। ଅପରପକ୍ଷରେ ରିହାତି ବାଦ୍ ୩୯୯୯ ଏବଂ ୫୯୯୯ ଟଙ୍କାର କ୍ରୟ ଉପରେ ଷ୍ଟୋର ପକ୍ଷରୁ ୧୦୦୦ ଏବଂ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯାଉଛି। ୫୦୦୦ ଟଙ୍କାର କ୍ରୟରେ ଆକ୍ସିସ ବ୍ୟାଙ୍କ କାର୍ଡରେ ୧୦% କ୍ୟାଶବ୍ୟାକ୍ ସୁବିଧା ରହିଛି। ୫୦୦୦ କିମ୍ବା ଏହାଠାରୁ ଅଧିକ ଦାମର କ୍ରୟ ଉପରେ ବଜାଜ ଫିନସର୍ଭରେ ୧୦୦୦ ଟଙ୍କାର କ୍ୟାଶବ୍ୟାକ, ପେଟିଏମ୍‌ରେ ୨୦% କ୍ୟାଶବ୍ୟାକ, ଆମେକ୍ସ କାର୍ଡରେ ୨୦% ଇନଷ୍ଟାଣ୍ଟ ରିହାତି,ସେଣ୍ଟ୍ରାଲ ଏବଂ ଏସ୍‌ବିଆଇ କୋବ୍ରାଣ୍ଡେଡ କାର୍ଡରେ ୨୦ଏକ୍ସ ରିୱାର୍ଡ ମିଳୁଛି ବୋଲି ସେଣ୍ଟ୍ରାଲ ପକ୍ଷରୁ ସୂଚନା ରହିଛି।





**OFFICE OF THE EXECUTIVE ENGINEER
MINOR IRRIGATION DIVISION, NAYAGARH**
E-mail ID: eemidivisionnayagarh@gmail.com,
Phone No.: 06753-253277
No. 6584/ MIDN., Dated : 18.12.18

**Cancellation Notice for the work Imp. to Gohiramada-I Check Dam (Sl. No.36) only invited vide e-Procurement Notice No. EEMIDN 01/2018-19**

**No.988-A:-** Teender Notice No-EEMIDN 01 of 2018-19 and e-procurement Notice No-2762 Dt. 03.05.2018 for work at Sl. No-36 is hereby cancelled due to incorporation of disqualified bidders name in the comparative statement and later in the transparent lottery drawn on dated 31.05.2018. The result of lottery drawn for the above is here by declared nullified.

Executive Engineer
M.I. Division, Nayagarh
32260/11/0009/1819

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
Lifeline of Odisha (A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha, CIN : U40102OR2004SGC007553

**e-TENDER NO. CPC-41/2018-19**

For and on behalf of ODISHA POWER TRANSMISSION CORPORATION LTD, Sr.G.M. (C.P.C.) invites Tenders from reputed Original Equipment Manufacturer (OEM) having installed / retrofitted & commissioned the automation system with trouble free operation for minimum three years in any of the power system utilities in India in two part bidding system towards **SUB-STATION AUTOMATION FOR GRID SUB-STATION PHULNAKHARA, CHANDPUR, KHARGPRASAD, RANSINGPUR, BANKI, JHARSUGUDA, KHAJURIAKATA & LAXMIPUR**. Complete set of bidding documents are available at **www.tenderwizard.com/OPTCL** from **21.12.2018, 11.00 Hrs. to 24.01.2019 up to 11.00 Hrs.** Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification. **N.B :** All subsequent corrigendum / addendums to the tender notice shall be floated in the OPTCL's official website **http://www.optcl.co.in** and **www.tenderwizard.com/OPTCL** only. Interested bidders are requested to visit e-tender portal for update information of tender (corrigendum / addendums etc.). The bidders can view the tender documents from website free of cost.

CR. Advt. No.70/18-19 — Chief General Manager (C.P.C.)
Please connect us : optcl.odisha optcl_odisha energyodisha

OFFICE OF THE
**MUNICIPAL COUNCIL, MALKANGIRI**
Odisha, PIN- 764045, Ph.: 06861 - 230244
E-mail: malkangiri@ulborissa.gov.in
Lt. No. 3271/Mpl./2018 Dated: 20.12.2018

**CORRIGENDUM**

In the Tender Call Notice No.3175 dated 05.12.2018 the following changes may be read against the actual publication.
1. Last date for receipt of BID documents :- 26.12.2018 at 5.00 PM by Registered Post / Speed Post / Courier
2. Date of opening of tender :- 27.12.2018 at 11.00 AM in the office of the undersigned

Sd./- Executive Officer
Malkangiri Municipality

**GOVERNMENT OF ODISHA
DEPARTMENT OF WATER RESOURCES**
Office of the Executive Engineer,
Ret Canal Division, Bhawanipatna-766001
No.979-A:- Phone No: 06670-233316,
Email: eeretcanal@gmail.com
e-Procurement Notice No. ee-RCD-ee-RCD-05/2018-19

1. Type of work : Irrigation works (Civil)
2. Form of Contract : Percentage Rate
3. Period of Completion : 03 (Three) Calendar Months
4. No. of work : 01 (One)

| Procurement Officer | Bid Identification Nos. | Bid Amount Rs. in lakhs | Availability & submission of Bids online. |
|---|---|---|---|
| Executive Engineer, Ret Canal Division, Bhawanipatna | ee-RCD-01/2018-19 | Rs. 88.20 Lakhs | 16.00 hrs of 24.12.2018 to 17.00 hrs of 08.01.2019 |

Date of opening of the Technical Bid: 11.00 hrs of 09.01.2019.
Further details can be seen from the Govt. website www.tendersorissa.gov.in.

Sd./- Executive Engineer
32340/11/0008/1819 Ret Canal Division, Bhawanipatna

**COLLECTORATE, MALKANGIRI**
(ST & SC DEV. SECTION)
No. 2908/2018 (Estt.) Date: 20.12.2018

**EXTENSION OF DATE FOR RECEIPT OF APPLICATION FOR S.S / CONTRACTUAL TEACHERS**

The last date for receipt of application form for the post of Sikhya Sahayak / Contractual Teachers in schools under ST & SC Development Department of Malkangiri District vide advertisement No.2679 dated 28.11.2018 and 2684 dated 30.11.2018 respectively is extended upto 27.12.2018 by 05.00 PM. All the other terms and conditions in these advertisements remained unchanged.

The details are available in the district website i.e. **www.malkangiri.nic.in**.

By order of Collector
Sd./- District Welfare Officer, Malkangiri

**Office of the Executive Engineer,
Harabhangi Irrigation Division**
Adava, Dist: Gajapati
eeharabhangi@gmail.com, Phone: 06816-259628
e – Procurement Notice No. 09/ 2018-19

**No.980-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in.

| | | | |
|---|---|---|---|
| 1. | Type of the work | : | Canal works, Road works & Flood protection works. |
| 2. | No. of works | : | 22 No. |
| 3. | Class of contractor | : | 'D', & 'C' class |
| 4. | Bid identification No. | : | EE-HID- No. 39 / 2018-19 to 60 /2018-19. |
| 5. | Estimated cost | : | Rs. 8.84 Lakhs to Rs. 26.58 lakhs |
| 6. | Period of completion | : | 3(Three) calendar month. |
| 7. | Date & time of availability of bid documents in the portal . | : | From 26.12.2018, 10.00 AM to 05.01.2019, 5.00 P.M. |
| 8. | Last date / time for receipt of bids in the portal. | : | From 26.12.2018, 10.00 AM to 05.01.2019, 5.00 P.M. |
| 9. | Date of opening of Bid. | : | 07.01.2019 at 11.00 AM in the e-procurement cell, O/o Executive Engineer, Harabhangi Irrigation Division, Adava,Gajapati. |
| 10. | Date of Lottery among similar lowest Bidders (If Required). | : | 16.01.2019.at 11.00 A.M. |
| 11. | Name of the officer inviting Bid. | : | Executive Engineer, Harabhangi Irrigation Division, Adava, Gajapati |
| 12. | Any addendum / corrigendum / cancellation of tender can also be seen in the said Website. | | |
| 13. | Further details can be seen from Government Website – http://tenderodisha.gov.in. | | |

Executive Engineer
Harabhangi Irrigation Division,
32021/11/0016/1819 Adava (Gajapati)

**SOUTHCO UTILITY**
**OFFICE OF THE SUPERINTENDING ENGINEER
ELECTRICAL CIRCLE, BHANJANAGAR**
TEL- (06821) 240335 (O) FAX - 242400 EMail ID: circlehead.bhanjanagar@southcoodisha.com
No. 2098 (18) Date: 19.12.2018

E-Tender Notice No.15/2018-19/21.12.18 & Re-tender Notice No.16/18-19/21.12.18 / STRENGTHENING OF ELEPHANT CORRIDOR / SOUTHCO UTILITY / BHANJANAGAR CIRCLE

For and on behalf of Southco Utility, sealed tenders in duplicate on two part bidding systems are invited from bidders having valid HT Electrical License complying to the terms and conditions laid in the tender documents of the following works.

For supply & erection of materials for strengthening of lines and sub stations of Elephant Corridor of Boudh & Phulbani Electrical Division on Turnkey basis.

The interested bidders would be required to enrol themselves on the tender portal **www.tenderwizard.com / SOUTHCO**. Complete set of bidding documents will be available in **www.tenderwizard.com/SOUTHCO** portal from **Dt.21.12.2018 from 10.00 AM** onwards (as per e-tender schedule). Interested bidders may visit Southco's official website **www.southcoodisha.com or www.tenderwizard.com/SOUTHCO** for detail specification.

Any addendum / corrigendum to this e-tender notice shall be uploaded in the website only.

**Issue of online tender document (bid sheet):** From 21.12.2018 (10.00 AM) upto 30.12.2018 (01.00 PM)
**Last date for submission of online e-tender:** Upto dt.30.12.2018 (05.00 PM)
**Submission of tender (Hard copy):** Upto dt.31.12.2018 (01.00 PM)
**Opening of Techno-commercial Bid (Part-I):** On dt.31.12.2018 on or after 03.00 PM

Southco reserves the right to alter the tendered quantity and reject accept any or all tenders or spilt the tender among tenders without assigning any reason thereof.

Sd./- Superintending Engineer (Elect.), Electrical Circle, Bhanjanagar

**OFFICE OF THE
COLLECTOR AND DISTRICT
MAGISTRATE, KALAHANDI**
BHAWANIPATNA - 766001 (ODISHA)
(Social Welfare Section)
No.2369/SW Date. 19.12.2018

**TENDER CALL NOTICE**

Sealed tenders in prescribed format are invited from the intending printing press/firms /company having valid license /registration for printing & supply of "IEC materials on Nua Arunima and booklet on ECCE" of Kalahandi District during the Fy-year 2017-18. The tender papers can be downloaded from the official website http://www.kalahandi.nic.in & the tender can be filed with a BD of Rs.3000/- (Rupees Three thousand) only drawn in favour of District Social Welfare Officer, Kalahandi towards the cost of tender papers. The tender papers shall be received by the District Social Welfare Officer, Kalahandi by Regd. Post or Speed Post till 5.00PM of 09.01.2019 and will be opened in the presence of the tenderers or their authorized representative on 10.01.2019, 3.00PM at the office, Addl. District Magistrate, Kalahandi. The tender receive beyond the date and time mentioned above shall not be taken into consideration. The cost of tender paper is not refundable.

Notwithstanding anything contain to the contrary in the tender document, the undersigned reserve the right to cancel or modify the invitation for Bids or to reject any or all of the Bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision. The detail term and condition may be downloaded from the district website www.kalahandi.nic.in.

Sd./- Additional District Magistrate
Kalahandi

“ବିରାଟ କୋହଲିଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟକୁ ହୁଏତ ଅନେକେ ନାପସନ୍ଦ କରିପାରନ୍ତି, କିନ୍ତୁ କ୍ରିକେଟ ପାଇଁ ଏଭଳି ଚରିତ୍ରର ଆବଶ୍ୟକତା ରହିଛି ।

– ଆଲାନ ବର୍ଡର, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



“କୁଶାଲ ମେଣ୍ଡିସ ଓ ଆଞ୍ଜେଲୋ ମାଥ୍ୟୁସ ଯେପରି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ମ୍ୟାଚକୁ ଡ୍ର' ରଖିଲେ ତାହା ଟେଷ୍ଟର ଅନ୍ୟତମ ଆକର୍ଷଣ ।

– କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଜମ୍ମୁ-କଶ୍ମୀରକୁ ହରାଇ ନକ୍ଆଉଟରେ ଓଡ଼ିଶା

କଟକ ଅଫିସ,୨୦।୧୨: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ନକ୍ଆଉଟରେ ପ୍ରବେଶ କରିଛି । ଆସନ୍ତା ୨୬ ତାରିଖରୁ ବେଙ୍ଗାଲୁରୁଠାରେ ନକ୍ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ବୋଷ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଜମ୍ମୁ-କଶ୍ମୀରକୁ ପରାସ୍ତ କରିବା ସହ ଏଲିଟ ଗ୍ରୁପ୍-ସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ୮ଟି ମ୍ୟାଚ୍ ଖେଳିଥିବା ଓଡ଼ିଶା ୫ ବିଜୟ ଓ ୩ ପରାଜୟ ସହ ୨୦ ପଏଣ୍ଟ ହାସଲ କରିଛି । ଏହି ଗ୍ରୁପ୍‌ରେ ଥିବା ଉତ୍ତରପ୍ରଦେଶ ମଧ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ସମାନ ବିଜୟ ଓ ପରାଜୟ ବଳରେ ୨୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି । ଉତ୍ତରପ୍ରଦେଶର ରନ୍‌ରେଟ୍ ମଧ ଓଡ଼ିଶାଠାରୁ ଅଧିକା ରହିଛି । ମାତ୍ର ମହିଳା କ୍ରିକେଟ୍‌ର ନିୟମ ବଳରେ, ଚଳିତ ଟୁର୍ନାମେଣ୍ଟରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଉତ୍ତରପ୍ରଦେଶକୁ ପରାସ୍ତ କରିଥିବାରୁ ନକ୍ଆଉଟରେ ପ୍ରବେଶ କରିବାର ଯୋଗ୍ୟତା ହାସଲ କରିଛି । ବୋଷ ଗ୍ରାଉଣ୍ଡରେ ପୂର୍ବରୁ ଓଡ଼ିଶା ୬ ଉଇକେଟରେ ଉତ୍ତରପ୍ରଦେଶକୁ ହରାଇଥିଲା। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଜମ୍ମୁ-କଶ୍ମୀର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ରୁବିୟା ସୟଦ(୧୦ରନ୍)ଙ୍କୁ ବାଦ୍ ଦେଇ ଜମ୍ମୁ-କଶ୍ମୀରର ଅନ୍ୟ କୌଣସି ଖେଳାଳି ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ଦଳ ୪୫ ରନ୍‌ରେ ଅଲଆଉଟ ହୋଇଥିଲା । ଓଡ଼ିଶା ପକ୍ଷରୁ ସୁଜାତା ମଲ୍ଲିକ ୪ଟି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଉଇକେଟ ହାସଲ କରିଛନ୍ତି। ଓଡ଼ିଶା ମଧ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୭ ରନ୍‌ରେ ୫ଟି ଉଇକେଟ ହରାଇଥିବା ବେଳେ ପ୍ରିୟଙ୍କାଙ୍କ ଅପରାଜିତ ୧୪ରନ୍ ବଳରେ ଓଡ଼ିଶା ବିଜୟୀ ହୋଇଥିଲା।

### ଟପ୍-୩ରେ ସିନ୍ଧୁ, ସମୀରଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୨୦।୧୨: ବିଶ୍ୱ ବ୍ୟାଡ୍‌ମିଣ୍ଟନ ମହାସଂଘ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ଗୁରୁବାର ପ୍ରକାଶିତ ବିଶ୍ୱ ର୍ୟାଙ୍କିଙ୍ଗ୍ ତାଲିକାରେ ଦୁଇ ଭାରତୀୟ ସଟ୍‌ଲର ପି.ଭି. ସିନ୍ଧୁ ଓ ସମୀର ବର୍ମାଙ୍କ ମାନ୍ୟତାରେ ଉନ୍ନତି ପରିଲକ୍ଷିତ ହୋଇଛି। ଗତ ସପ୍ତାହରେ ଶେଷ ହୋଇଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଉଭୟ ସିନ୍ଧୁ ଓ ସମୀର ପୂର୍ବ ମାନ୍ୟତାର ଉପରକୁ ଉଠିଛନ୍ତି। ବର୍ଷର ଏହି ଅନ୍ତିମ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ପ୍ରଥମ ଭାରତୀୟ ଭାବେ ସମ୍ମାନଜନକ ବିଡବ୍ଲ୍ୟୁଏଫ୍ ଟାଇଟଲ ଜିତିଥିବା ସିନ୍ଧୁ ମହିଳା ସିଙ୍ଗଲ୍ସ ତାଲିକାରେ ୩ଟି ସ୍ଥାନ ଉପରକୁ ଉଠି ୩ୟ ସ୍ଥାନରେ ରହିଛନ୍ତି। ନିଜର କ୍ୟାରିୟର ଶ୍ରେଷ୍ଠ (ନମ୍ବର ୨) ର୍ୟାଙ୍କିଙ୍ଗ୍‌ଠାରୁ ସିନ୍ଧୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ଅପରପକ୍ଷରେ ସମୀର ୨ଟି ପାହାଚ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ଦ୍ୱାଦଶ ସ୍ଥାନ ହାସଲ କରିଛନ୍ତି। ଚଳିତ ସିଜନରେ ବର୍ମା ଭାରତର ଶ୍ରେଷ୍ଠ ପୁରୁଷ ସିଙ୍ଗଲ୍ସ ଖେଳାଳି ରହିଥିଲେ। ସେ ୩ଟି ଟାଇଟଲ ଜିତିବା ସହିତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ୩ଟି ଗ୍ରୁପ୍ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ନବବିବାହିତା ସାଇନା ନେହ୍ୱାଲ ପୂର୍ବପରି ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। କିଦାମ୍ବୀ ଶ୍ରୀକାନ୍ତ ୮ମ ସ୍ଥାନରେ ସ୍ଥିର ରହିଥିବାବେଳେ ଏଚ୍.ଏସ୍. ପ୍ରଣୟ ଓ ବି. ସାଇ ପ୍ରଣୀଥ୍ ଗୋଟିଏ ଲେଖାଏ ସ୍ଥାନ ଉପରକୁ ଉଠିଛନ୍ତି। ପ୍ରଣୟ ୨୦ତମ ଓ ପ୍ରଣୀଥ୍ ୨୨ତମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଉଦୀୟମାନ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ୨ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୧୬ତମ ସ୍ଥାନରେ ରହିଛନ୍ତି।

### କାନାଡା ଟେନିସ ଖେଳାଳି ଓଜନିଆକଙ୍କ ଅବସର

ମୋଣ୍ଟ୍ରେଲ, ୨୦।୧୨: କାନାଡାର ଏକ ନମ୍ବର ମହିଳା ଟେନିସ ଖେଳାଳି ଆଲେକ୍ସଜାଣ୍ଡର ଓଜନିଆକ ଗୁରୁବାର ଅବସର ଘୋଷଣା କରିଛନ୍ତି। ୩୧ ବର୍ଷୀୟା ଓଜନିଆକ ନିଜର ହୋମ୍‌ଟାଉନରେ ଏକ ଖବରଦାତା ସମ୍ମିଳନୀରେ ଅବସର ନିଷ୍ପତ୍ତି ଜଣାଇଛନ୍ତି। ୨୦୦୯ରେ ସେ ବିଶ୍ୱ ମାନ୍ୟତାର ୨୧ତମ ସ୍ଥାନ ହାସଲ କରିଥିଲେ, ଯାହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍ ଥିଲା। ତେବେ ଆଘାତ ସମସ୍ୟା ଲାଗି ସେ ଗତ କିଛି ବର୍ଷ ହେବ କୋର୍ଟରୁ ଦୂରେଇ ରହୁଥିଲେ। ୨୦୦୯ରେ ସେ କାନାଡାର ଶ୍ରେଷ୍ଠ ମହିଳା ଆଥ୍‌ଲେଟ ପୁରସ୍କାର ଜିତିଥିଲେ। ଏଥିପୂର୍ବରୁ ୨୦୦୮ରେ ଓଜନିଆକ ଷ୍ଟାନଫୋର୍ଡ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ।

■ ଭାରତୀୟ ମହିଳା କ୍ରିକେଟ ଦଳର ନୂଆ କୋଚ୍

# କର୍ଷ୍ଟେନଙ୍କୁ ପଛରେ ପକାଇଲେ ରମଣ



ଡବ୍ଲ୍ୟୁ. ଭି. ରମଣ

ମୁମ୍ବାଇ, ୨୦।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକାର ଗ୍ୟାରୀ କର୍ଷ୍ଟେନଙ୍କୁ ପଛରେ ପକାଇ ପୂର୍ବତନ ଓପନର ଡବ୍ଲ୍ୟୁ. ଭି. ରମଣ ଭାରତୀୟ ମହିଳା କ୍ରିକେଟ ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ଚୟନ ପ୍ରକ୍ରିୟା ଉପରେ ପ୍ରଶାସକ କମିଟି (ସିଓଏ)ରେ ଦ୍ୱିମତ ସତ୍ତ୍ୱେ ରମଣଙ୍କୁ ମହିଳା କ୍ରିକେଟ ଦଳର କୋଚ୍ ନିଯୁକ୍ତି କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ୫୩ ବର୍ଷୀୟ ରମଣ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଜଣେ ବ୍ୟାଟିଂ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। କର୍ଷ୍ଟେନ ବିସିସିଆଇ ଆଡହକ୍ କମିଟିର ପ୍ରଥମ ପସନ୍ଦ ଥିଲେ। କିନ୍ତୁ ଏହି ଦକ୍ଷିଣ ଆଫ୍ରିକୀୟ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରରେ ତାଙ୍କ ପଦବୀ ଛାଡ଼ିବାକୁ ରାଜି ହୋଇ ନ ଥିଲେ। ପୂର୍ବତନ ଅଧିନାୟକ କପିଳ ଦେବ, ଅଂଶୁମାନ ଗାଏକ୍ୱାଡ୍ ଏବଂ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ବିସିସିଆଇ ଆଡହକ୍ ସିଲେକ୍ସନ କମିଟି ଗଠନ ହୋଇଥିଲା। ପ୍ୟାନେଲ ଅଗ୍ରାଧିକାର ଭିତ୍ତିରେ ୩ଜଣ ଯଥା କର୍ଷ୍ଟେନ, ରମଣ ଓ ଭେଙ୍କଟେଶ ପ୍ରସାଦଙ୍କ ନାମ ସୁପାରିସ କରିଥିଲା। ସେମାନଙ୍କ ମଧ୍ୟରୁ ବିସିସିଆଇ ରମଣଙ୍କୁ ମନୋନୀତ କରିଥିଲା। ପ୍ରଶାସକ କମିଟି (ସିଓଏ)ରେ ମତଭେଦ ସତ୍ତ୍ୱେ ବିସିସିଆଇ ନିଯୁକ୍ତି ଦେଇଥିଲା। ଡାଏନା ଇଡୁଲ୍‌ଜୀ ଚୟନ ପ୍ରକ୍ରିୟାକୁ ନେଇ ବିନୋଦ ରୟଙ୍କ ନିକଟରେ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ରୟଙ୍କ ଅନୁମୋଦନ କ୍ରମେ ନିଯୁକ୍ତି ସମ୍ପନ୍ନ ହୋଇଥିବା ବିସିସିଆଇ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧାରୀ ସଫେଇ ଦେଇଛନ୍ତି। ଭାରତ ତରଫରୁ ୧୧ଟି ଟେଷ୍ଟ ଓ ୨୭ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ରମଣ ହେଉଛନ୍ତି ବର୍ତ୍ତମାନ ଦେଶର ସବୁଠାରୁ ଯୋଗ୍ୟତା ସମ୍ପନ୍ନ କୋଚ୍। ସେ ତାମିଲନାଡୁ ଓ ବେଙ୍ଗଲ ଭଳି ରଣଜୀ ଟ୍ରଫି ଦଳର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ୧୯ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ମଧ ସେ କାର୍ଯ୍ୟ କରିଛନ୍ତି। ୧୯୯୨-୯୩ ଦକ୍ଷିଣ ଆଫ୍ରିକା ଟୁର୍‌ରେ ପ୍ରଥମ ଭାରତୀୟ ଭାବେ ଏକ ଶତକ ହାସଲ କରିଥିଲେ। ଏଥିପାଇଁ ସେ ସ୍ମରଣୀୟ ହୋଇ ରହିଛନ୍ତି। ମହିଳା କ୍ରିକେଟ ଦଳର କୋଚ୍ ପଦବୀ ପାଇଁ କର୍ଷ୍ଟେନ, ରମଣ ଓ ପ୍ରସାଦଙ୍କ ବ୍ୟତୀତ ୨୮ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଗୁରୁବାର ଯେଉଁମାନଙ୍କ ସାକ୍ଷାତ୍‌କାର ନିଆଯାଇଥିଲା ସେମାନେ ହେଲେ ମନୋଜ ପ୍ରଭାକର, ଟ୍ରେଣ୍ଟ ଜନ୍‌ଶନ, ଦିମିତ୍ରୀ ମାସ୍କାରେନହାସ୍, ବ୍ରାଡ୍ ହଗ୍ ଓ କଳ୍ପନା ଭେଙ୍କଟାଚାର। ଏମାନଙ୍କ ମଧ୍ୟରୁ ୩ ଜଣ ସାକ୍ଷାତ୍‌କାର ବେଳେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିଥିବା ବେଳେ ଜଣେ ଫୋନ୍‌ରେ ଏବଂ କର୍ଷ୍ଟେନଙ୍କ ସମେତ ଅନ୍ୟ ୫ଜଣ ପ୍ରାର୍ଥୀ ସ୍କାଇପେ ଜରିଆରେ ସାକ୍ଷାତ୍‌କାର ଦେଇଥିଲେ। ଭାରତୀୟ ପୁରୁଷ କ୍ରିକେଟ ଦଳକୁ ୨୦୧୧ ବିଶ୍ୱକପ୍ ସଫଳତା ଦେଇଥିବା କର୍ଷ୍ଟେନ ଚୟନକର୍ତ୍ତାଙ୍କ ପ୍ରଥମ ପସନ୍ଦ ଥିଲେ। ସୂଚନାଯୋଗ୍ୟ, ଏକ ବିବାଦୀୟ ପରିସ୍ଥିତିରେ ମହିଳା କ୍ରିକେଟ ଦଳର କାମଚଳା କୋଚ୍ ଭାବେ ରମେଶ ପାୱାରଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସେ ମଧ ସାକ୍ଷାତକାର ଦେଇଥିଲେ। କୋଚ୍ ମନୋନୟନ ନେଇ ବିସିସିଆଇର ସାନି ଦରଖାସ୍ତ ଆହ୍ୱାନ ଉପରେ ସୁପ୍ରିମକୋର୍ଟଙ୍କ ନିଯୁକ୍ତ ସିଓଏରେ ଦ୍ୱିମତ ଦେଖା ଦେଇଥିଲା। ଆସନ୍ତା ମାସରେ ଭାରତୀୟ ମହିଳା କ୍ରିକେଟ ଦଳର ନ୍ୟୁଜିଲାଣ୍ଡ ଟୁର୍ ଆରମ୍ଭ ହେଉଛି। ପାୱାର ଏହି ସିରିଜ ଶେଷ ହେବା ପର୍ଯ୍ୟନ୍ତ ତାଙ୍କ ପଦବୀରେ ରୁହନ୍ତୁ ବୋଲି ଇଡୁଲ୍‌ଜୀ ଚାହିଁଥିଲେ। ରୟ କିନ୍ତୁ ସାନି ଦରଖାସ୍ତ ଆହ୍ୱାନ ପାଇଁ ବିସିସିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଦଳ ମନୋନୟନ ନେଇ ସିନିୟର ଖେଳାଳି ତଥା ଦିନିକିଆ ଅଧିନାୟିକା ମିଥାଲି ରାଜଙ୍କ ସହିତ ତିକ୍ତତା ପରେ ପାୱାରଙ୍କ ବିବାଦୀୟ କାର୍ଯ୍ୟକାଳ ନଭେମ୍ବର ୩୦ରେ ଶେଷ ହୋଇଥିଲା। ଟି୨୦ ଅଧିନାୟିକା ହରମନପ୍ରୀତ କୌର ଏବଂ ତାଙ୍କ ଡେପୁଟି ସ୍ମୃତି ମନ୍ଧାନାଙ୍କଠାରୁ ଦୃଢ଼ ସମର୍ଥନ ପାଇବା ପରେ ପାୱାର କୋଚ ପଦବୀ ପାଇଁ ପୁନଃ ଦରଖାସ୍ତ କରିଥିଲେ।

# ରାଜ୍ୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଆରମ୍ଭ



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ୬୭ତମ ସଂସ୍କରଣ କାମାକ୍ଷାନଗରଠାରେ ଆରମ୍ଭ ହୋଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଦାସ ଓ ଉପସଭାପତି ଆକ୍‌ମଲ ଅଲୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ୨୪ ତାରିଖରେ ଶେଷହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୧ ମହିଳା ଓ ୩୦ ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ କିଟ୍ ୨-୦ରେ ଜଗତ୍‌ସିଂହପୁର, ରେଲୱେ ୨-୦ରେ କଟକ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୨-୦ରେ କେନ୍ଦ୍ରାପଡ଼ା, ବାଲେଶ୍ୱର ୨-୦ରେ କେନ୍ଦୁଝର ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ୨-୧ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗରେ ଭୁବନେଶ୍ୱର ୨-୦ରେ ଗଞ୍ଜାମ, କେନ୍ଦ୍ରାପଡ଼ା ୨-୦ରେ ବାଲେଶ୍ୱର, ପୁରୀ ୨-୦ରେ କଳାହାଣ୍ଡି, ସମ୍ବଲପୁର ୨-୦ରେ ଝାରସୁଗୁଡ଼ା ଏବଂ ବାଲେଶ୍ୱର ୨-୦ରେ ଭୁବନେଶ୍ୱରକୁ ହରାଇ ଦେଇଛି।

# ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍: ବୁମ୍ରା, ସାମି, ଇଶାନ୍ତଙ୍କ ଉନ୍ନତି

ଦୁବାଇ, ୨୦।୧୨(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟପ୍ରକାଶିତ ଟେଷ୍ଟ ର୍ୟାଙ୍କିଙ୍ଗ ଅନୁଯାୟୀ ଦୁଇ ଅଷ୍ଟ୍ରେଲୀୟ ବୋଲର ନାଥନ ଲିୟନ ଓ ଜୋଶ୍ ହାଜେଲଉଡ୍ ବୋଲିଂ ତାଲିକାର ଟପ୍-୧୦'ରେ ସ୍ଥାନ ପାଇଛନ୍ତି। ପର୍ଥରେ ସଦ୍ୟ ସମାପ୍ତ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଉଲ୍ଲେଖନୀୟ ବୋଲିଂ କରି ଦଳକୁ ବିଜୟୀ କରାଇଥିବାରୁ ଉଭୟ ଲିୟନ ଓ ହାଜେଲଉଡଙ୍କ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ପରିଲକ୍ଷିତ ହୋଇଛି। ମ୍ୟାଚ୍‌ରେ ମୋଟ୍ ୮ଟି ଉଇକେଟ୍ ଅକ୍ତିଆର କରିଥିବା ଲିୟନ ୭ଟି ପାହାଚ ଉପରକୁ ଉଠି ସପ୍ତମ ସ୍ଥାନରେ ରହିଛନ୍ତି। ସେହିଭଳି ହାଜେଲଉଡ୍ ୨ଟି ପାହାଚ ଲମ୍ଫ ପ୍ରଦାନ କରି ୯ମ ସ୍ଥାନ ଲାଭ କରିଛନ୍ତି। ସେହିଭଳି ୩ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା, ମହମ୍ମଦ ସାମି ଓ ଇଶାନ୍ତ ଶର୍ମାଙ୍କ ର୍ୟାଙ୍କିଙ୍ଗ୍‌ରେ ମଧ ଉନ୍ନତି ଘଟିଛି। ବୁମ୍ରା ୫ଟି ସ୍ଥାନ ଉପରକୁ ଉଠି ୨୮ତମ ସ୍ଥାନରେ ରହିଥିବାବେଳେ ସାମି ଓ ଇଶାନ୍ତ ଯଥାକ୍ରମେ ୨୧ତମ ଓ ୨୬ତମରେ ରହିଛନ୍ତି।

ଅପରପକ୍ଷରେ ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପର୍ଥ ଟେଷ୍ଟର ପ୍ରଥମ ଇନିଂସରେ ଚିତ୍ତାକର୍ଷକ ୧୨୩ ରନର ଇନିଂସ ଖେଳି କୋହଲି ନିଜ ର୍ୟାଙ୍କିଙ୍ଗ ପଏଣ୍ଟରେ ୧୪ ଯୋଡ଼ିଛନ୍ତି। ପୂର୍ବରୁ ୯୨୦ ର୍ୟାଙ୍କିଙ୍ଗ୍ ପଏଣ୍ଟରେ ରହିଥିବା କୋହଲି ଏବେ ୯୩୪ ପଏଣ୍ଟ ସହ ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛନ୍ତି। କେନ୍ ୱିଲିୟମସନ (୯୧୫), ଷ୍ଟିଭ ସ୍ମିଥ୍ (୮୯୨), ଚେତେଶ୍ୱର ପୂଜାରା (୮୧୬) ଓ ଜୋ ରୁଟ୍ (୮୦୭) ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ଦୁଇ ଭାରତୀୟ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅଜିଙ୍କ୍ୟ ରାହାନେ ମଧ୍ୟ ଯଥାକ୍ରମେ ୧୧ ଓ ୩ଟି ପାହାଚ ଉପରକୁ ଉଠିଛନ୍ତି। ପନ୍ତ କ୍ୟାରିୟର ଶ୍ରେଷ୍ଠ ୪୮ତମ ସ୍ଥାନରେ ରହିଥିବାବେଳେ ରାହାନେ ୧୫ତମ ସ୍ଥାନ ଲାଭ କରିଛନ୍ତି। ସେହିଭଳି ଶ୍ରୀଲଙ୍କା ବିପକ୍ଷ ୱେଲିଂଟନ ଟେଷ୍ଟରେ ରେକର୍ଡ ୨୬୪ ରନର ଅପରାଜିତ ଦ୍ୱିଶତକ ହାସଲ କରିଥିବା ନ୍ୟୁଜିଲାଣ୍ଡ ଓପନର୍ ଟମ୍ ଲଥାମଙ୍କ ର୍ୟାଙ୍କିଙ୍ଗ୍‌ରେ ମଧ ଆଖିଦୃଶିଆ ବୃଦ୍ଧି ହୋଇଛି। ସେ ୧୫ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୨୨ତମ ସ୍ଥାନରେ ରହିଛନ୍ତି। ଆଇସିସି ଟେଷ୍ଟ ଅଲ୍‌ରାଉଣ୍ଡର ତାଲିକାରେ ଭାରତର ସାମି ୫ଟି ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନରେ ରହିଛନ୍ତି। ସେହିଭଳି ହନୁମା ବିହାରୀ ଏକାଥରରେ ୬୫ଟି ପାହାଚ ଡେଇଁ ୮୪ତମ ସ୍ଥାନ ହାସଲ କରିଛନ୍ତି।

## ଜାତୀୟ ପୋଲିସ ହକି ଦଳରେ ୪ ଓଡ଼ିଆ

କଟକ ଅଫିସ,୨୦।୧୨

ଆସନ୍ତା ଜାନୁୟାରୀ ୭ରୁ ମାଡ୍ରାସଠାରେ ୯ମ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଭାରତୀୟ ପୋଲିସ ହକି ଦଳ ଅଂଶଗ୍ରହଣ କରୁଥିବା ବେଳେ ଜାତୀୟ ଦଳରେ ୩ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ରୋଶନବାହାଲା, ବିକାଶ ବାର୍ଲା ଓ ବିଜୟ ଲାକ୍ରା। ଏହାଛଡ଼ା ଜାତୀୟ ପୋଲିସ ଦଳର ସହକାରୀ ପ୍ରଶିକ୍ଷକ ଭାବେ ମଧ ଅନ୍ୟ ଜଣେ ଓଡ଼ିଆ ବୀରେନ୍ଦ୍ର ଲାକ୍ରା ସାମିଲ ହୋଇଛନ୍ତି । ସୂଚନାଥାଉ କି, ସର୍ବଭାରତୀୟ ପୋଲିସ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡ ଆନୁକୂଲ୍ୟରେ ଗତ ଡିସେମ୍ବର ୧୪ରୁ ପଞ୍ଜାବର ଜଳନ୍ଧରଠାରେ ଦଳ ଚୟନ ଶିବିର ଜାରି ରହିଥିଲା। ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଶୁଭେଚ୍ଛା ଜଣାଇଛନ୍ତି।

■ ନିରୋଜ ମେମୋରିଆଲ କ୍ରିକେଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ବିବିସିଏ ବିଜୟୀ

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ୧୦ମ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। ଓସ୍କାର ପଡ଼ିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ତଥା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ) ୯୭ ରନ୍‌ରେ ଓସ୍କାର 'ଏ'କୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିବିସିଏ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଜଗଜିତ ଦାସ ୬୦ ବଲ୍‌ରୁ ସର୍ବାଧିକ ୧୦୩ ରନ୍ କରି ଅପରାଜିତ ରହିଥିଲେ। ଓସ୍କାର 'ଏ' ପକ୍ଷରୁ ଆଦିତ୍ୟ ନନ୍ଦ ଗୋଟିଏ ଉଇକେଟ ନେଇଥିଲେ। ୧୭୧ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଓସ୍କାର 'ଏ' ମାତ୍ର ୭୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଲାରା ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ବିଧାୟକ ସରୋଜ ସାମଲ ଏବଂ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅମ୍ପାୟର ସୁଶାନ୍ତ ଦାସ ଓ ପ୍ରଦୀପ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଓସ୍କାର ସ୍ପୋର୍ଟିଂର ସମ୍ପାଦକ ତଥା ମୁଖ୍ୟ କୋଚ୍ ମନୋଜ ମହାରଣା, ଭାଷ୍ୟକାର ନରେଶ ଭୂଷଣ ଅଧିକାରୀ, ଭିକି ପ୍ରଧାନ, ଅଭିଳାଷ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲବ ବିଶ୍ୱକପ୍ ଫାଇନାଲରେ ରିୟଲ ମାଡ୍ରିଡ୍

ମାଡ୍ରିଡ୍, ୨୦।୧୨

ଛ'ଟି କଣ୍ଟିନେଣ୍ଟାଲ କନଫେଡେରେଶନର ଚାମ୍ପିୟନ ଫୁଟ୍‌ବଲ କ୍ଲବକୁ ନେଇ ଫିଫା ପକ୍ଷରୁ ଚାଲିଥିବା କ୍ଲବ ବିଶ୍ୱକପ୍ ଫାଇନାଲରେ ସ୍ପେନର ରିୟଲ ମାଡ୍ରିଡ୍ ଦଳ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲରେ ରିୟଲ ମାଡ୍ରିଡ୍ କ୍ଲବ ୩-୧ ଗୋଲରେ ଜାପାନର କଶିମା ଆଣ୍ଟେଲରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଷ୍ଟାର ଖେଳାଳି ଗ୍ୟାରେଥ ବାଲେ ହ୍ୟାଟ୍ରିକ ଗୋଲସ୍କୋର କରି ରିୟଲ ମାଡ୍ରିଡ୍‌କୁ ଫାଇନାଲରେ ପ୍ରବେଶ

**ବାଲେଙ୍କ ହ୍ୟାଟ୍ରିକ**

କରାଇବାରେ ନାୟକ ସାଜିଥିଲେ। ମ୍ୟାଚ୍‌ର ମାତ୍ର ୧୧ ମିନିଟ୍ ମଧ୍ୟରେ ବାଲେ ଏହି ୩ଟି ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧର ୪୪ତମ ମିନିଟ୍‌ରେ ବାଲେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୫୩ ଓ ୫୫ତମ ମିନିଟ୍‌ରେ ଆଉ ୨ଟି ଗୋଲ କରି ଦଳକୁ ୩-୦ରେ ଅଗ୍ରଣୀ ଦେଇଥିଲେ। ତେବେ ଏସିଆ ଚାମ୍ପିୟନ କଶିମା ଆଣ୍ଟେଲର ପକ୍ଷରୁ ସୋମା ଡୋଇ ୭୮ତମ ମିନିଟ୍‌ରେ ଗୋଟିଏ ଗୋଲ ଶୁଝିବାରେ ସମର୍ଥ ହୋଇଥିଲା। ରିୟଲ ମାଡ୍ରିଡ୍ ଦଳ ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ୟୁଏଇର ଅଲ୍ ଏଇନ୍ କ୍ଲବକୁ ଭେଟିବ। ଫାଇନାଲରେ ବିଜୟୀ ହୋଇ ରିୟଲ ମାଡ୍ରିଡ୍ ଲଗାତର ୩ୟ ଥର ଲାଗି ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଅଲ୍ ଏଇନ୍ ପୂର୍ବରୁ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ବାଲେ ବର୍ତ୍ତମାନ ସୁଦ୍ଧା ୫ଟି କ୍ଲବ ବିଶ୍ୱକପ୍ ମ୍ୟାଚ୍‌ରୁ ୬ଟି ଗୋଲସ୍କୋର କରିଛନ୍ତି।



ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପରେ ଗୁରୁବାର ମହିଳା ବିଭାଗରେ କଟକ ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ସେଲ୍‌ଟିକ୍ସର ଏକତରଫା ବିଜୟ

କଟକ ଅଫିସ,୨୦।୧୨

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ନାଲ୍‌କୋ କପ୍ ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ପୁରୁଷ ବର୍ଗର ମ୍ୟାଚ୍‌ରେ ସେଲ୍‌ଟିକ୍ସ ୪୨-୮ ପଏଣ୍ଟରେ ବାଲେଶ୍ୱରକୁ ଏକତରଫା ଭାବେ ପରାସ୍ତ କରିଛି। ଅନ୍ୟ ମ୍ୟାଚ୍‌ରେ ଗଞ୍ଜାମ ୫୮-୨୩ ପଏଣ୍ଟରେ ପୁରୀକୁ, ରାୟଗଡ଼ା ୩୦-୨୮ ପଏଣ୍ଟରେ ବିବିଏକୁ ହରାଇଥିଲା। ମହିଳା ବର୍ଗର ମ୍ୟାଚ୍‌ରେ ରୋଭର୍ସ ୨୮-୧୧ ପଏଣ୍ଟରେ ଏସ୍‌ସିଏସ୍‌ସିକୁ, ବିବିଏ ୪୬-୧୨ରେ କେନ୍ଦୁଝରକୁ ହରାଇଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

# ବଡ଼ ଯାଆଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ ଅଭିଯୋଗ

ରାହାମା,୨୦।୧୨(ଡି.ଏନ୍.ଏ.)

ମାଣବସା ଗୁରୁବାର ପୂଜା ପାଇଁ ଘରେ ଘରେ ଉତ୍ସାହ ଲାଗି ରହିଥିବାବେଳେ କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ବାଲିକଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ବଡ଼ ଯାଆଙ୍କୁ କିରୋସିନ ଢାଳି ପୋଡ଼ି ମାରିବାକୁ ସାନ ଯାଆ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏଥିରେ ମହିଳାଙ୍କ ଶରୀର ୪୦ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ସ୍ୱର୍ଗତ ନିମାଇଁ ଚରଣ ମହାପାତ୍ରଙ୍କ ବଡ଼ବୋହୂ ସସ୍ମିତା ମହାପାତ୍ର(୪୭) ପାରିବାରିକ କଳହକୁ ନେଇ ବୁଧବାର ପୂର୍ବାହ୍ନରେ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ଥାନାରୁ ଫେରିବା ପରେ ସାନ ଯାଆ ଯମୁନାଙ୍କ ସହ ଅଧିକ ପାଟିତୁଣ୍ଡ ହୋଇଥିଲା। ରାତିରେ ବଡ଼ ଯାଆ ସସ୍ମିତାଙ୍କ ଉପରେ ଯମୁନା କିରୋସିନ ଢାଳି ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଆଗରେ ସସ୍ମିତା ବୟାନ ଦେଇଥିଲେ। ତାଙ୍କ ଜଙ୍ଘ, ପାଦ, ପେଟ ଆଦି ପୋଡ଼ିଯାଇଛି। ତାଙ୍କୁ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ  କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ କେସ୍ ନଂ. ୨୧୪/୧୮ ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଦିଲୀପ ସାହୁ କହିଛନ୍ତି। ଅନ୍ୟପକ୍ଷରେ ସସ୍ମିତା ନିଜେ କିରୋସିନ ଢାଳି ଦେହରେ ନିଆଁ ଲଗାଇ ଦେଇଥିବା ପଡୋଶୀ ଲୋକମାନେ କହୁଥିବା ପୋଲିସ ସୂଚନା ଦେଇଛି।




# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ତିର୍ତ୍ତୋଲ,୨୦।୧୨(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ସଁଅରା ପଞ୍ଚାୟତ ଧୂଆଁପାରି ଗ୍ରାମର ଜଣେ ମହିଳାଙ୍କର କଲିକତାରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏନେଇ ମହିଳାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅଭିଯୋଗ ଅନୁଯାୟୀ, ଧୂଆଁପାରି ଗ୍ରାମର ସୁଧିର ମହାନ୍ତି ୬ବର୍ଷ ତଳେ ଏହି ପଞ୍ଚାୟତ ସଁଅରା ଗ୍ରାମର ସ୍ୱର୍ଗତ ଧ୍ରୁବ ପୁହାଣଙ୍କ ଝିଅ ନଳିନୀ ପ୍ରଭାଙ୍କୁ ବିବାହ କରିଥିଲେ। ବିବାହ ପରେ ସୁଧିର ସ୍ତ୍ରୀଙ୍କ ସହ ତାଙ୍କ କର୍ମସ୍ଥଳି କଲିକତାରେ ରହୁଥିଲେ। କୌଣସି କାରଣରୁ ନଳିନୀ ପ୍ରଭାଙ୍କ ସେଠାରେ ୨ଦିନ ତଳେ ମୃତ୍ୟୁ ଘଟିଥିଲା। ସୁଧିର ନଳିନୀଙ୍କ ମୃତଦେହ ସତ୍କାର ପାଇଁ ଧୂଆଁପାରିକୁ ଆଣିଥିଲେ। ଖବରପାଇ ନଳିନୀ ପ୍ରଭାଙ୍କ ମା' ଅଞ୍ଜନା ପୁହାଣ ଆସିଥିଲେ। ଝିଅର ମୃତ୍ୟୁକୁ ନେଇ ସେ ସନ୍ଦେହ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ତିର୍ତ୍ତୋଲ ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ପଣ୍ଡାଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୨୪/୧୮ ରୁଜୁ ହୋଇଛି। ଘଟଣାର ତଦନ୍ତ କରାଯାଉଥିବା ଆଇଆଇସି ପ୍ରଶାନ୍ତ କୁମାର ମାଝି କହିଛନ୍ତି।

# ଟ୍ରଲରରୁ ଖସି ମତ୍ସ୍ୟଜୀବୀ ମୃତ

ପାରାଦୀପ,୨୦।୧୨(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରେ ଗୁରୁବାର ଟ୍ରଲରରୁ ପଡି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଷଣ୍ଢକୁଦ ବସ୍ତିର ଭୋଲେଟ୍ରି ଗଙ୍ଗୋତ୍ରୀ (୪୨)। ଟ୍ରଲର ଉପରେ ମାଛ ଟ୍ରେ ଧୋଇବା ପାଇଁ ସେ ବାଲ୍‌ଟିରେ ପାଣି ଉଠାଉଥିବାବେଳେ ତଳକୁ ଖସିପଡିଥିଲେ। ତାଙ୍କୁ ସାଥି ମତ୍ସ୍ୟଜୀବୀମାନେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମେରାଇନ ପୋଲିସ ମୃତଦେହ ଜବତ କରିଛି। ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ଏନେଇ ମେରାଇନ୍ ଥାନାରେ ଅପମୃତ୍ୟୁ ମାମଲା ନଂ.୧୨/୧୮ ରୁଜୁ ହୋଇଛି।








ଏହା ଭୁଲି ଯାଅ ନାହିଁ ଯେ, ଆଇନ ହେଉଛି
ସତ୍ୟ ପାଇଁ, ସତ୍ୟ ପାଇଁ ଆଇନ ନୁହେଁ।
- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ୩ୟ ଦିନରେ ଡାକ କର୍ମଚାରୀଙ୍କ ଧର୍ମଘଟ




ସିଂହପୁର,୨୦।୧୨(ଡି.ଏନ୍.ଏ.): ବିଭିନ୍ନ ଦାବି ନେଇ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମୀଣ ଡାକ କର୍ମଚାରୀଙ୍କ ଧର୍ମଘଟ ଗୁରୁବାର ୩ୟ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧର୍ମଘଟ ଚାଲୁ ରହିବ ବୋଲି ସଂଘ ସଭାପତି ଦେବେନ୍ଦ୍ର ଧଳ କହିଛନ୍ତି। ଏହି ଧର୍ମଘଟରେ ପ୍ରଶାନ୍ତ ପୁହାଣ, ସୁରେନ୍ଦ୍ର ବେହେରା, ଅଭିମନ୍ୟୁ ବଳ, ଗୋକୁଳ ସାମଲ, ନିରଞ୍ଜନ ବାରିକ, ଦୀପକ ସାମଲ, ଅନିଲ ନାୟକ, ଭାଗୀରଥି ସାହୁ, ରମେଶ ମଲିକ, ରୁଦ୍ରାକ୍ଷ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ୧୦ଟି ଶାଖା ଡାକଘରର କର୍ମଚାରୀ ଧର୍ମଘଟରେ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।

### ବିଜେଡିର ପ୍ରସ୍ତୁତି ବୈଠକ

ରତ୍ନଗିରି,୨୦।୧୨(ଡି.ଏନ.ଏ.): ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବରୀ ବିଜେଡି ତରଫରୁ ଗୁରୁବାର ଅରଙ୍ଗାବାଦ ପଞ୍ଚାୟତ କଣ୍ଠପୋଇଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉମେଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ବରୀ ବିଧାୟକ ଦେବାଶିଷ ନାୟକ, ବ୍ଲକ ବିଜେଡି ସଭାପତି ସେଖ୍ ସଫିକ୍‌ଉଦ୍ଦିନ୍, ରଶ୍ମିରଞ୍ଜନ ମହାନ୍ତି, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ, ପୂର୍ବତନ ଅଧକ୍ଷ ନୀଳମଣି ସାମଲ, ବରୀ ନିର୍ବାଚନମଣ୍ଡଳୀ ମହିଳା ସଭାନେତ୍ରୀ କିରଣବାଳା ରାଉତ, ୨୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ପ୍ରମୁଖ ଯୋଗଦେଇ ଆସନ୍ତା ୨୬ତାରିଖରେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ସଫଳ କରିବା କ୍ଷେତ୍ରରେ ସହଯୋଗ କରିବାକୁ ନିବେଦନ କରିଥିଲେ ।

■ ଧାନ ସଂଗ୍ରହରେ ନୈରାଶ୍ୟଜନକ

# ୬୦ପ୍ୟାକ୍ସ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ

ଯାଜପୁର ଅଫିସ,୨୦।୧୨

ଯାଜପୁର ଜିଲାରେ ଧାନମଣ୍ଡି ଖୋଲିବାରେ ଅବହେଳା ତଥା ବିଳମ୍ବ ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ୬୦ଜଣ ପ୍ୟାକ୍ସ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହାସହ ଏଆର୍‌ସିଏସ୍‌ଙ୍କୁ କୈଫିୟତ ତଲବ କରିଛନ୍ତି। ଗୁରୁବାର ଅପରାହ୍ନରେ ଜିଲାପାଳ ଦାସ ଧାନ ସଂଗ୍ରହ ସମ୍ପର୍କରେ ସମୀକ୍ଷା କରିବା ପରେ ଚାଷୀଙ୍କଠାରୁ ଧାନ ସଂଗ୍ରହରେ ବିଳମ୍ବ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଯଥାଶୀଘ୍ର ମଣ୍ଡି ଖୋଲିବାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯାଜପୁର ଜିଲାରେ ପ୍ରଥମ ବୋଲି କୁହାଯାଉଛି। ଏହ ଘଟଣାରୁ ମିଲର, ପ୍ୟାକ୍ସ ଅଧିକାରୀ ଓ ସମ୍ପାଦକ ଏବଂ କେତେକ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିଙ୍କ ସଲାସୁତୁରାରେ ଧାନକିଣାରେ ବ୍ୟାପକ ଅନିୟମିତତାକୁ ସ୍ପଷ୍ଟ କରୁଛି। ଆଉ ଏଠିହି ଅନିୟମିତତି ଯୋଗୁ ଚାଷୀ ପ୍ରତିବର୍ଷ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି କୁହାଯାଉଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୭,୦୫,୮୪୨.୦୩ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିବାବେଳେ ୬,୦୭,୬୦୫.୮୪ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଗତବର୍ଷ ନିର୍ଦ୍ଧାରିତ ସମୟ ଠାରୁ ୨ମାସ ବିଳମ୍ବରେ ଧାନମଣ୍ଡି ଖୋଲିବାରୁ ପ୍ରାୟ ୧ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇ ନ ପାରି ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହୋଇଥିଲେ। ସେହିବର୍ଷ ପ୍ରଶାସନିକସ୍ତରରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ ହେବାରୁ ଚଳିତ ବର୍ଷ ମଧ ଧାନମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହୋଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେବା ସହିତ ଦଲାଲଗିରି ମଧ ସେହି ଅନୁପାତରେ ବଢ଼ିଛି। ପ୍ରଶାସନିକ କଳର ବିଭିନ୍ନ ବାହାନା ଯୋଗୁ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି। ଫଳରେ ଚାଷୀ ନିଜ କଷ୍ଟ ଉପାର୍ଜିତ ଫସଲକୁ କମ୍ ମୂଲ୍ୟରେ ଦଲାଲ ହାତରେ ଟେକି ଦେଉଛନ୍ତି। ଏହିସ୍ଥିତିରେ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଦଲାଲଙ୍କ ପାଇଁ ପୁଷମାସ ହୋଇଛି। ଚଳିତ ବର୍ଷଠାରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭ଶହ ୫୦ଟଙ୍କା ବୃଦ୍ଧି ନେଇ ଯେଉଁ ବଡ଼ ପଦକ୍ଷେପ ଗ୍ରହଣ କରିଥିଲେ ପ୍ରଶାସନିକ କଳର ଅପାରଗତା କାରଣରୁ ତାହା ଚାଷୀଙ୍କ ସ୍ୱାର୍ଥରେ ଲାଗିପାରୁ ନାହିଁ। ଯାହାର ନଗ୍ନ ନମୁନା ଏବେ ଯାଜପୁର ଜିଲା ବଡ଼ଚଣା ସମେତ ଅନ୍ୟାନ୍ୟ ସ୍ଥାନରେ ଦେଖିବାକୁ ମିଳିଛି। ପଶ୍ଚିମ ବଡ଼ଚଣାର କୌଣସି ଗୋଟିଏ ବି ସ୍ଥାନରେ ଏଯାଏଁ ଧାନ ମଣ୍ଡି ଖୋଲି ପାରିନାହିଁ। ସେପଟେ ଅମଳ ଆରମ୍ଭରୁ ହିଁ ଜାରି ରହିଛି ଅଭାବି ଧାନ ବିକ୍ରି। ଦଲାଲମାନେ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତର ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ମାତ୍ର ୧୨୦୦ ଟଙ୍କାରେ ଧାନ କିଣି ଇତିମଧ୍ୟରେ ଆନ୍ଧ୍ର ପ୍ରଦେଶକୁ ବଡ଼ ବଡ଼ ଟ୍ରକ ଯୋଗେ ପ୍ରାୟ ୩ଶହ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ଧାନ ଚାଲାଣ କରି ସାରିଲେଣି। ଜିଲାର ବିଭିନ୍ନ ସ୍ଥାନରେ ଏଭଳି ଶାଗମାଛ ଦରରେ ଚାଷୀଙ୍କଠାରୁ ଧାନ କିଣାଯାଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଜଣାପଡ଼ିଛି। ପ୍ରଶାସନିକ କଳ ଏନେଇ ସମ୍ପୂର୍ଣ୍ଣ ଭାବେ ବେଫିକର ରହିଛି। ବିଭିନ୍ନ କୃଷକ ସଂଗଠନର ସଭ୍ୟମାନେ ଦଲାଲଙ୍କ ଏଭଳି କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ଦାବି ହେଉଛି । ଅପରପକ୍ଷରେ ଯୋଗାଣ ବିଭାଗ ପକ୍ଷରୁ ଏଯାଏ ୧୧୮ଟି ମଣ୍ଡି ଖୋଲାଯାଇଥିବା ଦାବି ହେଉଛି । ମଙ୍ଗଳବାର ସୁଦ୍ଧା ୪,୬୦୦ କୁଇଣ୍ଟାଲ ଧାନ କିଣାଯାଇଥିବା ସୂଚନା ମିଳିଛି।




**ଧାନ ମୂଲ୍ୟ ବୃଦ୍ଧି ଦଲାଲଙ୍କ ପାଇଁ ପୁଷମାସ**

### ବାଲିବୋଝେଇ ଡମ୍ଫର ସହ ବାଇକ ମୁହାଁମୁହିଁ ସରପଞ୍ଚଙ୍କ ସମେତ ୨ଗୁରୁତର

ବିଞ୍ଝାରପୁର,୨୦।୧୨(ଡି.ଏନ.ଏ)

ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ମଇଁନ୍ଦା ନିକଟବର୍ତ୍ତୀ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଏକ ବାଲିବୋଝେଇ ଡମ୍ଫର ସହ ବାଇକର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଦୁଇଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ବିଞ୍ଝାରପୁର ବ୍ଲକରୁ ପଞ୍ଚାୟତ ସମ୍ପର୍କିତ କାର୍ଯ୍ୟସାରି ଉତ୍ତରଙ୍ଗ ସରପଞ୍ଚ ନିଗମାନନ୍ଦ ଭଦ୍ର ଓ ଦିପୁ ସାମଲ ବାଇକ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ମଇଁନ୍ଦା ନିକଟବର୍ତ୍ତୀ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଯାଜପୁର ଆଡୁ ଆସୁଥିବା ଏକ ବାଲି ବୋଝେଇ ଡମ୍ଫର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତ ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ସ୍ଥାନୀୟଲୋକେ ଉଦ୍ଧାରକରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଡମ୍ଫର ଜବତ କରିଛି।

## ଅନ୍‌ଲାଇନରେ ମିଳିବ ଜମିଜମା ପଟ୍ଟା

ଯାଜପୁର ଅଫିସ,୨୦।୧୨

ଜମି ପଟା ପାଇଁ ଆଉ ବାରମ୍ବାର ତହସିଲକୁ ଆସିବାକୁ ପଡ଼ିବ ନାହିଁ । ସମ୍ପୃକ୍ତ ହିତାଧିକାରୀ ଅନ୍‌ଲାଇନରେ ନିଜ ଆବଶ୍ୟକତା ଅନୁସାରେ ପଞ୍ଜିକୃତ କରାଇ ଜମିପଟ୍ଟା ହାସଲ କରି ପାରିବେ। ଏପରିକି ଏହି ପଟ୍ଟାକୁ ପୋଷ୍ଟାଲ ମାଧ୍ୟମରେ ସମ୍ପୃକ୍ତ ହିତାଧିକାରୀଙ୍କୁ ପ୍ରେରଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ଗୁରୁବାର ପୋଷ୍ଟାଲ ସେବା ମାଧ୍ୟମରେ ଯାଜପୁର ତହସିଲଦାର ୫ଜଣଙ୍କୁ ଏହି ଜମି ପଟ୍ଟା ପ୍ରେରଣ କରାଯାଇଛି। ତହସିଲଦାର ସୁନୀଲ କୁମାର ମେହେର, ଅତିରିକ୍ତ ତହସିଲଦାର ଅସ୍ମିତ ଦାସ ଓ କ୍ଷୀରୋଦ ଦାସ ପ୍ରମୁଖ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ହିତାଧିକାରୀମାନେ ଏହି ବ୍ୟବସ୍ଥା ଦ୍ୱାରା ଲୋକମାନେ ଯେପରି ଅଧିକ ଖର୍ଚ୍ଚାନ୍ତ ନ ହେବେ ଏବଂ ସେମାନଙ୍କ ସମୟ ନଷ୍ଟ ନ ହେବ ସେଥିପାଇଁ ଏହି ନୂଆ ବ୍ୟବସ୍ଥା କରାଯାଇଛି ବୋଲି ତହସିଲଦାର ମେହେର କହିଛନ୍ତି । ପଟ୍ଟା ପ୍ରସ୍ତୁତ କାର୍ଯ୍ୟରେ ମୁଖ୍ୟ କିରାଣୀ ପ୍ରଦୀପ ଦାସ ପ୍ରମୁଖ ସହଯୋଗ କରିଥିଲେ ।




ଅନଲାଇନ୍‌ରେ ଜମିପଟ୍ଟା ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି।

### କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଦଶରଥପୁର,୨୦।୧୨(ଡି.ଏନ.ଏ.)

ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୩ ଦିନିଆ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଗୁରୁବାର ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧ୍ୟକ୍ଷତା କରିଥିଲେ। ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଜାତା ସାହୁ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟ ତଥା ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ମୁଖ୍ୟବକ୍ତା, ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଦଶରଥପୁର ସମିତି ସଭ୍ୟ ମହେଶ୍ୱର ସାହୁ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ଚୈତନ୍ୟ କୁମାର ପରିଡ଼ା ଏବଂ ପୂର୍ବତନ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶାରୀରିକ ଶିକ୍ଷାର ବିକାଶ ପାଇଁ ସରକାରୀ ସ୍ତରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ ଉକ୍ତ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସେମାନଙ୍କର ଅଙ୍ଗୀକାରବଦ୍ଧତା ଉପରେ ବର୍ଣ୍ଣନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଯାଜପୁର ଅଫିସ,୨୦।୧୨

ଯାଜପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଶିବିରକୁ ଉଦ୍‌ଘାଟନ କରିବା ସହ ଭିନ୍ନକ୍ଷମ ଚିହ୍ନଟ ଶିବିର ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ, ଭିନ୍ନକ୍ଷମତାର ମାପ ନିର୍ଦ୍ଧାରଣ ହେଉଥିବାରୁ ସେମାନଙ୍କ ବିବିଧ ସହାୟତା ପାଇଁ ଏହା ସହାୟକ ହୋଇଥାଏ ବୋଲି କହିଥିଲେ। ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଯୁଗ୍ମ ସଚିବ ମନମୋହନ ମିଶ୍ର, ବିଡିଓ ସୌରଭ ଚକ୍ରବର୍ତ୍ତୀ, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ଜିଲା ପରିଷଦ ସଦସ୍ୟ ଆଦିକନ୍ଦ ସନ୍ଧିବିଗ୍ରହ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଚିହ୍ନଟ ଶିବିରର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ୨୭୨ ଜଣ ପଞ୍ଜିକୃତ ହୋଇଥିବାବେଳେ ୨୨୩ଜଣଙ୍କୁ ପ୍ରମାଣପତ୍ର, ୪ଜଣଙ୍କୁ ଟ୍ରାଇ ସାଇକେଲ, ୧୬ଜଣଙ୍କୁ ହୁଇଲ ଚେୟାର, ୨ଜଣଙ୍କୁ କ୍ରଚେସ, ଜଣଙ୍କୁ ବ୍ଲାଇଣ୍ଡ ଷ୍ଟିକ୍, ୩ଜଣଙ୍କୁ ଶ୍ରବଣ ଯନ୍ତ୍ର, ୧୧ ଜଣଙ୍କୁ ୱାକିଂ ଷ୍ଟିକ୍, ୧୫ଜଣଙ୍କୁ ଟ୍ରେନ୍ ରିହାତି କାର୍ଡ, ୪ ଜଣଙ୍କୁ ବସ୍ ରିହାତି କାର୍ଡ, ୧୫ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୧ ଜଣଙ୍କୁ ଲାପ୍‌ଟପ୍, ୧୩ ଜଣଙ୍କୁ ଡିଆରଆଇ ଋଣ, ୧୩ ଜଣଙ୍କୁ ବାଣିଶ୍ରୀ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ଏହାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ ପରିଚାଳନା କରିଥିଲେ।



ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଜିଲାପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ହତ୍ୟା ଉଦ୍ୟମକାରୀକୁ ଜେଲ ଦଣ୍ଡାଦେଶ

ବିରଜାକ୍ଷେତ୍ର/ରତ୍ନଗିରି,୨୦।୧୨(ଡି.ଏନ୍.ଏ): ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଯାଜପୁରର ଆସିଷ୍ଟାଣ୍ଟ ସେସନ୍ ଜଜ୍ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବରୀ ବ୍ଲକ ବାଲିବିଲ ପଞ୍ଚାୟତ ଢିହସାହି ଗ୍ରାମର ଯଦୁମଣି ସାମଲ। ପ୍ରକାଶ ଯେ, ୨୦୦୮ ଅକ୍ଟୋବର ୨୯ ସନ୍ଧ୍ୟାରେ ଗାଁଦାଣ୍ଡରେ ଗୋରୁ ବାନ୍ଧିବାକୁ ନେଇ ସେହି ଗ୍ରାମର ବ୍ରଜବନ୍ଧୁ ଜେନାଙ୍କ ସହିତ ପ୍ରହଲ୍ଲାଦ ସାମଲ, ଯଦୁମଣି ସାମଲ, ରାଜକିଶୋର ସାମଲଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ଏହାପରେ ପ୍ରହଲ୍ଲାଦ, ଯଦୁମଣି, ରାଜକିଶୋର ତିନିଜଣ ମିଶି ଠେଙ୍ଗାଦ୍ୱାରା ବ୍ରଜବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ବ୍ରଜବନ୍ଧୁଙ୍କ ମୁଣ୍ଡ ଫାଟି ଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରବର୍ଗ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଏହି ଘଟଣାକୁ ନେଇ ବ୍ରଜବନ୍ଧୁଙ୍କ ସ୍ତ୍ରୀ କାମିନୀ ବରୀ ରାମଚନ୍ଦ୍ରପୁର ଥାନାରେ ଏତଲା ଦାଏର କରିଥିଲେ। କାମିନୀଙ୍କ ଏତଲାକୁ ଭିତ୍ତି କରି ବରୀ ପୋଲିସ ୫୪/୮ରେ ଏକ ମାମଲା ରୁଜୁକରି କରିଥିଲେ। ଗୁରୁବାର ୬ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଯାଜପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରାଜେଶ କୁମାର ନାୟକ ଅଭିଯୁକ୍ତ ଯଦୁମଣି ସାମଲଙ୍କୁ ୫ହଜାର ଟଙ୍କା ଜରିମାନା ସହିତ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟ ଦୁଇଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ଏହି ମାମଲାକୁ ଆସୋସିଏଟ୍ ଲୟର ବିରଜା ପ୍ରସାଦ ପରିଡ଼ା ପରିଚାଳନା କରୁଥିଲେ ।

## ଦଳିତ ମଞ୍ଚ ପକ୍ଷରୁ ତହସିଲ ସମ୍ମୁଖରେ ବିକ୍ଷୋଭ

ବରୀ,୨୦।୧୨(ସ୍ୱ.ପ୍ର.): ବିଭିନ୍ନ ଦାବି ନେଇ ଓଡ଼ିଶା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଗୁରୁବାର ବରୀ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ବ୍ଲକ କମିଟି ସଭାପତି ଚିନ୍ମୟ ଜେନାଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ମାନସ ଜେନା, ଉପଦେଷ୍ଟା ମଧୁସୂଦନ ଯାଦବ, ସ୍ମିତାରାଣୀ ପଟ୍ଟନାୟକ, ରାଜ୍ୟ ସଂଯୋଜକ ପ୍ରଶାନ୍ତ ମଲ୍ଲିକ, ଯାଜପୁର ଜିଲା ସଭାପତି ରାକେଶ ଜେନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଭୂମିହୀନ ପରିବାରକୁ ଘରଡିହ, ଚାଷଜମି ଓ ଭାଗ ଚାଷୀଙ୍କୁ ନ୍ୟାୟ ପ୍ରଦାନ ଆଦି ମୁଖ୍ୟ ଦାବି ଥିଲା। ଶେଷରେ ଦଳିତଙ୍କ ମୌଳିକ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଶତାଧିକ ଦଳିତ ଲୋକ ସାମିଲ ହୋଇଥିଲେ।

Maruti Herbal
ଆନନ୍ଦର ନୂଆ ଶିଖରକୁ ଛୁଅନ୍ତୁ ...
କେବଳ ପୁରୁଷଙ୍କ ପାଇଁ




ପ୍ରତିଦିନ ମାଲିସ କରିବା ଫଳରେ ପୁରୁଷଙ୍କ ଦୁର୍ବଳ ଲିଙ୍ଗରେ ତାକତ ଏବଂ ଜୋଶ ବଢ଼ିଥାଏ।
ଷ୍ଟେ-ଅନ୍® ପାୱାର ତେଲ
ଷ୍ଟେ-ଅନ୍ : କ୍ୟାପ୍‌ସୁଲ, ଓରାଲ୍ ଲିକ୍ୟୁଇଡ୍, ସ୍ପ୍ରେ ପ୍ୟାକ୍ ମଧ୍ୟ କେମିଷ୍ଟରେ ଉପଲବ୍ଧ ଅଟେ।

■ ଖାଉଟି ସାମଗ୍ରୀ ଦୁର୍ନୀତି ଗୁମର ଫିଟିଲା

## ତଦନ୍ତ କରି ଫେରିଲେ ଯୋଗାଣ ନିରୀକ୍ଷକ



ଯୋଗାଣ ନିରୀକ୍ଷକ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବରୀ,୨୦।୧୨(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତରେ ଗତ ନଭେମ୍ବରରେ ଖାଉଟି ସାମଗ୍ରୀ ଗହମ ଓ ଚାଉଳ ବଣ୍ଟନରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ଫଳରେ ଯୋଗାଣ ନିରୀକ୍ଷକ ପି.କେ. ନାୟକ ଗୁରୁବାର ରତଳାଙ୍ଗ ପଞ୍ଚାୟତକୁ ଆସି ତଦନ୍ତ କରି ଫେରିଯାଇଥିବା ଜଣାପଡ଼ିଛି। ଏ ନେଇ ଗାଁ ଦାଣ୍ଡରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ହିତାଧିକାରୀ ପାଇ ନ ଥିବା ଗହମ ଓ ଚାଉଳକୁ ଆସନ୍ତା ରବିବାର ସୁଦ୍ଧା ବାଣ୍ଟିବା ପାଇଁ ରିଟେଲରଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ସୁଦ୍ଧା ହିତାଧିକାରୀଙ୍କ ନିକଟରେ ଖାଉଟି ସାମଗ୍ରୀ ନ ପହଞ୍ଚିଲେ ସୋମବାର ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ନିରୀକ୍ଷକ ନାୟକ ସୂଚନା ଦେଇଛନ୍ତି। ଏଥିସହ ଭବିଷ୍ୟତରେ ଏଭଳି ଭୁଲ୍ ହେବ ନାହିଁ ବୋଲି ହିତାଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତର ୧୨ଟି ୱାର୍ଡରେ ୩ ଜଣ ରିଟେଲର ନିଯୁକ୍ତି ପାଇଛନ୍ତି। ୨ ଜଣ ରିଟେଲର ନଭେମ୍ବର ମାସର ଚାଉଳ ଓ ଗହମ ହଡ଼ପ କରିଥିବା ହିତାଧିକାରୀ ମଧୁସ୍ମିତା ରାୟ, ସମିତିସଭ୍ୟ ନୀଳମଣି ଜେନା, ସରପଞ୍ଚ ବିଜ୍ଞାନ ମଲ୍ଲିକଙ୍କ ସମେତ ଶତାଧିକ ହିତାଧିକାରୀ ମଙ୍ଗଳବାର ଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ରିଟେଲର ପ୍ରଭାତୀ ସାମଲ ୮୦ କ୍ୱିଣ୍ଟାଲ ୮୨ କିଲୋ ଚାଉଳ, ୧୪ କ୍ୱିଣ୍ଟାଲ ୯୮ କିଲୋ ଗହମ ଓ ଜଗବନ୍ଧୁ ସାମଲ ୮୪ କ୍ୱିଣ୍ଟାଲ ୪୮ କିଲୋ ଚାଉଳ, ୧୬ କ୍ୱିଣ୍ଟାଲ ୧୭ କିଲୋ ଗହମ ଗାଏବ କରିନେଇ ହିତାଧିକାରୀଙ୍କୁ ବଣ୍ଟନ କରି ନ ଥିବା ଜଣାପଡ଼ିଛି। ଅଭିଯୋଗ ପାଇ ଯୋଗାଣ ନିରୀକ୍ଷକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉଭୟ ରିଟେଲରଙ୍କୁ ପଚାରିବାରେ, ସେମାନେ ଗହମ ଓ ଚାଉଳ ଦୁର୍ନୀତି ଘଟରାକୁ ସ୍ୱୀକାର କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ସୂଚନା

ତା.23.12.2018ରିଖ (ରବିବାର) ଦିନ ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ଭଦ୍ରକ ସେକ୍ସନରେ ବଇରୀ-କପିଳାସ ରୋଡ୍ ଷ୍ଟେସନ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ନିର୍ମାଣ ନିମନ୍ତେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ବାତିଲ୍ / ପୁନଃ ନିର୍ଦ୍ଧାରଣ ଏବଂ ନିୟନ୍ତ୍ରଣ

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58407 | ଭଦ୍ରକ-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 58411/58412 | ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 18416 | ପୁରୀ-ବଡ଼ବିଲ ଏକ୍ସପ୍ରେସ୍ | 23.12.2018 |
| 18415 | ବଡ଼ବିଲ-ପୁରୀ ଏକ୍ସପ୍ରେସ୍ | 24.12.2018 |
| 18404 | ବଡ଼ବିଲ-ଚକ୍ରଧରପୁର ଏକ୍ସପ୍ରେସ୍ | 23.12.2018 |
| 18403 | ଚକ୍ରଧରପୁର-ବଡ଼ବିଲ ଏକ୍ସପ୍ରେସ୍ | 24.12.2018 |
| 58424/58423 | କଟକ-ଭଦ୍ରକ-କଟକ ପାସେଞ୍ଜର | 23.12.2018 |

**ଟ୍ରେନ୍‌ଗୁଡ଼ିକର ପୁନଃ ନିର୍ଦ୍ଧାରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ପୁନଃନିର୍ଦ୍ଧାରିତ ସ୍ଥାନ | ପୁନଃନିର୍ଦ୍ଧାରଣ ତାରିଖ |
|---|---|---|---|
| 58525 | କେନ୍ଦୁଝରଗଡ଼-ଭୁବନେଶ୍ୱର ପାସେଞ୍ଜର | କେନ୍ଦୁଝରଗଡ଼ | ତା.23.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12891 | ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍ | ବାଙ୍ଗିରିପୋଷି | ତା.23.12.2018ରିଖ 3 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12821 | ହାଓଡ଼ା-ଭୁବନେଶ୍ୱର-ଧଉଳି ଏକ୍ସପ୍ରେସ୍ | ହାଓଡ଼ା | ତା.23.12.2018ରିଖ 2 ଘଣ୍ଟା ପର୍ଯ୍ୟନ୍ତ |
| 18646 | ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | ହାଇଦ୍ରାବାଦ | ତା.22.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |

**ଟ୍ରେନ୍‌ଗୁଡ଼ିକର ନିୟନ୍ତ୍ରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ନିୟନ୍ତ୍ରଣ କରାଯିବ | ନିୟନ୍ତ୍ରଣ ତାରିଖ |
|---|---|---|---|
| 58001 | ହାଓଡ଼ା-ପୁରୀ ପାସେଞ୍ଜର | ଯାଜପୁର-କେନ୍ଦୁଝର ରୋଡ୍ | ତା.23.12.2018ରିଖ 2 ଘଣ୍ଟା ନିମନ୍ତେ |
| 12816 | ନୂଆଦିଲ୍ଲୀ-ପୁରୀ ନନ୍ଦନକାନନ ଏକ୍ସପ୍ରେସ୍ | ଆବଶ୍ୟକ ସ୍ଥଳେ, ଗନ୍ତବ୍ୟ ପଥରେ | 3 ଘଣ୍ଟା ପର୍ଯ୍ୟନ୍ତ |

ତା.୨୬.୧୨.୨୦୧୮ରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ବଲାଙ୍ଗୀର ଓ ଭଏଁସାପାଲି ମଧ୍ୟରେ ନୂଆ ଲାଇନ୍ ଓ ବଲାଙ୍ଗୀର ଓ ଦେଓଗାଁ ରୋଡ୍ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍‌ଗୁଡ଼ିକର ବାତିଲ୍ / ଆଂଶିକ ବାତିଲ୍।

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58301/58303 | ସମ୍ବଲପୁର-କୋରାପୁଟ/ଜୁନାଗଡ଼ ରୋଡ୍ ପାସେଞ୍ଜର | 15.12.2018 ରୁ 25.12.2018 |
| 58302/58304 | କୋରାପୁଟ/ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର | 16.12.2018 ରୁ 26.12.2018 |

**ଆଂଶିକ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ୍ ମଧ୍ୟରେ ଆଂଶିକ ବାତିଲ | ଆଂଶିକ ବାତିଲ ହେବା ତାରିଖ |
|---|---|---|---|
| 58213/ 58214 | ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର | ଟିଟିଲାଗଡ଼-ସମ୍ବଲପୁର (ଉଭୟ ଦିଗରୁ) | 16.12.2018 ରୁ 25.12.2018 |
| 12893/ 12894 | ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି | ସମ୍ବଲପୁର-ବଲାଙ୍ଗୀର (ଉଭୟ ଦିଗରୁ) | 20.12.2018 ରୁ 25.12.2018 |



PR-412/J/18-19
ପୂର୍ବ ତଟ ରେଳପଥ

## ସଂକ୍ଷେପରେ

### ମହାତ୍ମାଗାନ୍ଧୀ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବିରଜାକ୍ଷେତ୍ର,୨୦।୧୨(ଡି.ଏନ୍.ଏ)- ଯାଜପୁର ବ୍ଲକ ଏରବାଙ୍ଗ ପଞ୍ଚାୟତ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ ଯୋଗଦେଇ ମହାତ୍ମାଗାନ୍ଧୀ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ଦିବ୍ୟରଞ୍ଜନ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ସ୍ୱାଇଁ, ହନୁମାନଜୀୟୁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଏରବାଙ୍ଗ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ରଜନୀକାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୋମ୍ୟରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଛାତ୍ର ଅନୀଲ କୁମାର ପରିଡ଼ା ବିଦ୍ୟାଳୟକୁ ୩ଟି କମ୍ପ୍ୟୁଟର ଓ ବିଜ୍ଞାନ ସାମଗ୍ରୀ ଯୋଗାଇ ଦେଇଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ଆଶିଷ କୁମାର ସାହୁ, ମହେନ୍ଦ୍ର କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ନିରୁପମା ତ୍ରିପାଠୀ, ବେଣୁଧର ଦାସ, ଅଞ୍ଜନ କୁମାର ସାହୁ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବୃତ୍ତି ପାଇଁ ଛାତ୍ରୀ ମନୋନୀତ

ବିରଜାକ୍ଷେତ୍ର,୨୦।୧୨(ଡି.ଏନ୍.ଏ)- ଯାଜପୁର ପୌରାଞ୍ଚଳ ଦେବୀଦ୍ୱାର ଉ.ପ୍ରା. ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀ ଶୁଭଶ୍ରୀ ସୂତାର ଚଳିତବର୍ଷ ୫ମ ଶ୍ରେଣୀ ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି । ଶୁଭଶ୍ରୀ ବୃତ୍ତି ପାଇବା ପାଇଁ ମନୋନୀତ ହୋଇଥିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଶୁଭଶ୍ରୀଙ୍କୁ ଆଶୀର୍ବାଦ ଦେଇଛନ୍ତି । ଶୁଭଶ୍ରୀ, ଭ୍ରମରବର ଓ ତିଳୋତ୍ତମାଙ୍କ ସନ୍ତାନ। ପିତାମାତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ସେ ବୃତ୍ତି ପାଇପାରିଛନ୍ତି ବୋଲି ଶୁଭଶ୍ରୀ ପ୍ରକାଶ କରିଛନ୍ତି। ସୂଚନା ଯେ, ଶୁଭଶ୍ରୀଙ୍କ ପିତା ଯାଜପୁର ସହରରେ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରନ୍ତି ।

# ରାସ୍ତା ମରାମତି ନାଁରେ ଲୁଟ୍

ବରୀ,୨୦।୧୨(ସ୍ୱ.ପ୍ର.)

ବରୀ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତା ମରାମତି ଓ ସମ୍ପ୍ରସାରଣ ପାଇଁ କୋଟି କୋଟି ଟଙ୍କା ଆସୁଛି। ହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମିଳିମିଶି ଏହି ଅର୍ଥ ଲୁଟ୍ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ବାଲିଆ-ରଇପୁର ରାସ୍ତା ମରାମତି ପାଇଁ ୫ ଲକ୍ଷ, ଶୁକଳ-ମହାକାଳପଡା ରାସ୍ତା ପାଇଁ ୫ ଲକ୍ଷ, କମ୍ପଗଡ -ନିଳାପଦା ରାସ୍ତା ପାଇଁ ୧୦ ଲକ୍ଷ, ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତା ମରାମତି ପାଇଁ ୫ ଲକ୍ଷ ଟଙ୍କା ଆସିଥିଲା। ସେହିପରି ଡିହବାରିଙ୍ଗି-ଅଙ୍ଗାଳ ନୂତନ ରାସ୍ତା ନିର୍ମାଣ ପାଇଁ ୧ କୋଟି ଟଙ୍କା, ସାମେଶ୍ୱର ମନ୍ଦିରଠାରୁ ଅରିଲୋ ଅଙ୍ଗାଳ ପର୍ଯ୍ୟନ୍ତ ରାସ୍ତା ପାଇଁ ୧ କୋଟି ଆସିଥିଲା ବେଳେ ବଣବାଜି-ବାଲିବିଲି ରାସ୍ତା ପାଇଁ



**ବରୀ ବ୍ଲକ୍**
- ଠିକାଦାର, ବିଭାଗୀୟ ଯନ୍ତ୍ରୀଙ୍କ ମିଳିତ ମେଣ୍ଟ
- ତଦନ୍ତ ଦାବି କଲେ ଜନସାଧାରଣ

୧୦ ଲକ୍ଷ, ଗାନ୍ଧୀଛକଠାରୁ କଣିବାଙ୍କ ରାସ୍ତା ନିର୍ମାଣ ପାଇଁ ୧ କୋଟି, ଶଙ୍କରାକୁଳ-ଇଶାଣପୁର ରାସ୍ତା ମରାମତି ପାଇଁ ୧୦ଲକ୍ଷ, ଟଙ୍କା ଆସିଥିଲା। କମ୍ପଗଡଠାରୁ ନିଳାପଦା ପର୍ଯ୍ୟନ୍ତ ରାସ୍ତାରେ ଢଳେଇ ଉପରେ ପିଚୁ କରାଯାଉଛି। ଗୋଳକୁଣ୍ଡ-ରତ୍ନଗିରି ରାସ୍ତାର ମାଳ ନିକଟରେ ନିମ୍ନମାନର କାମ ଯୋଗୁ ରାସ୍ତାରୁ ପିଚୁ ଉଠିଯାଉଛି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତାର କୃଷ୍ଣନଗର ନିକଟରେ ମରାମତି ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଛି। ଶୁକଳଠାରୁ ମହାକାଳପଡା ପର୍ଯ୍ୟନ୍ତ ରାସ୍ତା ମରାମତି କାଗଜ କଲମରେ ସୀମିତ ରହିଛି। ବାଲିଆ-ରଇପୁର ରାସ୍ତାରେ ନିମ୍ନମାନର କାମପାଇଁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତାର ନହଣ ନିକଟରେ ମରାମତି ନାଁରେ ୫ ଲକ୍ଷ ଟଙ୍କା ହଡ଼ପ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ, ଅଭିଯୋଗ ଆସୁଛି । କେତେକ ସ୍ଥାନରେ ରାସ୍ତା ମରାମତି ଓ ସମ୍ପ୍ରସାରଣ କାର୍ଯ୍ୟର ତଦନ୍ତ କରାଯାଇଛି ବୋଲି ସେ କହିଥିଲେ।

### ମା' ତାରିଣୀ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ

କୋରେଇ,୨୦।୧୨(ସ୍ୱ.ପ୍ର.)

ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଲେଇ ସଭାପତିତ୍ୱ କରିଥିଲେ। ଜିଲା ଉଚ୍ଚଶିକ୍ଷା ସଂଯୋଜକ ପଦ୍ମନାରାୟଣ ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପଣ୍ଡିତ ଭୂପତିଭୂଷଣ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଗୀତାପାଠର ଉପାଦେୟତା ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରୀଛାତ୍ରଙ୍କୁ ଗୀତା ପାଠ କରିବାକୁ ପରାମର୍ଶ ଦେଇଥିଲେ । ଯୁକ୍ତ ୨ ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉଭୟ ମହାବିଦ୍ୟାଳୟର ୩୦ରୁଊର୍ଦ୍ଧ୍ୱଛାତ୍ରୀଗୀତାଆବୃତ୍ତିକରିଥିଲାବେଳେ ଅଧ୍ୟାପକ ସମରେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

- ବରୀ କଂଗ୍ରେସର ବନ୍ଧୁମିଳନ

### ଦଳ ସୁଦୃଢ଼ କରାଇବାକୁ ନେଲେ ଶପଥ




ବନ୍ଧୁ ମିଳନରେ ଯୋଗ ଦେଇଥିବା କଂଗ୍ରେସ କର୍ମୀ ।

ବିରଜାକ୍ଷେତ୍ର,୨୦।୧୨(ଡି.ଏନ୍.ଏ)

ଯାଜପୁର ସହରସ୍ଥ ଅଫିସର୍ସ କ୍ଲବ୍‌ରେ ବରୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ରାହାସ ବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ବରୀ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ବରିଷ୍ଠ ନେତୃମଣ୍ଡଳୀ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ମହିଳା କଂଗ୍ରେସର ଆଗଧାଡିର କର୍ମୀଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ରାହାସ ବିହାରୀ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବୈଠକରେ ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ବରୀ କଂଗ୍ରେସକୁ ସୁଦୃଢ କରିବା ସହ ବରୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀଙ୍କୁ ଆଗାମୀ ନିର୍ବାଚନରେ ଜୟଯୁକ୍ତ କରାଇ ଓଡ଼ିଶା ବିଧାନସଭାକୁ ଜଣେ ବିଧାୟକ ପଠାଇବା ପାଇଁ ଶପଥ ନେଇଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସକୁ ଓଡ଼ିଶାରେ କ୍ଷମତା ଦଖଲ ପାଇଁ ଚେଷ୍ଟା କରିବାକୁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବନ୍ଧୁମିଳନ ଉତ୍ସବରେ ଜିଲା କଂଗ୍ରେସ କମିଟିର ସଭାପତି ମନୋଜ ରାଉତ, ଯାଜପୁର ବିଧାନସଭା କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବରୀ କଂଗ୍ରେସର ଯୁବନେତା ଉମେଶ ଜେନା, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, ପିସିସି ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ରିତା ରାଉତ, ପ୍ରତିମା କର, ଆରତୀ ଦେଓ, ସଂଗ୍ରାମ ଜେନା, ଯୁବ କଂଗ୍ରେସ ନେତା ଅକ୍ଷୟ ଶତପଥୀ, ବିଜୟ କୁମାର ଦ୍ୱିବେଦୀ, ଶୈଳେନ୍ଦ୍ର ବେହୁରିଆ, ହୃଷିକେଷ ପତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ରାହାସ ବିହାରୀ ଦାସ ଧନ୍ୟବାଦ ଦେଇଥିଲେ।

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

### ଦିବ୍ୟାଙ୍ଗଙ୍କୁ ସହଜରେ ସୁବିଧା ଉପଲବ୍ଧି ଉପରେ ଗୁରୁତ୍ୱ

ରସୁଲପୁର,୨୦।୧୨(ଡିଏନଏ)

ରସୁଲପୁର ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ଚଳିତ ମାସ ୨୪ତାରିଖରୁ ଅନୁଷ୍ଠିତ ହେବ । ଏ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ମାତ୍ର ଆରମ୍ଭରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୧୭ରେ ହୋଇଥିବା ଅବ୍ୟବସ୍ଥାର ପୁନରାବୃତ୍ତି ନ ହେବାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଶିବିରକୁ ଆସିଥିବା ଦିବ୍ୟାଙ୍ଗଙ୍କୁ କିପରି ସରଳ ଓ ସହଜରେ ସୁବିଧା ଉପଲବ୍ଧ ହୋଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଇଛି। ଗତବର୍ଷ ଶିବିରକୁ ଆସିଥିବା ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯିବା ସହ ଦିବ୍ୟାଙ୍ଗଙ୍କୁ କିପରି ଉପଯୁକ୍ତ କାଉଣ୍ଟରରେ ପହଞ୍ଚା ଯିବ, ଠିକ୍ ଭାବେ ଖାଦ୍ୟ ପାନୀୟ ପ୍ରଦାନ କରାଯିବ, ପଞ୍ଜିକରଣ ପ୍ରକୋଷ୍ଠରେ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟ ପରିଚାଳନା କରାଯିବ ସେ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ପ୍ରକାଶ ସାମଲ, କୋରେଇ ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ଧର୍ମଶାଳା ବିଧାୟକ ପ୍ରତିନିଧି ଅରୁଣ ରାଉତ,ଏବିଡିଓ ଅସିତ୍ କୁମାର ପାତ୍ର ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଯତିନ୍ଦ୍ର ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଶିବିରକୁ ଆସିଥିବା ଦିବ୍ୟାଙ୍ଗଙ୍କୁ ବର୍ଗୀକରଣ କରାଯାଇ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ବ୍ୟବହାର୍ଯ୍ୟ ଉପକରଣ ଓ ବସ୍‌ପାସ ପ୍ରଦାନ କରାଯିବ। ଉକ୍ତ ବୈଠକରେ ଜିଲାପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ମହିଳା ଓ ଶିଶୁ ମଙ୍ଗଳ ସୁପର ଭାଇଜର, ସ୍ୱାସ୍ଥ୍ୟ କର୍ମଚାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

ରସୁଲପୁର,୨୦।୧୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ଚାନ୍ଦପୁର ଗାଁରେ ଚୋରା ମଦ ଆଡ୍ଡା ଉପରେ ପୋଲିସ ଚଢାଉ କରି ୪ଲିଟର ଚୋରା ମଦ ଜବତ କରିବା ସହ କାରବାରରେ ସମ୍ପୃକ୍ତ ବ୍ୟବସାୟୀ ଉମାକାନ୍ତ ଦାସ (୪୫)କ ଗୁରୁବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବ୍ରହ୍ମବରଦା ପୋଲିସ ଏକ ବିଶେଷ ସୂତ୍ରରୁ ଖବରପାଇ ଉମାଙ୍କ ଘର ଉପରେ ଚଢାଉ କରିଥିଲେ । ସେ ଘର ପଛପଟରେ ଥିବା ବାଡି ନିକଟରୁ ୨୦ ବୋତଲ ମଦ ଜବତ କରିଥିଲା। ଏ ନେଇ ପୋଲିସ ଧର୍ମଶାଳା ଥାନାରେ ଏକ ମାମଲା (ନଂ-୪୮୩/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ଏସଆଇ ସୁରେନ୍ଦ୍ର କୁମାର ରଥ ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ଓଡ଼ିଶା ସରକାର

ଝାରସୁଗୁଡ଼ା ଜିଲ୍ଲା ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କୋଲାବିରା ଠାରେ ୧୧ କୋଟି ୮୧ ଲକ୍ଷ ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ ୪୫୦ କୋଟି ଟଙ୍କାର ମୌଳିକ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ଏଥିସହିତ ଗଣ୍ଡ୍‌ୱାନା ଗଣ୍ଡ୍ ସମାଜ ଦ୍ୱାରା ଆୟୋଜିତ ସାଧାରଣସଭାରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ ।

ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ନିବେଦନ ।

୨୧ ଡ଼ିସେମ୍ବର ୨୦୧୮ ଶୁକ୍ରବାର
ମଧ୍ୟାହ୍ନ :୧୨.୦୦ କୃଷି କାର୍ଯ୍ୟାଳୟ ନିକଟ, କୋଲାବିରା

DADLS-223
15001/13/0511/1819









ସୂଚନା ଓ ଲୋକସମ୍ପର୍କ ବିଭାଗ



ଅନ୍ୟର ଯେଉଁ ଗୁଣଟି ଖରାପ ବୋଲି ବିଚାରୁଛ, ସେ ଗୁଣଟି ତୁମର ଅଛି କି ନାହିଁ ପ୍ରଥମେ ଦେଖିନେଲେ, ସେ ଲୋକଙ୍କୁ ତୁମେ ମଧ୍ୟ ସୁଧାରି ଦେଇ ପାରିବ।

– ଇମରସନ



## ସଂକ୍ଷେପରେ

### ୨ ଟିପ୍ପର ବୋଝେଇ ଟ୍ରକ୍ ଜବତ
## ୩୦ହଜାର ଟଙ୍କା ଜରିମାନା ଆଦାୟ



**ରସୁଲପୁର,୨୦।୧୨(ଡିଏନଏ):** ରସୁଲପୁର ତହସିଲ ଅଧୀନ ବାରବାଟୀ ଛକ ନିକଟରୁ ଗୁରୁବାର ସକାଳେ ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା ୨ଟି ଟିପ୍ପର ବୋଝେଇ ଟ୍ରକ ଜବତ କରିଥିଲେ। ଉକ୍ତ ଟ୍ରକ ୨ଟିରୁ ସନ୍ଧ୍ୟାରେ ୩୦ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ତହସିଲଦାର ପଣ୍ଡା ଅଫିସ କାର୍ଯ୍ୟରେ ଯାଉଥିବା ବେଳେ ଏହି ୨ଟି ଟ୍ରକ ୧୬ନଂ ଜାତୀୟ ରାଜପଥର ବାରବାଟୀ ଛକ ନିକଟରେ ଛିଡା ହୋଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହରେ ଉକ୍ତ ୨ ଟ୍ରକ ଚାଳକଙ୍କୁ ଡକାଇ ସେମାନଙ୍କୁ ପଚାରା ଉଚୁରା କରିଥିଲେ। ଟିପସ୍ ଚାଲାଣ ବାବଦକୁ ଚାଳକମାନେ ଆର ଫର୍ମ ଦେଖାଇ ପାରି ନ ଥିଲେ। ଉକ୍ତ ଟ୍ରକ ଦୁଇଟିକୁ କୁଆଖିଆ ପୋଲିସ ସହାୟତାରେ ଥାନାକୁ ଆଣିଥିଲେ। ତହସିଲଦାର ସନ୍ଧ୍ୟାରେ ଫେରି ଟ୍ରକ ମାଲିକଙ୍କଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

# କଳାକାର ଭତ୍ତା ପ୍ରଦାନରେ ଚଞ୍ଚକତା

**ରସୁଲପୁର,୨୦।୧୨(ଡିଏନଏ)**

ରସୁଲପୁର ବ୍ଲକରେ କଳାକାର ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତା ହୋଇଛି। ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଅଯୋଗ୍ୟଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କଳାରେ ନାଁ ଗନ୍ଧ ନ ଥିବା ବ୍ୟକ୍ତିଙ୍କୁ ମିଳିଛି ଏହି ସୁବିଧା। ସୁରତ, କଲିକତାରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଲୋକ, ଜଳଖିଆ ଦୋକାନୀ, ଫେରିବାଲା, ପମ୍ପହାଉସ ଚାଳକ ଆଦି ବ୍ୟକ୍ତିଙ୍କୁ କଳାକାର ଭତ୍ତା ମିଳିଥିବା ଜଣାପଡ଼ିଛି। ଏ ବାବଦକୁ ହିତାଧିକାରୀଙ୍କୁ ମାସକୁ ୧୨ଶହ ଟଙ୍କା କରି ୨ମାସକୁ ୨୪ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ମୋଟା ଅଙ୍କର ଉତ୍କୋଚ ଦେଇ ସେମାନେ ଏହି ସୁବିଧା ହାତେଇଥିବା ଅଭିଯୋଗ ହେଉଛି। ଏହି ବର୍ଗର ହିତାଧିକାରୀଙ୍କୁ ଚୟନ କରିବାରେ ବ୍ଲକର ଗନ୍ଧଣ, ଶ୍ରୀବନ୍ତପୁର, ସିଂହାପୁର ଆଦି ପଞ୍ଚାୟତରେ ଚଞ୍ଚକତା କରାଯାଇଛି। ଏ ସମ୍ପର୍କରେ ଗନ୍ଧଣ ପଞ୍ଚାୟତରୁ ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଅଭିଯୋଗ ହୋଇଛି।



**■କଳାକାର ନ ହୋଇ ହାତେଇଛନ୍ତି ଭତ୍ତା**

**■ଜଳଖିଆ ଦୋକାନୀ, ପମ୍ପ ଚାଳକ, ଗୃହିଣୀ ପାଇଛନ୍ତି ଏହି ସୁବିଧା**

ପ୍ରକାଶ ଯେ, ଗନ୍ଧଣ ପଞ୍ଚାୟତରେ କଳାକାର ଭତ୍ତା ହିତାଧିକାରୀ ଚିହ୍ନଟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଯୁବ ବିକାଶ ମଞ୍ଚର ସଭାପତି ନରେଶ କୁମାର ବୋଇତାଇ ଓ ଅନ୍ୟ ସଦସ୍ୟମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତରେ ଗତ ୧୬ତାରିଖ ପିଠା କାର୍ଯ୍ୟକ୍ରମ ଜରିଆରେ ୫୩ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ବାବଦକୁ ଚେକ୍ ପ୍ରଦାନ କରାଯାଇଥିଲା। ଉକ୍ତ ପଞ୍ଚାୟତରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ହିତାଧିକାରୀ ଭାବେ ଚୟନ କରାଯାଇଛି। ଏହା ପଛରେ ଏକ ବଡ ର୍ୟାକେଟର ସମ୍ପୃକ୍ତି ରହିଛି। ଅଯୋଗ୍ୟଙ୍କଠାରୁ ଟଙ୍କା ଉତ୍କୋଚ ନିଆଯାଇ ସେମାନଙ୍କୁ ଯୋଗ୍ୟ ଭାବେ ଦର୍ଶାଯାଇଛି। ଏହି ପଞ୍ଚାୟତରେ ହାରାହାରି ୨୫ରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି। ସେହିପରି ଶ୍ରୀବନ୍ତପୁର ପଞ୍ଚାୟତରେ ଗତ ୧୮ତାରିଖରେ ପିଠା କାର୍ଯ୍ୟକ୍ରମରେ କଳାକାର ଭତ୍ତା ବଣ୍ଟନ ସମୟରେ ପ୍ରକୃତ ଘଟଣା ପଦାକୁ ଆସିଛି। ଏହି ପଞ୍ଚାୟତରେ ଅଯୋଗ୍ୟଙ୍କୁ କଳାକାର ଭତ୍ତା ପ୍ରଦାନକୁ ନେଇ ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି। ବରମପୁର ଗ୍ରାମର ମିନାକ୍ଷୀ ସାମଲ, ଭଗୀରଥପୁର ଗ୍ରାମର ହରିହର ଦାସ, ହୃଷିକେଶ ଦାସ, ପମ୍ପ ଚାଳକ ନିଳମଣୀ ସ୍ୱାଇଁ ପ୍ରମୁଖଙ୍କୁ କଳାକାର ଭତ୍ତା ମିଳିଥିବାକୁ ଖୋଦ୍ ସରପଞ୍ଚ ଭାରତୀ ନାୟକ ଆପତ୍ତି ଉଠାଇଛନ୍ତି। ଏଭଳି କାର୍ଯ୍ୟ ତାଙ୍କ ଅଗୋଚରରେ କରାଯାଇଛି। ଅଯୋଗ୍ୟଙ୍କୁ ଭତ୍ତା ତାଲିକାରୁ ତୁରନ୍ତ ବାଦ୍ ଦେବାକୁ ସେ ଦାବି କରିଛନ୍ତି। ସିଂହାପୁର ପଞ୍ଚାୟତରେ କଳାକାର ଭତ୍ତା ପ୍ରଦାନରେ ହେରାଫେରି ହୋଇଛି ବୋଲି ସରପଞ୍ଚ ଆରତୀ ପହି ଅଭିଯୋଗ ଆଣିଛନ୍ତି। ତାଙ୍କ ପଞ୍ଚାୟତରେ ଭକ୍ତ ରଥ, ଉର୍ମିଳା ସାମଲ, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଅଯୋଗ୍ୟ ହୋଇଥିଲେ ବି ସେମାନଙ୍କୁ କଳାକାର ଭତ୍ତା ଦିଆଯାଇଛି। ଏହାଛଡା ଏହି ପଞ୍ଚାୟତରେ ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରୁ, ସେ ଗନ୍ଧଣ ପଞ୍ଚାୟତରୁ ଅଭିଯୋଗ ପାଇଛନ୍ତି। ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିବେକାନନ୍ଦ ସାମଲଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲିଚନ୍ଦ୍ରପୁର, ୨୦।୧୨(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତସ୍ଥିତ ଚାରିନଙ୍ଗଳ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୁରନ୍ଦର ସାହୁଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଭଜହରି ମହାପାତ୍ର, ମୁଖ୍ୟବକ୍ତାଭାବେ ରବୀନ୍ଦ୍ର ବିହାରୀ, ସମ୍ମାନିତ ବକ୍ତାଭାବେ ଭାଗ୍ୟଧର ସାହୁ, ସମ୍ମାନିତ ଅତିଥିଭାବେ ଓଷ୍ଟାର ଯାଜପୁର ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ ଓ ଓଷ୍ଟାର ବଡ଼ଚଣା ସଭାପତି ସୁଧୀର କୁମାର ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାନିଧି ସାମଲ, ଅଜୟ କୁମାର ସାମଲ, ଅବଦୁଲ ଗନି, ପ୍ରମୋଦ ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିନବନ୍ଧୁ ବେହେରା, ସଂସ୍କୃତ ଶିକ୍ଷକ ପଣ୍ଡିତ ପଦ୍ମନାଭ ଦାଶ ଓ ଉର୍ଦ୍ଦୁ ଶିକ୍ଷକ ମହମ୍ମଦ ୟୁନୁସ୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଧୀରେନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ



**ଚଣ୍ଡିଖୋଲ,୨୦।୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁରଠାରେ ଗୁରୁବାର ବଡ଼ଚଣା ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଓଡ଼ିଶା ଜୀବିକା ମିଶନ ମହିଳା ମହାସଂଘ କାର୍ଯ୍ୟାଳୟ ଓ ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ନିର୍ମିତ ଏକ ଧାନ ଖଳାକୁ ବିଧାୟକ ଶତପଥୀ ଉଦ୍‌ଘାଟନ କରିଛନ୍ତି। ୭ ଲକ୍ଷ ଟଙ୍କା ବ୍ୟୟରେ ଧାନଖଳା ନିର୍ମିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ ସଭାପତିତ୍ୱ କରିଥିଲେ। ବିଧାୟକ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନାର ସମସ୍ତେ ଉପକାର ପାଇବା ଉଚିତ ବୋଲି କହିଥିଲେ। ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ, ସମିତି ସଭ୍ୟ ବ୍ରହ୍ମାନନ୍ଦ କବି, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ନିରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ନାଏବ ସରପଞ୍ଚ ରୀତାରାଣୀ ସାମଲ ଧନ୍ୟବାଦ ଦେଇଥିଲେ।

■କଳିଙ୍ଗନଗର ରୋଡ ସେଫ୍ଟି କାଉନ୍‌ସିଲର ୨ୟ ବୈଠକ

## ଶିଳ୍ପାଞ୍ଚଳ ରାସ୍ତାର ହେବ ଉନ୍ନତୀକରଣ ବ୍ୟବସ୍ଥା

**କଳିଙ୍ଗନଗର, ୨୦।୧୨(ଡି.ଏନ୍.ଏ.)**

କଳିଙ୍ଗନଗର ରୋଡ ସେଫ୍ଟି କାଉନ୍‌ସିଲ ପକ୍ଷରୁ ପଙ୍କପାଳଠାରେ ଥିବା ଜେସିଡିଏଲ୍ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ୮ଟି କାରଖାନା କର୍ତ୍ତୃପକ୍ଷ ଓ ପ୍ରଶାସନ ସହାୟତାରେ ବୁଧବାର ୨ୟ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଆସୁଥିବା ଭାରିଯାନଗୁଡିକ ଯାତାୟାତ ଉପରେ ବିଶେଷ କରି ରୋଡ ସେଫ୍ଟିର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଶିଳ୍ପାଞ୍ଚଳର ୪୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଯଥା ପଙ୍କପାଳ ଛକଠାରୁ ମିଲିଟାରୀ ଛକ, ମିଲିଟାରୀ ଛକ ଠାରୁ ଡୁବୁରୀ, ଡୁବୁରୀ ଛକଠାରୁ ପଙ୍କପାଳ ଛକ ଓ ବିଆର୍‌ପେଲ୍ ଛକଠାରୁ ରାବଣା ଛକ, ଜିନ୍ଦଲଠାରୁ ଭିସା ଛକ ପର୍ଯ୍ୟନ୍ତ ଥିବା ରାସ୍ତାର କେଉଁଠାରେ ହମ୍ପ, ସିସିଟିଭି, ଲାଇଟ, ସାଇନବୋର୍ଡ, ଜେବ୍ରା କ୍ରସିଂ କରାଯିବ ସେ ନେଇ ସମୀକ୍ଷା କରାଯାଇଛି। ବୈଠକରେ ନିଳାଚଳ କାରଖାନାର ଏସ୍.ଏସ୍.ମହାନ୍ତି, ସମ୍ପାଦକ ଏସ୍.କେ. ଦାସ, ଟାଟା ଷ୍ଟିଲର ଅଶୋକ ନାୟକ, ଶାନ୍ତି ଗୋପାଳ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଆରଟିଓ ଲାଲମୋହନ ସେଠୀ,ଏମ୍‌ଭିଆଇ ସାବିତ୍ରୀ ହେମ୍ବରମ, ଏନ୍‌ଏଚ୍‌ଆଇ ଅଧିକାରୀ ମାନସ ରଞ୍ଜନ ମହାନ୍ତି, ଦାନଗଦୀ ଅଗ୍ନି ସେବାକେନ୍ଦ୍ର ଅଧିକାରୀ, ଆର୍‌ଆଇ. ଓ ଜଖପୁରା ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ମନ୍ଦିର ପରିଚାଳନାରେ ରାଜସ୍ୱ ବିଭାଗର ଅବହେଳା ଅଭିଯୋଗ

## ପୂଜକଙ୍କ ମଧ୍ୟରେ ଅସନ୍ତୋଷ

**କଳିଙ୍ଗନଗର, ୨୦।୧୨(ଡି.ଏନ୍.ଏ.)**

ଦାନଗଦୀ ତହସିଲ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତ ଅଧୀନ ଚକୁଆ ଗ୍ରାମରେ ଅଷ୍ଟଶମ୍ଭୁ ଓ ଦୁର୍ଗା ମନ୍ଦିର ପରିଚାଳନାରେ ରାଜସ୍ୱ ବିଭାଗ ପକ୍ଷରୁ ଅବହେଳା କରାଯାଉଛି। ଦୀର୍ଘବର୍ଷ ଧରି ମନ୍ଦିର ପୂଜକମାନେ ମନ୍ଦିର ପରିଚାଳନା କରିଆସୁଥିଲେ ମଧ୍ୟ ସେମାନଙ୍କୁ ବିଭାଗ ପକ୍ଷରୁ କୌଣସି ସହଯୋଗ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ପୂଜକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

୧୮୯୭ ମସିହାରୁ ସୁକିନ୍ଦାରେ ଅଷ୍ଟଶମ୍ଭୁ ଓ ମା'ଦୁର୍ଗା ପୂଜା ପାଇ ଆସୁଛନ୍ତି। ରାଜପଦ ଉଚ୍ଛେଦ ପରେ ରାଜସ୍ୱ ବିଭାଗ ପକ୍ଷରୁ ମନ୍ଦିର ପରିଚାଳନା ନିମନ୍ତେ ପୂଜକଙ୍କୁ ମାସିକ ଦରମା, ନୀତି ଓ ଦେବଦେବୀଙ୍କ ପୂଜା ପାଇଁ ବାର୍ଷିକ ଦୁଇ ଭରଣ ଧାନ ଦିଆଯାଉଥିଲା। ୧୯୯୫ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପୂଜକଙ୍କୁ କୌଣସି ଦରମା କିମ୍ବା ରୀତିନୀତି ପାଇଁ ବାର୍ଷିକ ଧାନ ପ୍ରଦାନ କରାଯାଉ ନାହିଁ। ଅପରପକ୍ଷେ ମନ୍ଦିର ପରିଚାଳନା ପାଇଁ ରହିଥିବା ୨ ଏକର ୫୮ ଡିସିମିଲ ଜମି ରାଜା ସାହେବଙ୍କ ନାମରେ ରହିଥିଲେ ମଧ୍ୟ ଖଜଣା ପୂଜକଙ୍କୁ ଦେବାକୁ ପଡୁଛି। ପୂଜକମାନେ ଦୀର୍ଘ ବର୍ଷଧରି ଖଜଣା ଦେଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଜମିର ମାର୍ଫତଦାର ସେମାନଙ୍କୁ ହସ୍ତାନ୍ତର କରାଯାଇ ପାରି ନାହିଁ। ଏ ନେଇ ଦାନଗଦୀ ତହସିଲ ଅଫିସ ଓ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟରେ ବହୁବାର ଅଭିଯୋଗ ହୋଇଛି। ହେଲେ କୌଣସି ସୁଫଳ ମିଳି ପାରି ନ ଥିବା ପୂଜକ ପତିତ ପାବନ ଚକ୍ରବର୍ତ୍ତୀ, ରମେଶ କୁମାର ଚକ୍ରବର୍ତ୍ତୀ, ଶିଶିର କୁମାର ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ଚକ୍ରବର୍ତ୍ତୀ କହିଛନ୍ତି। ତହସିଲ ଦାର ବୁଲବୁଲ ବେହେରାଙ୍କୁ ପଚାରିବାରୁ ଏ ବାବଦରେ କୌଣସି ଖବର ନାହିଁ। ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ପୂଜକ ଓ ଗ୍ରାମବାସୀ ଦାବି କରିଛନ୍ତି।



■ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉନ୍ନୟନ ପରିଷଦର ସମୀକ୍ଷା

**କୋରେଇ,୨୦।୧୨(ସ୍ୱ.ପ୍ର.)**

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ଗୁରୁବାର ୩୯ ଦିନରେ ପହଞ୍ଚିଛି। ଏହି ଧାରଣାରେ ବୈତରଣୀ ଆଞ୍ଚଳିକ ଉନ୍ନୟନ ପରିଷଦ ସାମିଲ ହୋଇ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସମୀକ୍ଷା କରିଛି। ପ୍ରକାଶ ଯେ, ଗତ ୮ ତାରିଖରେ ହାଇକୋର୍ଟ କ୍ରିୟାନୁଷ୍ଠାନ କମିଟିର ଜନସ୍ୱାର୍ଥ ମାମଲାକୁ ବିଚାର କରି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ ପରିଷଦ ଏହି ନିର୍ଦ୍ଦେଶକୁ ସମୀକ୍ଷା କରିଛି। ଉନ୍ନୟନ ପରିଷଦ ପକ୍ଷରୁ ବ୍ରଜ କିଶୋର ମିଶ୍ର,



ମେଡିକାଲ କଲେଜ ଦାବିରେ ଧାରଣା ଦିଆଯାଇଛି।

ପ୍ରଶାନ୍ତ ନାୟକ, ସତ୍ୟବ୍ରତ ମଲ୍ଲିକ, ଲକ୍ଷ୍ମଣ ଖିଲାର, ବନବିହାରୀ ମଲ୍ଲିକ, ବଲ୍ଲଭାନନ୍ଦ ପଣ୍ଡା, ପ୍ରେମାନନ୍ଦ ପାଲ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। ଏଥିସହ ଜିଲା ପ୍ରଶାସନ ଧାରଣାସ୍ଥଳକୁ ନ ଆସିବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ଆବଶ୍ୟକ ପଡ଼ିଲେ ରାଜରାସ୍ତା ଅବରୋଧ କରିବାକୁ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ଭ୍ରମରବର ରାଉତ, ନୃସିଂହ ଦଳାଇ, ସୁରେନ୍ଦ୍ର ରାୟ, ବୈଷ୍ଣବ ସାହୁ, ବୈଷ୍ଣବ ପଣ୍ଡା, ପ୍ରତାପ କୁମାର ମଲ୍ଲିକ, ସାଜିଦ ଖାଁଙ୍କ ସମେତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସିଂହପୁର,୨୦।୧୨(ଡିଏନଏ)**

ବିଞ୍ଝାରପୁର ବ୍ଲକ କନକଲତା ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟିକା ପ୍ରମିଳା ମଲିକ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ପୂର୍ବତନ ଅଧ୍ୟକ୍ଷ ବାବାଜୀ ଚରଣ ଦାସ, ପ୍ରମୋଦ କୁମାର ସାମଲ, ଭରତ ଚନ୍ଦ୍ର ଦାସ, ବିଦ୍ୟାଳୟ ପ୍ରତିଷ୍ଠାତା ବିଦ୍ୟାଧର ଦାସ, ପ୍ରଧାନ ଶିକ୍ଷକ ମହେଶ୍ୱର କର, କପିଳା ସମିତି ସଭ୍ୟ ବିଜୟଲକ୍ଷ୍ମୀ ସାମଲ, ସିଂହପୁର ସରପଞ୍ଚ ରମାମଣି ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସୁଶାନ୍ତ ସାମଲ ଅତିଥି ପରିଚୟ ଓ ସୁବାସ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## 'ଗୀତାରୁ ଜ୍ଞାନ, ବିଜ୍ଞାନର ସୃଷ୍ଟି'




ଗୀତା ଜୟନ୍ତୀରେ ଯୋଗ ଦେଇଥିବା ଅତିଥି।

**ସିଂହପୁର,୨୦।୧୨(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନଛିପୁରସ୍ଥିତ ନୀଳାଦ୍ରି ବିହାର ପରିସରରେ ଗୁରୁବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଗୀତାପାଠ କରାଯିବା ପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୀଠାଧୀଶ ନିରଞ୍ଜନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଗୀତାରୁ ଜ୍ଞାନ ଓ ବିଜ୍ଞାନର ସୃଷ୍ଟି ବୋଲି ସଭାପତି ନିରଞ୍ଜନ କହିଛନ୍ତି। କଟକରୁ ଆସିଥିବା ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଧ୍ୟାତ୍ମିକ ଭାବନା ଓ ଆଦର୍ଶକୁ ନେଇ ଗୀତା ସମଗ୍ର ବିଶ୍ୱରେ ସମୃଦ୍ଧ ହୋଇଛି ବୋଲି କହିଥିଲେ। ପଣ୍ଡିତ ବିନୋଦ ବିହାରୀ ନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ଗୀତାର ରହସ୍ୟ ଆଲୋକପାତ କରିଥିଲେ। ଅଖିଳଚକ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖପତ୍ର 'ନୀଳାଦ୍ରି ମଞ୍ଜୁଳ' ଉନ୍ମୋଚିତ ହୋଇଥିଲା। ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା।

■ କୁଆଖିଆ ଗଜ ଉଦ୍ଧାରଣ ଉତ୍ସବର ୪ର୍ଥ ସନ୍ଧ୍ୟା

## ବାଦୀପାଲା ଉତ୍ସବ, ଗାୟକଙ୍କ ପ୍ରଶ୍ନୋତ୍ତରରୁ ମଜା ନେଲେ ଦର୍ଶକ

**ରସୁଲପୁର,୨୦।୧୨(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ଗଜ ଉଦ୍ଧାରଣ ଉତ୍ସବର ୬୪ତମ ବାର୍ଷିକ ପୂଜା ପାରମ୍ପରିକ ରୀତିନୀତିର ସହ ପାଳିତ ହୋଇଯାଇଛି। ଗୁରୁବାର ପୂଜାର ୪ର୍ଥ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚରେ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ପାଲା ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାଲା ଗାୟକ ପ୍ରସନ୍ନ ପଟ୍ଟନାୟକ ଓ ବନବିହାରୀ ଗ୍ରହାଚାର୍ଯ୍ୟ ଓ ତାଙ୍କର ସାଥୀଙ୍କ ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା। ଉଭୟ ଗାୟକଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରୁ ଦର୍ଶକମାନେ ମଜା ଉଠାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ପାଳ ପରିଚାଳନାରେ ସହଯୋଗ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ପାଲାକୁ ନେଇ ରୁଚି କମି କମି ଯାଉଥିବା ବେଳେ ଏହି ମଞ୍ଚରେ ଗାୟକଙ୍କ ପକ୍ଷରୁ ନିଆରା ଢଙ୍ଗରେ ପାଲା ପରିବେଷଣ ଶହ ଶହ ଦର୍ଶକଙ୍କ ମଞ୍ଚ ତଳେ ବାନ୍ଧି ରଖିଥିଲା। ବୟସ୍କ ଦର୍ଶକଙ୍କ ମଧ୍ୟରେ ପାଲାକୁ ନେଇ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଥିସହ ତୃତୀୟ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ଯାଜପୁର ଜିଲାର ଖ୍ୟାତନାମା ସାଂସ୍କୃତି ପରିଷଦ ଓ ରାଧାକୃଷ୍ଣ ଜୀଉ ସଂକୀର୍ତ୍ତନ ମଣ୍ଡଳୀ, କମାରପାଳ ପକ୍ଷରୁ ଭକ୍ତି ରସାମୃତ ଉପରେ ଆଧାରିତ ସଂଗୀତ ପରିବେଷଣ କରିଥିଲେ। କମିଟି ସଭାପତି ବନୋଜ ସ୍ୱାଇଁ, ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ।

■ ଗୋଚର ଜମିରେ ଆୟୁର୍ବେଦିକ ଡାକ୍ତରଖାନା ନିର୍ମାଣ ପ୍ରସଙ୍ଗ

# ଠିକାଦାରଙ୍କୁ ଗୁରୁତ୍ୱ, ଲୋକଙ୍କ ସ୍ୱାର୍ଥକୁ ଉପେକ୍ଷା

**ରସୁଲପୁର,୨୦।୧୨(ଡିଏନଏ)**

ବେଆଇନ ନିର୍ମାଣ ଯୋଗୁ ଗୋଚର ଜମି କ୍ରମଶଃ ହ୍ରାସ ପାଉଥିବା ଚିନ୍ତାର କାରଣ ପାଲଟିଛି। ପ୍ରଶାସନିକ ଉଦାସୀନତା ଯୋଗୁ ଏଭଳି ଘଟଣା ଘଟୁଛି। ନିର୍ମାଣ ସମୟରେ ଜମିଜମା ସମ୍ବନ୍ଧୀୟ କାଗଜପତ୍ରକୁ ଗୁରୁତ୍ୱ ପ୍ରଦାନ କରାଯାଉ ନାହିଁ। ଏପରିକି ସବୁକିଛି ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ଘଟୁଥିଲେ ହେଁ ଏ ଦିଗରେ ଜନସାଧାରଣଙ୍କ ଅଭିଯୋଗକୁ ବି ଗୁରୁତ୍ୱ ଦିଆଯାଉ ନାହିଁ। ଜନସାଧାରଣଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଇ ଠିକାଦାରଙ୍କୁ ଗୁରୁତ୍ୱ ଦିଆଯାଇଥିବା ଅଭିଯୋଗ ଆସିଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଗୋଚର ଜମିରେ ଆୟୁର୍ବେଦିକ ଡାକ୍ତରଖାନା ନିର୍ମାଣକୁ ନେଇ ଅନୁସୂଚିତ ଜାତିର ଲୋକେ ପୁଣି ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡାଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ କଲା ପରେ ବି ସେମାନଙ୍କୁ ନ୍ୟାୟ ମିଳୁନାହିଁ। ପ୍ରକାଶ ଯେ, ଭୋଟକା ମୌଜାର ଖାତା ନଂ–୧୦୧୬, ଖସଡା ନଂ– ୪୭୨୧ ଗୋଚର କିସମ ଜମିରେ ଆୟୁର୍ବେଦିକ ଡାକ୍ତରଖାନା ନିର୍ମାଣ ପାଇଁ ମସୁଧା ଚାଲିଛି। ଏହି ନିର୍ମାଣ କାର୍ଯ୍ୟକୁ ଆରମ୍ଭରୁ ବିରୋଧ କରାଯାଉଛି। ମାତ୍ର ଠିକାଦାରମାନେ ଉକ୍ତ ଜମିରେ ନିର୍ମାଣ କରିବା ଜିଦ୍‌ରେ ଅଟଳ ଅଛନ୍ତି। ଏପରିକି ଗୋଚର ଜମିର କିସମ ବଦଳାଇ ଡାକ୍ତରଖାନା ନିର୍ମାଣ କରିବାକୁ ମସୁଧା ଚଳାଇଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଠିକାଦାରଙ୍କ ଉଦ୍ୟମକୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଏ ନେଇ ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

**■ପୁଣି ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଅନୁସୂଚିତ ଜାତିର ଲୋକେ**

**■ବହୁବାର ଅଭିଯୋଗ ସତ୍ତ୍ୱେ ବି ମିଳୁନି ନ୍ୟାୟ**

ପାଇବା ସହ ସର୍ବସାଧାରଣଙ୍କ ନିମନ୍ତେ ନୋଟିସ ଜାରି କରାଯାଇଛି। ମାତ୍ର ଏହାକୁ ଠିକାଦାର ଗୋଷ୍ଠୀ ଚାପି ଦେବାକୁ ଉଦ୍ୟମ ଜାରି ରଖିଛନ୍ତି। ନୋଟିସକୁ ସାର୍ବଜନୀନ ନ କରି ନିଜ ସମର୍ଥକଙ୍କ ମଧ୍ୟରେ ନୋଟିସ ବୁଲାଇବା ସହ ଏକାଧିକ ଜାଲ ଦସ୍ତଖତ କରି ଫେରାଇ ଦେଇଛନ୍ତି। ଏ ସମ୍ପର୍କରେ ଅନୁସୂଚିତ ଜାତିର ଲୋକେ ଜାଣିବା ପରେ ପୁଣି ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ୫ଟି ୱାର୍ଡ ବିଶିଷ୍ଟ ଭୋଟକା ଗ୍ରାମରେ ଡାକ୍ତରଖାନା ଗୃହ ନିର୍ମାଣ ପାଇଁ ୨୦ଏକରରୁ ଉର୍ଦ୍ଧ୍ୱ ଅନାବାଦୀ ଜମି ରହିଛି। ହେଲେ ଠିକାଦାରମାନେ ଏହି ଜାତିର ଲୋକଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଏଭଳି କରୁଛନ୍ତି ବୋଲି କୁହାଯାଉଛି। ଡାକ୍ତରଖାନାକୁ ଗ୍ରାମର ମଧ୍ୟସ୍ଥଳରେ କରା ନ ଯାଇ ଏକ ପାଖିଆ ସ୍ଥାନରେ କରାଯିବାକୁ ମସୁଧା ଚାଲିଥିବା ସ୍ପଷ୍ଟ ହୋଇଯାଇଛି। ଏ ନେଇ ତହସିଲ ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ଠିକ୍ ଭାବେ ତଦନ୍ତ କରାଯାଇ ନାହିଁ। ରାଜନୈତିକ ଚାପରେ ଦଳିତଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଛି ବୋଲି ଯୁବନେତା ଅଶୋକ କୁମାର ମଲିକ, ରତ୍ନାକର ମଲିକ, ପୂର୍ଣ୍ଣଚନ୍ଦ୍ର ମଲିକ, ସୁଶାନ୍ତ ମଲିକ, ଅଭିରାମ ମଲିକ, ଦଶରଥ ମଲିକଙ୍କ ସମେତ ବହୁ ଅନୁସୂଚିତ ଜାତି ସାହି ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଯେ, ଏହି ସାହିର ଲୋକେ ଯାଜପୁର ଜିଲାପାଳଙ୍କ ନିକଟରେ ଜୁନ୍ ୩୦,୨୦୧୭ ମସିହା ଲିଖିତ ଆବେଦନ କରିଥିଲେ। ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଡିସେମ୍ବରରେ ଏକପାଖିଆ ତଦନ୍ତ କରି ଫେରି ଯାଇଥିଲେ। ଏହାଜାଣି ପୁନର୍ବାର ସାହିଲୋକେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏତେସବୁ ସତ୍ତ୍ୱେ ଅଭିଯୋଗକାରୀଙ୍କ ଅଭିଯୋଗପତ୍ର ଫାଇଲରୁ ଗାଏବ ହୋଇଯାଇଛି। ଏ ଦିଗରେ ରସୁଲପୁର ତହସିଲଦାର ଦେଇଥିବା ମତର ସ୍ପଷ୍ଟ ବୁଝାପଡୁଛି। ତହସିଲଦାର ଆବେଦନପତ୍ରକୁ ଗ୍ରହଣ କରିବା ସହ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପଣ୍ଡା ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ବାତାବରଣ ନଷ୍ଟ ହେଉଛି

**ପୁରୀ ଅଫିସ,୨୦।୧୨**

ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ ବିଶ୍ୱରେ ସ୍ୱତନ୍ତ୍ରତା ଲାଭ କରିଛି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀକ୍ଷେତ୍ର ହେଉଛି ଭାରତର ସାଂସ୍କୃତିକ ରାଜଧାନୀ। ଅତୀତର ବିଦ୍ୟାନଗରୀ ଭାବେ ପରିଚିତ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ବାତାବରଣ ନଷ୍ଟ ହେବାରେ ଲାଗିଛି। ମଠ, ମନ୍ଦିରଗୁଡିକ ସଂସ୍କୃତି ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ଆୟବ୍ୟୟ (ଭୌତିକ ବିକାଶ) ଉପରେ ଗୁରୁତ୍ୱ ଦେଉଛନ୍ତି। ଫଳରେ କଳା ଓ ସଂସ୍କୃତି ଦିଗହରା ହୋଇପଡିଛି ବୋଲି ଗୁରୁବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଶ୍ରୀକ୍ଷେତ୍ର ଟିଭିର ଲୋକାର୍ପଣ ଉତ୍ସବକୁ ଉଦ୍‌ଘାଟନ କରି ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର କହିଛନ୍ତି।

ଶ୍ରୀକ୍ଷେତ୍ର ଟିଭିର କାର୍ଯ୍ୟନିର୍ବାହୀ ଆଇନଜୀବୀ ଚିନ୍ମୟ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସାମାଜିକ କର୍ମୀ ରାଜେଶ ମିଶ୍ର, ଜନ ସୂଚନା ଅଧିକାର ଅଭିଯାନ ଆବାହକ ପ୍ରଦୀପ ପ୍ରଧାନ, ସୁଧୀର ମହାନ୍ତି, ସତ୍ୟଭାମା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶ୍ୟାମପ୍ରକାଶ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଶ୍ରୀକ୍ଷେତ୍ର ଟିଭି ତା'ର ଅଭିଯାନ ଜାରି ରଖିବ ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଦାଶ କହିଛନ୍ତି।

## ଶ୍ରୀବିହାରରେ ଗୀତା ଜୟନ୍ତୀ ଉତ୍ସବ

# ଗୀତା ମନୁଷ୍ୟର ଶ୍ରେଷ୍ଠ ମାର୍ଗଦର୍ଶକ

**ପୁରୀ ଅଫିସ,୨୦।୧୨**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ଶ୍ରୀବିହାର ସମ୍ମିଳନୀ କକ୍ଷରେ ଗୀତା ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ଶିକ୍ଷାବିତ୍ ପ୍ରଫେସର କେଶବ ଚନ୍ଦ୍ର ଦାଶ ଉଦ୍‌ଘାଟନ କରି କହିଲେ, ଗୀତା ହେଉଛି ମନୁଷ୍ୟର ଶ୍ରେଷ୍ଠ ମାର୍ଗଦର୍ଶକ। ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେଯୋଗଦେଇଭଗବତ୍‌ଗୀତାରମାହାତ୍ମ୍ୟସମ୍ପର୍କରେଆଲୋକପାତକରିଥିଲେ।

ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସଚ୍ଚିଦାନନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୀତାର ଉପଦେଶକୁ ଅନୁକରଣ କରିବାକୁ କହିଥିଲେ। ପ୍ରଫେସର କମଳେଶ ମିଶ୍ର ଗୀତା ବର୍ଣ୍ଣିତ କର୍ମକାଣ୍ଡ, ଉପାସନା ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଗୀତାଶାସ୍ତ୍ର ସମସ୍ତ ବେଦାର୍ଥର ସାର ସଂଗ୍ରହ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ରଳୟ ନନ୍ଦ, ପ୍ରଫେସର ଏନଆରଏସ ତାତାଚାର୍ଯ୍ୟ, ଡ. ମଧୁସୂଦନ ମିଶ୍ର, ଡ. ଜୟମାଣିକ୍ୟ ଶାସ୍ତ୍ରୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଡ. ରାମଚନ୍ଦ୍ର ହୋତା ବୈଦିକ ମଙ୍ଗଳାଚରଣ, ଅଧ୍ୟାପକ ବସନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ, ଅଧ୍ୟାପିକା ଡ. ପରାମ୍ବାଶ୍ରୀ ଯୋଗମାୟା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ର ଅନିଲ କୁମାର ଦାଶ, ଆଶୁତୋଷ ସାହୁ, କ୍ରିଷ୍ଣାରାଣୀ ଦାଶ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଗୀତାପାଠ କରାଯାଇଥିଲା।

## ଦୀକ୍ଷିତପଡ଼ା ପ୍ରିମିୟର ଲିଗ୍

# ଏନ୍‌ଏଫ୍ ରାଇଡର୍, ଆଜାଦ୍ ୟୁଥ୍ ଲାୟନ୍ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୨୦।୧୨(ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଦୀକ୍ଷିତପଡ଼ା ଠାରେ ଅବଦୁଲ କଲାମ ଆସୋସିଏଶନ ତରଫରୁ ଗୁରୁବାର ଦୀକ୍ଷିତପଡ଼ା ପ୍ରିମିୟର୍ ଲିଗ୍ ମ୍ୟାଚରେ ୨ଟି ଖେଳ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚଟି ଏନ୍.ଏଫ୍ ରାଇଡର୍ ଓ ଦୀକ୍ଷିତପଡ଼ା ଲିଜାଣ୍ଟ ମଧ୍ୟରେ ହୋଇଥିଲା। ଏନ୍‌ଏଫ୍ ରାଇଡର୍ ପ୍ରଥମେ ବ୍ୟାଟିଂ କରି ୯୪ ରନ୍ ହାସଲ କରିଥିବା ବେଳେ ଦୀକ୍ଷିତପଡା ଲିଜାଣ୍ଟ ୭୮ ରନ୍ କରି ହାରିଯାଇଥିଲା । ବିଜୟୀ ଦଳର ଅନୀଲ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଶେଖ ଅସ୍ୱାକ ଓ ରଉଫ୍ ଖାନ। ଦ୍ୱିତୀୟ ମ୍ୟାଚ୍‌ରେ ଆଜାଦ୍ ୟୁଥ ଲାଏନ ଓ ଆଇଆର୍ ଟାଇଟନ ଖେଳିଥିଲେ। ଆଇଆର୍ ଟାଇଟନ୍ ପ୍ରଥମେ ବ୍ୟାଟିଂ କରି ୧୦୮ ରନ୍ କରିଥିବା ବେଳେ ଆଜାଦ୍ ୟୁଥ ଲାୟନ୍ ୧୦୯ ରନ୍ ହାସଲ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଶମ୍ଭୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଶେଖ୍ ସାହିଦ୍ ଓ ଫରିଦ୍ ଖାନ୍ । ସାମାଜିକ କର୍ମୀ ଆୟୁବ୍ ଖାନ୍, ଅଲିମ ଖାନ୍, ଇଦରିଶ ଖାନ୍, ଗୁଲଜାର ଖାନ୍ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ସିଆର୍‌ଜେଡ୍ ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

## ସ୍କ୍ୱାଡ୍ ଚିହ୍ନଟ କରିବ ବେଆଇନ ନିର୍ମାଣ

**ପୁରୀ ଅଫିସ,୨୦।୧୨**

ପୁରୀ ସମୁଦ୍ର କୂଳରେ ବଢ଼ିଚାଲିଛି ବେଆଇନ କୋଠା ନିର୍ମାଣ। ଉପକୂଳବର୍ତ୍ତୀ ଅଞ୍ଚଳ ନିୟନ୍ତ୍ରଣ ବିଜ୍ଞପ୍ତି (ସିଆର୍‌ଜେଡ୍) କଟକଣାକୁ ଉଲ୍ଲଂଘନ କରି ଏହି ସବୁ ନିର୍ମାଣ କରାଯାଉଛି। ଏହି ବେଆଇନ ନିର୍ମାଣକାରୀଙ୍କ ପାଇଁ ଏବେ କଠୋର ହୋଇଛି ଜିଲା ପ୍ରଶାସନ। ବେଆଇନ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଜିଲା କୋଷ୍ଟାଲ ଜୋନ୍ ମନିଟରିଂ କମିଟି (ଡିସିଜେଡ୍‌ଏମ୍‌ସି) ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ସମୁଦ୍ର କୂଳରେ ଜଙ୍ଗଲ ଓ ପରିବେଶ ଆଇନ ୧୯୮୬କୁ ଉଲ୍ଲଂଘନ କରି ନିର୍ମାଣ ହୋଇଥିବା କୋଠାଗୁଡ଼ିକୁ ଚିହ୍ନଟ କରିବା ପାଇଁ ସ୍କ୍ୱାଡ୍ ଗଠନ ଲାଗି ନିଷ୍ପତ୍ତି ହୋଇଛି। ଏହି ସ୍କ୍ୱାଡ୍‌ରେ ପୋଲିସ, ରାଜସ୍ୱ, ଜଙ୍ଗଲ ଆଦି ବିଭାଗର ଅଧିକାରୀ ରହିବେ। ଆସନ୍ତା ଶନିବାରଠାରୁ ଏହି ସ୍କ୍ୱାଡ୍ ସମୁଦ୍ର କୂଳରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା କୋଠାବାଡ଼ିକୁ ଚିହ୍ନଟ କରିବେ। ପରେ ଏ ନେଇ ଜିଲାପାଳଙ୍କୁ ରିପୋର୍ଟ ଦେବେ। ଏହାପରେ ବେଆଇନ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

ସିଆର୍‌ଜେଡ୍‌କୁ ଉଲ୍ଲଂଘନ କରି ୩ ବର୍ଷ ହେଲା ସମୁଦ୍ର କୂଳରେ ନିର୍ମାଣ ଚାଲିଛି। ଜିଲା ପ୍ରଶାସନ ନଜର ଦେଉ ନ ଥିବାରୁ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ସିଆର୍‌ଜେଡ୍ କଟକଣା ଉଲ୍ଲଂଘନ କରି କୋଠା ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗ ଜିଲାପାଳଙ୍କୁ କ୍ଷମତା ଦେଇଛନ୍ତି। ପରିବେଶ ସୁରକ୍ଷା ଆଇନର ୧୯ ଧାରା ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୋଧରେ ଏସ୍‌ଡିଜେଏମ୍ କୋର୍ଟରେ ମାମଲା କରିବାକୁ କ୍ଷମତା ମଧ୍ୟ ଦିଆଯାଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ପୁରୀ ସହର ତଥା ପୌରାଞ୍ଚଳର ମଙ୍ଗଳା ମୁହାଣ ନିକଟ ଷ୍ଟର୍ଲିଂ ହୋଟେଲଠାରୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସିଆରଜେଡ୍ ଅଞ୍ଚଳରେ ବେଆଇନ କୋଠା ନିର୍ମାଣ ଚାଲିଛି। ତେବେ ଏହି ବୈଠକ ପରେ ପ୍ରଶାସନ ବେଆଇନ ନିର୍ମାଣକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଜାନୁୟାରୀ ୧୧ରୁ ଚିଲିକା ମହୋତ୍ସବ

- କାଳିଜାଇରୁ ଆସିବ ଜ୍ୟୋତି ମଶାଲ
- ଆକର୍ଷଣ ସାଜିବ ବୋଟ୍ ରାଲି
- ୪ ଦିନ ଜମିବ ସାଂସ୍କୃତିକ କାର୍ଯ୍ୟକ୍ରମ

**ପୁରୀ ଅଫିସ,୨୦।୧୨:** ଆସନ୍ତା ଜାନୁୟାରୀ ୧୧ରୁ ସାତପଡ଼ାରେ ଅନୁଷ୍ଠିତ ହେବ ଚିଲିକା ମହୋତ୍ସବ। ଏହି ୪ ଦିନିଆ ମହୋତ୍ସବକୁ କିଭଳି ସରସ ସୁନ୍ଦର କରାଯିବ ସେନେଇ ଗୁରୁବାର ପୁରୀ ସର୍କିଟ ହାଉସ୍‌ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏଥିରେ ଅଧ୍ୟକ୍ଷତା କରି ମହୋତ୍ସବକୁ ସଫଳତାର ସହ ସମ୍ପନ୍ନ କରିବା ଲାଗି କହିଥିଲେ।



ବୈଠକରେ ଉପସ୍ଥିତ ଅତିଥି।

ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ମହୋତ୍ସବ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଜାନୁୟାରୀ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ସାତପଡ଼ାରେ ଚିଲିକା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ବୋଟ୍ ରାଲି ହେବ, ଯାହାକି ଆକର୍ଷଣ ସାଜିବ। ପ୍ରତି ସନ୍ଧ୍ୟାରେ ପାଇକ ଆଖଡା ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କାଳିଜାଇରୁ ଜ୍ୟୋତି ମଶାଲ ଅଣାଯାଇ ଏହି ମହୋତ୍ସବର ଶୁଭାରମ୍ଭ କରାଯିବ। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମହୋତ୍ସବ ଲାଗି ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ମହୋତ୍ସବ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ।

ମହୋତ୍ସବ ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲମାନ ଖୋଲାଯିବ। ଏହା ମଧ୍ୟରେ ଖାଦ୍ୟ ଷ୍ଟଲ ରହିବ। ପୂର୍ତ୍ତ ବିଭାଗ ତରଫରୁ ମଞ୍ଚ ନିର୍ମାଣ ଏବଂ ଆବଶ୍ୟକ ସୁବିଧା ହେବ। ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା କରାଯିବ। ମହୋତ୍ସବ ନିମନ୍ତେ ଆଲୋକସଜ୍ଜା ଏବଂ ଆବଶ୍ୟକ ଆଲୋକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଛି। ମହୋତ୍ସବକୁ ଆକର୍ଷଣୀୟ କରିବା ଏବଂ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ। ମହୋତ୍ସବକୁ ଉଦ୍‌ଘାଟନ କରିବା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯିବା ଲାଗି ବୈଠକରେ ଆଲୋଚନା ହୋଇଛି। ଏଥିରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ମହୋତ୍ସବ କାର୍ଯ୍ୟକ୍ରମ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

ଏହି ପ୍ରସ୍ତୁତି ବୈଠକରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, କର୍ମକର୍ତ୍ତା, ସେସୁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ପରିଷଦ ସଦସ୍ୟ, ଚିଲିକା ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ,୨୦।୧୨:** ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ଣ ୪ଟା ୩୫ରୁ ରାତି ୮ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ଏହାକୁ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ୪୫ରେ ବନକଲାଗି ସରିବା ପରେ ମହାସ୍ନାନ ହୋଇଥିଲା। ମହାସ୍ନାନ ବଢ଼ିବା ପରେ ରାତି ପ୍ରାୟ ୮ଟା ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ, ତା'ର ଗରମ ବାଷ୍ପରେ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ଏହି ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।





ଏହା ଭୁଲି ଯାଅ ନାହିଁ ଯେ, ଆଇନ ହେଉଛି
ସତ୍ୟ ପାଇଁ, ସତ୍ୟ ପାଇଁ ଆଇନ ନୁହେଁ।
- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ରଥକାଠ ଅନୁକୂଳ ପାଇଁ ୮ରେ ପହଞ୍ଚିବ ଆଜ୍ଞାମାଳ

ଦଶପଲ୍ଲା,୨୦।୧୨(ଡି.ଏନ.ଏ.)- ଆସନ୍ତା ୮ ତାରିଖରେ ରଥକାଠ ଅନୁକୂଳ ପାଇଁ ଦିନ ଧାର୍ଯ୍ୟ ହୋଇଛି। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ଧାର୍ଯ୍ୟ ତାରିଖର ପୂର୍ବଦିନ ଅର୍ଥାତ୍ ୭ତାରିଖରେ ଆଜ୍ଞାମାଳ ଧରି ନୟାଗଡ଼ ବନଖଣ୍ଡରେ ପହଞ୍ଚିବ। ସେଠାରୁ ଗଣିଆ ବେଠିଆସାହିସ୍ଥିତ ମା' ବଡରାଉଳଙ୍କ ପୀଠରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଜଙ୍ଗଲରୁ ରଥକାଠ ଅନୁକୂଳ ହୋଇଥାଏ।

### ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

**ଦଶପଲ୍ଲା,୨୦।୧୨ (ଡି.ଏନ.ଏ.):** ଦଶପଲ୍ଲା ବ୍ଲକ କୁଜାମେଣ୍ଡି ପଞ୍ଚାୟତର କଙ୍କଣମେଣ୍ଡି ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଜାମେଣ୍ଡି ଆମ୍ବଲିମ୍ବା ଗ୍ରାମର ସୁରେଶ ବେହେରା(୩୫)। ବୁଧବାର ରାତି ପ୍ରାୟ ୯ଟାରେ ସୁରେଶ ଓ ସାଙ୍ଗ ରାଜେନ୍ଦ୍ର ମଳିକ ବାଇକ୍‌ରେ ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଏଥିରେ ଉଭୟ ଗୁରୁତର ହୋଇ ପଡିଥିଲେ। ସେମାନଙ୍କୁ ୧୦୮ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ ସ୍ଥାନାନ୍ତର କରାଯାଇଛି।

### ହନୁମନ୍ତିଆ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ



ଓଡ଼ଗାଁ,୨୦।୧୨(ସ୍ୱ.ପ୍ର.)-ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତର ହନୁମନ୍ତିଆ ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ନିର୍ମିତ ପ୍ରକଳ୍ପ ଗୁରୁବାର ବିଧାୟକ ଅରୁଣ କୁମାର ସାହୁଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏହା ସହିତ ବିଧାୟକ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଉଦ୍‌ଘାଟନ କରିଛନ୍ତି। ଏଥିନିମନ୍ତେ ୪୮.୨୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ଜଣାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଉପାଧ୍ୟକ୍ଷା ବିରଜାଲକ୍ଷ୍ମୀ ସାହୁ, ସରପଞ୍ଚ ଝିଲି ପ୍ରଧାନ, ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀ ଓ ସହକାରୀ ଯନ୍ତ୍ରୀ ଅରୁଣ କୁମାର ନାୟକ ଉପସ୍ଥିତ ଥିଲେ।

### ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ/ବୋଲଗଡ, ୨୦।୧୨(ଡି.ଏନ୍.ଏ.):** ୪ଦଫା ଦାବି ନେଇ ବୋଲଗଡ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଚାଷୀଙ୍କ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, କୃଷକ ନେତା ରବୀନ୍ଦ୍ର ପରିଡା, ଶ୍ରମିକ ନେତା ସୁମନ୍ତ ଛୋଟରାୟ, ସାମାଜିକ କର୍ମୀ କୃଷ୍ଣ ମୋହନ ପାଲଟାସିଂହ ଓ ଦିବାକର ପରମଗୁରୁ ପ୍ରମୁଖ ଯୋଗଦେଇଥିଲେ। କୃଷିଋଣ ଛାଡ ସମେତ ତୁରନ୍ତ ଧାନ ମଣ୍ଡି ଖୋଲିବା, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଫସଲ ପାଇଁ ଇନ୍‌ପୁଟ ସବସିଡି ପ୍ରଦାନର ବ୍ୟବସ୍ଥା ଆଦି ଦାବି କରିଥିଲେ। ପରେ ତହସିଲଦାର ପ୍ରେମାଂଶୁ ଚାନ୍ଦଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ରାସ୍ତା କାର୍ଯ୍ୟ ଲାଗି ନଷ୍ଟ ହେଉଛି ଜଙ୍ଗଲ

ନୂଆଗାଁ,୨୦।୧୨ (ଡି.ଏନ.ଏ.)

ସରକାର ମୃତ୍ତିକା ସଂରକ୍ଷଣ ସହ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ହେଲେ ଅନେକ କ୍ଷେତ୍ରରେ ଠିକାସଂସ୍ଥା ଏହାକୁ ଭୁଲିଯାଇ ଜଙ୍ଗଲ ଅଞ୍ଚଳରୁ ମାଟିଖୋଳି ରାସ୍ତା କାର୍ଯ୍ୟରେ ବ୍ୟବହାର କରୁଛି। ଏହା ଦ୍ୱାରା ଜଙ୍ଗଲ ଅଞ୍ଚଳ ସଙ୍କୁଚିତ ହୋଇ ନଷ୍ଟ ହେବାକୁ ବସିଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ୫୭ନଂ. ଜାତୀୟ ରାଜପଥର ନୂଆଗାଁ ଛକଠାରୁ ଜାକେଡା ପଞ୍ଚାୟତ ଦେଇ ବାହାଡାଝୋଲା ପର୍ଯ୍ୟନ୍ତ ଲମ୍ବିଛି ପିଡବ୍ଲ୍ୟୁଡି ରାସ୍ତା। ଏହି ରାସ୍ତାର କିଛିଅଂଶ ଗତବର୍ଷ ମରାମତି ହୋଇଥିଲା। କିନ୍ତୁ ଅଣଓସାରିଆ ଥିବାରୁ ତାହାକୁ ଚଉଡା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗୁମିଠାରୁ ଡିମିରିପଲ୍ଲୀ ୭ କିଲୋମିଟର ରାସ୍ତା ଚଉଡା କରିବା ପାଇଁ ସରକାର ୬ କୋଟି ୮୭ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ବଘେଇ କନ୍‌ଷ୍ଟ୍ରକଶନକୁ ଦିଆଯାଇ କାର୍ଯ୍ୟ ଚାଲୁ ରହିଛି। ରାସ୍ତା ପାଇଁ ଆବଶ୍ୟକ ପଡୁଥିବା ମାଟି ପାଇଁ ଠିକାସଂସ୍ଥା ଅନେକ ଜଙ୍ଗଲ ନଷ୍ଟ କରି ମାଟି ଆଣୁଥିବା ଦେଖିବାକୁ ମିଳୁଛି । ମୃତ୍ତିକା ସଂରକ୍ଷଣ ପାଇଁ ସରକାର ବୃକ୍ଷ ରୋପଣ କରୁଥିବା ବେଳେ ଠିକାସଂସ୍ଥା ମାଟି ଆଣି ଜଙ୍ଗଲ ନଷ୍ଟ କରିବାରେ ଲାଗିପଡିଛି। ଏପରି କି ବରକୋଳା ଫରେଷ୍ଟ ବଙ୍ଗଳା ଆଗରେ ୮ କିଲୋମିଟର ଗାଡେରି ଜଙ୍ଗଲ ରାସ୍ତାର ଉନ୍ନତୀକରଣ ପାଇଁ ୨୯ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ କରାଯାଇଛି। ଜଙ୍ଗଲ ଦେଇ ଯାଇଥିବା ଏହି ରାସ୍ତା କଡରୁ ଗଭୀର କରି ମାଟି ଉଠାଯାଉଛି। ବନ ବିଭାଗ କର୍ମଚାରୀ ଏହା ଦେଖି ମଧ୍ୟ ନୀରବ ରହୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଠିକାସଂସ୍ଥାର ଏପରି ମନଇଚ୍ଛା କାମ ବିଷୟରେ ପିଡବ୍ଲ୍ୟୁଡି କନିଷ୍ଠଯନ୍ତ୍ରୀ ଗୋପବନ୍ଧୁ ଧୀର୍‌ଙ୍କୁ ପଚାରିବାରୁ ସେ କହିଥିଲେ, ବେଆଇନ୍ ଭାବେ ମାଟି ନ ଉଠାଇବା ପାଇଁ ଆମେ ଠିକାସଂସ୍ଥାକୁ ତାଗିଦ କରିଛୁ । କିନ୍ତୁ ସେ ଶୁଣିବାକୁ ନାରାଜ। ମାଟି ନେଇ ଜଙ୍ଗଲ ନଷ୍ଟ କରୁଥିବା ବିଷୟରେ ମହୀପୁର ବନାଞ୍ଚଳ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା କୁହନ୍ତି, ଏ ବିଷୟରେ ତଦନ୍ତ କରିବା ପାଇଁ ଘଟଣାସ୍ଥଳକୁ ଯାଉଛି। ଯଦି ସେପରି କିଛି ଆଇନ ଉଲ୍ଲଂଘନ କାମ ହୋଇଥିବ ତେବେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।



ମାଟି ଖୋଳି ନିଆଯାଇଥିବାରୁ ଜଙ୍ଗଲ ନଷ୍ଟ ହେବାକୁ ବସିଛି।

ମା'ମହାଲକ୍ଷ୍ମୀଙ୍କ ମାଣବସା ଗୁରୁବାର

# ସୁସ୍ଥ ଓ ଶୁଦ୍ଧ ବାତାବରଣ ସୃଷ୍ଟି କରେ

ଖଣ୍ଡପଡ଼ା,୨୦।୧୨(ସ୍ୱ.ପ୍ର.)

ବାର ମାସରେ ତେର ପର୍ବ ଉତ୍କଳୀୟ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରାକୁ ସମୃଦ୍ଧ କରିଥାଏ । ସେଥିମଧ୍ୟରୁ ମାର୍ଗଶିର ମାସରେ 'ମାଣବସା ଗୁରୁବାର'କୁ ଧନଦାତ୍ରୀ ମା'ମହାଲକ୍ଷ୍ମୀଙ୍କ ପର୍ବ ଭାବେ ପାଳନ କରାଯାଏ । ସୁଖ ଏବଂ ସମୃଦ୍ଧିର ପ୍ରତୀକ ଭାବେ ପ୍ରଥମାଷ୍ଟମୀ ପରେ ୪ ଗୁରୁବାର ଏହି ଓଷା ପାଳନ କରାଯାଇଥାଏ । ଏହି ଅବସରରେ ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା । ମହିଳା ଓ ଝିଅମାନେ ଘରେ ଗୋବର ପାଣି ପକାଇ, ଲିପାପୋଛା କରି ବୁଧବାର ରାତିରୁ ବଟା ଚାଉଳରେ କାନ୍ଥ, କବାଟ, ଅଗଣା, ପିଣ୍ଡା, ଚଉରା ମୂଳ ଆଦି ବିଭିନ୍ନ ସ୍ଥାନରେ ପଦ୍ମଫୁଲ ଓ ବିଭିନ୍ନ ପ୍ରକାର ଝୋଟି, ଚିତା ପକାଇ ମା'ଲକ୍ଷ୍ମୀଙ୍କୁ ବରଣ କରିଥିଲେ । ଓଡ଼ିଆ ପରମ୍ପରା ଅନୁସାରେ ଧାନ, ଗୁଆ, ଦୀପ, ଧୂପ ଓ ବସ୍ତ୍ର ସହ ବିଭିନ୍ନ ପ୍ରକାର ପିଠା, ନଡିଆ, କଦଳୀ ଆଦି ଅନେକ ଉପଚାରରେ ମା' ଧନଦାତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବ୍ରତଧାରୀମାନେ ମାଣଟିକୁ ନବ ବସ୍ତ୍ରରେ ବୋହୂ ପରି ସଜାଇଥିଲେ । ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ପାଠ ସହ ପିଠାପଣାର ଆଦର ଏହି ଓଷାର ବିଶେଷତ୍ୱ। ଏହି ଓଷା ସମାଜରେ ସୁସ୍ଥ ଓ ଶୁଦ୍ଧ ବାତାବରଣ ସୃଷ୍ଟି କରିବାରେ ଏକ ସୁନ୍ଦର ଉଦାହରଣ ପାଲଟିଛି।



ଲକ୍ଷ୍ମୀ ପୁରାଣ ପଢୁଛନ୍ତି ଜଣେ ମହିଳା।

# ରଣପୁର, ଖଣ୍ଡପଡ଼ାରେ ମା'ଲକ୍ଷ୍ମୀଙ୍କ ପୂଜା

ରଣପୁର,୨୦।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ପଞ୍ଚାୟତସ୍ଥ ମଥୁରାପୁର ସାହିରେ ଏକ ନିଆରା ଢଙ୍ଗରେ ଲକ୍ଷ୍ମୀପୂଜା ହେଉଥିବା ଜଣାପଡ଼ିଛି । ଦୀର୍ଘବର୍ଷ ଧରି ଏଠାରେ ଅନୁଷ୍ଠିତ ସାମୂହିକ ଲକ୍ଷ୍ମୀପୂଜା ଭାଇଚାରାର ପରମ୍ପରା ସୃଷ୍ଟି କରିଛି। ଚଳିତ ବର୍ଷ ଯୁବଶିଳ୍ପୀ ଆକାଶ ସେନାପତିଙ୍କ ଦ୍ୱାରା ନିର୍ମିତ ୧୦ ଫୁଟ ଉଚ୍ଚତାର ଲକ୍ଷ୍ମୀ ମୂର୍ତ୍ତି ମଥୁରାପୁର ମହାଲକ୍ଷ୍ମୀ ପୂଜା କମିଟି ମଣ୍ଡପରେ ପୂଜା ପାଉଛନ୍ତି । ପାରମ୍ପରିକ ରୀତିନୀତିରେ ପୂଜା ଅନୁଷ୍ଠିତ ହେଉଥିବାବେଳେ ସହସ୍ରାଧିକ ଶ୍ରଦ୍ଧାଳୁ ମଣ୍ଡପଠାରେ ସମାଗମ ହୋଇଥିଲେ। ମହିଳାମାନେ ପବିତ୍ର ନଦୀଜଳକୁ କଳସୀରେ ଆଣି ମଣ୍ଡପ ଉପରେ ସୁସଜ୍ଜିତ କରି ରଖିଥିଲେ। ବାଦୀ ଭାଗବତ, ଦୁଆରୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଶ୍ରଦ୍ଧାଳୁଙ୍କ ପାଇଁ ଲକ୍ଷ୍ମୀ ଭଣ୍ଡାର ମହାପ୍ରସାଦର ବ୍ୟବସ୍ଥା କରାଯାଇଥିବା କମିଟି ସଭାପତି ବେଣୁଧର ସେନାପତି ଓ ସମ୍ପାଦକ ଗଣେଶ୍ୱର ସେନାପତି ସୂଚନା ଦେଇଛନ୍ତି।

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଏହି ମାସର ଶେଷ ଗୁରୁବାର ଅବସରରେ କଣ୍ଟିଲୋର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଛି। ସେବକସାହି, ଫକୀର ବୁଦ୍ଧି ପାଟଣା, କୁଞ୍ଜବିହାରୀପୁର ପାଟଣା, ଯାତ୍ରାପଦା ବଜାର, ବେଣାଗାଡିଆ ଓ ବରକୋଳିବନ୍ଧ ଗ୍ରାମରେ ମହାଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ପୂଜାମଣ୍ଡପରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭାଗବତ ପଠନ ଶୁଣିବା ପାଇଁ ଜନ ସମାଗମ ହୋଇଥିଲା । ବିଶେଷକରି ବେଣାଗାଡିଆ ଲକ୍ଷ୍ମୀପୂଜା ମଣ୍ଡପରେ ଗୁରୁବାରଠାରୁ ୪ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।



ରଣପୁରଠାରେ ୧୦ ଫୁଟ ଉଚ୍ଚ ମା'ଙ୍କ ମୂର୍ତ୍ତି।



କଣ୍ଟିଲୋଠାରେ ପୂଜା ପାଉଥିବା ମା' ଲକ୍ଷ୍ମୀ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ କୋର୍ଟ ଚାଲାଣ

**ରଣପୁର,୨୦।୧୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଥାନା ସୁରୁକାବାଡି ପଞ୍ଚାୟତସ୍ଥ ଏକ ଗ୍ରାମରେ ବୁଧବାର ୭ ବର୍ଷର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ନାବାଳକ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ତରଫରୁ ରଣପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ଘଟଣା ନେଇ ପୋଲିସ ୨୫୦/୧୮ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଆଣି ରଣପୁର ଥାନାରେ ପଚରାଉଚରା କରିଥିଲେ । ଗୁରୁବାର ରଣପୁର ସରକାରୀ ଡାକ୍ତରଖାନାରେ ନାବାଳକଙ୍କ ଡାକ୍ତରୀମାଇନା ପରେ ନୟାଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ନାବାଳିକାଙ୍କୁ ମଧ୍ୟ ଡାକ୍ତରୀମାଇନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ସୂଚନାରୁ ପ୍ରକାଶ, ନାବାଳିକାଙ୍କ ବାପା ଅନ୍ୟ ରାଜ୍ୟରେ ଶ୍ରମିକ ଭାବେ କାମ କରନ୍ତି । ଘରେ ନାବାଳିକା ଏକୁଟିଆ ଥିବା ଜାଣି ଅଭିଯୁକ୍ତ ବଳାତ୍କାର କରୁଥିବା ବେଳେ ନାବାଳିକାଙ୍କ ମାଆ ଆସିଯାଇଥିଲେ। ଅଭିଯୁକ୍ତ ବାରିପଟ ଦେଇ ଫେରାର୍ ହୋଇଯାଇଥିଲା ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ରଣପୁର ସ୍ପୋର୍ଟସ୍ ବିଜୟୀ

ରଣପୁର,୨୦।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବିସି ହାଇସ୍କୁଲ ଖେଳ ପଡିଆରେ ସ୍ପୋର୍ଟସ୍ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ଗୁରୁବାର ଚତୁର୍ଥ ଦିନରେ ରଣପୁର ସ୍ପୋର୍ଟସ୍ କ୍ଲବ୍ ଓ ଝାରସୁଗୁଡ଼ା ଫୁଟ୍‌ବଲ କ୍ଲବ୍ ମଧ୍ୟରେ ଖେଳ ହୋଇଥିଲା। ୩-୦ ଗୋଲରେ ଝାରସୁଗୁଡାକୁ ହରାଇ ରଣପୁର ବିଜୟୀ ହୋଇଥିଲା। ସିଦ୍ଧାର୍ଥ ଦାସଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇ ଟ୍ରଫି ସହ ଅର୍ଥ ପୁରସ୍କାର ଦିଆଯାଇଥିଲା। ଟୁର୍ନାମେଣ୍ଟରେ ସାମାଜିକ କର୍ମୀ ନାରାୟଣ ସାହୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବିଶ୍ୱରଞ୍ଜନ ମିଶ୍ର, ଦେବାଶିଷ ପଟ୍ଟନାୟକ, ବିଜେଡି ନେତା ସିଦ୍ଧାର୍ଥ ପଣ୍ଡା, ସ୍ମିତା ସିଂ, ଡ. ନବ ରାୟ ଓ ପୂର୍ଣ୍ଣଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ। ଦିଗ୍‌ବିଜୟ ଦାସ, ରୋହନ ରାୟ, ଲକ୍ଷ୍ମୀପ୍ରସାଦ ସହଯୋଗ କରିଥିଲେ। ତେବେ ଖେଳ ଚାଲିଥିବା ବେଳେ ଝାରସୁଗୁଡ଼ା ଫୁଟ୍‌ବଲ ଦଳର ଗୋଲ୍‌କିପର ଆହତ ହେବା ଯୋଗୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରଣପୁର ସ୍ପୋର୍ଟସ୍ ଓ ଅନୁଗୋଳର ନାଲ୍‌କୋ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ସ୍ୱରାଜ ମହାନ୍ତି ପ୍ରକାଶ କରିଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ବାଳିକା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ



ତାଲିମ ଗ୍ରହଣ କରୁଛନ୍ତି ଛାତ୍ରୀମାନେ।

ଗଣିଆ,୨୦।୧୨(ଡି.ଏନ.ଏ.)

ଗଣିଆ ବ୍ଲକ ଆଡ଼କଟାସ୍ଥିତ ରିଜିଓନାଲ ଡିଗ୍ରୀ କଲେଜରେ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା ସଭାପତିତ୍ୱ କରିଥିଲେ। କଲେଜ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଶ୍ରୀ ରଘୁନାଥ ଜୀଉ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଖିଳ କୁମାର ହୋତା, ସ୍ଥାନୀୟ କଲେଜ ଅର୍ଥଶାସ୍ତ୍ର ବିଭାଗ ଅଧ୍ୟାପକ ଦେବାଶିଷ ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜର ୬୦ ଛାତ୍ରୀଙ୍କୁ କୌଶଳ ତାଲିମ ପ୍ରଦାନ କରାଯିବା ସହିତ ଅଧ୍ୟକ୍ଷ ମାନପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଗତ ୯ ତାରିଖରୁ ଆରମ୍ଭ ହୋଇଥିଲା। ସୋନାଲି ରାଉତ ଓ ସୁଶୀଳା ସାହୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପିକା ପ୍ରଜ୍ଞା ପରମିତା ରଥ ଓ ପ୍ରଭାତି ନଳିନୀ ଦେବୀ ସଂଯୋଜନା କରିଥିଲେ।

## ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା

**ନୟାଗଡ଼ ଅଫିସ,୨୦।୧୨:** ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ଶତପଥୀଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ମୈତ୍ରୀ ଯୁବସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ଶିକ୍ଷକ କର୍ମଚାରୀ ସଂଘ ତରଫରୁ ଆୟୋଜିତ ସଭାରେ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ଯୋଗଦେଇ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ। ଭାପୁର ବ୍ଲକର ଗତିଶ୍ୱର ଉଚ୍ଚ ବିଦ୍ୟାଳୟ ଭଗବାନପୁରଠାରେ ଶତପଥୀ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ନୟାଗଡ଼ରେ ରହି ପ୍ରତିଦିନ ଯିବାଆସିବା କରନ୍ତି। ଗତ ୧୨ ତାରିଖରେ ସେ ନୟାଗଡ଼ ଫେରୁଥିବାବେଳେ ବାଲୁଗାଁ ଛକଠାରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ସଂଘ ସଭାପତି ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରସନ୍ନ କୁମାର ପଣ୍ଡା, ଖବରଦାତା ଶୁଭେନ୍ଦୁ କୁମାର ଦାସ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।



ସଭାରେ ଯୋଗଦେଇଥିବା ଶିକ୍ଷକ ଓ ଅନ୍ୟମାନେ।

ଅର୍ଥ ମଞ୍ଜୁର, ସ୍ଥାନ ଚିହ୍ନଟ ସତ୍ତ୍ୱେ

## ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାରେ ବିଳମ୍ବ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୨୦।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବାରେ ସେସୁ କର୍ତ୍ତୃପକ୍ଷ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି । ଅଘୋଷିତ ଏବଂ ସାମାନ୍ୟ ବର୍ଷା, ପବନ ହେଲେ ବିଦ୍ୟୁତ୍ କାଟ ଯୋଗୁ କଣ୍ଟିଲୋ ଓ ଭାପୁର ସେସୁ ସେକ୍ସନ ଅଧୀନ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଦୀର୍ଘବର୍ଷ ହେଲା ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଗ୍ରୀଡ୍ ସ୍ଥାପନ ନିମନ୍ତେ ରାଜ୍ୟ ସରକାର ବହୁ ପୂର୍ବରୁ ନିଷ୍ପତ୍ତି ନେଇସାରିଛନ୍ତି। ସହରର ସୁନାମୁହଁ ପରିବେଶ ପର୍ଯ୍ୟଟନସ୍ଥଳୀ ନିକଟରେ ୧୦ ଏକରରୁ ଊର୍ଦ୍ଧ୍ୱ ପରିମିତ ଚିହ୍ନଟ ଜାଗାରେ ଏହା ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ୫୭ କୋଟି ଟଙ୍କାର ଅର୍ଥ ମଧ୍ୟ ମଞ୍ଜୁର କରି ସାରିଛନ୍ତି । ସ୍ଥାନ ଓ ଅର୍ଥ ମଞ୍ଜୁର ସତ୍ତ୍ୱେ ପ୍ରଶାସନିକ ଉଦାସୀନତା ଯୋଗୁ ଗ୍ରୀଡ୍ ପ୍ରତିଷ୍ଠାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ, ଖଣ୍ଡପଡ଼ାଠାରେ ଗ୍ରୀଡ୍‌ଟି ପ୍ରତିଷ୍ଠା ହେଲେ କଣ୍ଟିଲୋ, ଭାପୁର ଓ ଗଣିଆ ବ୍ଲକବାସୀ ଉପକୃତ ହେବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଏହାଦ୍ୱାରା ଲୋ ଭୋଲ୍‌ଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ ଆଦି ସମସ୍ୟା ଦୂର ହେବ। ତେଣୁ ପ୍ରସ୍ତାବିତ ସ୍ଥାନରେ ତୁରନ୍ତ ଗ୍ରୀଡ୍ ପ୍ରତିଷ୍ଠା ନିମନ୍ତେ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ସେସୁ ମୁଖ୍ୟଯନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ ଏ ସମ୍ପର୍କରେ ସେସୁ ଉଚ୍ଚ କର୍ତ୍ତୃପକ୍ଷ ଓ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । ତେବେ ନୟାଗଡ଼ ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।







## ଗୁରୁତ୍ୱପୂର୍ଣ୍ଣ ସୂଚନା

ତା.23.12.2018ରିଖ (ରବିବାର) ଦିନ ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ଭଦ୍ରକ ସେକ୍ସନରେ ବଇରୀ-କପିଳାସ ରୋଡ୍ ଷ୍ଟେସନ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ନିର୍ମାଣ ନିମନ୍ତେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ବାତିଲ୍ / ପୁନଃ ନିର୍ଦ୍ଧାରଣ ଏବଂ ନିୟନ୍ତ୍ରଣ

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58407 | ଭଦ୍ରକ-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 58411/58412 | ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 18416 | ପୁରୀ-ବଡ଼ବିଲ ଏକ୍ସପ୍ରେସ୍ | 23.12.2018 |
| 18415 | ବଡ଼ବିଲ-ପୁରୀ ଏକ୍ସପ୍ରେସ୍ | 24.12.2018 |
| 18404 | ବଡ଼ବିଲ-ଚକ୍ରଧରପୁର ଏକ୍ସପ୍ରେସ୍ | 23.12.2018 |
| 18403 | ଚକ୍ରଧରପୁର-ବଡ଼ବିଲ ଏକ୍ସପ୍ରେସ୍ | 24.12.2018 |
| 58424/58423 | କଟକ-ଭଦ୍ରକ-କଟକ ପାସେଞ୍ଜର | 23.12.2018 |

**ଟ୍ରେନ୍‌ଗୁଡ଼ିକର ପୁନଃ ନିର୍ଦ୍ଧାରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ପୁନଃନିର୍ଦ୍ଧାରିତ ସ୍ଥାନ | ପୁନଃନିର୍ଦ୍ଧାରଣ ତାରିଖ |
|---|---|---|---|
| 58525 | କେନ୍ଦୁଝରଗଡ଼-ଭୁବନେଶ୍ୱର ପାସେଞ୍ଜର | କେନ୍ଦୁଝରଗଡ଼ | ତା.23.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12891 | ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍ | ବାଙ୍ଗିରିପୋଷି | ତା.23.12.2018ରିଖ 3 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12821 | ହାଓଡ଼ା-ଭୁବନେଶ୍ୱର-ଧଉଳି ଏକ୍ସପ୍ରେସ୍ | ହାଓଡ଼ା | ତା.23.12.2018ରିଖ 2 ଘଣ୍ଟା ପର୍ଯ୍ୟନ୍ତ |
| 18646 | ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | ହାଇଦ୍ରାବାଦ | ତା.22.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |

**ଟ୍ରେନ୍‌ଗୁଡ଼ିକର ନିୟନ୍ତ୍ରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ନିୟନ୍ତ୍ରଣ କରାଯିବ | ନିୟନ୍ତ୍ରଣ ତାରିଖ |
|---|---|---|---|
| 58001 | ହାଓଡ଼ା-ପୁରୀ ପାସେଞ୍ଜର | ଯାଜପୁର-କେନ୍ଦୁଝର ରୋଡ୍ | ତା.23.12.2018ରିଖ 2 ଘଣ୍ଟା ନିମନ୍ତେ |
| 12816 | ନୂଆଦିଲ୍ଲୀ-ପୁରୀ ନନ୍ଦନକାନନ ଏକ୍ସପ୍ରେସ୍ | ଆବଶ୍ୟକ ସ୍ଥଳେ, ଗନ୍ତବ୍ୟ ପଥରେ | 3 ଘଣ୍ଟା ପର୍ଯ୍ୟନ୍ତ |

ତା.୨୭.୧୨.୨୦୧୮ରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ବଲାଙ୍ଗୀର ଓ ଭଇଁସାପାଲି ମଧ୍ୟରେ ନୂଆ ଲାଇନ୍ ଓ ବଲାଙ୍ଗୀର ଓ ଦେଓଗାଁ ରୋଡ୍ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍‌ଗୁଡ଼ିକର ବାତିଲ୍ / ଆଂଶିକ ବାତିଲ୍।

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58301/58303 | ସମ୍ବଲପୁର-କୋରାପୁଟ/ଜୁନାଗଡ଼ ରୋଡ୍ ପାସେଞ୍ଜର | 15.12.2018 ରୁ 25.12.2018 |
| 58302/58304 | କୋରାପୁଟ/ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର | 16.12.2018 ରୁ 26.12.2018 |

**ଆଂଶିକ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ୍ ମଧ୍ୟରେ ଆଂଶିକ ବାତିଲ | ଆଂଶିକ ବାତିଲ ହେବା ତାରିଖ |
|---|---|---|---|
| 58213/ 58214 | ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର | ଟିଟିଲାଗଡ଼-ସମ୍ବଲପୁର (ଉଭୟ ଦିଗରୁ) | 16.12.2018 ରୁ 25.12.2018 |
| 12893/ 12894 | ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି | ସମ୍ବଲପୁର-ବଲାଙ୍ଗୀର (ଉଭୟ ଦିଗରୁ) | 20.12.2018 ରୁ 25.12.2018 |



PR-412/J/18-19

ପୂର୍ବ ତଟ ରେଳପଥ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଡିସେମ୍ବର, ୨୦୧୮



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଟ୍ରକ୍-କାର ମୁହାଁମୁହିଁ ଧକ୍କା: ୨ ଗୁରୁତର



**ଓଡ଼ଗାଁ,୨୦।୧୨(ସ୍ୱ.ପ୍ର.):** ଓଡ଼ଗାଁ ଥାନା ୨୧ ନମ୍ବର ରାଜ୍ୟ ରାଜପଥ ରଙ୍ଗଣୀପାଟଣାଠାରେ ଗୁରୁବାର ଅପରାହ୍ଣରେ ଟ୍ରକ ଓ ମାରୁତି କାର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ମହିଳାଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ନୟାଗଡ ସିନ୍ଦୂରିଆରୁ ଓଆର୦୫ପି୨୦୦୮ ନମ୍ବର ବିଶିଷ୍ଟ ମାରୁତି କାର ଓଡ଼ଗାଁ ଦେଇ ଲାଉଖାଲ ଅଭିମୁଖେ ଯାଉଥିଲା। ରଙ୍ଗଣିପାଟଣା ମୋଡରେ ସାମ୍ନାରୁ ଆସୁଥିବା ଏକ ଗ୍ୟାସ ବୋଝେଇ ଟ୍ରକ (ଓଡି୦୧ଏମ୬୫୨୫)ସହିତ ଧକ୍କା ହୋଇଥିଲା। ଏଥିରେ କାରର ସମ୍ମୁଖ ଭାଗ ଭାଙ୍ଗିଯାଇଥିବା ବେଳେ କାର ଚାଳକ ଓ ସେଥିରେ ବସିଥିବା ଦୁଇ ମହିଳାଙ୍କୁ ମଧରୁ ଜଣେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାର କରିବା ସହିତ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଟ୍ରକ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ଗୋଟିଏ ରାତିରେ ୪ ବଳଦ ଚୋରି

**ଦଶପଲ୍ଲା,୨୦।୧୨ (ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଟାକରା ଅଞ୍ଚଳରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ୪ ବଳଦ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ଟାକରା ଗୋପାଳପୁର ଗ୍ରାମର ରବିନାରାୟଣ ପରିଡାଙ୍କ ଗୋଟିଏ, ଟାକରା ପ୍ରଫୁଲ୍ଲ ସାହୁଙ୍କ ୨ଟି ଓ ପ୍ରଶାନ୍ତ ସାହୁଙ୍କ ଗୋଟିଏ ବଳଦ ଚୋରି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି

**ନୟାଗଡ଼ ଅଫିସ,୨୦।୧୨**

- ଉଚ୍ଚବେତନ ଭୋଗୀ କର୍ମଚାରୀଙ୍କୁ ଶ୍ରମିକ ସଜାଇ ଟଙ୍କା ହଡ଼ପ
- ଭାପୁର ବ୍ଲକ ଅରଖପଲ୍ଲୀ ଗ୍ରାମରେ ହୋଇଛି ଏହି ଦୁର୍ନୀତି
- ତଦନ୍ତ ନ ହେଲେ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଛି ଦୁର୍ନୀତି। ଯୋଗ୍ୟ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇଦେବା ବଦଳରେ ଉଚ୍ଚ ବେତନଭୋଗୀ କର୍ମଚାରୀଙ୍କୁ ଶ୍ରମିକ ସଜାଇ ଟଙ୍କା ହଡ଼ପ କରାଯାଇଛି। ଏଭଳି ଅଭିଯୋଗ କରିଛନ୍ତି ନୟାଗଡ଼ ଜିଲା ଭାପୁର ବ୍ଲକ ନିମାଣି ପଞ୍ଚାୟତର ଅରଖପଲ୍ଲୀ ଗ୍ରାମବାସୀ। ଖାଲି ଯେ ଅଭିଯୋଗ କରିଛନ୍ତି ତା'ନୁହେଁ, ରାଜ୍ୟ ପଞ୍ଚାୟତିରାଜ ବିଭାଗ ତରଫରୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ତତ୍ପରତା ପ୍ରକାଶ କରୁନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୧୫ ଦିନ ମଧ୍ୟରେ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ। ଗ୍ରାମର କିଛି ନେତୃସ୍ଥାନୀୟ ବ୍ୟକ୍ତି ନୟାଗଡ଼ରେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ବିଜୁ ଛାତ୍ର ଜନତା ଦଳର ଜିଲା ସମ୍ପାଦକ (ଭାପୁର ନିର୍ବାଚନମଣ୍ଡଳୀ) ତଥା ଗ୍ରାମର ଯୁବକ ଅଭିଜିତ୍ ପଟ୍ଟନାୟକ ଏହା ପ୍ରକାଶ କରିଛନ୍ତି। ସରକାରୀ କର୍ମଚାରୀଙ୍କ ସହାୟତାରେ ଉଚ୍ଚବେତନ ଭୋଗୀ କର୍ମଚାରୀଙ୍କୁ ସଜାଯାଇଛି ଶ୍ରମିକ।

ଗ୍ରାମର ପ୍ରମୋଦ କୁମାର ପରିଡ଼ା ଅନୁଗୋଳସ୍ଥିତ ନାଲକୋ କାର୍ଯ୍ୟାଳୟରେ ଜଣେ ଉଚ୍ଚବେତନ ଭୋଗୀ କର୍ମଚାରୀ। ତାଙ୍କ ପରିବାର ନାମରେ ଥିବା ଜବ୍‌କାର୍ଡ଼ରେ ତାଙ୍କୁ ଶ୍ରମିକ ସଜାଯାଇ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଉଠାଯାଇଛି। ଖାଲି ପ୍ରମୋଦ ନୁହନ୍ତି. ତାଙ୍କ ସ୍ତ୍ରୀଙ୍କ ନାମରେ ମଧ୍ୟ ଟଙ୍କା ଉଠାଯାଇଛି। ସ୍ୱାମୀ ସ୍ତ୍ରୀ ଉଭୟ ଶ୍ରମିକ ଭାବେ କାର୍ଯ୍ୟ କରି ନ ଥିବାବେଳେ କିପରି ସେମାନଙ୍କ ନାମରେ ଟଙ୍କା ଉଠାଗଲା ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହାସହ ଏହି ଦୁର୍ନୀତିରେ କିଏ ସାମିଲ ଅଛନ୍ତି ତାହାର ତଦନ୍ତ ଦାବି କରିଛନ୍ତି। ଅନ୍ୟପଟେ ଗ୍ରାମର ଅରଖପଲ୍ଲୀ ପ୍ରାଥମିକ ବିଦ୍ୟାଳୟଠାରୁ ମଳଗାଡ଼ିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୯ଲକ୍ଷ ୯୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଉକ୍ତ ରାସ୍ତା ଆଦୌ କରାଯାଇ ନାହିଁ। ସେହିଭଳି ଅରଖପଲ୍ଲୀଠାରୁ ହାତୀବାରି ପୋଖରୀ ରାସ୍ତା ପାଇଁ ୪ଲକ୍ଷ ୩୪ହଜାର ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଏହା ନିମ୍ନମାନର ହୋଇଛି। ଏହିଭଳି ଭାବେ କର୍ମଚାରୀମାନେ ଟଙ୍କା ଆତ୍ମସାତ୍ କରିଛନ୍ତି। ତେଣୁ ପ୍ରଶାସନ ଏହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠ ପ୍ରଧାନ, ବିନୋଦ ଦଳବେହେରା, ଲିପୁନା ବାରିକ ପ୍ରମୁଖ ଯୋଗଦେଇଥିଲେ। ଏ ନେଇ ଭାପୁର ଭାରପ୍ରାପ୍ତ ବିଡ଼ିଓ ଅନ୍ତର୍ଯାମୀ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଏହା ଉପରେ ଜିଲାସ୍ତରୀୟ ଅଧିକାରୀମାନେ ତଦନ୍ତ କରିଛନ୍ତି। ମାର୍ଚ୍ଚ ମାସ ଓ ମଝିରେ ଥରେ ଏହାର ତଦନ୍ତ କରାଯାଇଥିଲା। ଜିଲାସ୍ତରୀୟ କମିଟି ଯାହା ରିପୋର୍ଟ ଦେବ ତାହା କରାଯିବ ବୋଲି ଦାସ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଘରଚଟିଆ ସୁରକ୍ଷା ପାଇଁ ଶୋଭାଯାତ୍ରା

**ନୟାଗଡ଼ ଅଫିସ,୨୦।୧୨**

ଗ୍ରୀନ୍ ଆର୍ଥ ଅନୁଷ୍ଠାନ ତରଫରୁ ଗୁରୁବାର ନୟାଗଡ଼ ଶିଖରପୁର ଗ୍ରାମରେ ଘରଚଟିଆ ସୁରକ୍ଷା ପାଇଁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ଗ୍ରାମର କିଛି ଲୋକଙ୍କୁ ନେଇ ଅନୁଷ୍ଠାନ ପକ୍ଷରୁ ଗାଁରେ ଶୋଭାଯାତ୍ରା କରାଯାଇଥିଲା। ପ୍ରଦୀପ କୁମାର ସାହୁ, ପ୍ରସନ୍ନ କୁମାର ସାହୁ, ପଙ୍କଜ କୁମାର ପଣ୍ଡା, ବିନୋଦ କୁମାର ସାହୁ, ଶରତ ଚନ୍ଦ୍ର ତ୍ରିପାଠୀ, ରବିନ ସରକାର, ରଞ୍ଜନ କୁମାର ପଣ୍ଡା, ସରୋଜ କୁମାର ସାହୁ, ଆଦିତ୍ୟ କୁମାର ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଗାଁରେ ଚାଳଛପର ଘର ଅଭାବ ଯୋଗୁ ଘରଚଟିଆମାନେ ବାସହରା ହୋଇଯାଉଛନ୍ତି। ତେଣୁ ଗ୍ରୀନ୍ ଆର୍ଥ ଅନୁଷ୍ଠାନ ତରଫରୁ ଗାଁ ଲୋକଙ୍କ ଘରେ କୃତ୍ରିମ ବସା ଝୁଲାଇବା ସହିତ ବାର୍ଡ଼ ଫିଡ଼ରର ବନ୍ଦୋବସ୍ତ କରାଯାଇଥିଲା। ଘରଚଟିଆ ସୁରକ୍ଷା କ୍ଷେତ୍ରରେ ଏହା ଜିଲାରେ ପ୍ରଥମ ପଦକ୍ଷେପ ବୋଲି ଅନୁଷ୍ଠାନର ଆଦିତ୍ୟ କୁମାର ଦାଶ ଓ ସଂଘମିତ୍ରା ମିଶ୍ର ପ୍ରକାଶ କରିଛନ୍ତି।



ଗ୍ରାମରେ ହୋଇଥିବା ଘରଚଟିଆ ସୁରକ୍ଷା ଶୋଭାଯାତ୍ରା।

# ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଚଢ଼ାଉ



ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଚଢ଼ାଉ କରାଯାଉଛି।

**ନୟାଗଡ଼ ଅଫିସ,୨୦।୧୨**

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟେ ଥିବା ଏକ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଗୁରୁବାର ଚଢ଼ାଉ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ସହକାରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ନୟାଗଡ଼ ତହସିଲଦାର ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଡାଇଗ୍ନୋଷ୍ଟିକ ସେଣ୍ଟରରେ ଅନିୟମିତତା ହେଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ ଅଭିଯୋଗ ହେବା ପରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ହେଲେ ପ୍ରଶାସନ ତରଫରୁ ଏ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ବିଷୟରେ ଗଣମାଧ୍ୟମକୁ ସୂଚନା ଦିଆଯାଇନାହିଁ। ଶୁକ୍ରବାର ଏ ନେଇ ସୂଚନା ଦିଆଯିବ ବୋଲି ଖବର ମିଳିଛି।

# ଜିଲା କଂଗ୍ରେସର ନୂତନ କମିଟି ଗଠିତ

## ୭୮ ଜଣଙ୍କୁ ନେଇ ଗଠନ ହେଲା ଜୁମ୍ବୋ ଟିମ୍

**ନୟାଗଡ଼ ଅଫିସ,୨୦।୧୨**

ନୟାଗଡ଼ ଜିଲା କଂଗ୍ରେସ ତରଫରୁ ଗୁରୁବାର ୭୮ ଜଣଙ୍କୁ ନେଇ ନୂତନ କମିଟି ଗଠନ କରାଯାଇଥିବା ସଭାପତି ରଣଜିତ୍ ଦାଶ ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ଜୁମ୍ବୋ ଟିମ୍‌ରେ ଚିତ୍ତରଞ୍ଜନ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ପବିତ୍ର ମୋହନ ସାହୁ, କାଳିକିଙ୍କର ପୃଷ୍ଟି, ବିନୋଦ ବିହାରୀ ମିଶ୍ର, ସୁକାନ୍ତ କୁମାର ଶତପଥୀ, ନିର୍ମଳ ଚନ୍ଦ୍ର ରଥ, ବିଜୟ କୁମାର ପ୍ରଧାନ, ଯୁଗଳ କିଶୋର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରତିମା ଜେନା, ଧ୍ରୁବଚରଣ ପରିଡ଼ା ଉପସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ଫକିର ମଲ୍ଲ, ବ୍ରଜକିଶୋର ଲେଙ୍କା, ଦେବବ୍ରତ ବେହେରା, ବିଶ୍ୱଜିତ୍ ଆଚାର୍ଯ୍ୟଙ୍କ ସମେତ ୧୭ଜଣଙ୍କୁ ସାଧାରଣ ସମ୍ପାଦକ ଓ ପ୍ରିୟରଞ୍ଜନ ପ୍ରଧାନ, ପାଣ୍ଡୁଚରଣ ବେହେରା, ରାଧାକାନ୍ତ ମହାପାତ୍ର, ଛବିରାଣୀ ବିଶୋଇ, ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ୨୫ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ହରିହର କରଣ, ରମାକାନ୍ତ ମିଶ୍ର, ସନ୍ଧ୍ୟାରାଣୀ ମହାପାତ୍ର, ନରସିଂହ ବିଶ୍ୱାଳ, ଶୁଭଶ୍ରୀ ପଣ୍ଡାଙ୍କ ସମେତ ୨୫ ଜଣଙ୍କୁ ଆମନ୍ତ୍ରିତ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ୩ଟି ରାଜ୍ୟରେ କଂଗ୍ରେସର ଫଳାଫଳ କଂଗ୍ରେସ କର୍ମୀମାନଙ୍କୁ ଉତ୍ସାହିତ କରିଛି। ରାଜ୍ୟରେ ବି ଏହାର ପ୍ରଭାବ ପଡ଼ିବ ବୋଲି ଦଳୀୟ ନେତା ଓ କର୍ମୀମାନେ ଆଶାବ୍ୟକ୍ତ କରିଛନ୍ତି। ଏହି ଜୁମ୍ବୋ ଟିମ୍ ଦଳକୁ ଜିଲାରେ କେତେ ସଫଳ ଦେଉଛି ତାହା ଦେଖିବାକୁ ବାକି ରହିଲା। ପ୍ରକାଶ ଯେ, କିଛିମାସ ତଳେ ରାଜ୍ୟ କଂଗ୍ରେସ ତରଫରୁ ଏଆଇସିସି ଅନୁମୋଦନ କ୍ରମେ ନୟାଗଡ଼ରେ ଜିଲା ସଭାପତି ଭାବେ ଦାଶ ଓ କାର୍ଯ୍ୟକାରୀ ସଭାପତି ହୁସେନ୍ ଖାଁ, ମନୋଜ କୁମାର ସାହୁ ଓ କମଳ ଚରଣ ସାହୁଙ୍କୁ ନିଯୁକ୍ତି ଦିଆଯାଇଥିଲା।



**ସଂକ୍ଷେପରେ**

## ରାଇକିଆରେ ମହାଲକ୍ଷ୍ମୀ ପୂଜା



**ରାଇକିଆ,୨୦।୧୨(ଡ଼ି.ଏନ.ଏ):** ରାଇକିଆ ଲକ୍ଷ୍ମୀ ବଜାର ପୂଜା କମିଟି ଆନୁକୂଲ୍ୟରେ ଗୁରବାର ମାଣବସା ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି । ବୁଧବାର ଅଧିବାସ ଏବଂ କଳସ ଶୋଭାଯାତ୍ରା ହୋଇଥିଲା । ଗୁରବାର ମା'ଙ୍କ ପୂଜା ହୋଇଥିଲା । ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକ ସଜ୍ଜା ଏବଂ ମା'ଙ୍କ ଦର୍ଶନ ପାଇଁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି। ରବିବାର ପୌରାଣିକ ନାଟକ ଏବଂ ପୂର୍ଣ୍ଣାହୂତି ପରେ ମେଲୋଡ଼ି କାର୍ଯ୍ୟକ୍ରମ ହେବ। ସଭାପତି ତ୍ରିପତି ସୁବିଦ୍ଧି, ଉପସଭାପତି ବିଜୟ ଆଚାର୍ଯ୍ୟ, ସମ୍ପାଦକ ଦୂତୀକୃଷ୍ଣ ପଣ୍ଡା, କୋଷାଧ୍ୟକ୍ଷ ଚିଣ୍ଟୁ ପାଣିଗ୍ରାହୀ, ବାବୁଲି ପାଳ ଏବଂ କମିଟିର ଯୁବ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ସେଲ୍‌ଫି ନିଶା ବିଦ୍ୟୁତ୍ ଆଘାତରେ ନାବାଳକ ଗୁରୁତର

**ଫୁଲବାଣୀ ଅଫିସ, ୨୦।୧୨:** ସେଲଫି ନିଶା ଖାଲି ଯୁବ ସମାଜକୁ ନୁହେଁ ଛୋଟ ପିଲାଙ୍କୁ ମଧ ଘାରିଛି । ଗୁରୁବାର ସ୍ଥାନୀୟ ଜିରିଙ୍ଗପଡାରେ ଜଣେ ନାବାଳକ ସେଲଫି ନେବା ସମୟରେ ପଡି ଯିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ନାବାଳକ ଜଣକ ଜିରିଙ୍ଗପଡା ସ୍ଥିତ ତାଙ୍କ ସାଙ୍ଗ ଘରକୁ ବୁଲି ଆସିଥିଲେ । ଘର ଆଜବେଷ୍ଟସ ଏବଂ ଟାଇଲ ଛାତ ଉପରେ ଠିଆ ହୋଇ ସେଲଫି ନେଉଥିବା ବେଳେ ଟାଇଲ ଭାଙ୍ଗି ଯାଇଥିଲା । ନାବାଳକ ଜଣକ ତଳକୁ ଖସିବା ବେଳେ ଘରେ ଲାଗିଥିବା ତାରରେ ଛନ୍ଦି ହୋଇପଡିବାରୁ ବିଦ୍ୟୁତ୍ ଆଘାତ ଲାଗିଥିଲା ।

# ଗ୍ରାମୀଣ ଡାକ ସେବକ ସଂଘର ଧାରଣା

**ଫୁଲବାଣୀ ଅଫିସ, ୨୦।୧୨**



ଧାରଣାରତ ଜିଡିଏସ୍‌ମାନେ।

ଫୁଲବାଣୀ ଡାକ ଘର ସମ୍ମୁଖରେ ଗୁରୁବାର ବିଭିନ୍ନ ଦାବିରେ ଅଖିଳ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି । ସରକାର ଯେ ପର୍ଯ୍ୟନ୍ତ ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ସଂଘ ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଆମେ ଧର୍ମଘଟ କରିଥିଲୁ। ସରକାର ଦାବି ମାନି ନେଇଥିଲେ । ହେଲେ ଦାବି ଅନୁସାରେ କାର୍ଯ୍ୟକଲେ ନାହିଁ । ନିଜ ଇଚ୍ଛାରେ ୭ମ ବେତନ କମିଶନ ଲାଗୁ କରିଛନ୍ତି। ଆମେ ଏହାକୁ ବିରୋଧ କରୁଛୁ। ଗ୍ରାମୀଣ ଡାକ ସେବକ(ଜିଡିଏସ୍) କମିଟିର ସମସ୍ତ ରିପୋର୍ଟ ଲାଗୁ କରିବା ସହ ଅବସରକାଳୀନ ସୁବିଧା ଜାନୁୟାରୀ ୨୦୧୬ରୁ ଲାଗୁ କରିବା, ଗ୍ରାଚ୍ୟୁଇଟି ୧ ଲକ୍ଷ ୫୦ ହଜାରରୁ ୫ ଲକ୍ଷକୁ ବୃଦ୍ଧି, ଇଏସ୍‌ଆଇ ଏବଂ ଇପିଏଫ ପ୍ରଦାନ, ପ୍ରତ୍ୟେକ ଶାଖା ଡାକ ଘରକୁ ଦୁଇଜଣ କର୍ମଚାରୀ ନିଯୁକ୍ତି ଦେବା, ଜିଡିଏସ୍ ମାନଙ୍କ କାର୍ଯ୍ୟ କରିବା ସମୟ ୮ ଘଣ୍ଟା ମଞ୍ଜୁର କରି ବିଭାଗୀୟ କର୍ମଚାରୀ ପାଉଥିବା ସମସ୍ତ ସୁବିଧା ଏବଂ ପେନସନ ପ୍ରଦାନ ଆଦି ଦାବି ରହିଛି ବୋଲି ସଂଘ ସମ୍ପାଦକ ମାନସ ରଞ୍ଜନ ପାତ୍ର ଏବଂ କୋଷାଧ୍ୟକ୍ଷ ହାଡିବନ୍ଧୁ ପୂଜାରୀ ପ୍ରକାଶ କରିଛନ୍ତି। ଦିଲୀପ କୁମାର ବିଶୋଇ, ଅଚ୍ୟୁତ ମାଝି, ଅଶୋକ ସାହୁ, ରଞ୍ଜନ କୁମାର ସାହୁ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବେଶପଥ କର୍ଦ୍ଦମାକ୍ତ

**ଦାରିଙ୍ଗବାଡ଼ି,୨୦।୧୨(ଡି.ଏନ.ଏ)**


ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାସ୍ତା କାଦୁଅ ହୋଇଛି।

■ମନ୍ତ୍ରୀଙ୍କ ଗସ୍ତ ପାଇଁ ପଡ଼ିଥିଲା ମାଟି
■ରୋଗୀଙ୍କୁ ନେବାରେ ଅସୁବିଧା

ପେଥାଇ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବେଶପଥ କର୍ଦ୍ଦମାକ୍ତ ହୋଇପଡିଛି। ଫଳରେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ନେବାରେ ଅସୁବିଧା ହେଉଛି । ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଏଠାକୁ ଆସିଥିଲେ । ମନ୍ତ୍ରୀଙ୍କ ଗସ୍ତ ପାଇଁ ଖାଲଖମା ରାସ୍ତାରେ ମାଟି ପକାଯାଇ ସମତଳ କରାଯାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ର ସଫାସୁତୁରା କରାଯାଇଥିଲା । ତେବେ ମନ୍ତ୍ରୀଙ୍କ ଗସ୍ତର ୫ ଦିନ ନ ପୂରୁଣୁ ଏବେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ଯିବା କଷ୍ଟକର ହୋଇପଡ଼ିଛି। ପେଥାଇ ପ୍ରଭାବରେ ଝିପି ଝିପି ବର୍ଷାରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବେଶପଥ କର୍ଦ୍ଦମାକ୍ତ ହୋଇପଡିଛି। ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଅଟୋ କିମ୍ବା ଟ୍ୟାକ୍ସି ମୁଖ୍ୟ ପ୍ରବେଶ ପଥ ଦେଇ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ପାରୁ ନ ଥିବା ଅଭିଯୋଗ ହୋଇଛି । ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଜନ ଅସନ୍ତୋଷ ଦେଖାଯାଇଛି । ତୁରନ୍ତ ଏହାର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜୟପାଳ ସେନାପତି କହିଛନ୍ତି, ରାସ୍ତା ମରାମତି ପାଇଁ ଅନୁମତି ପ୍ରଦାନ କରାଯାଇଛି । ବାଲି ମୋରମ ଆସିଲେ ଖୁବ୍‌ଶୀଘ୍ର ମରାମତି କରାଯିବ ।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତା ଉଦ୍‌ଯାପିତ

**ଜି.ଉଦୟଗିରି,୨୦।୧୨(ଡି.ଏନ.ଏ.)**


ମଞ୍ଚାସୀନ ଅତିଥି।

ସ୍ଥାନୀୟ ହବାକ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା କନ୍ଧମାଳ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ବୁଧବାର ବିକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୮୯ ଜଣ ଶିଶୁ ବିଜ୍ଞାନୀ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ହବାକ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନର ସଭାପତି କେ. ରାମାରାଓ ପାତ୍ର, ଗୁଣମଣି ପାଟଯୋଶୀ ଓ ଅନ୍ତର୍ଯ୍ୟାମୀ ପ୍ରଧାନ ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଅଶୋକ କୁମାର ପାତ୍ର ଓ ରାଜେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ବିଜ୍ଞାନର ପ୍ରଚାର ଓ ପ୍ରସାରରେ ଅବଦାନ ପାଇଁ ପ୍ରାକ୍ତନ ଜିଲା ବିଜ୍ଞାନ ନିରୀକ୍ଷକ ନାରାୟଣ ପ୍ରଧାନ ଓ ହବାକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଲଳିତ ମୋହନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ପୁରୀରେ ଆସନ୍ତା ଜାନୁଆରୀ ୩ ତାରିଖରୁ ଆରମ୍ଭ ହେଉଥିବା ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ପାଇଁ ୯ଟି ପ୍ରକଳ୍ପ ଯୋଗ୍ୟ ବିବେଚିତ ହୋଇଛି।

# କାଲାମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଦାରିଙ୍ଗବାଡ଼ି,୨୦।୧୨(ଡି.ଏନ.ଏ)**


ବିଧାୟକ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଛାତ୍ରୀଛାତ୍ର ନିୟମିତ ପାଠ ପଢ଼ିବା ସହ ଅଭିଭାବକଙ୍କ କଥା ମାନି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଜରୁରୀ ବୋଲି ଗୁରୁବାର ସିମନବାଡ଼ି ଠାରେ ଆୟୋଜିତ କାଲାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ବିଧାୟକ ଯାକବ ପ୍ରଧାନ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଯାକବ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ୧୦ ନଂ. ଜୋନ ଜିଲାପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପ୍ରଧାନ, ପୂର୍ବତନ ଲ୍ୟାମ୍ପସ ସଭାପତି ଚିତ୍ରସେନ ପ୍ରଧାନ, ସିମନବାଡ଼ି ସରପଞ୍ଚଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ, ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ, ପୂର୍ବତନ ସଭାପତି ପୀତାମ୍ବର ସାହୁ, ରଞ୍ଜନ ଦିଗାଳ, ପ୍ରଫୁଲ ଶୋଭାସୁନ୍ଦର, କ୍ୟାଥେଲିକ ଚର୍ଚ୍ଚର ଧର୍ମ ଯାଜକ ଜୟନ୍ତ କୁମାର ସିଂ, ୱାର୍ଡ଼ସଭ୍ୟ ଅଶୋକ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଧ୍ୟକ୍ଷ ପାଣିଙ୍କ ସମେତ ଅଧ୍ୟାପକ ମନୁରାଜ ପରିଚ୍ଛା, ରଜନୀକାନ୍ତ ବଳିଆର ସିଂ, ମହେଶ ପାଇକ, ମଣ୍ଟୁ ପରିଚ୍ଛା, ଅଧ୍ୟାପିକା ଭୁବନେଶ୍ୱରୀ ବେହେରଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ

**ଖଜୁରିପଡା,୨୦।୧୨(ଡି.ଏନ୍.ଏ.)**

ଖଜୁରିପଡା ବ୍ଲକ ଗାଡିଆପଡା ସେବାଶ୍ରମ ବିଦ୍ୟାଳୟରେ ଗୁରୁବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟପଦ ନାଏକ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଲେ ଶିକ୍ଷାନୁଷ୍ଠାନର ଉନ୍ନତି ହୋଇପାରିବ ବୋଲି କହିଥିଲେ। ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷକ ଅଭାବ ସହ ପିଲାଙ୍କ ପାଇଁ ଡାଇନିଙ୍ଗ ହଲ୍, ଷ୍ଟାଫ କ୍ୱାର୍ଟର, ଶ୍ରେଣୀଗୃହର ଅଭାବ ଥିବା ଅଲୋଚନା ହୋଇଥିଲା। ୮ଜଣ ଶିକ୍ଷକଙ୍କ ଜାଗାରେ ୩ ଜଣ ଶିକ୍ଷକ ଅଛନ୍ତି। ରାସ୍ତାକଡରେ ଥିବା ଏହି ସେବାଶ୍ରମ ଜିଲାପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଛି। ଏନେଇ ତୁରନ୍ତ ଦୃଷ୍ଟି ଦେବାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ସିଆରସିସି ଶିବସୁନ୍ଦର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଶୀଳ ନାଏକ, ସାମାଜିକ କର୍ମୀ ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସ୍ଥିତ ଅଭିଭାବକମାନେ ଆଗ ଅପେକ୍ଷା ବିଦ୍ୟାଳୟର ପାଠ୍ୟଦାନ ସହ ପରିବେଶ ଓ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଥିବାରୁ ପ୍ରଧାନଶିକ୍ଷକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ଶିବିର ଉଦ୍‌ଘାଟିତ

**ରାଇକିଆ,୨୦।୧୨(ଡି.ଏନ.ଏ.)**


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ।

କନ୍ଧମାଳ ଜିଲା ରାଇକିଆ ସୁଧାକିରଣ କଲେଜରେ ବୁଧବାର ଜିଲା ସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ ହୋଇ ଯାଇଛି। ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଇକିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ, ଅତିରିକ୍ତ ତହସିଲଦାର ଶୁଭ ଦତ୍ତାତ୍ରେୟ ବାହିନୀପତି, ଥାନା ଅଧିକାରୀ ନରେଶ ସାହୁ , ଜିଲା ଯୁବ ରେଡକ୍ରସର ଜିଲା ସଂଯୋଜକ ଡା. ନଳିନୀ କୁମାର ପାଣିଗ୍ରାହୀ, ପ୍ରାଧ୍ୟାପକ ପ୍ରସନ୍ନ କୁମାର ପଟ୍ଟନାୟକ, ଡ. ସନ୍ତୋଷ ପ୍ରଧାନ ଯୋଗଦେଇ ମାନବବାଦ ପ୍ରତିଷ୍ଠାରେ ଯୁବ ରେଡକ୍ରସର ଭୂମିକା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଜିଲାର ୧୧ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଯୁବ ରେଡକ୍ରସ କାଉନ୍‌ସିଲର ଯୋଗ ଦେଇଛନ୍ତି । ଫାଷ୍ଟଏଡ ରେଡକ୍ରସର ଇତିହାସ, ସଡକ ସୁରକ୍ଷା, ଏଚଆଇଭି ସଚେତନତା, ସ୍ୱଚ୍ଛ ଭାରତ ଅଭିଯାନ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବ।

# ବଡ଼ଦିନ ପାଇଁ ଶାନ୍ତି କମିଟି ବୈଠକ

**ଦାରିଙ୍ଗବାଡ଼ି/ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୦।୧୨(ଡି.ଏନ.ଏ.)**



ବାଲିଗୁଡ଼ା ଥାନା ପକ୍ଷରୁ ଅନୁଷ୍ଠିତ ବୈଠକ।

ଦାରିଙ୍ଗବାଡ଼ି ଥାନାରେ ଗୁରୁବାର ଆମ ପୋଲିସ ସମିତିର ମାସିକ ବୈଠକ ଏବଂ ବଡ଼ଦିନ ପାଳନ ପାଇଁ ଶାନ୍ତି କମିଟି ବୈଠକ ଆଇଆଇସି ଅଲେଖ ଗରଡ଼ିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଯାକବ ପ୍ରଧାନ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ତହସିଲଦାର ନିତୀଶ ତ୍ରିପାଠୀ ଯୋଗଦେଇଥିଲେ । ଆସନ୍ତା ୨୪ ତାରିଖ ମଧ୍ୟରାତ୍ରରୁ ବଡ ଦିନ ଓ ୩୧ ତାରିଖରେ ଜିରୋନାଇଟ ସହ ନୂତନ ବର୍ଷ ମଧ ପାଳନ କରାଯିବାକୁ ରହିଛି । ଏହାକୁ କିଭଳି ଶୃଙ୍ଖଳାର ସହ ପାଳନ କରାଯାଇ ପାରିବ ସେ ନେଇ ଅତିଥିମାନେ ମତ ଦେଇଥିଲେ । ସେହିପରି ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସମେତ ବଣିକ ସଂଘ, ବିଭିନ୍ନ ଚର୍ଚ୍ଚର ଧର୍ମଯାଜକମାନେ ଯୋଗଦେଇ ମତ ରଖିଥିଲେ। ଏଥିସହ ବ୍ୟାଙ୍କରେ ଗ୍ରହକ ହଇରାଣ ଏବଂ ବିଦ୍ୟୁତ୍ କାଟ ଉପରେ ଆଲୋଚନା ହୋଇଥିଲା ।

ବୈଠରେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡାପାଟ, ଶିକ୍ଷକ କଲ୍ୟାଣ ସଂଘ ସମ୍ପାଦକ ବିଦେଶୀ ନାୟକ, ବଣିକ ସଂଘ ସମ୍ପାଦକ ବୁଲୁ ସାହୁ, ଲଡୁ କିଶୋର ସାହୁ, ପୂର୍ବତନ ସମିତିସଭ୍ୟ କାଳୀପ୍ରସାଦ ମଲ୍ଲିକ, ଡିଆଡ଼ି ନାୟକ, ରାଜେନ୍ଦ୍ର ସାହୁ, ଗ୍ରୀନ୍‌ବାଡ଼ି ସରପଞ୍ଚ ସଞ୍ଜୟ ପ୍ରଧାନ, ବିଦ୍ୟାଧର ମଲ୍ଲିକ, ସୁଦର୍ଶନ ପ୍ରଧାନ, ସରୋଜ ସାହୁ, ଭିୟୁତ୍ତମ ଶୋଭାସୁନ୍ଦର, ପ୍ରକାଶ ପ୍ରଧାନ, ଜୟନ୍ତ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ବାଲିଗୁଡ଼ା ଅଞ୍ଚଳରେ ବଡ଼ଦିନ ପାଳନ ପାଇଁ ଏସ୍‌ଡିପିଓ ନୀତିନ କୁଶଲ୍‌କର ଦାଗୁଡୁଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଥାନା ଅଧିକାରୀ ରମାକାନ୍ତ ପାତ୍ର, ବାରଖମା ଫାଣ୍ଡି ଅଧିକାରୀ, ବାରଖମା ସରପଞ୍ଚ କୁନାଲ ପ୍ରଧାନ, ସମସ୍ତ ରାଜନୈତିକ ଦଳର ସଦସ୍ୟ, ଖ୍ରୀଷ୍ଟିୟାନ ସଂପ୍ରଦାୟର ସଭାପତି, ସମ୍ପାଦକ, କୁଇ କୁଳ ସମିତିର ମଣ୍ଡଳ ସଭାପତି, କର୍ମକର୍ତ୍ତା, ହିନ୍ଦୁ ସଂପ୍ରଦାୟର ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ତରଫରୁ ମଧୁସୂଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ଦିନ ପାଳନ ଏବଂ କୁଇକୁଳ ସମିତି ତରଫରୁ ବାରଖମାଠାରେ ଶହୀଦ ଖଗେଶ୍ୱର ମଲ୍ଲିକଙ୍କ ଶହୀଦ ଦିବସ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

ବଡଦିନ ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳିବା ପାଇଁ ତୁମୁଡିବନ୍ଧ ବ୍ଲକ ବେଲଘର ଥାନାଠାରେ ଏକ ଶାନ୍ତି କମିଟି ବୈଠକ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବେଲଘର ସରପଞ୍ଚ ଗୀତାଞ୍ଜଳୀ ଯାନୀ ବୈଠକରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ବିଡିଓ ଜୟଦେବ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବେଲଘର ଥାନା ଅଞ୍ଚଳରେ ରହୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଶାନ୍ତିର ସହିତ ପର୍ବପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ବେଲଘର, ବୁଲମାଳ, ଝିରିପାଣି, ଭଣ୍ଡରଙ୍ଗୀ ଓ ଲଙ୍କାଗଡ ପଞ୍ଚାୟତର ବହୁ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ବାନାମ୍ବର ନାୟକ, କର୍ନେଲ ନାୟକ, ଜଲେନ୍ଦ୍ର ନାୟକ, ହାଡିପା ବଡସେଠ, ନୀଳାମ୍ବର ନାୟକ ଓ ଲଙ୍କାଗଡର ନିଲମ ହାଜାରିନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବେଲଘର ଥାନା ଭାରପ୍ରାପ୍ତ ଅଧିକାରୀ ଦାଶରଥି ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲିଥିନ୍‌କୁ ନା', ବଣ୍ଟାହେଲା କପଡ଼ା ବ୍ୟାଗ୍



ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

**ବ୍ରହ୍ମପୁର ଅଫିସ,୨୦।୧୨**

ପରିବେଶ ଉପରେ ପଲିଥିନ୍‌ର କୁପ୍ରଭାବକୁ ନେଇ ଏବେ ସବୁଆଡ଼େ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଜ୍ୟ ସରକାର ଗାନ୍ଧୀ ଜୟନ୍ତୀରୁ ପଲିଥିନ୍ ବିକ୍ରି ଏବଂ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି । ତଥାପି ଅନେକ ସ୍ଥାନରେ ଲୁଚାଛପା ପଲିଥିନ୍ ବିକ୍ରି ଓ ବ୍ୟବହାର ହେଉଛି। ଏହା ବିରୋଧରେ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାରୱାଡ଼ି ମହିଳା ସମିତି, ଆଞ୍ଚଳିକ ବିକାଶ ପରିଷଦ, ବ୍ରହ୍ମପୁର ସବୁଜ ବାହିନୀ, ବର୍ଲ୍ଡ଼ ଓଡ଼ିଶା ଏବଂ ବନ ବିଭାଗ ତରଫରୁ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ପଦଯାତ୍ରା ଏବଂ ମାଗଣାରେ ଲୋକଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସମ୍ମାନିତ ଅତିଥି ବ୍ରହ୍ମପୁର ଡିଏଫ୍‌ଓ ଆଶିଷ କୁମାର ବେହେରା, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଶିକ୍ଷାବିତ୍ ସୁଧୀର ରାଉତ, ଅଧ୍ୟାପକ ସଚ୍ଚିଦାନନ୍ଦ ପାଢୀ, ମଧୁମେହ ବିଶେଷଜ୍ଞ ଡା. ସୁନୀଲ କୋଟା, ଚକ୍ଷୁ ବିଶେଷଜ୍ଞ ଡା. ନାଗେଶ୍ୱର ସୁବୁଦ୍ଧି ଓ ମହିଳା ସମିତି ଅଧ୍ୟକ୍ଷା ମମତା ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ । ସକାଳେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ପଦଯାତ୍ରା ବାହାରି କୋର୍ଟପେଟା ଛକଦେଇ ମର୍ଦ୍ଦରାଜ ଭେଣ୍ଡିଙ୍ଗ୍ ଜୋନ୍ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପରିବା କିଣୁଥିବା ଜନସାଧାରଣଙ୍କୁ ପଲିଥିନ୍‌କୁ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା। ଗ୍ରାହକଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ମାରୱାଡ଼ି ମହିଳା ସମିତିର ସମ୍ପାଦିକା ରୁବି ଖେମାନି, ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍. ଦିଲୀପ କୁମାର, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, କୋଷାଧ୍ୟକ୍ଷ ବିଜେନ୍ଦ୍ର ମାଝି, ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା, ବର୍ଲ୍ଡ଼ ଓଡ଼ିଶାର ସମ୍ପାଦକ କବିରାଜ ଗୌଡ଼, ପ୍ରମିଳା ସରାଫ, ସୁମନ ସରାଫ, ବୀଣା ବଗାରିଆ, ପ୍ରଭା ସୁରେଖା, ନୀଲୁ ଚୌଧୁରୀ, ସୋନା ଗୌରୀସାରିଆ, ବନମାଳୀ ପ୍ରଧାନ, ସୋନୁ ମାନ୍ନା, ଦୁର୍ଗାମାଧବ ପାଣିଗ୍ରାହୀ, ଧର୍ମରାଜ ପାତ୍ର, ସୁନୀଲ ପାତ୍ର, ମନୋରମା ମହାରଣା ଓ ସନ୍ତୋଷ କୁମାର ବେହେରାଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ ।

# ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା ହସାଇଲେ ହାସ୍ୟ କଳାକାର ବ୍ରଜ, ଦେବବ୍ରତ

**ବ୍ରହ୍ମପୁର ଅଫିସ,୨୦।୧୨**

ଗଞ୍ଜାମ ଜିଲା ପୁସ୍ତକମେଳା ସମିତି ପକ୍ଷରୁ ଗୋଷାଣୀନୂଆଗାଁ କେସି ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ତ୍ରୟୋଦଶ ଗଞ୍ଜାମ ଜିଲା ପୁସ୍ତକମେଳାର ଗୁରୁବାର ଥିଲା ଷଷ୍ଠ ଦିବସ । ମେଳା ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିଥିଲେ ହାସ୍ୟ ତଥା ବ୍ୟଙ୍ଗ କଳାକାର ବ୍ରଜ ସୁବୁଦ୍ଧି ଓ ଦେବବ୍ରତ ଜେନା । ଗୋଟିଏ ପରେ ଗୋଟିଏ ବ୍ୟଙ୍ଗ କବିତା ଓ ହାସ୍ୟରସାତ୍ମକ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ହସାଇଥିଲେ । ପୁସ୍ତକମେଳାର ଷଷ୍ଠ ଦିବସ ଅବସରରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୀବନୀ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁରର ଗୋପାଳକୃଷ୍ଣ ସାହିତ୍ୟ କଳା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ବ୍ରହ୍ମପୁର ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପୁସ୍ତକମେଳା ସମିତି ସଭାପତି ଗୋପାଳକୃଷ୍ଣ ଡାକୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ସିଟି ହସ୍‌ପିଟାଲ ଅସ୍ଥିଶଲ୍ୟ ବିଭାଗ ଡା. ରାଜେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଦେବୀ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ । ନରସିଂହ ପାତ୍ର, ସୂର୍ଯ୍ୟ ପାତ୍ରଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଜି.ଉଦୟଗିରିରେ ରେଶମ କୃଷିମେଳା

**ଜି.ଉଦୟଗିରି, ୨୦।୧୨(ଡି.ଏନ.ଏ.)**



ମଞ୍ଚାସୀନ ଅତିଥିବୃନ୍ଦ ।

ଜି.ଉଦୟଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ରେଶମ କୃଷିମେଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ରେଶମ ଉତ୍ପାଦନ ଗବେଷଣା କେନ୍ଦ୍ର କୋରାପୁଟ ଓ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଆୟୋଜିତ ଏହି ମେଳାକୁ କନ୍ଧମାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରେଶମ ବୋର୍ଡ ନିର୍ଦ୍ଦେଶିକା ଚନ୍ଦନା ମାଝି, ଉପନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା, ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକ ଭଗବାନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଶମ ଚାଷୀମାନେ ଯେପରି ଲାଭବାନ ହୋଇପାରିବେ ସେଥିନିମନ୍ତେ ଉନ୍ନତ କୌଶଳ ଅବଲମ୍ବନ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ରେଶମ ଚାଷ ସମ୍ପ୍ରସାରଣ ଅଧିକାରୀ ପଦ୍ମଲୋଚନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜି.ଉଦୟଗିରି ଓ ଟିକାବାଲି ବ୍ଲକରୁ ଶତାଧିକ ଚାଷୀ ଏହି ମେଳାରେ ଯୋଗ ଦେଇଥିଲେ। ଉନ୍ନତ ଜ୍ଞାନ କୌଶଳରେ ରେଶମ ଚାଷ କରିଥିବା ୧୦ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।